# ଧରିତ୍ରୀ
DHARITRI
ଧରିତ୍ରୀ 50 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୨/୨୦୨୪ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 12/2024 Page 20 ₹ 7.00 | SAMBALPUR
୫୦ଶ ଭାଗ ୩୧୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 319 ମୂଲ୍ୟ ₹୭/-




## କୁପରଙ୍କ ପ୍ରଭାବୀ ବୋଲିଂ

ଶ୍ରୀନଗରରେ ଚାଲିଥିବା ଲିଜେଣ୍ଡ୍ସ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଗୁଜରାଟ ଗ୍ରେଟ୍ସ ବିପକ୍ଷରେ ପ୍ରଭାବୀ ବୋଲିଂ କରିଛନ୍ତି କୋଣାର୍କ ସୂର୍ଯ୍ୟସ ଓଡ଼ିଶାର କେଭିନ କୁପର। ୧୨

୦୮

## ସରକାର ଗଢ଼ିବାକୁ ଦାବି ଜଣାଇଲେ ଓମାର

ଜମ୍ମୁ -କଶ୍ମୀରରେ ସରକାର ଗଠନ ପାଇଁ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଭେଟି ଦାବି ଜଣାଇଛନ୍ତି ଏନ୍‌ସି ବିଧାୟକ ଦଳ ନେତା ଓମାର୍ ଅବଦୁଲ୍ଲା।



### ପାର୍ବଣ ଶୁଭେଚ୍ଛା

ପବିତ୍ର ମହାନବମୀ ଓ ଦଶହରା ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

### ଧରିତ୍ରୀର ଛୁଟି

ମହାନବମୀ ଓ ଦଶହରା ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ଅକ୍ଟୋବର ୧୨ ଓ ୧୩ ତାରିଖ (ଶନିବାର, ରବିବାର) ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ୧୫ ତାରିଖ ମଙ୍ଗଳବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

ରାଓଙ୍କ କାର୍ଯ୍ୟକାଳ ବଢ଼ିଲା



ଭୁବନେଶ୍ୱର ଲକ୍ଷ୍ମୀସାଗର ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତାଙ୍କ ସ୍ତ୍ରୀ ଡ.ପ୍ରିୟଙ୍କା ମାରାଣ୍ଡି ଓ ଅନ୍ୟମାନେ। (ରିପୋର୍ଟ: ପୃଷ୍ଠା–୪)

# ୧୦୫ତମ ସ୍ଥାନରେ ଭାରତ

ଉତ୍କଟ ଖାଦ୍ୟ ସମସ୍ୟା ଦେଇ ଗତି କରୁଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ପୁଣି ସ୍ଥାନ ପାଇଛି। ବର୍ଷ ୨୦୨୪ ପାଇଁ ସଦ୍ୟ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କ(ଜିଏଚ୍‌ଆଇ)ରେ ୧୨୭ ରାଷ୍ଟ୍ର ମଧ୍ୟରୁ ଭାରତର ସ୍ଥାନ ୧୦୫ରେ ରହିଛି। ଏହି କ୍ଷେତ୍ରରେ ଭାରତ ପଡ଼ୋଶୀ ଶ୍ରୀଲଙ୍କା, ନେପାଳ, ମ୍ୟାନ୍‌ମାର ଓ ବାଂଲାଦେଶ ପଛରେ ପଡ଼ିଯାଇଥିବାବେଳେ ପାକିସ୍ତାନ ଓ ଆଫଗାନିସ୍ତାନଠାରୁ ସାମାନ୍ୟ ଉନ୍ନତ ସ୍ଥିତିରେ ରହିଛି।

ନୂଆଦିଲ୍ଲୀ,୧୧।୧୦

'କନ୍‌ସର୍ନ ୱାର୍ଲ୍ଡୱାଇଡ୍' ଏବଂ 'ୱେଲ୍‌ଥ ହଙ୍ଗର ଲାଇଫ୍' ପକ୍ଷରୁ ମିଳିତ ଭାବେ ବିଶ୍ୱବ୍ୟାପୀ କ୍ଷୁଧା ସ୍ଥିତିକୁ ନେଇ ସର୍ବେକ୍ଷଣ କରାଯିବା ପରେ ଶୁକ୍ରବାର ୧୯ତମ ବିଶ୍ୱ କ୍ଷୁଧା ସୂଚକାଙ୍କ (ଜିଏଚ୍‌ଆଇ) ସିରିଜ୍ ପ୍ରକାଶ ପାଇଛି। କେଉଁ ରାଷ୍ଟ୍ରଗୁଡ଼ିକରେ ଖାଦ୍ୟ କ୍ଷେତ୍ରରେ ସର୍ବାଧିକ ଦୃଷ୍ଟି ଦିଆଯିବା ଆବଶ୍ୟକ, ତାହା ଉପରେ ଉକ୍ତ ବାର୍ଷିକ ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଛି। ଏଥିରେ ଭାରତର ସ୍କୋର ୨୭.୩ ରହିଛି। କ୍ଷୁଧା ସମ୍ପର୍କିତ

### ବିଶ୍ୱ କ୍ଷୁଧା ସୂଚକାଙ୍କ ୨୦୨୪

### ମ୍ୟାନ୍‌ମାର, ବାଂଲାଦେଶ ତୁଳନାରେ ଭାରତରେ ଭୋକିଲା ହାର ଅଧିକ

ସର୍ବେକ୍ଷଣ ପାଇଁ ପଦ୍ଧତି ଓ ସମୀକ୍ଷା ଡେଟାରେ ପରିବର୍ତ୍ତନ ଅଣାଯାଇଥିବାରୁ ୨୦୨୪ର ରିପୋର୍ଟକୁ ୨୦୨୩ ରିପୋର୍ଟ ସହିତ ପ୍ରତ୍ୟକ୍ଷ ଭାବେ ☞ପୃଷ୍ଠା–୪











# ଫାୟାରିଂ ଅଭ୍ୟାସ ବେଳେ ଆର୍ଟିଲେରି ଶେଲ୍ ବିସ୍ଫୋରଣ: ୨ ଅଗ୍ନିବୀରଙ୍କ ମୃତ୍ୟୁ

ନାସିକ,୧୧।୧୦ (ପି.ଟି.)

ମହାରାଷ୍ଟ୍ରର ନାସିକସ୍ଥିତ ଆର୍ଟିଲେରି ସ୍କୁଲରେ ଶୁକ୍ରବାର ପ୍ରଶିକ୍ଷଣ ବେଳେ ବିସ୍ଫୋରଣ ଘଟି ଭାରତୀୟ ସେନାର ୨ ଜଣ ଅଗ୍ନିବୀର ପ୍ରାଣ ହରାଇଛନ୍ତି। ଫାୟାରିଂ ଅଭ୍ୟାସ ବେଳେ ଏକ ଆର୍ଟିଲେରି ଶେଲ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଆହତ ୨ ଅଗ୍ନିବୀରଙ୍କୁ ଦେଓଲାଲିସ୍ଥିତ ମିଲିଟାରି ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ଗୁନ୍ନେର ଗୋହିଲ ବିଶ୍ୱରାଜ ସିଂ (୨୦) ଏବଂ ଗୁନ୍ନେର ସୈକତ(୨୧)। ସେମାନେ ପ୍ରଶିକ୍ଷଣ ନେବା ପାଇଁ ହାଇଦ୍ରାବାଦରୁ ଆସିଥିଲେ। ବିସ୍ଫୋରଣର କାରଣ ଜାଣିବା ପାଇଁ ସେନା ଘଟଣାର କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦେଇଛି। ଖବର ଅନୁଯାୟୀ ଅଗ୍ନିବୀରମାନଙ୍କ ଏକ ଟିମ୍ ଫିଲ୍ଡ ଗନ୍ ଫାୟାରିଂ କରୁଥିବାବେଳେ ସେଲ୍ ବିସ୍ଫୋରଣ ଘଟିଥିଲା। ହାବିଲଦାର ଅଜିତ କୁମାରଙ୍କ ଅଭିଯୋଗ ଆଧାରରେ ଦେଇଲାଲି କ୍ୟାମ୍ପ୍ ପୋଲିସ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଡ୍ୟୁଟିରେ ଥାଇ ୨ ଦୁଃସାହସୀ ଅଗ୍ନିବୀରଙ୍କ ବଳିଦାନକୁ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏବଂ ସେନାର ସମସ୍ତ ର୍ୟାଙ୍କ୍ ସାଲ୍ୟୁଟ୍ ଜଣାଇଛନ୍ତି। ଏଥିସହିତ ସେମାନଙ୍କ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସେନା ପକ୍ଷରୁ ସାନ୍ତ୍ୱନା ଦିଆଯାଇଛି। ଏହି ଦୁଃଖଦ ସମୟରେ ସେନା ସେମାନଙ୍କ ପରିବାର ସହ ଦୃଢ଼ ଭାବେ ଛିଡ଼ାହୋଇଥିବା କହିଛି।




GUPTA DISTRIBUTORS
Symbol of Trust
50 YEARS SERVING EXCELLENCE
ELECTRONICS | MOBILE | CAMERA | LAPTOP | HOME APPLIANCES & FURNITURE
THIS FESTIVAL TAKE HOME PRODUCTS ON LOW EMI WITH MANY OFFERS
GET ADDITIONAL GIFT TO ALL BFL EMI CARD HOLDERS
BAJAJ FINSERV
36 months longest Tenure
Lowest EMI ₹888
Anywhere FINANCE No local Address proof required
Gupta Care EXTENDED WARRANTY now finance by BFL
GUPTA'S MEGA SALE
UPTO 50% OFF* SPECIAL OFFER
Up to 26%* Cashback Max. up to ₹26000
Loyalty GIFT VOUCHER worth around ₹2500000* purchase of above 20000
0 INTEREST EASY FINANCE DOWN PAYMENT
ADDITIONAL ASSURED GIFT ON EVERY PURCHASE
1 EMI OFF
MEGA EXCHANGE OFFER
Opening Shortly At Balasore, Rairangpur, Jharsuguda & Chauliaganj - Cuttack
OLED | QLED | LED TV
EMI starts ₹888 only
32" Price Starts 8999*
DIOS Refrigerator FREE MINI REFRIGERATOR
FF Ref. / FL & TL WM FREE worth 2999
EMI starts ₹888 only
Air Conditioner FREE worth 2999 on Split AC
EMI starts ₹888 only
Direct Cool Ref. / Washing Machine FREE worth 1200
EMI starts ₹888 only
Microwave Oven FREE with Grill & Convention worth 1200
EMI starts ₹888 only
Water Purifier PRICE Starts from : ₹7990*
Win Unwrap Festive Rewards with Lloyd!
Assured exclusive Gift Coupons worth around ₹25 000/-
Bumper Prize: Mahindra Thar | Mega Prize: Royal Enfield Bike
Panasonic
FESTIVALS COME HOME WITH Panasonic
1st OCT to 10th NOV 2024
SPECIAL OFFERS
GIFT OFFER BUY AN OLED & BRING HOME A 43 (108cm) 4K GOOGLE TV FREE*
0 ZERO DOWN PAYMENT 8/0, 10/0, 12/0 & 15/0
20% CASHBACK UP TO ₹15,000* On Select Models
3 YEAR* COMPREHENSIVE WARRANTY
UPTO 12 MONTHS NO COST EMI
SPECIAL LONG TENURE EMI*
FIXED EMI OFFERS* Starting From ₹999
EXTENDED WARRANTY OFFERS* On Select Models
Scan To Know More
EASY FINANCE OPTIONS
HURRY!! Rush Today.
GUPTA DISTRIBUTORS
iPhone SAMSUNG oppo vivo realme
1st time in Trade 2 YEARS WARRANTY on all smart phones
FREE Calling Smart Watch worth 5999 + Addl. Free Gift
EMI starts ₹35 per day
Office & Gaming Laptop | Printers | Projector
LAPTOP starts ₹28000
EMI starts ₹103 per day
FREE Calling Smart Watch worth 5999 +
5 ADDITIONAL GIFTS
Keyboard Guard
Camera & Handycam
EMI starts ₹2540 only
KUTCHINA Chimney & HOBs
EMI starts ₹888 only
Audio/ Music System PRICE Starts from : ₹ 4990*
Home Appliances Upto 50% Discount
PICK ANY GIFT ON PURCHASE OF ₹10,000/- AND ABOVE
DOUBLE BED SHEET MRP - 1999/- @500/-
ELECTRIC KETTLE 1.5Ltr. MRP - 1399/- @600/-
EGG BOILER MRP - 699/- @300/-
HOME & OFFICE FURNITURE upto 60% OFF
HYDRAULIC STORAGE BEDS
4 SEATER DINING
LCD UNITS
CENTER TABLES WITH MARBLE TOP
WITHOUT STORAGE BEDS
CUSHION HEAD BOARD BEDS
OFFICE TABLE
SPD DINING SETS
DRESSING TABLES
DIWANS
SIDE BOARD UNITS
PREMIUM DINING SETS
SHOE RACKS
STUDY TABLES
LCD UNITS
COFFEE SETS
FREE DELIVERY WITHIN 20 KMS | EASY FINANCE AVAILABLE | GIFT ON EVERY PURCHASE | EXCHANGE FACILITY AVAILABLE | MARRIAGE EXCLUSIVE OFFER ALSO AVAILABLE | FREE INSTALLATION WITHIN MUNICIPALITY AREA
Furniture Available at : Patrapada-Bhubaneswar | CDA-Cuttack | Puri | Jagatsinghpur | Paradeep | Nayagarh | Kalapathar | Balugaon | Jajpur Town | Chandikhole | Athagarh | Angul
OUR FINANCE PARTNERS
BAJAJ FINSERV
HDFC BANK We understand your world
IDFC FIRST Bank
HDB FINANCIAL SERVICES
ALL CREDIT & DEBIT CARDS ACCEPTABLE
UP TO ₹5,000 INSTANT DISCOUNT* SBI card
#Min. Trxn.: ₹25,000. Also valid on EMI Trxns.
Validity: 02 Oct - 16 Oct 2024. T&C Apply.
WIDECARE SECURE YOUR PRODUCT WITH EXTENDED WARRANTY
ASK FOR 5 YEARS EXTENDED WARRANTY
BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, HANSPAL, Puri Canal Road, Near Hanuman Mandir, Mob: 7735455009, SAMANTARAPUR - NEAR Sanjeevani Medicare Hospital, ASIDE HANUMAN MANDIR, Mob: 9692316302, PATRAPARA – Plot No: 283/2979, Near ICICI Bank, Mob: 7008989313, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- Hospital Square, Grand Road, Mob: 7008989310, JATNI- Near Axis bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, GUPTA FURNITURE PLAZA, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP– Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE – Jena Premium, National Highway, Near RLY Overbridge, Mob: 9692316301, ATHAGARH – Birakishorpur, Athagarh, Mob: 9692316303
*T&C Apply. Price/ EMI mentioned are subject to change. Offer applicable on selected brand/ product only. Pictures are indicative only/ CASH BACK IS SUBJECT TO BANK .T&C apply

## ଦାଦନ ଖଟିବାକୁ ଯାଇ ଝାଡ଼ାବାନ୍ତିରେ ଯୁବତୀଙ୍କ ମୃତ୍ୟୁ

**ଦାରିଙ୍ଗବାଡି, ୧୧।୧୦ (ଅରୁଣ ସାହୁ)**

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ପୁଣି ଏକ ଦାଦନ ଦୁଃଖ ଦେଖିବାକୁ ମିଳିଛି। ଦାଦନ ଖଟିବାକୁ ଯାଇ ଜଣେ ଯୁବତୀଙ୍କ ମୃତ୍ୟୁ

### ମୃତଦେହ ଗାଁକୁ ଆଣିବାକୁ ପ୍ରଶାସନକୁ ସରପଞ୍ଚଙ୍କ ନିବେଦନ

ହୋଇଛି। ଗୋଆରୁ ତାଙ୍କ ମୃତଦେହ ଗ୍ରାମକୁ ଆଣିବାକୁ ପରିବାର ଲୋକେ ଓ ସରପଞ୍ଚ ପ୍ରଶାସନକୁ ନିବେଦନ କରିଛନ୍ତି। ପ୍ରକାଶ ଯେ, ଉକ୍ତ ବ୍ଲକ ବ୍ରାହ୍ମଣୀଗାଁ ଥାନା ଝିଞ୍ଜିରୀଗୁଡା ପଞ୍ଚାୟତ କୁଟଲାରି ଗାଁ ବାଘପଦା ସାହିର ମୁତୁଡୁ ପାଟମାଝୀଙ୍କ ଝିଅ ଅର୍ଚ୍ଚନା ପାଟମାଝୀ(୨୦) ଗ୍ରାମର କେତେ ଜଣ ଲୋକଙ୍କ ସହ ମିଶି ଦାଦନ ଶ୍ରମିକ ରୂପେ କାମ କରିବାକୁ ୧୫ ଦିନ ତଳେ ଗୋଆ ଯାଇଥିଲେ। ସେଠାରେ କାମ ପାଇ ୨/୩ ଦିନ ତଳେ କାମରେ ଯୋଗ ଦେଇଥିଲେ। ମଙ୍ଗଳବାର ଅର୍ଚ୍ଚନା ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ସାଙ୍ଗରେ ନେଇଥିବା ବ୍ୟକ୍ତିମାନେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଅର୍ଚ୍ଚନାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହ ଗାଁକୁ ଆଣିବାକୁ ଝିଞ୍ଜିରୀଗୁଡା ସରପଞ୍ଚ ଚାନ୍ଦିନୀ ପ୍ରଧାନ ଶୁକ୍ରବାର କନ୍ଧମାଳ ଜିଲାପାଳ ଏବଂ ସ୍ଥାନୀୟ ବିଡିଓଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଦାରିଙ୍ଗବାଡି ଅଞ୍ଚଳରୁ ଅନେକ ଲୋକ ଦାଦନ ଖଟିବାକୁ କେରଳ, ତାମିଲନାଡୁ, ଗୋଆ, ଗୁଜରାଟ ଆଦି ରାଜ୍ୟକୁ ଯାଉଛନ୍ତି। ଗତ ଦେଢ଼ ବର୍ଷରେ ଉକ୍ତ ବ୍ଲକ ଅଞ୍ଚଳର ୧୫ରୁ ଉର୍ଦ୍ଧ୍ୱ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ତେବେ କେବଳ ଗତ ମାସ ଓ ଚଳିତ ମାସ ସୁଦ୍ଧା ପ୍ରାୟ ୫ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

# ମହାନଦୀରେ ବୁଡ଼ି ୨ନାବାଳକ ନିଖୋଜ



ମହାନଦୀ ସଡ଼କ ଘାଟରେ ପୋଲିସ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନାବାଳକଙ୍କୁ ଖୋଜିବା କାର୍ଯ୍ୟ ତଦାରଖ କରୁଛନ୍ତି।

**ସମ୍ବଲପୁର,୧୧।୧୦ (ଭବାନୀ ଶଙ୍କର ଭୋଇ)**

### ଗାଧୋଇବା ସମୟରେ ଭାସିଗଲେ

ସମ୍ବଲପୁର ସହରର ବଡବଜାରସ୍ଥିତ ମହାନଦୀ ସଡ଼କ ଘାଟରେ ଶୁକ୍ରବାର ପାଣିରେ ବୁଡ଼ି ୨ ନାବାଳକ ନିଖୋଜ ହୋଇଛନ୍ତି। ନାବାଳକ ଦ୍ୱୟ ହେଲେ ସମ୍ବଲପୁର କ୍ଷେତରାଜପୁର ଅଞ୍ଚଳର ଏସ.କନିସ୍କ ଓ ହିମାଂଶୁ। ଉଭୟେ କ୍ଷେତରାଜପୁରସ୍ଥିତ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିଲେ। ଘାଟକୁ ୩ ଜଣ ନାବାଳକ ଗାଧୋଇବାକୁ ଯାଇଥିବାବେଳେ ପାଣି ସ୍ରୋତରେ ୨ ଜଣ ଭାସି ଯାଇଥିଲେ। ଘଟଣା ବିଷୟରେ ଜଣାପଡିବା ପରେ କ୍ଷେତରାଜପୁର ପୋଲିସ ଓ ଅଗ୍ନିଶମ ବାହିନୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଓଡ୍ରାଫ୍ ଟିମ୍ ଓ ସ୍ଥାନୀୟ ମତ୍ସ୍ୟଜୀବୀମାନେ ମଧ୍ୟ ଖୋଜିବା କାର୍ଯ୍ୟରେ ସହାୟତା କରୁଛନ୍ତି। ରାତିରେ ଆଲୋକ ସମସ୍ୟା ଦେଖାଦେବା ପରେ ଓଡ୍ରାଫ୍ ପକ୍ଷରୁ ଲାଇଟର ବ୍ୟବସ୍ଥା କରାଯାଇ ମହାନଦୀରେ ଖୋଜିବା କାର୍ଯ୍ୟ ଜାରି ରହିଛି।

ତେବେ ରାତି ସୁଦ୍ଧା ନିଖୋଜ ନାବାଳକଙ୍କ କୌଣସି ସନ୍ଧାନ ମିଳିପାରି ନ ଥିଲା। ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ଅଜୟ ମିଶ୍ର ପହଞ୍ଚି ଉଦ୍ଧାର କାର୍ଯ୍ୟ ନେଇ ତଦାରଖ କରିଥିଲେ। ସଡକ ଘାଟରେ ନିଖୋଜ ହୋଇଥିବା ଉଭୟ ନାବାଳକଙ୍କ ଜୋତା ଚପଲ ଆଦି ମିଳିଥିବା ବେଳେ ସେମାନେ ଘରୁ ଖେଳିବାକୁ ଯାଉଥିବା କହି ମହାନଦୀ ସଡକ ଘାଟକୁ ଯାଇଥିଲେ।

# ଫେରିଯିବ ମୌସୁମୀ: ସ୍ୱାଭାବିକ ହୋଇଛି ବର୍ଷା

**ଭୁବନେଶ୍ୱର,୧୧।୧୦ (ଅନିଲ ଦାସ)**

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରୁ ଫେରିଯିବ। ସେଥିପାଇଁ ପାଗ ଅନୁକୂଳ ହୋଇଛି। ଆସନ୍ତା ଦୁଇ ଦିନ ମଧ୍ୟରେ ମୌସୁମୀ ଫେରିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗୁଜରାଟ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ବିହାରରୁ ସମ୍ପୂର୍ଣ୍ଣ ଫେରିଯିବ। ମହାରାଷ୍ଟ୍ର, ଛତିଶଗଡ଼ର କିଛି ଅଞ୍ଚଳ ସମେତ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ସିକିମ୍‌ର କିଛି ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବ।

ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ପାଗ ଅନୁକୂଳ ରହିଛି। ଚଳିତବର୍ଷ ସ୍ୱାଭାବିକ ସମୟର ୪ ଦିନ ପୂର୍ବରୁ ମୌସୁମୀ ଓଡ଼ିଶା ଛୁଇଁଥିଲା। କେରଳ ଛୁଇଁବାର ୮ ଦିନ ପରେ ଓଡ଼ିଶାରେ ପ୍ରବେଶ କରିଥିଲା। ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ କାଁ ଭାଁ ବର୍ଷା ହୋଇପାରେ। ପାଗ ଅନୁକୂଳ ଥିବାରୁ ପ୍ରଥମେ କୋରାପୁଟ, ମାଲକାନଗିରି, ରାୟଗଡା, ଗଞ୍ଜାମ, ଗଜପତି ଜିଲାରୁ ମୌସୁମୀ ଫେରିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତବର୍ଷ ରାଜ୍ୟରେ ସ୍ୱାଭାବିକ ମୌସୁମୀ ବର୍ଷା ହୋଇଛି। ଜୁନ୍ ପହିଲାରୁ ସେପ୍ଟେମ୍ବର ୩୦ ମଧ୍ୟରେ ୧୧ଟି ଲଘୁଚାପ କ୍ଷେତ୍ର ସୃଷ୍ଟିହୋଇଛି। ଜୁନ୍ ୧ରୁ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ରାଜ୍ୟରେ ୧୦୯୨ ମିଲିମିଟର ବର୍ଷା ହୋଇଛି। ସ୍ୱାଭାବିକଠାରୁ ମାତ୍ର ୫ ପ୍ରତିଶତ କମ୍ ବର୍ଷା ହୋଇଛି। ମାଲକାନଗିରିରେ ସ୍ୱାଭାବିକଠାରୁ ୫୬ ପ୍ରତିଶତ ଓ ନୂଆପଡ଼ାରେ ୧୩ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି। ୨୪ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୪ଟି ଜିଲାରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶରତ କୁମାର କରଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ୬ଷ୍ଠ ଗୁରୁ ଗୋପୀକୃଷ୍ଣ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସାର୍ବଜନୀନ ଦୁର୍ଗାପୂଜା ସମିତି ବାଲିଅନ୍ତା-ହଂସପାଳ ପକ୍ଷରୁ ମହାନବମୀରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବାଲିଅନ୍ତା ବଜାର ଛକ, ସମୟ: ସନ୍ଧ୍ୟା ୭ଟା।
- ମା'ଦୁର୍ଗାଙ୍କ ମହାନବମୀ ପୂଜା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗଡ଼ନହରକଣ୍ଟା ସ୍ଥିତ ପୂଜାମଣ୍ଡପ ସମ୍ମୁଖ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କଟକ

- ପାଞ୍ଚଗାଁ ଦୁର୍ଗାପୂଜା କମିଟି ତରଫରୁ ରାବଣ ପୋଡି ଉତ୍ସବ, ସ୍ଥାନ: ଶିବ ମନ୍ଦିର ପରିସର, ତିଗିରଆ, ସମୟ: ରାତି ୯ଟା।

## ବାଲେଶ୍ୱର

- ନବମାତୃକା ପୂଜା ଉତ୍ସବ, ସ୍ଥାନ: କ୍ଷୀରଚୋରା ଗୋପୀନାଥ ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ରାବଣପୋଡ଼ି ରୌପ୍ୟଜୟନ୍ତୀ ସମାରୋହ, ସ୍ଥାନ: ଆଇଟିଆଇ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଦୁର୍ଗୋତ୍ସବ ମହାନବମୀ ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଗଡ଼ପଦା କନକଦୁର୍ଗା ମନ୍ଦିର, ରୂପସା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ନବମୀ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ ପୂଜା ମଣ୍ଡପ, ଭଦ୍ରକ, ସମୟ: ସକାଳ ୬ଟା।
- ନବମୀ ପୂଜା, ସ୍ଥାନ: ବଙ୍କବାସୁଳୀ, ଭଦ୍ରକ, ସମୟ: ସକାଳ ୭ଟା।
- ନବମୀ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାଇପାସ୍, ଭଦ୍ରକ, ସମୟ: ସକାଳ ୭ଟା।
- ନବମୀ ପୂଜା, ସ୍ଥାନ: ପ୍ରାଚୀନଗର, ଭଦ୍ରକ, ସମୟ: ସକାଳ ୭ଟା।

## କେନ୍ଦୁଝର

- ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କେନ୍ଦୁଝର ଗସ୍ତ, ସ୍ଥାନ: ସ୍ଥାନୀୟ ବାଁପାର ସ୍ଥିତ ସାଇ ମନ୍ଦିର, କେନ୍ଦୁଝର, ସମୟ: ସନ୍ଧ୍ୟା ୬ଟା। ସ୍ଥାନ: ନିଉ କଲୋନୀ ଦୁର୍ଗା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦। ସ୍ଥାନ: ଟେଲିଫୋନ ଏକ୍ସଚେଞ୍ଜ ଦୁର୍ଗାପୂଜା ମଣ୍ଡପ, ସମୟ: ୭ଟା। ସ୍ଥାନ: ଗୁଜରାଟୀ ଭବନରେ ଗୁଜରାଟୀ ସମାଜ ପକ୍ଷରୁ ନବରାତ୍ରୀ ଉତ୍ସବରେ ଯୋଗ ଦାନ, ସମୟ: ସନ୍ଧ୍ୟା ୭ ଟା ୪୦।
- ଶନିଙ୍କ ମନ୍ଦିରରେ ମେଳା, ପୂଜା, ହୋମ ଏବଂ ଭଜନ କୀର୍ତ୍ତନ, ସ୍ଥାନ: ସଡ଼ଙ୍ଗ, ମୋଟରାଗଡିଆ, ଛେନାପଦୀ, ହାଟଡ଼ିହୀ, ସମୟ :ସକାଳ ୭ ଏବଂ ଅପରାହ୍ନ ୫ ଟା।
- ମନ୍ଦିରରେ ଦଶହରା ଉତ୍ସବ ପାଳନ, ପୂଜା, ଭଜନ ସମାରୋହ, ସ୍ଥାନ: ଡ଼ଅଁର, ଗଡ଼ଚଣ୍ଡୀ, ରାମଚଣ୍ଡୀ, ହାଟଡ଼ିହୀ, ସମୟ : ସକାଳ ୮ ଏବଂ ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ବିଜୟା ଦଶମୀ ପୂଜା ଓ ପୂର୍ଣ୍ଣାହୂତି, ସ୍ଥାନ: ମା' ହିଙ୍ଗୁଳାଙ୍କ ପୀଠ, ସୁହାଗପୁର କଉଡ଼ିଖଣି, ବଡ଼ସାହି ବ୍ଲକ, ସମୟ: ସକାଳ ୭ଟା।
- ବିଜୟା ଦଶମୀ ପୂଜା, ସ୍ଥାନ: ମା' କୀଚକେଶ୍ୱରୀ ପୀଠ,ଖିଚିଂ,ସମୟ: ସକାଳ ୮ଟା।
- ପ୍ରସାଦ ସେବନ କାର୍ଯ୍ୟକ୍ରମ ସ୍ଥାନ: ମୋରଡ଼ା ଥାନା,ସମୟ: ଅପରାହ୍ନ ୧ଟା।
- ମୟୂରଭଞ୍ଜ ଆଇଡଲ ସିଜନ-୨, ସ୍ଥାନ:ତୁଳସୀ ଚଉରା, ବାରିପଦା, ସମୟ:ସନ୍ଧ୍ୟା ୭ଟା।
- ବାବା ଧବଳେଶ୍ୱର ଡ୍ୟାନ୍ସ ଗ୍ରୁପର ନୃତ୍ୟ କାର୍ଯ୍ୟକ୍ରମ,ସ୍ଥାନ:ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡସାହି ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ,ଚାନ୍ଦୁଆ, କୁଳିଅଣା ବ୍ଲକ, ସମୟ: ରାତି ୮ଟା।

## ଗଞ୍ଜାମ

- ମହାନବମୀ ପୂଜା ଉତ୍ସବ, ସ୍ଥାନ: ବୁଗୁଡା ବସଷ୍ଟାଣ୍ଡ,ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ସାଗର କ୍ଲବ ପକ୍ଷରୁ ରାବଣ ପୋଡି ମହୋତ୍ସବ, ସ୍ଥାନ: ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ରାତି ୯ଟା।

## କେନ୍ଦ୍ରାପଡ଼ା

- ମା'ଦୁର୍ଗାଦେବୀଙ୍କ ମହାନବମୀ ପୂଜା, ସ୍ଥାନ: ଅଳପୁଆ ମଣ୍ଡପ, କେନ୍ଦ୍ରାପଡ଼ା, ସକାଳ ୮ଟା।
- ମା' ଦୁର୍ଗାଦେବୀଙ୍କ ବିଜୟାଦଶମୀ, ସ୍ଥାନ: ଇଚ୍ଛାପୁର ପୀଠ, କେନ୍ଦ୍ରାପଡ଼ା ସହର, ସମୟ: ରାତି ୯ଟା।

## ଯାଜପୁର

- ମା'ବିରଜାଙ୍କ ଦଶହରା ପୂଜା ଓ ବଳିଦାନ କାର୍ଯ୍ୟକ୍ରମ, ସ୍ଥାନ: ବିରଜା ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଧର୍ମଶାଳା ସାହିତ୍ୟ ସମାଜର ୩୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ପୂଜା ଓ ମହୋତ୍ସବ କମିଟି ପକ୍ଷରୁ ଓଲିଉଡ କଳାକରମାନଙ୍କ ଦ୍ୱାରା ଦାଣ୍ଡିଆ ନୃତ୍ୟ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା୩୦।
- ସତ୍ୟ ନାରାୟଣ ବଣିକ ସଂଘ, ବରୁଆଁ ପକ୍ଷରୁ ସତ୍ୟନାରାୟଣ ପୂଜା ଓ ପାଲା ପରିବେଷଣ, ସ୍ଥାନ: ବରୁଆଁ ଛକ, ସମୟ: ସନ୍ଧ୍ୟା ୬ଟା।
- ଦଶହରା ବଳଦ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ବ୍ଲକ ଅନ୍ତର୍ଗତ କବିରପୁର ଦଶହରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ବିଶ୍ୱଶାନ୍ତି ମହାଯଜ୍ଞର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପାଣ୍ଡୁସାହୁପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଶାରଦୀୟ ଦୁର୍ଗାପୂଜା ଅବସରରେ ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ନବମୀ ପର୍ବ ଓ ଖୁଣ୍ଟୁବନ୍ଧର ସାମାଜିକ ନାଟକ, ସ୍ଥାନ: ନୟାଗଡ଼ ପଠାଣୀ ସମାନ୍ତ ଅଡିଟୋରିୟମର ଦୁର୍ଗାମଣ୍ଡପ ପରିସର, ସମୟ: ଅପରାହ୍ନ ୨ଟାରୁ ରାତି ୧୦ଟା।
- ଶାରଦୀୟ ଦୁର୍ଗାପୂଜାର ନବମୀ ପର୍ବ, ସ୍ଥାନ: ଓଡଗାଁ ଦୁର୍ଗା ମଣ୍ଡପ, ସମୟ: ଅପରାହ୍ନ ୨ରୁ ରାତି ୧୦ଟା।
- ଶାରଦୀୟ ଦୁର୍ଗାପୂଜାର ନବମୀ ପର୍ବ, ସ୍ଥାନ:ଗୋଡ଼ିପଡ଼ା ଦୁର୍ଗା ମଣ୍ଡପ, ସମୟ: ଅପରାହ୍ନ ୨ରୁ ରାତି ୧୦ଟା।
- କନକଦୁର୍ଗାଙ୍କର ଦଶହରା ପର୍ବର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଯାତ୍ରା ପଡ଼ିଆ ଜିଲା ଜଜ୍‌ଙ୍କ ବାସଭବନ ସମ୍ମୁଖ, ସମୟ: ରାତି ୯ଟା।

## ରାୟଗଡ଼ା

- ମ୍ୟାଜିକ ଶୋ ଆଣ୍ଡ ଆକ୍ଟ ପ୍ଲେ, ସ୍ଥାନ: ରାବଣ ପୋଡ଼ି ପଡିଆ, ରାୟଗଡା, ସମୟ: ସନ୍ଧ୍ୟା ୬ ଟା।

## ସମ୍ବଲପୁର

- ଶାରଦୀୟ ଦଶହରା ଉପଲକ୍ଷେ ପୀଠରେ ଦଶହରା ଓ ମାନସିକ ଦୀପ ବିସର୍ଜନ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ପ୍ରାତଃ ୫ଟା।
- ମା' ମଙ୍ଗଳା ମନ୍ଦିର କମିଟି ପକ୍ଷରୁ ଚଣ୍ଡି ପୂଜା ଓ ହୋମଯଜ୍ଞ, ସ୍ଥାନ: ଭୁତାପଡାସ୍ଥିତ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ ବେଟି ପଢ଼ାଓ, ବେଟି ବଚାଓ କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଲିମ ସରିଏନ ଯୁବକ ସଂଘ ପକ୍ଷରୁ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ, ସମୟ : ମଧ୍ୟାହ୍ନ ୧୨ଟା।
- ସମଲେଇଙ୍କ ରଣଜିତା ଉତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର ଛକ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ବଲାଙ୍ଗୀର ରୁଗୁଡିପଡା ଦୁର୍ଗାପୂଜା ମଣ୍ଡପରେ ମହାନବମୀରେ ସିଦ୍ଧିଦାତ୍ରୀ ପୂଜା,ସ୍ଥାନ: ରୁଗୁଡିପଡା ଦୁର୍ଗାପୂଜା, ବଲାଙ୍ଗୀର,ସମୟ: ସକାଳ ୭ଟା।
- ଅଷ୍ଟମୀ ତିଥିରେ ମହାନବମୀ ପୂଜା, ସ୍ଥାନ: ଟିକ୍ରାପଡା ଗାନ୍ଧୀ ପାଠାଗାର, ପିପି ଏକାଡେମୀ ଛକ ପୂଜାମଣ୍ଡପ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ବଲାଙ୍ଗୀର ଦିନ୍ କମିଟି ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ, ସ୍ଥାନ: ପାଟଣାଗଡ ଖମାର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ମା' ସୁରେଶ୍ୱରୀଙ୍କୁ ଷୋହଳ ହଜାର ଆଠ ପଦ୍ମପୁଷ୍ପ ଅର୍ପଣ ପାଇଁ ଶୋଭାଯାତ୍ରା, ସ୍ଥାନ: ସୁବର୍ଣ୍ଣପୁର ସହର ପଟାଭାଡିସ୍ଥିତ ରାମ ମନ୍ଦିର, ସମୟ: ସକାଳ ୮ଟା।
- ପୀଠେ ଦଶହରା ପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ତ୍ରିବେଣୀ ଛକ, ବୀରମହାରାଜପୁର, ସମୟ: ସକାଳ ୯ଟା।
- ନବରାତ୍ର, ଘୃତଯଜ୍ଞ, ଚଣ୍ଡୀପାଠ, ସ୍ଥାନ: କୋଟସମଲେଇ ,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗା ମନ୍ଦିରରେ ଦଶହରା, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମହାନବମୀ ପୂଜା, ସ୍ଥାନ: ବସଷ୍ଟାଣ୍ଡ,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ପବିତ୍ର ବିଜୟା ଦଶମୀରେ ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ପଦ୍ମାଭିଷେକ ବେଶ, ସ୍ଥାନ: ସୁରେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗ୍ରାମରେ ବିଜୟା ଦଶମୀ ଅବସରରେ ଖଣ୍ଡା ପୂଜା, ସ୍ଥାନ: ଦଶହରା ପଡିଆ, ସମୟ: ଅପରାହ୍ନ ୩ଟା।
- ରାବଣ ଦରବାରର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ରଥପୁର, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।
- ଦୁର୍ଗାପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।
- ରାବଣ ଦରବାରର ଚତୁର୍ଥ ରଜନୀ, ସ୍ଥାନ: କର୍ଡାପାଲ, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।

## ବରଗଡ଼

- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ମାଁ ବାଟମଙ୍ଗଳାଙ୍କ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ଭଟଲି, ସମୟ: ସକାଳ ୬ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା।
- ସାର୍ବଜନୀନ ଦୁର୍ଗାପୂଜା, ସ୍ଥାନ: ଗାଇସିଲେଟ୍, ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଖରମୁଣ୍ଡା, ବିଜେପୁର, ସମୟ: ସକାଳ ୯ଟା।

## ଦେବଗଡ଼

- ମା' କନକ ଦୁର୍ଗା ମନ୍ଦିରରେ ଦଶହରା ଓ ଅପରାଜିତା ପୂଜା, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର ମଠସାହି, ସମୟ: ପୂର୍ବାହ୍ନ ୧୧ଟା।
- ଅର୍ଣ୍ଣ ପ୍ରସାଦ ବଣ୍ଟନ, ସ୍ଥାନ: କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ଅପରାହ୍ନ ୧ଟା।
- ଦଶହରା ଖେଳ ପ୍ରତିଯୋଗିତା, ସ୍ଥାନ: ତଳଭିତିରିଆ ସାହି, ଦେବଗଡ, ସମୟ: ଅପରାହ୍ନ ୪ଟା।
- ଦଶହରା ଖେଳ ପ୍ରତିଯୋଗିତା, ସ୍ଥାନ: ମଠସାହି, ମା' କନକ ଦୁର୍ଗା, ମନ୍ଦିର ଛକ, ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ମଠସାହି ଛକ, ସମୟ: ସନ୍ଧ୍ୟା ୭ଟା।
- ଖିରି ବଣ୍ଟନ, ସ୍ଥାନ: କନକ ଦୁର୍ଗାମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ମହାନବମୀ ଉପଚାର ପୂଜା, ହୋମ, ଚଣ୍ଡୀପାଠ, ସ୍ଥାନ: ଲାଞ୍ଜିଗଡ ହାଇସ୍କୁଲ ଖେଳପଡିଆ ପରିସର ଦୁର୍ଗାପୂଜା ମଣ୍ଡପ, ସମୟ: ସକାଳ ୭ଟା।

## ନୂଆପଡ଼ା

- ନବରାତ୍ର ଦୁର୍ଗାପୂଜାରେ ମହାଆଳତି, ସ୍ଥାନ: ଶ୍ରୀରାମ ଛକ ଦୁର୍ଗାମଣ୍ଡପ ନୂଆପଡ଼ା, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୭ଟା।
- ନବରଙ୍ଗ ଲୋକକଳା ମଞ୍ଚ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ବ୍ଲକ ସାରାବଙ୍ଗ ପଞ୍ଚାୟତ ଭୈଁଷିପାଟ ମନ୍ଦିର ପ୍ରାଙ୍ଗଣ, ସମୟ: ରାତ୍ର ୯ଟା।
- ମହାଆଳତି, ମାତା ସିଦ୍ଧିଦାତ୍ରି ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଦୁର୍ଗାମଣ୍ଡପ, ସମୟ: ସକାଳ ୬ଟା ୩୦।
- ନବରାତ୍ର ଦୁର୍ଗା ପୂଜା ଉପଲକ୍ଷେ ଦାଣ୍ଡିଆ ନୃତ୍ୟ, ସ୍ଥାନ: ତେଲିପଡ଼ା ଦୁର୍ଗାମଣ୍ଡପ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।
- ମହାଆଳତି ଓ ଦାଣ୍ଡିଆ ନୃତ୍ୟ, ସ୍ଥାନ: ବଦ୍ରିଧାମ ମଣ୍ଡପ ନୂଆପଡ଼ା, ସମୟ: ରାତି ୯ଟା।
- ଗ୍ରାମ୍ୟ ଦେବଦେବୀଙ୍କ ଯାତ୍ରା, ସ୍ଥାନ: କୋମନା ବ୍ଲକ ଜତଗଡ ଗାଁ, ସମୟ: ଅପରାହ୍ନ ୫ଟା
- ଦୁର୍ଗାପୂଜା ଉପଲକ୍ଷେ ମେଲୋଡି, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ଗାଁ, ସମୟ: ରାତି ୧୦ଟା।
- ଦୁର୍ଗାପୂଜା ଉପଲକ୍ଷେ କବାଡି ପ୍ରତିଯୋଗିତା,ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ର ଦୂରଯାତ୍ରା କରିପାରନ୍ତି। ବିଳମ୍ବିତ ସମୟରେ ଚେଷ୍ଟା କରୁଥିବା ଦିଗରୁ ଧନ ପାଇ ଖୁସି ହେବେ। ପରିବାର, ଯାନବାହନ, ପରିବହନ ଏବଂ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ମଧ୍ୟ ଶିଥିଳତା ଦେଖାଦେଇପାରେ। ପରିବାରର ବିଗତ ଦିନର ସମସ୍ୟା ସମାଧାନ ସକାଶେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ।

**ବୃଷ** ଆଦୌ ଆଶା କରି ନ ଥିବା କୌଣସି ଜିନିଷ କିମ୍ବା ଖବର ପାଇ ଖୁସି ହୋଇଯିବେ। କୃତ୍ତିକା ନକ୍ଷତ୍ର ଅନ୍ୟଦ୍ୱାରା ପ୍ରଭାବିତ ହେଲେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିବାକୁ ପଡ଼ିପାରେ।

**ମିଥୁନ** ଆଜିର ଯାତ୍ରା ସମୟରେ କୌଣସି ଅପରିଚିତଙ୍କ କଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିଯାଇପାରନ୍ତି। ମୃଗଶିରା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ଗତକାଲିର କଳି ତକରାଳ ବିଷୟରେ ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିବେ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ ।

**କର୍କଟ** ପୁନର୍ବସୁ ନକ୍ଷତ୍ର ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜର ଲୋକଙ୍କ ତରଫରୁ ସହଯୋଗ ପାଇବେନି। ସାମାଜିକ ପରିସ୍ଥିତି ବଦଳି ଯିବାରୁ ଖୁସି ଅନୁଭବ କରିବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକିଯିବ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଅପରାଜିତ ରହିବେ ଓ ଆଇନ ଅଦାଲତର ରାୟ ସପକ୍ଷରେ ଯିବ।

**ସିଂହ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ଆଜିହିଁ ଶେଷ କରିବାକୁ ମନସ୍ଥ କରି ସଫଳ ହେବେ। ଉତ୍ତରାଫାଲଗୁନୀ ନକ୍ଷତ୍ର ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି କାରଣରୁ ମନ ହାଲୁକା ହୋଇଯିବ। ବ୍ୟବସାୟ ଓ ପରିବହନରେ ଉନ୍ନତି ପୂର୍ବକ ଋଣମୁକ୍ତ ହେବାର ସୂଚନା ରହିଛି। ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଉପକୃତ ହେବେ।

**କନ୍ୟା** ଚିତ୍ରା ନକ୍ଷତ୍ର ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରି ପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିବେ। ସ୍ୱାସ୍ଥ୍ୟସମସ୍ୟା ଜନିତ ରୋଗ, ଋଣ ଓ ଶତ୍ରୁତା, ବିଷୟ ଚିନ୍ତନରେ ସମୟ କାଟିବେ।

**ତୁଳା** ଆପଣ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାରେ କାମଟିଏ ସମ୍ପନ୍ନ କରିପାରିବେ ନିଜ ପାଇଁ ସେତିକି କରିପାରିବେ ନାହିଁ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ କିନ୍ତୁ ଏଥିପାଇଁ ଆପଣଙ୍କୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡିବ। ବିଶାଖା ନକ୍ଷତ୍ର ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବିଛା** ଆଜି କର୍ମବ୍ୟସ୍ତତା ମଧ୍ୟରେ ଦିନସାରା ଟେନ୍ସନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବନାହିଁ। ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭ କରିବେ। ଅନୁରାଧା ନକ୍ଷତ୍ର ପଡ଼ୋଶୀଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବାର ସୁଯୋଗ ପାଇବେ।

**ଧନୁ** ମୂଳା ନକ୍ଷତ୍ର କେତରି ମାମଲାର ଟେନ୍‌ସନ ଓ କର୍ମକ୍ଷେତ୍ରରେ ଅସ୍ଥିରତା ମାନସିକ ଅଶାନ୍ତିର କାରଣ ହେବ। ସଭାସମିତିରେ ଏପରି କିଛି ପ୍ରସ୍ତାବ ମାନ ଦେବେ ଯାହାକି ବନ୍ଧୁଙ୍କ ମନକୁ ପାଇବ। ପ୍ରକାଶନ, ଏଜେନ୍‌ସିପ୍, ବେତାର,ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି।

**ମକର** ଯେତେ ଭଲ କାମ କଲେ ମଧ୍ୟ ଅସୁସ୍ଥତା ଓ ଅଭାବବୋଧ ପ୍ରଭୃତି ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ହେବ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ବାହାର କରିବେ। ଶ୍ରବଣା ନକ୍ଷତ୍ର ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହୋଇପାରନ୍ତି। ପିଲାଙ୍କ ବିଷୟ, ହଜି ଯାଇଥିବା ଜିନିଷ, ପାଇଁ ବ୍ୟସ୍ତତା ବଢ଼ିବ।

**କୁମ୍ଭ** ଆଜି ଅନୁକୂଳ ବାତାବରଣରେ ସ୍ଥଗିତ କାମ କରିବାକୁ ନିଷ୍ପତ୍ତି ନେଇପାରନ୍ତି। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ଶତଭିଷା ନକ୍ଷତ୍ର ସାହିତ୍ୟ,ସାମ୍ବାଦିତା,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଏଡିହେବ ନାହିଁ।

**ମୀନ** ଆଜି ପରିବାର କଥାନେଇ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରି ସମାଧାନରେ ଉପନୀତ ହୋଇପାରନ୍ତି। ରେବତୀ ନକ୍ଷତ୍ର ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ। ବନ୍ଧୁ ମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ। ଆତ୍ମୀୟମାନଙ୍କ ସହ ଜମିଜମାକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

ଆଜି ଅକ୍ଟୋବର ୧୨ ତାରିଖ, ପୀଠେ ଦଶହରା, ଆଶ୍ୱିନ ଶୁକ୍ଳପକ୍ଷର ବିଜୟା ଦଶମୀ ଶନିବାର, ଶ୍ରୀମନ୍ଦିରରେ ଦଶହରା ଓ ଆୟୁଧ ପୂଜା, ମୃଣ୍ମୟୀଦେବୀଙ୍କ ମହାନବମୀପୂଜା, ଶାରଦୀୟ ନବରାତ୍ରି ବ୍ରତ ସମାପ୍ତ, ରାଶିନକ୍ଷତ୍ର-ଶ୍ରବଣା/ମକର, ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ୦୭।୧୭ ଗତେ ଘ.୦୮।୩୮ ମଧ୍ୟେ, ଘ.୧୧।୫୬ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୮ମି. ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

# କୃଷ୍ଣ ପ୍ରେମରେ ଝୁମାଇଲା ମାଧବସ୍ ରକ୍ ବ୍ୟାଣ୍ଡ



## ସରିଲା ରଙ୍ଗିଲୋ ରାସ

ଭୁବନେଶ୍ୱର, ୧୧।୧୦( ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱରସ୍ଥିତ କ୍ରିଷ୍ଟାଲ କ୍ରାଉନଠାରେ ରିଗାଲ ଡିଜାଇନ୍ସ, କ୍ରିଷ୍ଟାଲାଇନ୍ ଇଭେଣ୍ଟ୍ସ ଓ ଭିଜି ଡିଜାଇନ୍ସ ପକ୍ଷରୁ ଚାଲିଥିବା ୩ଦିନିଆ ଦାଣ୍ଡିଆ କାର୍ଯକ୍ରମ 'ରଙ୍ଗିଲୋ ରାସ ୨୦୨୪' ଶୁକ୍ରବାର ଶେଷ ହୋଇଛି। ଶେଷ ସନ୍ଧ୍ୟାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧ ମାଧବସ୍ ରକ୍ ବ୍ୟାଣ୍ଡ ଆକର୍ଷଣ ସାଜିଥିଲା। ଉପସ୍ଥିତ ଦର୍ଶକ ଓ ଅତିଥିମାନେ କୃଷ୍ଣ ପ୍ରେମରେ ଭିଜିଥିଲେ। ବ୍ୟାଣ୍ଡର ଦୁଇ ପ୍ରମୁଖ କଳାକାର ନମ୍ରତା କୌର ଓ ନିର୍ଦ୍ଧୋଶ ସୋବତି ଏବଂ ଟିମ୍‌ର ଅନ୍ୟ ସଦସ୍ୟମାନେ କୃଷ୍ଣଙ୍କ ବିଭିନ୍ନ ସଙ୍ଗୀତକୁ ବେଶ୍ ନିଆରା ଢଙ୍ଗରେ ପରିବେଷଣ କରିଥିଲେ। ଆଧ୍ୟାତ୍ମିକ ସଙ୍ଗୀତକୁ ସେମାନେ ଏକ ଭିନ୍ନ ଅନ୍ଦାଜରେ ଦର୍ଶକଙ୍କ ପାଖେ ପହଞ୍ଚାଥିଲେ। ପ୍ରତିଟି ଗୀତରେ ସମସ୍ତେ ଝୁମି ଉଠିଥିଲେ। ସମସ୍ତ ଗୀତକୁ ଢୋଲ ବାଜା ସହ ଡିଜେ ମିକ୍ସ କରାଯାଇଥିଲା, ଯାହା ନୂଆ ଅନୁଭୂତି ଦେଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଲୋକଙ୍କ ମଧ୍ୟରେ ଅଧିକାଂଶ ରାଜଧାନୀବାସିନ୍ଦା ଥିଲେ। ବିଭିନ୍ନ ପ୍ରକାର ସୁସାଦୁ ଖାଦ୍ୟ ସହ ସୁନ୍ଦର ଓ ଆକର୍ଷଣୀୟ କାର୍ଯ୍ୟକ୍ରମର ଭରପୁର ମଜା ଉଠାଇଥିଲେ। ମେଳ ହୋଇ ସେଲ୍ଫି ନେବା ସହ ନାଚିବା, ଖାଇବାରେ ଶେଷ କାର୍ଯ୍ୟକ୍ରମକୁ ବେଶ୍ ଉପଭୋଗ କରିଥିଲେ।



## ମହାନାୟକ@୮୨

ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନ ଶୁକ୍ରବାର ୮୨ ବର୍ଷରେ ପଦାର୍ପଣ କରିଛନ୍ତି। ମୁମ୍ବାଇସ୍ଥିତ ବାସଭବନ 'ଜଲ୍‌ସା' ବାହାରେ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପାଇଁ ଅପେକ୍ଷାରତ ପ୍ରଶଂସକମାନଙ୍କୁ ମହାନାୟକ ହାତ ହଲାଇ ଧନ୍ୟବାଦ ଦେଉଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୧୦୫ତମ ସ୍ଥାନରେ ...

ତୁଳନା କରାଯାଇପାରିବ ନାହିଁ। ତଥାପି ବିଗତ ବର୍ଷଗୁଡ଼ିକରେ କୁପୋଷଣ ଦେଇ ଗତି କରୁଥିବା ଭାରତର ସ୍ଥିତିରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଥିବା ଜିଏଚ୍‌ଆଇ-୨୦୨୪ରେ ଦର୍ଶାଯାଇଛି। ଜିଏଚ୍‌ଆଇ-୨୦୧୬ ରେ ଭାରତର ସ୍କୋର ୨୯.୩ ରହିଥିଲା, ଯାହାକି ଗମ୍ଭୀର ସ୍ଥିତିକୁ ଦର୍ଶାଉଥିଲା। ଏହା ପୂର୍ବରୁ ୨୦୦୦ ଓ ୨୦୦୮ ମସିହାରେ ଭାରତର ସ୍ଥିତି ଯଥାକ୍ରମେ ୩୮.୪ ଓ ୩୫.୨ ରହିଥିଲା।

ଶିଶୁ କୁପୋଷଣରେ ଭାରତ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି। ବିଶ୍ୱରେ ଦୁର୍ବଳ ସ୍ୱାସ୍ଥ୍ୟଜନିତ ଶିଶୁଙ୍କ ମୃତ୍ୟୁ ଆଶଙ୍କା (ଚାଇଲ୍ଡ ୱେଷ୍ଟିଂ) ହାର ୧୮.୭% ଥିବାବେଳେ ଷ୍ଟନିଂ ରେଟ୍ ବା କୁପୋଷଣ ଯୋଗୁ ବୟସ ତୁଳନାରେ ସ୍ୱାସ୍ଥ୍ୟରେ ଉନ୍ନତି ନ ଆସିବା ହାର ୩୫% ରହିଛି। ସେହିପରି ୫ ବର୍ଷ ବୟସର ଶିଶୁଙ୍କ ମୃତ୍ୟୁହାର ୨.୯ ପ୍ରତିଶତ ରହିଥିବାବେଳେ କୁପୋଷଣ ହାର ୧୩.୭% ରହିଛି। ଭାରତରେ ଶିଶୁ ମୃତ୍ୟୁ ହାର ୨୦୦୦ ମସିହା ତୁଳନାରେ ବର୍ତ୍ତମାନ ବିଶେଷ ଉନ୍ନତି ଆସିପାରିଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

୨୦୩୦ ସୁଦ୍ଧା କ୍ଷୁଧାମୁକ୍ତି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ବିଶ୍ୱରେ ୨୦୧୬ର କ୍ଷୁଧାହାର ହ୍ରାସ ପାଇଥିବା ବୈଶ୍ୱିକ କ୍ଷୁଧା ସୂଚକାଙ୍କରୁ ଜଣାପଡ଼ିଛି। ୧୨୭ଟି ଦେଶକୁ ନେଇ କରାଯାଇଥିବା ସର୍ବେକ୍ଷଣରେ ଭାରତର ସ୍ଥାନ ୧୦୫ରେ ରହିଛି। ନେପାଳ ୬୮, ଶ୍ରୀଲଙ୍କା ୫୬ ଓ ବାଂଲାଦେଶ ୮୪ତମ ସ୍ଥାନରେ ରହିଛି। ଏହି ଦେଶଗୁଡ଼ିକର ସ୍ଥିତି ଭାରତଠାରୁ ଅପେକ୍ଷାକୃତ ଭଲ ରହକିଛି। ଅନ୍ୟପକ୍ଷେ ୧୦୯ତମ ସ୍ଥାନରେ ଥିବା ପାକିସ୍ତାନ ସମେତ ୪୨ଟି ରାଷ୍ଟ୍ର ଏବେ ମଧ୍ୟ ଅତ୍ୟନ୍ତ ଗମ୍ଭୀର ସ୍ତରରେ ରହିଛି। କ୍ଷୁଧା, ଜଳବାୟୁ ପରିବର୍ତ୍ତନ, ଲିଙ୍ଗଗତ ଅସମାନତା, ଲିଙ୍ଗଗତ ହିଂସା ଆଦିଯୋଗୁ କୁପୋଷଣ ଦୂର କରିବା ଏକ ଚ୍ୟାଲେଞ୍ଜ ରୂପେ ଉଭା ହୋଇଥିବାରୁ କ୍ଷୁଧାମୁକ୍ତି ଲକ୍ଷ୍ୟ ହାସଲ କରାଯାଇପାରି ନ ଥିବା ଏଥିରେ କୁହାଯାଇଛି।

# ଭୁବନେଶ୍ୱରରେ ପୂଜାମଣ୍ଡପ ବୁଲିଲେ ମୁଖ୍ୟମନ୍ତ୍ରୀ

## ରାଜ୍ୟବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି କାମନା କଲେ

ଭୁବନେଶ୍ୱର,୧୧।୧୦(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭୁବନେଶ୍ୱରର ବିଭିନ୍ନ ପୂଜାମଣ୍ଡପ ବୁଲି ଦେଖିଛନ୍ତି। ପୂଜାମଣ୍ଡପ ବୁଲିବା ପାଇଁ ଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ପୂଜାମଣ୍ଡପ ଗୁଡ଼ିକ ପାଇଁ ଧାର୍ଯ୍ୟ ହୋଇଥିବା ସରକାରୀ ଦେୟ ଛାଡ଼ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ପୁରୁଣା ଭୁବନେଶ୍ୱରସ୍ଥିତ ପାଟଣା ସାହି ପୂଜାମଣ୍ଡପକୁ ଯାଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ମଣ୍ଡପରେ ଚଳିତବର୍ଷ ୭୫ତମ ଶାରଦୀୟ ଦୁର୍ଗାପୂଜାର ଆୟୋଜନ କରାଯାଇଛି। ଏହାପରେ ମୁଖ୍ୟମନ୍ତ୍ରୀ ସୁନ୍ଦରପଦା, ବରମୁଣ୍ଡା, ନୟାପଲ୍ଲୀ, ଶହୀଦନଗର, ରସୁଲଗଡ଼, ବମିଖାଲ, ଷ୍ଟେସନ୍ ବଜାର ଏବଂ ଲକ୍ଷ୍ମୀସାଗର (କଟକ ରୋଡ୍) ପୂଜାମଣ୍ଡପ ବୁଲି ଦେଖିବା ସହ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଗଜ୍ଜନନୀ ମା'ଦୁର୍ଗାଙ୍କ ଆଗମନରେ ଧରଣୀ ଉତ୍ସବମୁଖର ହୋଇଉଠିଛି। ଭୁବନେଶ୍ୱରର ବିଭିନ୍ନ ମଣ୍ଡପରେ ମହାସମାରୋହରେ ତଥା ଆକର୍ଷଣୀୟ ଭାବେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। ଅଷ୍ଟମୀ ତିଥିରେ ମା'ଙ୍କ ଦର୍ଶନ କରି ନିଜକୁ ଧନ୍ୟ ମନେକରୁଛି। ମା'ଙ୍କ ନିକଟରେ ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କ ସୁଖ, ଶାନ୍ତି, ସମୃଦ୍ଧି ସହ ରାଜ୍ୟର ବିକାଶ ପାଇଁ ପ୍ରାର୍ଥନା କରିଛି। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମା'ଦୁର୍ଗା ସମସ୍ତଙ୍କୁ ଆଶୀର୍ବାଦ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ସହଧର୍ମିଣୀ ଡା. ପ୍ରିୟଙ୍କା ମାରାଣ୍ଡି ମଧ୍ୟ ଉପସ୍ଥିତ ଥିଲେ।

ଏହି ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦଶହରାରେ 'ନାଗା ଉପାସନା'

## ଶ୍ରୀକ୍ଷେତ୍ରର ନିଆରା ପରମ୍ପରା

ଶ୍ରୀକ୍ଷେତ୍ରର ଗୋଷାଣୀ ପୂଜନ ମଧ୍ୟରେ ନାଗା ଉପାସନା ଏକ ନିଆରା ଉପାସନା, ଯାହା ବୀରତ୍ୱର ପ୍ରତୀକକୁ ଦର୍ଶାଇଥାଏ। ବାଲିସାହି ଆଖଡ଼ାରୁ ଆରମ୍ଭ ହୋଇଥିବା ନାଗା ଉପାସନା ପୁରୀର ସାତସାହି ୪୨କନ୍ଦିର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ। ତେବେ ବାଲିସାହି ନାଗାକୁ ଗାଦିନାଗା ବୋଲି କୁହାଯାଏ। ବର୍ତ୍ତମାନ ବାଲିସାହି ସମେତ ହରଚଣ୍ଡୀ ସାହି, ପଶ୍ଚିମଦ୍ୱାର, ନରେନ୍ଦ୍ରକୋଣ, ମାର୍କଣ୍ଡେଶ୍ୱର ସାହି ଓ ବଳଗଣ୍ଡିସ୍ଥିତ ମାଜଣା ଜାଗା ନାଗା ପ୍ରସିଦ୍ଧି ଲାଭ କରିଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପରମ୍ପରା ଅନୁଯାୟୀ, ଷଷ୍ଠୀ ଓଷାରୁ ନାଗା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ନାଗାର ଉଚ୍ଚତା ୧୬ ଫୁଟ। ନାଗାମାନଙ୍କୁ ଦୁର୍ଗାପୂଜାର ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ ଧରି ପୂଜା କରାଯାଏ। ଦଶମୀରେ ବିସର୍ଜନ କର୍ମ କରାଯାଏ। ଏକାଦଶୀରେ ଶ୍ରୀମନ୍ଦିର ସିଂହଦ୍ୱାରସ୍ଥିତ ସଭାକୁ ନିଆଯାଏ। ପରେ ପୁଷ୍କରିଣୀରେ ବିସର୍ଜନ କରାଯାଏ।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ରଙ୍କ ମତାନୁସାରେ, ଆଦିଶଙ୍କରଙ୍କ ଦ୍ୱାରା ସୃଷ୍ଟି ଦଶନାମୀ ସମ୍ପ୍ରଦାୟର ନାଗା ସମ୍ପ୍ରଦାୟ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହି ସମ୍ପ୍ରଦାୟ ତତ୍କାଳୀନ ହିନ୍ଦୁ ମଠ, ମନ୍ଦିର ଓ ପୃଷ୍ଠପୋଷକଙ୍କ ରକ୍ଷା ପାଇଁ ସୃଷ୍ଟି ହୋଇଥିଲା। ସେମାନେ ସମଗ୍ର ଭାରତରେ ପ୍ରଥମେ ବୌଦ୍ଧ ଧର୍ମାବଲମ୍ବୀ ଏବଂ ପରେ ମୁସଲମାନ ଓ ମୋଗଲଙ୍କୁ ପ୍ରତିହତ କଲେ। ସେଥିପାଇଁ ମୁଖ୍ୟ ତୀର୍ଥକ୍ଷେତ୍ରଗୁଡ଼ିକରେ ଆଖଡ଼ାମାନ ପ୍ରତିଷ୍ଠା ସହ ନାଗାମାନଙ୍କୁ ନାଗାସାଧୁ ରୂପେ ଆଖ୍ୟା ଦେଇ ରକ୍ଷଣାବେକ୍ଷଣ କରାଯାଇ ଥିଲା। ନାଗାସାଧୁ ମୁଖ୍ୟତଃ ୨ପ୍ରକାରର। ଗୋଟିଏ ଗୋଷ୍ଠୀ ଖାଦ୍ୟ ସଂଗ୍ରହ କରିବା ଓ ଆଖଡ଼ା ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହୁଥିଲେ।



ମାଟିମଣ୍ଡପ ସାହିର ନାଗା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଅନ୍ୟ ଗୋଷ୍ଠୀର ନାଗାମାନେ ମଲ୍ଲଯୋଦ୍ଧା ସହ କୁସ୍ତି କସରତ କରୁଥିଲେ। ସେମାନଙ୍କୁ ନାଗା ଜାଗାସାଧୁ ବୋଲି କୁହାଯାଉଥିଲା। ଧର୍ମରକ୍ଷା ପାଇଁ ସେମାନେ ସମର୍ପିତ ଥିଲେ। ନାଗାମାନଙ୍କ ବୀରତ୍ୱକୁ ନେଇ ଶ୍ରୀକ୍ଷେତ୍ରରେ ନାଗାପୂଜା ଉପାସନା ଆରମ୍ଭ ହୋଇଥିଲା। ୧୬୪୭ ଖ୍ରୀଷ୍ଟାବ୍ଦ ପରେ ନାଗା ଉପାସନା ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ଅନୁମାନ କରାଯାଏ। ତେବେ ଏ ନେଇ ବିଧିବଦ୍ଧ ଇତିହାସ ନାହିଁ। ନାଗାମାନେ ପରମ ବୈଷ୍ଣବ। ସେମାନଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଏ। ଅମୀର ନବାବ ଫତେ ଖାଁ ପୁରୀ ଶ୍ରୀନଅର ଉପରେ ଆକ୍ରମଣ କରି ନରସିଂହ ଦେବଙ୍କୁ ହତ୍ୟା କରିଥିଲେ। ତାଙ୍କୁ ସେତେବେଳେ ନାଗା ସାଧୁମାନେ ପ୍ରତିରୋଧ କରି ପ୍ରାଣବଳି ଦେଇଥିଲେ। ଏପରିକି ଲୁଣ୍ଠନ ପାଇଁ ଆସିଥିବା ଫତେ ଖାଁଙ୍କୁ ସିଂହଦ୍ୱାର ବାଟେ ଶ୍ରୀମନ୍ଦିରରେ ପ୍ରବେଶ କରାଇ ଦେଇ ନ ଥିଲେ। ଫତେ ଖାଁ ଦକ୍ଷିଣଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରି ଧନରତ୍ନ ଲୁଣ୍ଠନ କରି ଫେରିଯାଇଥିଲେ। ବଡ଼ଦାଣ୍ଡରେ ଗୋଡ଼େଇ ଗୋଡ଼େଇ ନାଗାମାନେ ଫତେ ଖାଁଙ୍କ ସୈନ୍ୟଙ୍କୁ ହତ୍ୟା କରିବା ଜନମାନସରେ ଗଭୀର ରେଖାପାତ କରିଥିଲା। ଏଥିଯୋଗୁ ପରବର୍ତ୍ତୀ ସମୟରେ ବାଲିସାହି ଓ ହରଚଣ୍ଡୀ ସାହିର ଜାଗା ଆଖଡ଼ା ପୃଷ୍ଠପୋଷକମାନେ ନାଗାମୂର୍ତ୍ତି ଗଢ଼ି ପୂଜାର ପ୍ରଚଳନ କରାଇଥିଲେ। ଆମ ସଂସ୍କୃତିର ବୀରତ୍ୱ ବିଗ୍ରହର ପ୍ରତୀକ ହେଉଛନ୍ତି ମହିଷମର୍ଦ୍ଦିନୀ। ତେଣୁ ବୀର ନାଗା ବିଗ୍ରହରେ ଦୁର୍ଗାଦେବୀଙ୍କ ଆବାହନ କରି ବନଦୁର୍ଗା ମନ୍ତ୍ରରେ ପୂଜାର୍ଚ୍ଚନା କଲେ। ହରଚଣ୍ଡୀ ସାହି ଓ ବାଲିସାହିରେ ଦୁର୍ଗା ବିଗ୍ରହର ଉପାସନା ସହିତ ନାଗା ବିଗ୍ରହରେ ମଧ୍ୟ ସେମାନେ ଦୁର୍ଗାଙ୍କ ସେହି ବୀର ସ୍ୱରୂପକୁ ଦେଖିପାରିଥିଲେ। ସେଥିପାଇଁ ମା' ଦୁର୍ଗାଙ୍କ ବୀରତ୍ୱର ପ୍ରତୀକ ରୂପେ ନାଗାପୂଜାକୁ ଦୁର୍ଗାପୂଜାରେ ସାମିଲ କରିଥିଲେ।

ଯେଉଁ ସମୟରେ ସ୍ୱର୍ଣ୍ଣ ମନ୍ଦିର ଉପରେ ମୁସଲମାନ ଆକ୍ରମଣ କରିଥିଲେ, ସେ ସମୟରେ ଗୁରୁ ଗୋବିନ୍ଦ ସିଂହଙ୍କ ଶିଷ୍ୟ ବସନ୍ତ ରାଏ ପୁରୀ ଆସିଥିଲେ। ଦେଉଳକରଣଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଦେଉଳକରଣ ତାଙ୍କୁ ବାଟ ଲୋକନାଥ ନିକଟରେ ଥିବା ଖଣ୍ଡିଆପଡ଼ା ଜାଗା ଦେଇଥିଲେ। ସେ ସେଠାରେ ରହି ପୁରୀସାହି ଜାଗା ଆଖଡାର ଯୁବକଙ୍କୁ ସମରକଳା ପ୍ରଶିକ୍ଷଣ ଦେଇଥିଲେ। ପ୍ରଥମେ ୧୬ ହତିଆର ରଖି ଗୋଟିଏ ମୂର୍ତ୍ତି ନିର୍ମାଣ କରିଥିଲେ। ପରେ ହିଞ୍ଜଳ ଜାଗାରେ ସେ ନାଗାମୂର୍ତ୍ତି ନିର୍ମାଣ କରିଥିଲେ। ସେବେ ଠାରୁ ପୁରୀରେ ନାଗା ପରମ୍ପରା ଚାଲିଆସୁଛି। ନାଗା ବ୍ରହ୍ମଚାରୀ ହୋଇଥିବାରୁ ଶଙ୍ଖୁଡ଼ି ଭୋଗ ପରିବର୍ତ୍ତେ ଫଳମୂଳ, ମିଠା ଆଦି ଭୋଗ କରାଯାଏ। ଅତୀତରେ ନାଗାମାନଙ୍କୁ ସାହିର ଯୁବକମାନେ କାନ୍ଧରେ ବୋହି ରାଜନଅର ଓ ସିଂହଦ୍ୱାରକୁ ନେଉଥିଲେ। କିନ୍ତୁ ଏବେ ଗାଡ଼ିରେ ସଭାକୁ ନିଆଯାଇଥାଏ।

**– ଅଜିତ୍ କୁମାର ମହାନ୍ତି, ପୁରୀ**

# ଘଟ ବିସର୍ଜନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ



ପୂଜା ମଣ୍ଡପରେ ମା' ଦୁର୍ଗା।

## ଜି.ଉଦୟଗିରି ଦୁର୍ଗାପୂଜା ମଣ୍ଡପ

କନ୍ଧମାଳ ଜିଲା ଜି.ଉଦୟଗିରିରେ ପ୍ରାୟ ୭୦ ବର୍ଷ ତଳୁ ଶାରଦୀୟ ଦୁର୍ଗାପୂଜା ହୋଇଆସୁଛି। ଏହି ପୂଜା ମଣ୍ଡପରେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ବରାଳ ଦେବୀଙ୍କ ଘଟ ପୂଜା ପାଉଥିବା ଯୋଗୁ ପୂଜା ରୀତିନୀତି ଓ ତନ୍ତ୍ର ପାଠ ସମ୍ପୂର୍ଣ୍ଣ ଭିନ୍ନ। ମା'ଙ୍କ ଘଟ ବିସର୍ଜନ ନ ହେବା ପର୍ଯ୍ୟନ୍ତ ଏଠାରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏନାହିଁ। ଦଶହରା ରାତିରେ ଘଟ ବିସର୍ଜନ ପରେ ମୂର୍ତ୍ତି ବିସର୍ଜନ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ। ପୂଜା କମିଟି ତରଫରୁ ଚଳିତ ବର୍ଷ ଶୃଙ୍ଖଳାର ସହିତ ପୂଜା କରିବା ପାଇଁ ନିଷ୍ପତ୍ତି ନିଆଯାଇ କାର୍ଯ୍ୟସୂଚୀ କରାଯାଇଛି। ବୁଧବାର ମା' ବରାଳ ଦେବୀଙ୍କ ଘଟକୁ ନେଇ ପୂଜା ମଣ୍ଡପରେ ସ୍ଥାପନ କରାଯିବା ପରେ ଗୁରୁବାର ସପ୍ତମୀ ପୂଜା ଓ ଶୁକ୍ରବାର ଅଷ୍ଟମୀ ପୂଜା ଆରମ୍ଭ ହୋଇଛି। ଏହି ଦୁଇ ଦିନ ୧୦୮ ଆଳତି ହୋଇଥିବା ବେଳେ ଶନିବାର ମହାନବମୀରେ ମଧ୍ୟ ୧୦୮ ଆଳତି, ରବିବାର ବିଜୟା ଦଶମୀ ପୂଜା ସହିତ ରାତିରେ ଘଟ ବିସର୍ଜନ କରାଯିବ। ଆସନ୍ତା ସୋମବାର ସାଂସ୍କୃତିକ କାର୍ଯ୍ୟକ୍ରମ, ମଙ୍ଗଳବାର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପଟୁଆରରେ ନିଆଯାଇ ବିସର୍ଜନ କରାଯିବ ବୋଲି ପୂଜା କମିଟି ସଭାପତି କାଲୁ ଚରଣ ପଣ୍ଡା କହିଛନ୍ତି। ପୂଜା କମିଟି ସମ୍ପାଦକ ମନ ସନ୍ତୋଷ ପାତ୍ର, ବ୍ୟବସାୟୀ ସଂଘ ସଭାପତି ସମୀର କୁମାର ପାଢୀ, ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ସମେତ ପୂଜା କମିଟି ଓ ବ୍ୟବସାୟୀ ସଂଘ ସଦସ୍ୟମାନେ ପୂଜା ଦାୟିତ୍ୱରେ ଅଛନ୍ତି।

**– ଶିଶିର ପଟ୍ଟନାୟକ**
ଜି.ଉଦୟଗିରି




# ଶକ୍ତି ଉପାସନା ଓ କୃଷି ପରମ୍ପରା

ପ୍ରକୃତି କୋଳରେ ଲାଳିତ ଓ ବର୍ଦ୍ଧିତ ଆଦିମ ସମାଜ ଥିଲା କୃଷିପ୍ରଧାନ। କୃଷିଜୀବୀ ଆଦିମ ସମାଜରେ ଶକ୍ତିମୟୀ ମାତୃମୂର୍ତ୍ତି ଭାବେ ପରିକଳ୍ପିତ ହୋଇଥିଲେ ଅନ୍ନଦାତ୍ରୀ ଧରିତ୍ରୀ। ସେ ସଚରାଚର ପୃଥିବୀର କଲ୍ୟାଣମୟୀ ମା'। ଦୁର୍ଗତିନାଶିନୀ ଦୁର୍ଗା। ସର୍ବଶକ୍ତି ସ୍ୱରୂପିଣୀ ତଥା ସୃଷ୍ଟିର ପ୍ରେରଣା। ଅତିବୃଷ୍ଟି, ଅନାବୃଷ୍ଟି, ବାତ୍ୟା ଓ ବନ୍ୟା ଆଦି ସକଳ ପ୍ରାକୃତିକ ବିପ୍ଳାତକୁ ପ୍ରତିରୋଧ କରିବା କ୍ଷେତ୍ରରେ ତାଙ୍କର ଅବର୍ଣ୍ଣନୀୟ ଶକ୍ତି ଯୋଗୁ ଶସ୍ୟ ସମ୍ପଦରେ ପୂରି ଉଠୁଥିଲା ପୃଥିବୀ। ଏହିବିଶ୍ୱାସ ନେଇ ଶରତର ପ୍ରାଚୁର୍ଯ୍ୟମୟୀ ଓ ଶୋଭାମୟୀ ଶସ୍ୟ ଲକ୍ଷ୍ମୀଙ୍କୁ ଆନନ୍ଦପ୍ଳୁତ ପ୍ରାଣର ଉଚ୍ଛ୍ୱସିତ ଅଭିନନ୍ଦନ ଜଣାଇବା ଉଦ୍ଦେଶ୍ୟରେ ଆଦିମ ଯୁଗରୁ ଆରମ୍ଭ ହୋଇଥିଲା ପ୍ରକୃତି ପୂଜାର ଆୟୋଜନ। ସମୟକ୍ରମେ ସେହି ପୂଜା ପରମ୍ପରାରେ ଆସିଛି ପରିବର୍ତ୍ତନ। ସାମାଜିକ ବିବର୍ତ୍ତନ କ୍ରମରେ ବଦଳିଛି ସାଂସ୍କୃତିକ ବିଚାରଧାରା। ପ୍ରକୃତି ପୂଜା ପରମ୍ପରାକୁ ଏକ ଭବ୍ୟ ଅନୁଷ୍ଠାନରେ ପରିଣତ କରିଛି ମହିଷମର୍ଦ୍ଦିନୀ ମା' ଦୁର୍ଗା ମୂର୍ତ୍ତି ପରିକଳ୍ପନା, ଘଟ ପୂଜା ପରିବର୍ତ୍ତେ ମୃଣ୍ମୟୀ ପ୍ରତିମାକୁ ନେଇ ପ୍ରକାଶ ପାଇଛି ଶକ୍ତିପୂଜାର ବିକଶିତ ରୂପ। ମାତ୍ର ମୃଣ୍ମୟୀ ପ୍ରତିମାର ସାମ୍ବତ୍ସରିକ ଉପାସନା ବିଧି ମଧ୍ୟରେ ଉଜ୍ଜୀବିତ ରହିଛି ପ୍ରକୃତି ପୂଜାର ନିଦର୍ଶନ।



ଅନାବୃଷ୍ଟି କାଳରେ ପ୍ରକୃତି ସ୍ୱଗର୍ଭରୁ ନିର୍ଗତ ପ୍ରାଣ ସଂଜୀବନୀ ଶସ୍ୟ ସମୂହ ଦ୍ୱାରା ଜଗତବାସୀଙ୍କ ପ୍ରାଣରକ୍ଷା କରୁଥିବାରୁ ସେ ଶାକମ୍ଭରୀ ନାମରେ ବିଦିତା। ଦୁର୍ଗାପୂଜାର ଅଙ୍ଗ ଭାବରେ ଅନୁସୃତ ଶାକମ୍ଭରୀ ପୂଜା ହିଁ ପ୍ରମାଣ କରେ ଦୁର୍ଗାପୂଜା କୃଷିଭିତ୍ତିକ ଏବଂ ଫସଲ ଅମଳ ସହିତ ଏହାର ସମ୍ପର୍କ ଖୁବ୍ ନିବିଡ଼।

'ଦେବୀ ଭାଗବତ' ଅନୁସାରେ ମହିଷାସୁରକୁ ବଧ କରିବାକୁ ଯାଇ ଦେବୀ ଦୁର୍ଗା ସହସ୍ର କୋଟିଯୁକ୍ତ ଭୀଷଣ ଚକ୍ର ନିକ୍ଷେପ କରି ତା'ର ମସ୍ତକ ଛେଦନ କଲାପରେ ନିହତ ହେଲା ଅସୁର। ସାରଳା ଦାସଙ୍କ ଚଣ୍ଡୀପୁରାଣ ଦେବୀ ଭାଗବତ ଛାୟାରେ ରଚିତ। ମାତ୍ର ମହିଷାସୁର ବଧକୁ ନେଇ ଭିନ୍ନ କଥା ବୟାନ କରେ ସାରଳା ଦାସଙ୍କ 'ଚଣ୍ଡୀ ପୁରାଣ'। ସାରଳାଙ୍କ 'ଚଣ୍ଡୀ ପୁରାଣ' କହେ ମହିଷାସୁରକୁ ସଂହାର କରିବାକୁ ଯାଇ ସକଳ ପ୍ରକାର ଅସ୍ତ୍ର ପ୍ରୟୋଗ ସତ୍ତ୍ୱେ ଦେବୀ ଦୁର୍ଗା ବିଫଳ ହେଲା ପରେ ଶେଷରେ ନିସ୍ତେଜ ହୋଇ ନିଜ ହୃଦୟରୁ ଏକ ଚତୁର୍ଭୁଜା ଦେବୀ ସୃଷ୍ଟି କଲେ ଏବଂ ସେହି ଦେବୀଙ୍କ ପରାମର୍ଶ କ୍ରମେ ନିଜେ ବିବସନା ହେଲେ ଯୁଦ୍ଧକ୍ଷେତ୍ରରେ।

ଦେବୀ ଦୁର୍ଗାଙ୍କ ଉଲଗ୍ନ ରୂପ ଦେଖି ମୋହାଚ୍ଛନ୍ନ ହେଲେ ମହିଷା। ଏହି ସୁଯୋଗରେ ତାଙ୍କୁ ସଂହାର କଲେ ମା'ଦୁର୍ଗା। ପ୍ରଶ୍ନ ଉଠେ ମହିଷା ସଂହାର ପାଇଁ ଦେବୀ ଏଭଳି ଉପାୟ ଅବଲମ୍ବନ କଲେ କାହିଁକି? ଦେବୀ ଦୁର୍ଗାଙ୍କ ସହ ଯୌନାଚାର ଅନୁଷ୍ଠାନକୁ ଯୋଡ଼ିବା ପଛରେ କ'ଣ ଥାଇପାରେ କାରଣ ?

ନୃବିଜ୍ଞାନୀଙ୍କ ମତରେ ପ୍ରାଚୀନ କାଳର ସମାଜ ଥିଲା ମାତୃକେନ୍ଦ୍ରିକ ଏବଂ ଚାଷବାସ ବା କୃଷି କାର୍ଯ୍ୟଟି ନାରୀର ଉଦ୍ଭାବନ ଓ ଦାନ। ନାରୀମାନଙ୍କ ଦ୍ୱାରା ସମ୍ଭବ ହୋଇଛି ମାଟିରୁ ପ୍ରଥମ ଉତ୍ପାଦନ। ଫସଲ ଫଳାଇବା ସହିତ ଶସ୍ୟକ୍ଷେତ୍ରର ଉର୍ବରତା ବଢ଼ାଇବା ପାଇଁ ନାରୀ ଆୟୋଜନ କରୁଥିଲା ଭିନ୍ନ ଭିନ୍ନ ଯାଦୁ ଅନୁଷ୍ଠାନ। ସେତେବେଳେ ତା'ର ଧାରଣା ଥିଲା ନାରୀର ସନ୍ତାନ ଧାରଣ କ୍ଷମତା ଉପରେ ନିର୍ଭର କରେ ମାଟିର ଉତ୍ପାଦନଶୀଳତା।

ଆମ ସାଂସ୍କୃତିକ ଚେତନାରେ ନାରୀ ଓ ଧରିତ୍ରୀ ଉଭୟ ସମାନ। ନାରୀ ଓ ଭୂମିର କାର୍ଯ୍ୟକଳାପରେ ଅନେକଟା ସାଦୃଶ୍ୟ ଥିବାରୁ ନାରୀକୁ କୁହାଯାଏ କ୍ଷେତ୍ର। ଅର୍ଥାତ ନାରୀ ହେଉଛି ଭୂମି ବା ଶସ୍ୟ କ୍ଷେତ୍ରର ପର୍ଯ୍ୟାୟବାଚୀ ଶବ୍ଦ। ଗର୍ଭଧାରଣ ପୂର୍ବରୁ ନାରୀ ଯେପରି ରଜସ୍ୱଳା ହୁଏ, କୃଷି ଉତ୍ପାଦନ ପୂର୍ବରୁ ମାଟି ମଧ୍ୟ ମେଘର ବିନ୍ଦୁ ପତନକୁ ଅପେକ୍ଷା ରଖେ ଫଳବତୀ ହେବାର ଦୁର୍ବାର ଆକାଂକ୍ଷା ନେଇ।

ମାଟିକୁ ଯେବେଠାରୁ ମା' ଦୃଷ୍ଟିରେ ଦେଖାଗଲା, ସେବେଠାରୁ ବିଶ୍ୱାସ ସୃଷ୍ଟି ହେଲେ ଯେ ଗର୍ଭବତୀ ନାରୀ ଯେଉଁ ଗଛ ରୋପଣ କରିବ, ସେ ଗଛ ଅଜାଡ଼ି ଦେବ ପ୍ରଚୁର ଫଳ। ଅନ୍ୟପକ୍ଷରେ ବନ୍ଧ୍ୟାନାରୀ ସଂସ୍ପର୍ଶରେ ଆସିଲେ ଉର୍ବରତା ହରେଇ ବସିବ ମାଟି। ସେ ମାଟିରେ ଗଛ ଭଲ ବଢ଼ିବ ନାହିଁ କି ଫଳିବନି ଫଳ। ଏଭଳି ଧାରଣା ଯୋଗୁ ବନ୍ଧ୍ୟାନାରୀ ପ୍ରତି ବିମୁଖ ହେଲା ସମାଜ। ଭୂମି ଶସ୍ୟ ଉପୁଜାଏ ବା ଭୂମିଷ୍ଠ ହୁଏ ଶସ୍ୟ। ନାରୀ ଗର୍ଭରୁ ମଧ୍ୟ ଭୂମିଷ୍ଠ ହୁଏ ସନ୍ତାନ। ଅର୍ଥାତ ମା' ଓ ମାଟି ସମ୍ପର୍କରୁ ଆସିଲା ଭୂମିଷ୍ଠ ଶବ୍ଦ। ନାରୀ ତା' ନିଜ ଦେହର ଉର୍ବରତାକୁ ଭୂମିରେ ସଞ୍ଚାର କଲା ଭଲ ଫସଲ ଫଳାଇବା ଲକ୍ଷ୍ୟରେ। ଏଥିପାଇଁ ଆୟୋଜନ ହେଲା ବିଭିନ୍ନ ସାଦୃଶ୍ୟମୂଳକ ଅନୁଷ୍ଠାନ।

**– ଡ. ପ୍ରଫୁଲ୍ଲ କୁମାର ସାହୁ**
ବିଜୁ ପଟ୍ଟନାୟକ ନଗର, ଭଦ୍ରକ, ମୋ: ୬୩୭୧୬୪୨୪୬୪















ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା

-ପାଠେ ଦଶହରା, ବିଜୟା ଦଶମୀ, ଦଶହରା ଉତ୍ସବ, ସୋମନାଥ ବ୍ରତ ସମାପନ ଓ ମୃଣ୍ମୟୀ ଦେବୀଙ୍କ ମହାନବମୀ ପୂଜା



# ରାଓଙ୍କ କାର୍ଯ୍ୟକାଳ ବଢ଼ିଲା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆର୍‌ବିଆଇ ଡେପୁଟି ଗଭର୍ନର ଏମ୍. ରାଜେଶ୍ୱର ରାଓଙ୍କ କାର୍ଯ୍ୟକାଳ ୮ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କ୍ୟାବିନେଟ୍‌ର ନିଯୁକ୍ତି କମିଟି (ଏସିସି)ର ଅନୁମୋଦନକ୍ରମେ ୯ ଅକ୍ଟୋବର ୨୦୨୪ରୁ ଏହା କାର୍ଯ୍ୟକାରୀ ହୋଇଛି। ଅକ୍ଟୋବର ୨୦୨୦ରେ ଆର୍‌ବିଆଇର ଡେପୁଟି ଗଭର୍ନର ଭାବରେ ପ୍ରଥମେ ଦାୟିତ୍ୱ ଗ୍ରହଣ କରିଥିବା ରାଓଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ ଏବେ ପ୍ରଶ୍ନ ଉଠିଛି। ତେବେ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବା ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଏବଂ ଡେପୁଟି ଗଭର୍ନର ମାଇକେଲ ଦେବବ୍ରତ ପାତ୍ରଙ୍କ କ୍ଷେତ୍ରରେ ସମାନ ନିଷ୍ପତ୍ତି ନିଆଯିବ କି ? ୩ ବର୍ଷ ପାଇଁ ପ୍ରଥମେ ଡିସେମ୍ବର ୨୦୧୮ରେ ନିଯୁକ୍ତ ଦାସଙ୍କ କାର୍ଯ୍ୟକାଳ ଡିସେମ୍ବର ୨୦୨୧ ରେ ବୃଦ୍ଧି କରାଯାଇଥିଲା, ଯାହା ଡିସେମ୍ବର ୨୦୨୪ରେ ଶେଷ ହେବାକୁ ଯାଉଛି। ପାତ୍ର ଆରମ୍ଭରୁ ମୁଦ୍ରାନୀତି କମିଟି (ଏମ୍‌ପିସି)ରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଡେପୁଟି ଗଭର୍ନର ଭାବରେ ତାଙ୍କର ପ୍ରଥମ କାର୍ଯ୍ୟକାଳ ଜାନୁଆରୀ ୨୦୨୩ରେ ଶେଷହେବା ପରେ ଜାନୁଆରୀ ୨୦୨୪ ପର୍ଯ୍ୟନ୍ତ କାର୍ଯ୍ୟକାଳ ୧ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ବୃଦ୍ଧି ଜାନୁଆରୀ ୨୦୨୫ରେ ଶେଷ ହେବ। ଉଭୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏମ୍‌ପିସିର ସଦସ୍ୟ ଭାବରେ ପାତ୍ରଙ୍କର ପୂର୍ବ ଅବଦାନକୁ ଦେଖିଲେ ପୁନଃ ନିଯୁକ୍ତି ପାଇଁ ସମ୍ଭାବନା ସୃଷ୍ଟିକରେ। ସମ୍ପ୍ରତି ଆର୍‌ବିଆଇରେ କାର୍ଯ୍ୟରତ ୪ ଜଣ ଡେପୁଟି ଗଭର୍ନର ହେଉଛନ୍ତି ପାତ୍ର, ରାଓ, ଟି. ରବିଶଙ୍କର ଏବଂ ସ୍ୱାମୀନାଥନ ଜେ.। ଆମେ ଏହି ନିଷ୍ପତ୍ତିରୁ ଯାହା ଦେଖୁଛୁ ସେଥିରୁ ଏହା ସ୍ପଷ୍ଟ ଯେ, ଆର୍‌ବିଆଇର ନେତୃତ୍ୱ ଆଗାମୀ ବର୍ଷଗୁଡ଼ିକରେ ଭାରତର ମୁଦ୍ରାନୀତି ଏବଂ ଅର୍ଥନୈତିକ ସ୍ଥିରତା ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

### ନିଯୁକ୍ତିର ଦୁଇଟି ଦିଗ

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ପୂର୍ବତନ ମୁଖ୍ୟ ଶରଦ କୁମାରଙ୍କୁ ବିସିସିଆଇର ଦୁର୍ନୀତି ନିବାରଣ ୟୁନିଟ୍ (ଏସିୟୁ)ର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି । ପ୍ରଶ୍ନ ଉଠୁଛି, ଏଭଳି ବରିଷ୍ଠ ଅଧିକାରୀ ଏହି ପଦ ଗ୍ରହଣ କରିବା ଉଚିତ କି । କୁମାର ୨୦୧୩ ରୁ ୨୦୧୭ ପର୍ଯ୍ୟନ୍ତ ଏନ୍‌ଆଇଏର ନେତୃତ୍ୱ ନେଇଥିଲେ। ସେ ମଧ୍ୟ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ (ସିଭିସି) ରେ ଭିଜିଲାନ୍ସ କମିଶନର ଥିଲେ। ତାଙ୍କୁ ୨ ଥର ରାଷ୍ଟ୍ରପତିଙ୍କ ପୋଲିସ ପଦକ ପ୍ରଦାନ କରାଯାଇଛି । ଏକ ପ୍ରଭାବଶାଳୀ କ୍ୟାରିୟର ରେକର୍ଡ ଥିବା ଏଭଳି ବ୍ୟକ୍ତିଙ୍କ ପାଇଁ କ'ଣ ଏ ପ୍ରକାର ଦାୟିତ୍ୱ ଉପଯୁକ୍ତ ? ଗୋଟିଏ ପଟେ ତାଙ୍କ ଦକ୍ଷତାକୁ ଦେଖିଲେ ସେ ଯୋଗ୍ୟ ବୋଲି ଜଣାପଡ଼ନ୍ତି। ମ୍ୟାଚ ଫିକ୍ସିଂ ଏବଂ ବେଟିଂ ସ୍କାଣ୍ଡାଲ ଭଳି ସମସ୍ୟାର ମୁକାବିଲା ପାଇଁ ବିସିସିଆଇର ଦୁର୍ନୀତି ନିବାରଣ ୟୁନିଟ୍‌ର ଦାୟିତ୍ୱ ନେବା ଭାରତୀୟ କ୍ରିକେଟ ପାଇଁ କିଛି ଅନୁଶାସନ ଏବଂ ସ୍ୱଚ୍ଛତା ଆଣିପାରେ। କ୍ରୀଡ଼ା କ୍ଷେତ୍ରରେ ଅପରାଧ ନେଟ୍‌ୱର୍କକୁ ନଷ୍ଟ କରିବାରେ କୁମାରଙ୍କ ଅଭିଜ୍ଞତା ଅତ୍ୟଧିକ ଉପଯୋଗୀ ହୋଇପାରେ। କିନ୍ତୁ ଦୁର୍ନୀତିକୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ କ୍ରିକେଟ ପ୍ରକୃତରେ ଏପରି ହାଇପ୍ରୋଫାଇଲ ଜାତୀୟ ସୁରକ୍ଷା ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ଆବଶ୍ୟକ କରେ କି ? ଶରଦ କୁମାରଙ୍କ ଏହି ଦାୟିତ୍ୱ ଦୁଇଟି ଦିଗକୁ ଦର୍ଶାଏ। ଗୋଟିଏ ପଟେ ତାଙ୍କ ନିଯୁକ୍ତି ସଙ୍କେତ ଦିଏ ଯେ ଦୁର୍ନୀତି ଉପରେ କଟକଣା ଲଗାଇବାକୁ ବିସିସିଆଇ ଅତ୍ୟନ୍ତ ତତ୍ପର ଓ ଗମ୍ଭୀର। ଅନ୍ୟ ପଟେ ଉଚ୍ଚସ୍ତରୀୟ ଜାତୀୟ ସୁରକ୍ଷା କ୍ଷେତ୍ରରେ ଥିବା ଅଧିକାରୀଙ୍କୁ ଏଭଳି ଦାୟିତ୍ୱ ଦିଆଯିବା ଉଚିତ ବୋଲି ଆପଣ ଭାବୁଛନ୍ତି କି ?

### ନିର୍ଦ୍ଦେଶକୁ ଅବମାନନା

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ପୁଣି ଥରେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ଅସ୍ଥାୟୀ ନିଯୁକ୍ତି ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାର ଏବଂ ୮ ରାଜ୍ୟ ସରକାର ଯଥା ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଓଡ଼ିଶା, ପଶ୍ଚିମବଙ୍ଗ, ପଞ୍ଜାବ, ଏବଂ ଝାଡ଼ଖଣ୍ଡକୁ ନୋଟିସ ଜାରି କରିଛନ୍ତି। ଓଡ଼ିଶା ବ୍ୟତୀତ ଏହି ସମସ୍ତ ରାଜ୍ୟରେ ବର୍ତ୍ତମାନ କାର୍ଯ୍ୟକାରୀ ଡିଜିପ ଅଛନ୍ତି, ଯାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀର ସ୍ପଷ୍ଟ ଉଲ୍ଲଂଘନ। ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଉତ୍ତରପ୍ରଦେଶ ଏବଂ ପଞ୍ଜାବ ଭଳି ରାଜ୍ୟରେ ୧ ବର୍ଷରୁ ଅଧିକ ଧରି ଅସ୍ଥାୟୀ ପୋଲିସ ମୁଖ୍ୟ ରହିଆସିଛନ୍ତି। ଉତ୍ତରପ୍ରଦେଶରେ ୨୦୨୨ ପରଠାରୁ ରାଜ୍ୟରେ କାର୍ଯ୍ୟକାରୀ ଡିଜିପିମାନେ କାମ କରୁଛନ୍ତି ଏବଂ ରାଜ୍ୟର ଚତୁର୍ଥ କାର୍ଯ୍ୟକାରୀ ଡିଜିପି ଭାବେ ପ୍ରଶାନ୍ତ କୁମାରଙ୍କୁ ଚଳିତ ବର୍ଷ ପ୍ରାରମ୍ଭରେ ନିଯୁକ୍ତ କରାଯାଇଛି। ସମସ୍ୟା ହେଉଛି ଏହା କେବଳ ଏକ ପ୍ରକ୍ରିୟାଗତ କାରଣ ନୁହେଁ, ବରଂ ଆଇନ ଶୃଙ୍ଖଳା ନେତୃତ୍ୱର ସ୍ଥିରତା ଏବଂ ଅଧିକାରକୁ ଦୁର୍ବଳ କରୁଛି। ତେବେ ୱାଇ.ବି.ଖୁରାନିଆଙ୍କୁ ଅଗଷ୍ଟରେ ସ୍ଥାୟୀ ଡିଜିପି ଭାବେ ନିଯୁକ୍ତକରି ଓଡ଼ିଶା ଏକ ଉଦାହରଣ ସୃଷ୍ଟି କରିଥିବା ଜଣାପଡ଼ିଛି । କିନ୍ତୁ ଅନ୍ୟମାନଙ୍କ ପାଇଁ ସମାନ କଥା କୁହାଯାଇପାରିବ ନାହିଁ । ପ୍ରକାଶ ସିଂଙ୍କ ମାମଲାରେ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଜୁଲାଇ ମାସରେ ଝାଡ଼ଖଣ୍ଡ ଅସ୍ଥାୟୀ ଡିଜିପି ନିଯୁକ୍ତ କରିଥିଲା। କେବଳ ଅସାମାନ୍ୟ ପରିସ୍ଥିତି ବ୍ୟତୀତ କୌଣସି ସ୍ଥିତିରେ ଅସ୍ଥାୟୀ କିମ୍ବା ଆଡ୍‌ହକ ପୋଲିସ ମୁଖ୍ୟ ନିଯୁକ୍ତହେବା ଉଚିତ ନୁହେଁ ବୋଲି କୋର୍ଟ ସ୍ପଷ୍ଟ ଭାବରେ କହିଥିଲେ। ତଥାପି ଆମେ ଦେଖୁଛୁ ରାଜ୍ୟଗୁଡ଼ିକ ଏହି କାର୍ଯ୍ୟ ଜାରି ରଖି ଆଇନକୁ ଅବମାନନା କରୁଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ କୋର୍ଟର ନିର୍ଦ୍ଦେଶନାମା ପାଳନ କରିବାକୁ ଚେତାଇ ଦେଇସାରିଛି, କିନ୍ତୁ ତାହା ବଧିର କାନରେ କହିବା ଥିବା ଭଳି ମନେହେଉଛି।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | | |
| | | | 7 | | | 3 | | |
| 5 | | 8 | | | | 2 | | |
| | | | | 5 | | 8 | | |
| 3 | | | | 4 | | | 9 | |
| | 9 | | 3 | | | 1 | 4 | 5 |
| 4 | 2 | | | 7 | | | | |
| 7 | | | | | | | 8 | 9 |
| | | 3 | 9 | | | 6 | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 8 | 6 | 9 | 4 | 5 | 7 | 3 |
| 4 | 6 | 7 | 8 | 5 | 3 | 9 | 1 | 2 |
| 5 | 9 | 3 | 7 | 1 | 2 | 6 | 4 | 8 |
| 1 | 5 | 6 | 2 | 3 | 8 | 7 | 9 | 4 |
| 8 | 2 | 4 | 9 | 6 | 7 | 3 | 5 | 1 |
| 7 | 3 | 9 | 1 | 4 | 5 | 2 | 8 | 6 |
| 9 | 8 | 2 | 4 | 7 | 6 | 1 | 3 | 5 |
| 3 | 4 | 1 | 5 | 2 | 9 | 8 | 6 | 7 |
| 6 | 7 | 5 | 3 | 8 | 1 | 4 | 2 | 9 |

ଗତକାଲିର ଉତ୍ତର

# ମହାବିନାଶର ଅନ୍ତରାଳେ



ଡ. ନରେନ୍ଦ୍ର ସେଠୀ

ମତ୍ସ୍ୟ ପୁରାଣ ଅନୁସାରେ ବିଶ୍ୱର ସବୁଠାରୁ ବଡ଼ ପ୍ରଳୟ ପଚିଶ କୋଟି ବର୍ଷ ପୂର୍ବେ ରାଜା ସତ୍ୟବ୍ରତ ରାଜୁତି ସମୟରେ ହୋଇଥିଲା ବୋଲି ବର୍ଣ୍ଣିତ ଅଛି। ପୌରାଣିକ ସମୟ ଗଣତି ଅନୁସାରେ ପ୍ରତ୍ୟେକ ମନ୍ୱନ୍ତରର ଶେଷରେ ବା ସନ୍ଧ୍ୟାରେ ପ୍ରଳୟ ଆସିଥାଏ। ପୌରାଣିକ ସମୟ ସ୍କେଲ ଅନୁସାରେ ପ୍ରତ୍ୟେକ ମନ୍ୱନ୍ତରର ଅବଧି ୩୦୬,୭୨୦,୦୦୦ ବର୍ଷ ଓ ବର୍ତ୍ତମାନ ପୃଥିବୀ ସପ୍ତମ ମନ୍ୱନ୍ତରର ଅଠେଇଶତମ ଚତୁର୍ଯୁଗରେ ପଦାର୍ପଣ କରି କଳିଯୁଗରେ ଏକ ହଜାର ବର୍ଷ ଅତିକ୍ରମ କରିସାରିଛି। ପ୍ରଳୟରେ ପୃଥିବୀ ଜଳମଗ୍ନ ହୋଇ ଅନେକ ବର୍ଷ ପର୍ଯ୍ୟନ୍ତ ରହିଥାଏ। ତେଣୁ ହିନ୍ଦୁ ପୁରାଣ ଅନୁସାରେ ଏପର୍ଯ୍ୟନ୍ତ ଛଅଥର ପ୍ରଳୟ ହୋଇସାରିଥିବ। ବିଜ୍ଞାନ ଏଯାଏ ପାଞ୍ଚଟି ପ୍ରଳୟ କଥା ପ୍ରମାଣିତ କରିସାରିଛି ଓ ଏକ ବିରାଟ ପ୍ରଳୟର ସନ୍ଧାନ ପାଇପାରିନାହିଁ। ତେଣୁ ପୌରାଣିକ ମତ ଅନୁସାରେ, ଆସିବାକୁଥିବା ସପ୍ତମ କିମ୍ବା ବିଜ୍ଞାନ ଅନୁସାରେ ଯାହା ଷଷ୍ଠ ପ୍ରଳୟ ହେବ, ତାର ସ୍ୱରୂପ କିପରି ହେବ ଅନୁମାନ ଲଗାଇବା କଷ୍ଟକର ନୁହେଁ। ଏହା ଠିକ୍ ପୂର୍ବ ଭଳି ଜଳବାୟୁ ପରିବର୍ତ୍ତନ, ବାୟୁମଣ୍ଡଳରେ ଅତ୍ୟଧିକ ଅଙ୍ଗାରକାମ୍ଳ, ପୃଥିବୀର ତାପମାତ୍ରା ଓ ସମୁଦ୍ର ପତନ ବୃଦ୍ଧି ପାଇବା ଯୋଗୁ ହେବ।

ଜୀବାଶ୍ମ ଗବେଷଣାରୁ କୋଟିକୋଟି ବର୍ଷ ପୂର୍ବେ ପୃଥିବୀରେ କିଛି ଭୟଙ୍କର ଅଘଟଣ ଘଟିଥିଲା ବୋଲି ଜଣାପଡେ, ଯାହାଫଳରେ ଅନେକ ଜୀବ ଓ ଗଛଲତା ପ୍ରଜାତି ଅଚାନକ ପୃଥିବୀରୁ ସବୁଦିନ ପାଇଁ ଅନ୍ତର୍ଦ୍ଧାନ ହୋଇଗଲେ। ଏହା ମଧ୍ୟରେ କ୍ଷୁଦ୍ର ଜଳଚରଠାରୁ ଆରମ୍ଭ କରି ବିଶାଳକାୟ ଡାଇନୋସର ଅନ୍ତର୍ଭୁକ୍ତ। କଥାହେଲା ପୃଥିବୀରୁ ଅନେକ ପ୍ରଜାତି ସବୁଦିନ ପାଇଁ ବିଲୁପ୍ତ ହେବାର ପ୍ରକ୍ରିୟା ଏକ ସାଧାରଣ ଘଟଣା ବୋଲି ଜାଣିଲେ ଚକିତ ଲାଗେ। ବୈଜ୍ଞାନିକଙ୍କ ଗବେଷଣା ଅନୁସାରେ ୯୯.୯ ପ୍ରତିଶତ ଜୀବ ଓ ବୃକ୍ଷଲତା ଯାହା କେବେ ପୃଥିବୀର ବାସିନ୍ଦା ଥିଲେ ସେମାନେ ଆଉ ନାହାନ୍ତି। ଯେମିତି ବିଶାଳ ଡାଇନୋସରମାନେ ସବୁଦିନ ପାଇଁ ଉଭାନ ହୋଇଯାଇଛନ୍ତି। ବିଗତ ୧୫୦ ବର୍ଷ ଭିତରେ ଏପରି ୨୩ଟି ପ୍ରାଣୀ ଅଛନ୍ତି ଯେଉଁମାନେ ପୃଥିବୀରୁ ବିଦାୟ ନେଇ ସାରିଛନ୍ତି। ସେମାନଙ୍କ ମଧ୍ୟରେ ୨୦୦ ବର୍ଷ ପୂର୍ବରୁ ଅଷ୍ଟ୍ରେଲିଆ ଉପକୂଳରେ ବହୁଳ ଭାବରେ ଉପଲବ୍ଧ ହାତ ଥିବା ମାଛକୁ ୨୦୨୦ରେ ସମ୍ପୂର୍ଣ୍ଣ ବିଲୁପ୍ତ ଘୋଷଣା କରାଯାଇଛି। ୨୦୦୨ ପର୍ଯ୍ୟନ୍ତ ଜୀବିତ ଥିବା ବାଜି ଡଲଫିନ ବିଲୁପ୍ତ ହୋଇଯାଇଛି। ସେହିପରି ପୃଥିବୀରେ କେନିଆର ଧବଳ ଗଣ୍ଡା ସଂଖ୍ୟା ଏବେ ମାତ୍ର ଦୁଇଟି।



ଦିନେ ପୃଥିବୀରେ ନିଜର ସୁନ୍ଦରତା ପାଇଁ ବିଖ୍ୟାତ ସ୍ପିକ୍ସ ମକାଉ ମାତ୍ର ୫୦ଟି ବଞ୍ଚିଛନ୍ତି। ସେହିପରି ଆଫ୍ରିକାର ବିଶାଳ କଳା ଗଣ୍ଡାର ଅନ୍ତିମ ସଦସ୍ୟ ପୃଥିବୀରୁ ୨୦୦୬ରେ ବିଦାୟ ନେଇସାରିଛି। ଯେତେବେଳେ ପୃଥିବୀରୁ ଅର୍ଦ୍ଧାଧିକରୁ ଅଧିକ ଜୀବ କୌଣସି କାରଣରୁ ଏକସଙ୍ଗେ ବିଲୁପ୍ତ ହୋଇଯାନ୍ତି ଏହାକୁ ଏକ ସମୂହ ବିନାଶ କୁହାଯାଏ। ଏହିପରି ସମୂହ ବିନାଶ ପୃଥିବୀରେ ପାଞ୍ଚ ଥର ଘଟିତ ହୋଇସାରିଛି। ଦେଖିବାକୁ ଗଲେ ପ୍ରାକୃତିକ ସ୍ତରରେ ପୃଥିବୀର ଶତକଡା ଦଶଭାଗ ଜୀବ ପ୍ରତି ଦଶ ଲକ୍ଷ ବର୍ଷ ଭିତରେ, ଶତକଡା ତିରିଶ ଭାଗ ୧ କୋଟି ବର୍ଷ ଭିତରେ ଏବଂ ୬୫ ପ୍ରତିଶତ ଦଶକୋଟି ବର୍ଷ ଭିତରେ ଆପେ ଆପେ ବିଲୁପ୍ତ ହୋଇଥାନ୍ତି। ଏହି ପ୍ରକ୍ରିୟା ଜୈବ ବିବର୍ତ୍ତନବାଦ ବା ବିକାଶବାଦ ସହିତ ସନ୍ତୁଳନ କରି ପୁରୁଣା ଜୀବ ବିଲୁପ୍ତ ହେବା ସହିତ ନୂଆ ଜୀବମାନଙ୍କର ଉତ୍ପତି ହୋଇଥାଏ।

ପୃଥିବୀରେ ପ୍ରଥମ ସମୂହ ବିନାଶ ୪୪ କୋଟି ବର୍ଷ ପୂର୍ବେ ଘଟିଥିଲା। ଏଥିରେ ପୃଥିବୀରୁ ଷାଠିଏ ପ୍ରତିଶତରୁ ଅଧିକ ଅମେରୁଦଣ୍ଡୀ ଓ ଅଶୀ ଭାଗରୁ ଅଧିକ ମେରୁଦଣ୍ଡୀ ଜଳଚର ଜୀବ ବିଲୁପ୍ତ ହୋଇଯାଇଥିଲେ। ଏହି ପ୍ରଥମ ସମୂହ ବିଲୁପ୍ତ ଘଟଣା ଅରଡୋଭିଆନ ସମୂହ ବିଲୁପ୍ତ ଘଟଣା ଭାବରେ ଜଣାଶୁଣା ଯାହାର ପ୍ରକୃତ କାରଣ ଠିକ୍ ଭାବରେ ଜଣା ପଡି ନ ଥିଲେ ମଧ୍ୟ ଆଗ୍ନେୟଗିରି ବିସ୍ଫୋରଣ ଫଳରେ ଅତ୍ୟଧିକ ସିଲିକେଟ ବାହାରି ବାୟୁମଣ୍ଡଳର ଅଙ୍ଗାରକାମ୍ଳ ଶୋଷଣ କରିନେବା ମୁଖ୍ୟ କାରଣ ବୋଲି ଅନୁମାନ କରାଯାଏ। ଅଙ୍ଗାରକାମ୍ଳ କମିଯିବା ଫଳରେ ପୃଥିବୀର ତାପମାତ୍ରା ହ୍ରାସ ପାଇଲା ଓ ଏହା ଯୋଗୁ ଅନେକ ପ୍ରାଣୀପ୍ରଜାତି ବିଲୁପ୍ତ ହୋଇଗଲେ। ଠିକ୍ ସେହି ସମୟରେ ଗୋଣ୍ଡୱାନା ନାମକ ବିଶାଳ ମହାଦୀପ ଘୁଞ୍ଚି ଘୁଞ୍ଚି ଦକ୍ଷିଣ ମେରୁରେ ପହଞ୍ଚିଲା ଓ ତାପମାତ୍ରା କମିଯିବାରୁ ଜଳ ବରଫରେ ପରିଣତ ହୋଇ ଜମା ହେବା କାରଣରୁ ସମୁଦ୍ରର ଅଧିକାଂଶ ପାଣି ଶୋଷିତ ହୋଇ ଓ ସମୁଦ୍ର ପତନ କମିଯିବାରୁ ଅନେକ ଜଳଜୀବ ଲୋପ ପାଇଗଲେ।

ଦ୍ୱିତୀୟ ମହାବିନାଶ ବା ସମୂହ ବିଲୁପ୍ତ ଘଟଣା ଯାହାକୁ ଲେଟ ଡେଭୋନିଆନ ନାମରେ ସମସ୍ତେ ଜାଣନ୍ତି, ଯାହା ଆଜିଠାରୁ ଛତିଶକୋଟି ବର୍ଷ ପୂର୍ବେ ଘଟିଥିଲା। ଏଥିରେ ପୃଥିବୀର ୭୫ ଭାଗ ଜୀବ ଲୋପ ପାଇଯାଇଥିଲେ। ଏହାର ମୁଖ୍ୟ କାରଣ ଆଗ୍ନେୟ ଉଦ୍‌ଗିରଣ, ତାପମାତ୍ରା ହ୍ରାସ ଓ ଅତ୍ୟଧିକ ଗୁଳ୍ମ, ବୃକ୍ଷଲତା ସ୍ଥଳ ଭାଗରେ ବୃଦ୍ଧି ପାଇବା। ଏସବୁ ଯୋଗୁ ଅମ୍ଳଜାନ ହଠାତ୍ କମିଯିବା ମଧ୍ୟ ଏହାର କାରଣ ବୋଲି ବିଶ୍ୱାସ କରାଯାଏ। ତୃତୀୟ ମହାବିନାଶ ପଚିଶ କୋଟି ବର୍ଷ ପୂର୍ବେ ଘଟିଥିଲା, ଯାହାକୁ ଏଣ୍ଡ ପରମିୟାନ ମହାବିନାଶ କୁହାଯାଏ। ସଂସାରର ସବୁଠୁ ଭୟାବହ ଏହି ମହାବିନାଶରେ ୯୬ ପ୍ରତିଶତ ଜୀବଜନ୍ତୁ ଲୋପ ପାଇଗଲେ। ଏହି ତୃତୀୟ ମହାବିନାଶର କାରଣ ସାଇବେରିଆରେ ଆଗ୍ନେୟ ଉଦ୍‌ଗିରଣ ଯୋଗୁ ପୃଥିବୀର ତାପମାତ୍ରାରେ ବୃଦ୍ଧି, ସଲ୍‌ଫର ମାତ୍ରାରେ ବୃଦ୍ଧି, ସମୁଦ୍ର ଅମ୍ଳତାରେ ବୃଦ୍ଧି, ଅମ୍ଳଯୁକ୍ତ ବୃଷ୍ଟି ଯୋଗୁ ଏହି ବିନାଶ ହୋଇଥିଲା। ଚତୁର୍ଥ ମହା ବିନାଶ ଆଜକୁ ପ୍ରାୟ ଏକୋଇଶ କୋଟି ବର୍ଷପୂର୍ବେ ସମୁଦ୍ରରେ ଭୟଙ୍କର ଆଗ୍ନେୟ ଉଦ୍‌ଗିରଣ ଯୋଗୁ ପାଣିର ରାସାୟନିକ ପରିବର୍ତ୍ତନ ଏବଂ ବୈଶ୍ୱିକ ତାପମାତ୍ରାରେ ଅହେତୁକ ବୃଦ୍ଧି କାରଣରୁ ଅଶୀ ଭାଗ ପ୍ରାଣୀ ସବୁଦିନ ପାଇଁ ହଜିଗଲେ। ପ୍ରକୃତିର ଏହି ଚତୁର୍ଥ ମହାବିନାଶକୁ ଏଣ୍ଡ ଟ୍ରାଇଏସିକ କୁହାଯାଏ ଓ ଏହି ସମୟ ପରେ ପରେ ଜୁରାସିକ ଯୁଗ ଆସିଥିଲା ଓ ପୃଥିବୀ ଉପରେ ଡାଇନୋସରମାନେ ରାଜୁତି କଲେ। ସୃଷ୍ଟିର ପଞ୍ଚମ ମହାବିନାଶ ଆଜକୁ ପ୍ରାୟ ସାଢେ ଛଅ କୋଟି ବର୍ଷ ପୂର୍ବେ ହୋଇଥିଲା, ଯାହା କ୍ରିଟେସେସ ପୋଲିଏଜିନ ବିଲୁପ୍ତ ଘଟଣା ଭାବରେ ଜଣାଶୁଣା। ଏହି ମହାପ୍ରଳୟରେ ପୃଥିବୀର ତିନି ଚତୁର୍ଥାଂଶ ଗଛଲତା, ଜୀବଜନ୍ତୁ ସବୁଦିନ ପାଇଁ ହଜିଗଲେ। ଏକସଙ୍ଗେ ଅତ୍ୟଧିକ ଉଲ୍କାପାତ ହେବା କିମ୍ବା ମହାକାଶରୁ ପୃଥିବୀ ସହିତ ଛୋଟ ଗ୍ରହ ସହିତ ଧ୍ୱଂସକାରୀ ଆଘାତ ଯୋଗୁ ଏହି ମହାବିନାଶ ହୋଇଥିବାର ପ୍ରମାଣ ମିଳିଛି। ତେବେ ମଣିଷର ରାଜୁତି ପୃଥିବୀ ପୃଷ୍ଠରେ ବିଗତ ଦୁଇ ଲକ୍ଷ ବର୍ଷ ହେଲା ଚାଲିଛି। ଆମେ ପୃଥିବୀକୁ ଏତେ କ୍ଷତି କରି ଚାଲିଛୁ ଯେ ବୈଜ୍ଞାନିକମାନେ ଷଷ୍ଠ ମହାବିନାଶ ଆରମ୍ଭ ହୋଇଗଲାଣି ବୋଲି ମତବ୍ୟକ୍ତ କରୁଛନ୍ତି। ପୃଥିବୀରେ ଜଙ୍ଗଲ ପ୍ରାଣୀମାନଙ୍କର ସଂଖ୍ୟା ୧୯୭୦ ତୁଳନାରେ ଦୁଇ ତୃତୀୟାଂଶ କମିଗଲାଣି, ମାତ୍ର ଜନସଂଖ୍ୟା ଦ୍ୱିଗୁଣିତ ହୋଇଛି। ଏହା ପୂର୍ବରୁ ପୃଥିବୀ ଇତିହାସରେ ଜୈବ ବିବିଧତା ଏତେ ଶୀଘ୍ର ଏପରି କେବେ ବିଲୁପ୍ତ ହୋଇନାହିଁ। ତେଣୁ ଆମେ ଏବେ ଷଷ୍ଠ ମହାବିନାଶରେ ଉପନୀତ ଓ ଧ୍ୱଂସ ଆଡକୁ ଯାଉଛେ କହିଲେ ଭୁଲ ହେବନାହିଁ।

**ପ୍ରଭାରୀ ବୈଜ୍ଞାନିକ, ପରିବେଶ ପ୍ରୟୋଗଶାଳା**
**ଯାଦୁଗୁଡା, ପୂର୍ବସିଂହଭୂମ୍, ଝାଡ଼ଖଣ୍ଡ**
**ମୋ: ୭୦୦୪୦୬୮୧୧୦**

# ଶାନ୍ତିର ନିକେତନ ଅଶାନ୍ତ



ଉପେନ୍ଦ୍ର ବିଶ୍ୱାଳ

ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଏ ସମାଜ ଯେତିକି କ୍ଷତିଗ୍ରସ୍ତ ନ ହୁଏ, ତତୋଧିକ କ୍ଷତିଗ୍ରସ୍ତ ହୁଏ ସଚେତନ ବର୍ଗ, ବିଦ୍ୱରବର୍ଗଙ୍କ ଉଦାସୀନତା ଯୋଗୁ। ସମାଜର ଉଦାସୀନପଣିଆକୁ ଦେଖି ଅନାଚାର ଆରମ୍ଭ କରିଦିଅନ୍ତି ଅସାମାଜିକ ବ୍ୟକ୍ତିମାନେ। ଫଳତଃ ସମାଜ ହୁଏ ବରବାଦୀ, ଠିକ୍ ବଙ୍ଗଭୂମି ପରି। ଅନ୍ୟାୟ/ଅନାଚାର ଦେଖି ନୀରବ ରହିଯିବା ଅର୍ଥ ମୌନ ସମର୍ଥନ ଦେବା, ଅନ୍ୟାୟକାରୀଙ୍କୁ ଉତ୍ସାହିତ କରିବା। ଏଭଳିସ୍ଥଳେ ଲେଖକଟିର ଦାୟିତ୍ୱ ଅଧିକ। ନୋବେଲ ପୁରସ୍କାରପ୍ରାପ୍ତ ଜର୍ମାନୀର ବିଶିଷ୍ଟ ଲେଖକ ଥମାସ ମାନ୍‌ଙ୍କ ଭାଷାରେ, 'ଲେଖକ ହେଉଛି ସେହି ଲୋକ, ଯିଏ ପୀଡ଼ିତ/ ସାଧାରଣ ଜନତାଙ୍କ ଅପେକ୍ଷା ଅଧିକ କଷ୍ଟ ପାଏ।' ସବୁ ଦେଖି ବୁଝିଲା ପରେ ବି କଲମ ଯଦି ନୀରବିଯାଏ, ସେଥିପାଇଁ ନୈତିକତା ଦୃଷ୍ଟିରୁ ଲେଖକଟିଏ ବି ଦୋଷୀ। ସମାଜକୁ ସଜା ପାଇଁ ପ୍ରୟାସ କରିବା, ସମାଜକୁ ସଚେତନ କରିବା, ସତ୍ୟର ଅବତାରଣା କରି ଅନ୍ଧକାର/ଅଜ୍ଞତାର ପରଦା ହଟେଇବା ଜଣେ ଲେଖକର ନୈତିକ ଦାୟିତ୍ୱ। ବିଭୂଷିତ ବଙ୍ଗଭୂମି ଆଜି କିଭଳି ବରବାଦୀ ହୋଇଛି ସେ ସମ୍ପର୍କରେ ସମ୍ୟକ୍ ଆଲୋଚନାପୂର୍ବକ ସମାଜକୁ ସତର୍କ କରେଇବା ଏ ଆଲେଖ୍ୟଟିର ଅସଲ ଉଦ୍ଦେଶ୍ୟ।

ବଙ୍ଗ ଭୂମି। ଅତୀତର ଏକ ବିଭୂଷିତ ଭୂଖଣ୍ଡ। ଏହି ହେଉଛି ସେହି ଭବ୍ୟ ଭୂମି, ଯାହା କି କେବଳ ଭାରତ ନୁହେଁ, ବିଶ୍ୱ ପାଇଁ ଦିନେ ଥିଲା ଆରାଧନାର ଭୂମି, ଆକର୍ଷଣର କେନ୍ଦ୍ର। ଭାରତର ଗୌରବ ଗାଥା, ଜ୍ଞାନ-ଗରିମାକୁ ବିଦେଶରେ ବାଣ୍ଟି ଦେଶକୁ ବିଭାଯୁକ୍ତ କରିଥିଲେ ସେ ମାଟିର ସନ୍ତାନମାନେ। ଶାଶ୍ୱତ ସନାତନ ସଂସ୍କୃତିର ପ୍ରଚାର-ପ୍ରସାର କରାଇ ସ୍ୱାମୀ ବିବେକାନନ୍ଦଙ୍କଠାରୁ ସ୍ୱାମୀ ଯୋଗାନନ୍ଦଙ୍କ ପର୍ଯ୍ୟନ୍ତ ଏ ଦେଶ ପାଇଁ ଆଣିଥିଲେ ପ୍ରସିଦ୍ଧି। ଆଜି ବି ଖୁଦିରାମ, ବାଘାଯତୀନ, ନେତାଜୀ ପ୍ରମୁଖଙ୍କ ବଳିଦାନର ବୀରଗାଥା ଶୁଣିଲେ ଲୋମ ଟାଙ୍କୁରି ଉଠେ। କେତେ କେତେ ସାଧକ, ତପସ୍ୱୀ, ମହାପୁରୁଷଙ୍କ ଜନ୍ମଭୂମି, କର୍ମଭୂମି, ତପଭୂମି ହେଉଛି ବଙ୍ଗଭୂମି। କିନ୍ତୁ ଦୁର୍ଭାଗ୍ୟ, କାଳିର ବରଣର ଭୂମି ଆଜି ବରବାଦୀ ମୁହାଁ। ଅକଳନୀୟ ଅନାଚାର, ଅତ୍ୟାଚାର, ବ୍ୟଭିଚାର, ଭ୍ରଷ୍ଟାଚାର ଆଦିକୁ ନେଇ ପଶ୍ଚିମବଙ୍ଗ ସଦା ଚର୍ଚ୍ଚାରେ। ସାରାଦେଶର ଚିନ୍ତାଶୀଳ ଓ ବିଦ୍ୱାନବର୍ଗ ଖୁବ୍ ବ୍ୟଥିତ, ବ୍ୟତିବ୍ୟସ୍ତ ଆଜି। ପ୍ରଥମ ଅଣୟୁରୋପୀୟ ଭାବେ ସାହିତ୍ୟରେ ନୋବେଲ ପୁରସ୍କାର ପାଇ ଏସିଆ ମହାଦେଶକୁ ଉଦ୍ଭାସିତ କରିଥିବା ରବୀନ୍ଦ୍ର ନାଥଙ୍କ ଶାନ୍ତିର ନିକେତନଟି କ'ଣ ରାତାରାତି ଏମିତି ଅଶାନ୍ତ ହୋଇଗଲା !

ତଥ୍ୟାନୁଯାୟୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡା. ବିଧାନ ଚନ୍ଦ୍ର ରାୟଙ୍କ ମୃତ୍ୟୁ (ଜୁଲାଇ ୧୯୬୨)ପରେ ପଶ୍ଚିମବଙ୍ଗରେ ସୁଶାସନ ଅଭାବରୁ ଧୀରେ ଧୀରେ ଅପଶକ୍ତିଙ୍କ ଆବିର୍ଭାବ ହେଲା। ପ୍ରଫୁଲ୍ଲ ଚନ୍ଦ୍ର ସେନଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାରରେ ଜନ ଅସନ୍ତୋଷ ବଢ଼ିଚାଲିଲା। ଫଳରେ ୧୯୬୭ ନିର୍ବାଚନରେ ବାମ ସାମ୍ମୁଖ୍ୟ ଓ ବଙ୍ଗ କଂଗ୍ରେସ ମିଳିତ ହୋଇ ଗଠନ କଲେ ସଂଯୁକ୍ତ ସାମ୍ମୁଖ୍ୟ ସରକାର; ଯେଉଁଥିରେ ସିପିଏମ୍ ଥିଲା ବୃହତ୍ ଅଂଶୀଦାର। ଏହିଠାରୁ ହିଁ ଆରମ୍ଭ ହୁଏ କମ୍ୟୁନିଷ୍ଟ କ୍ୟାଡରଙ୍କ କଦାଚରଣ। ଫେବୃଆରୀ ୧୯୬୮ରେ କମ୍ରେଡ୍‌ଙ୍କ ଦ୍ୱାରା ସଂଘଟିତ ଆସୁରିକ କାଣ୍ଡ ଥିଲା ଏକପ୍ରକାର 'ଅସୁର ରାଜ' ଆଗମନର



ସନ୍ଦେଶ। ରାଜଧାନୀ ଛାତି ଉପରେ, ରବୀନ୍ଦ୍ର ସରୋବର ଷ୍ଟାଡିୟମରେ ସେଦିନ ଆୟୋଜିତ ହେଉଥାଏ ସାଂସ୍କୃତିକ କାର୍ଯ୍ୟକ୍ରମ 'ଅଶୋକ କୁମାର ନାଇଟ'। ହଠାତ୍ ଅତର୍କିତ ଆକ୍ରମଣ କଲେ ସଶସ୍ତ୍ର ଲାଲବାହିନୀ। ଲୁଟପାଟ, ରାହାଜାନି ସହିତ ଅନେକ ଝିଅବୋହୂଙ୍କ ଇଜ୍ଜତ ମାଟିରେ ମିଶିଲା। ଡଜନରୁ ଅଧିକ ଝିଅବୋହୂ ଗଣ-ବଳାତ୍କାରର ଶିକାର ହୋଇଥିଲେ। ତନ୍ମଧ୍ୟରୁ ଦୁଇଦିନ ପର୍ଯ୍ୟନ୍ତ ୩ ଜଣଙ୍କ ନଗ୍ନ ମୃତଦେହ ସ୍ଥାନୀୟ ହ୍ରଦ ନିକଟରେ ବିକ୍ଷିପ୍ତ ହୋଇ ପଡ଼ିଥିବାର ଦେଖିବାକୁ ମିଳିଥିଲା। ବିଶିଷ୍ଟ ଶିଳ୍ପପତି ଆଦିତ୍ୟ ବିର୍ଲା ମଧ୍ୟ ଦୁର୍ବୃତ୍ତଙ୍କ କବଳରୁ ନିସ୍ତାର ପାଇ ନ ଥିଲେ। ସେହିଦିନ ରାତିରେ ହିଁ ବଙ୍ଗଭୂମିକୁ ସବୁଦିନ ପାଇଁ ବାଏ ବାଏ କରି ନିଜ ଶିଳ୍ପ ସାମ୍ରାଜ୍ୟ ସମେତ ସପରିବାର ମୁମ୍ବାଇ ଚାଲିଗଲେ। ଷାଠିଏ-ସତୁରି ଦଶକରେ ସେତେବେଳେ କୋଲକାତା ଥିଲା ଭାରତର ସବୁଠୁ ସମୃଦ୍ଧ ସହର। ମୁମ୍ବାଇଠାରୁ ଅଧିକ ଥିଲା ଏଠାକାର ମୁଣ୍ଡପିଛା ଆୟ। କାରଣ ଶତାଧିକ ଛୋଟବଡ଼ କମ୍ପାନୀଙ୍କ ସମେତ ବହୁ ବିଦେଶୀ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ମୁଖ୍ୟାଳୟ ଥିଲା କୋଲକାତା। ଜଣଙ୍କ ପରେ ଜଣେ ପ୍ରାୟ ସବୁ କମ୍ପାନୀ ଆଦିତ୍ୟ ବିର୍ଲାଙ୍କ ପରେ ପରେ କୋଲକାତାରୁ ଉଠାଇନେଲେ ନିଜ ମୁଖ୍ୟାଳୟ। ତା'ପରେ ୧୯୭୭ରୁ ନିରବଚ୍ଛିନ୍ନ ଭାବେ କମ୍ୟୁନିଷ୍ଟଙ୍କ ଶାସନ ଯୋଗୁ ଲାଗି ରହିଲା ଦାଦାଗିରି।

କମ୍ୟୁନିଷ୍ଟମାନଙ୍କ ଦୀର୍ଘ ନିରଙ୍କୁଶ ଶାସନ କାଳରେ ବାର୍ଷିକ ହାରାହାରି ୪୦ରୁ ଅଧିକ ବନ୍ଦ ଡାକରା ଦିଆଯାଇଛି। ସତ୍ୟ ଉପରେ ଆଧାରିତ ଚଳଚ୍ଚିତ୍ର 'ଦି ରେଡ୍ ଫାଇଲ୍‌ସ' ହେଉଛି କମ୍ରେଡ୍‌ଙ୍କ କଳଙ୍କିତ କାହାଣୀମାଳାର ନମୁନା। ବିରୋଧୀଙ୍କ କଣ୍ଠରୋଧ କରିବାକୁ ଯାଇ କମ୍ରେଡ୍‌ମାନେ ଯେ କେତେ ନୃଶଂସ ହୋଇପାରନ୍ତି, ତାହା ସବୁ ଲେଖିବସିଲେ ବିରାଟ ବହିଟିଏ ହେବ। ସୁଦୀର୍ଘ ୩୪ବର୍ଷର ଶାସନରେ ରହି କମ୍ୟୁନିଷ୍ଟମାନେ କ୍ଷମତା ଓ ଖାତିର ଜାହିର କରିବାକୁ ଯାଇ ''ଜୋର୍ ଯା'ର, ମୁଲକ ତା'ର'' ନୀତିରେ ଭୟ-ବାତାବରଣର ଯେଉଁ ଧାରା ପ୍ରଚଳନ କରିଥିଲେ, ତାହାର ବର୍ଦ୍ଧିତ ସଂସ୍କରଣ ହେଉଛି ଆଜିର ଘଟଣାବଳୀ। କମ୍ରେଡ୍‌ଙ୍କ ଶାସନର ପତନ ପରେ ବହୁଳାଂଶ ଗୁଣ୍ଡାଜୀବୀ, ଅସାମାଜିକ ବ୍ୟକ୍ତିମାନେ ତୁରନ୍ତ ପଟ୍ଟ ପରିବର୍ତ୍ତନ କରି ସାମିଲ ହୋଇଗଲେ ଟିଏମ୍‌ସିରେ। କ୍ଷମତାର ଅତ୍ୟଧିକ ମୋହ ଏବଂ ବିରୋଧୀଙ୍କୁ ସାବାଡ଼ କରିବା ଲକ୍ଷ୍ୟରେ ଗୁଣ୍ଡାଜୀବୀଙ୍କୁ ନିଜ ଦଳରେ ସାମିଲ କରିବାକୁ ଟିଏମ୍‌ସି ଦ୍ୱିଧା ପ୍ରକାଶ କଲା ନାହିଁ । ଯାହାର ପରିଣତିରେ ଅଶାନ୍ତ ଆଜି ବଙ୍ଗଭୂମି, ବେକାବୁ ବେଙ୍ଗଲ। ବିଷଣ୍ଣ ବଙ୍ଗବାସୀ।

ଅନେକ ବର୍ଷ ପରେ ଆଜି ତେଜି ଜାଗିଉଠିଛନ୍ତି ସେ ମାଟିର ବୁଦ୍ଧିଜୀବୀ, ବିଦ୍ୱାନଜନ। ପ୍ରତିବାଦ ସଭା, ଶୋଭାଯାତ୍ରାରେ ଡାକ୍ତରଙ୍କ ସହିତ ସାମିଲ ହେଲେ ବୈଜ୍ଞାନିକ, ଇଞ୍ଜିନିୟର, ସାହିତ୍ୟିକ, ଅଧ୍ୟାପକ, ଶିକ୍ଷକ, ଗାୟକ, ଶିଳ୍ପୀ, ଅଭିନେତା, କ୍ରୀଡ଼ାବିତ ଆଦି ସବୁ ବର୍ଗର ପ୍ରତିଭାମାନେ। ବହୁ ଆଗରୁ ବଙ୍ଗ ଭୂମିରେ ଯଦି ଆଜି ଦିନ ପରି ଏଭଳି ଜାଗରଣ ସୃଷ୍ଟି ହୋଇଥାନ୍ତା, ତେବେ ଏମିତି ଦୁରବସ୍ଥା ହୁଏତ ଭୋଗିବାକୁ ପଡ଼ି ନ ଥା'ନ୍ତା, କାରଣ ଆଲୋକର ଅନୁପସ୍ଥିତି ଯୋଗୁ ଅନ୍ଧକାର ସୁଯୋଗ ପାଏ ଆତ୍ମପ୍ରକାଶ କରିବାକୁ। ଏପରି କି ପୂର୍ଣ୍ଣମୀରେ ବି ଅମାବାସ୍ୟାର ଉପଲବ୍ଧି ହୁଏ, ଜହ୍ନ ଯେବେ ଲୁଚି ଯାଏ ଘନ ମେଘ ଆଢୁଆଳରେ। ଅତଏବ ଆଜି ଆସନ୍ତୁ ଜାଗ୍ରତ ହେବା। ଅନ୍ୟାୟ ଅନାଚାରକୁ ତିଳେମାତ୍ର ପ୍ରଶ୍ରୟ ନ ଦେଇ ତୀବ୍ର ବିରୋଧ କରିବା। ସମାଜ ସତତ ସତର୍କ ରହିଲେ, ସମାଜର ବାତାବରଣ ବି ରହିବ ଶାନ୍ତ, ସୁସ୍ଥ।

**ମୋ: ୯୪୩୭୪୩୬୦୭୩**

## ଏଇ ଭାରତରେ

କଦଳୀ କାନ୍ଦି କାଟିନେବା ପରେ ଲୋକେ ଗଛକୁ କାଟି ଫିଙ୍ଗି ଦିଅନ୍ତି। ଏହା କାମରେ ଆସେ ନାହିଁ ବୋଲି ସେମାନେ ଏଭଳି କରିଥାନ୍ତି। କିନ୍ତୁ ବିହାରର ତିନି ବନ୍ଧୁ ଜଗତ କଲ୍ୟାଣ, ସତ୍ୟମ୍ କୁମାର ଏବଂ ନୀତୀଶ ବର୍ମା ବାନାନା ଫାଇବର ବା କଦଳୀଗଛର ତନ୍ତୁରୁ ଯୋଗ ମ୍ୟାଟ୍, ବାସ୍କେଟ, ପେଟିଙ୍ଗ୍ସ ଭଳି ଜିନିଷ ତିଆରି କରୁଛନ୍ତି। ସେମାନେ 'ତରୁୱାର ଆଗ୍ରୋ' ଷ୍ଟାର୍ଟଅପ ମାଧ୍ୟମରେ ଏହା କରୁଛନ୍ତି। କଦଳୀ ଗଛର ପତ୍ର, ଗଣ୍ଡିରୁ ତନ୍ତୁ ବାହାର କରାଯାଇ ଏହି ସବୁ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏବେ ସେମାନେ ୩୦ ଜଣ ସ୍ଥାନୀୟ ଚାଷୀଙ୍କଠାରୁ କଦଳୀଚାଷର ବର୍ଜ୍ୟ ସଂଗ୍ରହ କରୁଛନ୍ତି। ଗଛର ଆକାର ଅନୁଯାୟୀ ଚାଷୀମାନଙ୍କୁ ୫ରୁ ୨୫ ଟଙ୍କା ପର୍ଯ୍ୟନ୍ତ ଦେଉଛନ୍ତି। ପ୍ରତିମାସରେ ଏହି ବର୍ଜ୍ୟରୁ ୬୦୦ କେ.ଜି. ଫାଇବର ପ୍ରସ୍ତୁତ କରାଯାଇ ତାହାକୁ ଉତ୍ପାଦ ତିଆରିରେ ବ୍ୟବହାର କରାଯାଉଛି। ଭାରତ ବିଶ୍ୱରେ କଦଳୀ ଚାଷରେ ଏକ ଅଗ୍ରଣୀ ଦେଶ ଓ ୬୦ ପ୍ରତିଶତ ବର୍ଜ୍ୟ ଭାବେ ନଷ୍ଟ ହୋଇଥାଏ। ତେବେ ଏହି ବର୍ଜ୍ୟକୁ ସମ୍ପୂର୍ଣ୍ଣ ଉପଯୋଗ କରାଯାଇ ପାରିବ ବୋଲି କହନ୍ତି ଜଗତ କଲ୍ୟାଣ। ଜଗତ ଇଞ୍ଜିନିୟରିଂ ଶେଷ କରି ଜଳବାୟୁ ପରିବର୍ତ୍ତନ ଓ ପରିବେଶ ଉପରେ କାର୍ଯ୍ୟ କରୁଥିବା ଏକ ଷ୍ଟାର୍ଟଅପ୍‌ରେ କାମ କରୁଥିଲେ। ପରେ ତାହାକୁ ଛାଡ଼ି ସେ 'ତରୁୱାର ଆଗ୍ରୋ'ଷ୍ଟାର୍ଟଅପ ଆରମ୍ଭ କରିବା ପରେ ତାଙ୍କ ସହ ସହ ପ୍ରତିଷ୍ଠାତା ଭାବେ ସତ୍ୟମ୍ ଓ ନୀତୀଶ ଯୋଗଦେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଅକ୍ଟୋବର ୧୯୭୫

- ରାଜ୍ୟ ବନ୍ୟା ପରିସ୍ଥିତି ଦୃଷ୍ଟିରୁ ଛ'ମାସ ମଧ୍ୟରେ ବିଧାନସଭା ବା ବିଧାନ ପରିଷଦକୁ ନିର୍ବାଚିତ ହେବା ସମ୍ଭବପର ହୋଇ ନ ପାରିବା ଫଳରେ ବିହାର ମନ୍ତ୍ରିମଣ୍ଡଳରୁ ୩ ଜଣ ମନ୍ତ୍ରୀଙ୍କ ଇସ୍ତଫା ପ୍ରଦାନ।
- ପାପୁଆ ନିଉଗିନି ମିଳିତ ଜାତିସଂଘର ୧୪୨ତମ ସଭ୍ୟ ରାଷ୍ଟ୍ର ରୂପେ ଗୃହୀତ ହୋଇଛି।
- ଯୁକ୍ତରାଷ୍ଟ୍ର ଆମେରିକା ପାରସ୍ୟ ଉପସାଗରବର୍ତ୍ତୀ ରସଆଲଖାଏମରେ ଗୁରୁତ୍ୱପୂର୍ଣ୍ଣ ନୌ ଓ ବିମାନ ଘାଟି ପ୍ରତିଷ୍ଠା କରିବାକୁ ଲୁଚାଣିଆ ଭାବରେ ଉଦ୍ୟମ ଚଳାଇଥିବା 'ପ୍ରଭଦା' ସୂତ୍ରରୁ ପ୍ରକାଶ।

## ଚିରନ୍ତନୀ

ସେହି ଗିରି କୋଳେ ଲାଖିଲା ମନର ଦରଜ
ସେହି ଝରଣାରେ ଲୁଚିଲା ରାଗିଣୀ-ମୁରୁଜ।
କେତେ ବିଲବନେ ରହିଗଲା ଆଖି
ବିପୁଳ ଜୋଛନା ପରଶ ମୁଁ ଚାଖି
କେତେ ସକାଳେ ମୋ ଉଇଁଥିଲା ଶୁଭ ସୂରୁଜ
ସେହି ଘାଟି ପଥେ ଲୁଚିଲା ରାଗିଣୀ ମୁରୁଜ।
–(ଜୟପୁର ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରେଷ୍ଠ ଦାନ

ମହାଶୟ,

ବିଶ୍ୱରେ ଅଙ୍ଗଦାନର ଆବଶ୍ୟକତା ରହିଛି । ଅଙ୍ଗଦାନ ଦ୍ୱାରା ଜଣଙ୍କ ଜୀବନ ରକ୍ଷା ହୋଇପାରିବ। ହୃତ୍‌ପିଣ୍ଡ, କିଡ୍‌ନୀ, ପାନ୍‌କ୍ରିୟାଜ, ଫୁସ୍‌ଫୁସ, ଯକୃତ, ଇଣ୍ଟେଷ୍ଟାଇନ, ହାତ, ମୁହଁ, ଟିସୁ, ବୋନମାରୋ ଓ ଷ୍ଟେମ କୋଷିକା ଆଦି ଅଙ୍ଗ ଜଣେ ଦାନ କରିପାରିବେ। ଅଙ୍ଗଦାନ ଏକ ମହତ ଦାନ। ମସ୍ତିଷ୍କ ମୃତ୍ୟୁ ଘଟୁଥିବା ଲୋକଙ୍କ କ୍ଷେତ୍ରରେ ସେମାନଙ୍କ ଆତ୍ମୀୟମାନେ ଅଙ୍ଗଦାନ ପାଇଁ ସ୍ୱୀକୃତି ପ୍ରଦାନ କରି ଅନ୍ୟମାନଙ୍କ ଜୀବନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ସେହିପରି ଅଙ୍ଗଦାନକୁ ଉତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ୨୦୨୦ରୁ ସୁରଜ ପୁରସ୍କାର ଆରମ୍ଭ କରିଛନ୍ତି। ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ସୁରଜଙ୍କ ନାମରେ ଏହି ପୁରସ୍କାର ପ୍ରଚଳନ କରାଯାଇଛି। ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ସୁରଜଙ୍କ ମସ୍ତିଷ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ସୁରଜଙ୍କର ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକ ୬ ଜଣଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥିଲା।

–ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଜୟା ଦଶମୀରୁ ଆରମ୍ଭ ଗଣପର୍ବ ଢଣ କୋଇଲା

ଖାର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ପରିଛଳ, ବଡ଼ବେରଣା, ଗୋବିନ୍ଦପୁର ଆଦି କେତେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗଣପର୍ବ ଢଣ କୋଇଲା ବେଶ୍ ପ୍ରସିଦ୍ଧ। ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଆଦିବାସୀ ସାହିରେ ବିଜୟା ଦଶମୀରୁ ଆଡ଼ମ୍ବରରେ ପାଳନ କରାଯାଏ ଏହି ପର୍ବ। ମା'ମଙ୍ଗଳାଙ୍କ ପୀଠ ପରିସର ୬ଦିନ ଉତ୍ସବମୁଖର ହୋଇଉଠିଥାଏ। ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ମଙ୍ଗଳାଙ୍କ ସେବକମାନେ ମାସଯାକ ଆମିଷ ଭକ୍ଷଣ କରନ୍ତି ନାହିଁ। ତେବେ କୋଠିରେ ପୂଜା ପାଇବାକୁ ଥିବା ୩୩କୋଟି ଦେବଦେବୀଙ୍କ ଫଟୋଚିତ୍ର ଅଙ୍କନ ସରିଛି। ବିଜୟା ଦଶମୀରେ ସକାଳୁ ଶୁଭଖୁଣ୍ଟି ପଡ଼ିବା ପରେ ଦେବଦେବୀଙ୍କୁ ଆରାଧନା କରାଯାଇ ସେବକମାନେ ଅପରାହ୍ନରେ ଗ୍ରାମର ପଶ୍ଚିମ ମୁଣ୍ଡରେ ଥିବା ପୋଖରୀ କୂଳରେ ଏକାଠି ହୋଇଥାନ୍ତି। ରୀତିନୀତି ଅନୁସାରେ ପୂଜାପାଠ କରାଯାଏ। ପୋଖରୀରେ ଥିବା ଯେଉଁ ଧଳା କଇଁଫୁଲଟି ଦୋହଲିଥାଏ ସେହି ଫୁଲକୁ ବରଣ କରାଯାଇଥାଏ। ଏହାକୁ କୁହାଯାଏ ଫୁଲବରଣ। ଘଣ୍ଟ ଘଣ୍ଟା, ହୁଳହୁଳି ଆଦି ତାଳରେ ସେବକଙ୍କ ଦେହରେ କାଳିଶି ସବାର ହୁଅନ୍ତି। ପରେ ଅନ୍ୟସେବକମାନେ ଫୁଲବରଣକୁ ଘଟ ଦ୍ୱାରା ମୁଣ୍ଡରେ ମୁଣ୍ଡାଇ ମା'ମଙ୍ଗଳାଙ୍କ ପୀଠ ପରିସରକୁ ଆସିଥାନ୍ତି। ପରେ ସାହି ପରିକ୍ରମା କରଯାଏ। ଫୁଲବରଣକୁ କୋଠି ଭିତରେ ରଖି ୬ଦିନ ଧରି ପୂଜା କରାଯାଇଥାଏ। ପୂଜକ ଦୈନିକ ସନ୍ଧ୍ୟାରେ ପୂଜା ମନ୍ତ୍ର ଓ ଗୀତପାଠ କରିଥାନ୍ତି। ଦୈନିକ ସନ୍ଧ୍ୟାରେ ଢୋଲିଆ ତାଳେତାଳେ କାଳେଶି ଶବାର ହୋଇ ଭବିଷ୍ୟବାଣୀ କରିଥାନ୍ତି। ରାତି ୧୦ଟାରେ ବରଣ ହୋଇଥିବା କଇଁଫୁଲ ଫୁଟିଲା ପରେ କାଳିଶିଙ୍କ ବେତମାଡ଼ରେ ସେବକମାନେ ଅଣ୍ଟାରେ କଡିବା, ମୁଠି ଓ କରାଟି ସହିତ ଶୁନଭଙ୍ଗା ଆଦି ବିଭିନ୍ନ ଖେଳ ପ୍ରଦର୍ଶନ କରନ୍ତି। ସେହିପରି ବିଛୁଆତି ପତ୍ର ଦେହରେ ବୋଳିବା, କଣ୍ଟାରେ ଗଡ଼ିବା ଆଦି ମା'ଙ୍କ କରୁଣାରୁ ସମ୍ଭବ ହୋଇଥାଏ ବୋଲି ସେବକମାନେ କହିଛନ୍ତି। ଏହି ପର୍ବ ପାଳନ ଦ୍ୱାରା ସେବକମାନଙ୍କ ମଧ୍ୟରେ ଭାଇଚାରାର ପ୍ରତୀକ ବଞ୍ଚି ରହିଛି। ମାନସିକଧାରୀଙ୍କ ମାନସିକ ପୂରଣ ହୋଇଥାଏ ବୋଲି ବିଶାସ ରହିଛି। ସେହିପରି ଚଳିତ ବର୍ଷ ଦର୍ଶକଙ୍କ ମନୋରଞ୍ଜନ ପାଇଁ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା ହୋଇଛି ବୋଲି କମିଟି ପକ୍ଷରୁ କୁହାଯାଇଛି।

**–ହର ପ୍ରସନ୍ନ ପଣ୍ଡା,** ବେଗୁନିଆ

## କୋଠିରେ ପୂଜା ପାଆନ୍ତି ୩୩ କୋଟି ଦେବଦେବୀ



କୋଠିରେ ପୂଜା ପାଇବାକୁ ଥିବା ୩୩କୋଟି ଦେବଦେବୀଙ୍କ ଫଟୋଚିତ୍ର।

# ଦଶହରାରେ ଶସ୍ତ୍ର ପୂଜନ ଉତ୍ସବ



ବାଲେଶ୍ୱର 'ଶସ୍ତ୍ର ପୂଜନ ଉତ୍ସବ କମିଟି' ଆନୁକୂଲ୍ୟରେ ମାକଲପୁରସ୍ଥିତ ମହାବୀର ମନ୍ଦିର ସମ୍ମୁଖରେ ଶୁକ୍ରବାର ଶସ୍ତ୍ର ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପାରମ୍ପରିକ ଅସ୍ତ୍ର-ଶସ୍ତ୍ରକୁ ବିଧି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ ସାମରିକ କଳା ପ୍ରଦର୍ଶନ କରାଯାଇଥିଲା।

ଉତ୍ସବକୁ କର୍ଣ୍ଣେଲ ସରୋଜ ସାମନ୍ତରାୟ ଉଦ୍‌ଘାଟନ କରି ଆଜିର ସମାଜରେ ଶାସ୍ତ୍ର ଓ ଶସ୍ତ୍ରର ଆବଶ୍ୟକ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ମହାବୀର ଆଖଡ଼ାରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଆଖଡ଼ା ଦଳର ପ୍ରମୁଖଙ୍କୁ କମିଟି ତରଫରୁ ଉତ୍ତରୀୟ ଓ ଶ୍ରୀଫଳ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟି ସଭାପତି ସୁଧାରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବୀରେନ୍ଦ୍ର ଶର୍ମା ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଧାକର ପାଢ଼ୀ, ଗିରିଜା ଶଙ୍କର ଆଚାର୍ଯ୍ୟ, ଜଗବନ୍ଧୁ ପୃଷ୍ଟି, ଭାସ୍କର ପଣ୍ଡା, ରାମକୃଷ୍ଣ ବେହେରା, ଚିତ୍ତରଞ୍ଜନ ଦାସ, ରାଜେନ୍ଦ୍ର ରାଉତ, ରମାକାନ୍ତ କର, ଅନନ୍ତ କୁମାର ଦାସ, ପବିତ୍ର ମୋହନ ନାୟକ ଓ ନୀଳକଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**– ବାଞ୍ଛାନିଧି ଦେ,** ବାଲେଶ୍ୱର

# ନବମୀରେ ମୁଣ୍ଡ ଉପରେ ନିଆଁ ରଖି ଝୁଣା ଦାନ

ଦୁର୍ଗା ପୂଜା ଅବସରରେ ବିଭିନ୍ନ ସ୍ଥାନରେ ଭିନ୍ନ ପରମ୍ପରା ଦେଖିବାକୁ ମିଳିଥାଏ। ସେହିଭଳି ଏକ ନୂଆ ପରମ୍ପରା ଦେଖିବାକୁ ମିଳିଥାଏ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ପୂଜା ମଣ୍ଡପରେ। ଏ ସମ୍ପର୍କରେ ଗ୍ରାମର କାଳିଆ ନନ୍ଦି କହିଛନ୍ତି, ନୀଳକଣ୍ଠପୁର ପୂଜାମଣ୍ଡପରେ ଭିନ୍ନ ପରମ୍ପରା ଦେଖିବାକୁ ମିଳୁଥିବାବେଳେ ନବମୀ ତିଥିରେ ମାନସିକଧାରୀ ଭକ୍ତମାନେ ମୁଣ୍ଡ ଉପରେ ନିଆଁ ପଲମକୁ ରଖି ସେଥିରେ ଝୁଣା ଜାଳି ମା'ଙ୍କ ପାଦରେ ସମର୍ପଣ କରିଥାନ୍ତି। ଏଥିପାଇଁ ପୂଜାମଣ୍ଡପରେ ଭକ୍ତଙ୍କ ଗହଳି ଲାଗିଥାଏ। ଦୁର୍ଗାପୂଜାର ନବମୀ ତିଥିରେ ମା'ଙ୍କ ନିକଟରେ ଝୁଣା ପୋଡ଼ିଲେ ସାତ ଜନ୍ମର ପାପକ୍ଷୟ ହେବା ସହ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ବୋଲି ଭକ୍ତମାନଙ୍କର ବିଶ୍ୱାସ ରହିଛି। ସେଥିପାଇଁ ଏହି ଦିନରେ ଭକ୍ତମାନେ ନିର୍ଜଳା ବ୍ରତ ରଖି ସନ୍ଧ୍ୟାରେ ମା'ଙ୍କ ଛାମୁରେ ନିଜର ମାନସିକ ଜଣାଇ ଝୁଣା ପୋଡ଼ିଥାନ୍ତି। ଏଥିସହ ମା'ଙ୍କ ପାଦ ତଳେ ଓଦା କମ୍ବଳ ଘୋଡ଼େଇ ହୋଇ ଯୋଡ଼ ହସ୍ତରେ ବସି ମା'ଙ୍କୁ ଆରାଧନା କରିଥାନ୍ତି।

**– କଳ୍ପତରୁ ନାୟକ,** ପଟ୍ଟାମୁଣ୍ଡାଇ

































See Career Appointment on every Wednesday & Saturday

# ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମଜଭୁତ କରିପାରିଛି ସୂଚନା ଅଧିକାର ଆଇନ

**ଦେଶର** ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ ଓ ଉତ୍ତରଦାୟୀ କରିବା ଏବଂ ଜନସାଧାରଣଙ୍କୁ ସୂଚନା ପାଇବାର ଅଧିକାର ପ୍ରଦାନ ଲକ୍ଷ୍ୟ ନେଇ ୧୨ ଅକ୍ଟୋବର ୨୦୦୫ ମସିହାରୁ ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହୋଇ ଆସୁଅଛି। ଇତିମଧ୍ୟରେ ଆଇନ କାର୍ଯ୍ୟକାରିତା କ୍ଷେତ୍ରରେ ୧୯ ବର୍ଷ ଅତିକ୍ରାନ୍ତ ହୋଇଯାଇଛି। ସୂଚନା ଅଧିକାର ଆଇନ ତୃଣମୂଳ ସ୍ତରରେ ନାଗରିକମାନଙ୍କୁ ଯେତିକି ସଶକ୍ତ କରିଛି, ପ୍ରଶାସନରେ ମଧ୍ୟ ସେତିକି ଭୟ ଓ ସଂଶୟ ସୃଷ୍ଟି କରିଛି। ପ୍ରଶାସନରେ ସୂଚନା ଆଇନକୁ ଅକାମୀ କରିଦେବା ପାଇଁ ଯାବତୀୟ ଷଡ଼ଯନ୍ତ୍ର ଏବେ ବି ଅବ୍ୟାହତ ରହିଛି।

ସ୍ୱାଧୀନ ଭାରତବର୍ଷରେ ପ୍ରଶାସନିକ ବ୍ୟବସ୍ଥା ଓ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଅଜ୍ଞ ଥିବା ସାଧାରଣ ଜନତା ଏହି ଆଇନ ଦ୍ୱାରା ସରକାରୀ କାର୍ଯ୍ୟାଳୟରୁ ତଥ୍ୟ ହାସଲ କରିବା, ପ୍ରଶାସନକୁ ପ୍ରଶ୍ନ କରିବା, ପ୍ରଶାସନିକ ଅଧିକାରୀଙ୍କଠାରୁ ଉତ୍ତରଦାୟିତ୍ୱ ଦାବି କରିବା ଏବଂ ସରକାରୀ କାର୍ଯ୍ୟକୁ ମନିଟରିଙ୍ଗ କରିବାର କ୍ଷମତା ହାସଲ କରିଛନ୍ତି। ନାଗରିକମାନଙ୍କର ସମ୍ବିଧାନ ପ୍ରଦତ୍ତ ସାର୍ବଭୌମ କ୍ଷମତା ଏହି ଆଇନ ମାଧ୍ୟମରେ ପ୍ରତିଫଳିତ ହୋଇଛି । ସରକାରୀ ଯୋଜନାରେ ନିଜ ଅଧିକାର ହାସଲ ପାଇଁ ଏହି ଆଇନ ଜନସାଧାରଣଙ୍କ ହାତରେ ଏକ ଅମୋଘ ଅସ୍ତ୍ର ହୋଇଛି, ଏଥିରେ ସନ୍ଦେହ ନାହିଁ ।

ସୂଚନା ଅଧିକାର ଆଇନ ଯୋଗୁ ସରକାରୀ ଫାଇଲରେ ବର୍ଷ ବର୍ଷ ଧରି ଲୁଚି ରହିଥିବା ଅନେକ ତଥ୍ୟ ଲୋକଲୋଚନକୁ ଆସିପାରୁଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମୃତ୍ୟୁ ରହସ୍ୟର ତଦନ୍ତ ରିପୋର୍ଟ, ମହାତ୍ମା ଗାନ୍ଧୀଙ୍କୁ ଜାତିର ପିତା ସମ୍ବୋଧନ କରିବା ସମ୍ପର୍କିତ ଦସ୍ତାବିଜ, ୨୦୨୦ରେ ହେଲିକପ୍ଟରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ଗସ୍ତର ରହସ୍ୟ ଆଦି ଲୋକଲୋଚନକୁ ଆସିପାରିଛି। ଏହି ଆଇନ ଯୋଗୁ ଦେଶର ବଡ଼ ବଡ଼ ସ୍କାମ୍ ଯଥା ମହାରାଷ୍ଟ୍ରର ଆଦର୍ଶ ହାଉସିଂ ସ୍କାମ୍, କମନ୍‌ୱେଲ୍‌ଥ ଗେମ୍ ଦୁର୍ନୀତି, ସ୍ପେକ୍ଟ୍ରମ ଆବଣ୍ଟନରେ ଅନିୟମିତତା, ଓଡ଼ିଶାର ଭୁବନେଶ୍ୱର-କଟକରେ ଜମି ଦୁର୍ନୀତି, ଲଘୁ ଖଣିଜଦ୍ରବ୍ୟ ଯଥା ବାଲି, ମୋରମ, କଳାପଥର ବ୍ୟାପକ ଚୋରି, ବିଭିନ୍ନ ଯୋଜନାରେ ଅନେକ ହଜାର କୋଟି ଟଙ୍କା ଲୁଟ, କୋଭିଡ୍ ସମୟରେ ବେସରକାରୀ ହସ୍ପିଟାଲ ପ୍ରତି ଅହେତୁକ ଅନୁକମ୍ପା, କୋଭିଡ୍ ଯନ୍ତ୍ରପାତି କିଣାରେ ଦୁର୍ନୀତି, ଅଣଓଡ଼ିଆ ଠିକାଦାରମାନଙ୍କୁ ମେଗା ପାନୀୟଜଳ ପ୍ରକଳ୍ପ ମଞ୍ଜୁରୀ ଇତ୍ୟାଦି ପଦାକୁ ଆସିଛି।

ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହେବା ଦିନରୁ ହିଁ ଏହାର ପରିସରକୁ ସଂକୁଚିତ କରିବା ବା ଆଇନକୁ ଅକାମୀ ପାଇଁ ଯାବତୀୟ ପ୍ରଶାସନିକ ଷଡ଼ଯନ୍ତ୍ର ହୋଇଛି । ୨୦୦୫ରେ କେନ୍ଦ୍ର ସରକାରଙ୍କ ଡିଓପିଟି ( Department of Personnel & Training) ସୂଚନାର ସଂଜ୍ଞା ନିରୂପଣ କରି ଫାଇଲ ନୋଟିଙ୍ଗ ସୂଚନା ଆଇନର ପରିସରଭୁକ୍ତ ନୁହେଁ ବୋଲି ଦର୍ଶାଇ ୱେବ୍‌ସାଇଟରେ ସ୍ଥାନିତ କରିବାରୁ ବୁଦ୍ଧିଜୀବୀ ଓ ସୂଚନା ଅଧିକାର କର୍ମୀମାନେ ଆଇନରେ ଏପରି ବ୍ୟବସ୍ଥା ନ ଥିବା ଦର୍ଶାଇ ଜୋର୍‌ଦାର ବିରୋଧ କରିଥିଲେ। ତତ୍କାଳୀନ କେନ୍ଦ୍ରୀୟ ମୁଖ୍ୟ ସୂଚନା କମିଶନର ୱେବ୍‌ସାଇଟରୁ ତୁରନ୍ତ ହଟାଇବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସୂଚନା ଆଇନକୁ ବ୍ୟବହାର କରି ଅନେକ ବ୍ୟକ୍ତି ଆଜେବାଜେ, ଅଯଥା ଓ ବିଭ୍ରାନ୍ତିକର ତଥ୍ୟ ପାଇଁ ଆବେଦନ କରୁଥିବାର ଅଭିଯୋଗ ଆଣି କେନ୍ଦ୍ର ସରକାର ୨୦୦୯ରେ ସୂଚନା ଅଧିକାର ଆଇନକୁ ସଂଶୋଧନ କରି ଏପରି ଦରଖାସ୍ତଗୁଡ଼ିକୁ ବାଜ୍ୟାପ୍ତ କରିବା ପାଇଁ ପିଆଇଓଙ୍କୁ କ୍ଷମତା ଦେବାକୁ ବ୍ୟବସ୍ଥା କରିଥିଲେ। ବିଭିନ୍ନ ସିଭିଲ ସୋସାଇଟି ସଙ୍ଗଠନ ତରଫରୁ ଦେଶବ୍ୟାପୀ ଏହାକୁ ଜୋର୍‌ଦାର ବିରୋଧ ହେବାରୁ କେନ୍ଦ୍ର ସରକାର ଏହି ସଂଶୋଧନ ପ୍ରସ୍ତାବ ପ୍ରତ୍ୟାହାର କରିନେଇଥିଲେ। ୨୦୧୩ରେ କେନ୍ଦ୍ରୀୟ ସୂଚନା କମିଶନ ଏକ ଅପିଲର ଶୁଣାଣି କରି ରାଜନୈତିକ

## ନୀତି

**(ସୂଚନା ଅଧିକାର ଆଇନର ୧୯ ବର୍ଷ ପୂର୍ତ୍ତି ପାଳନ ଅବସରରେ)**

ଦଳଗୁଡ଼ିକ ସୂଚନା ଅଧିକାର ଆଇନ ପରିସରଭୁକ୍ତ ବୋଲି ନିଷ୍ପତ୍ତି ଶୁଣାଇବାରୁ ରାଜନୈତିକ ଦଳଗୁଡ଼ିକ ଏହାକୁ ତୀବ୍ର ବିରୋଧ କରିଥିଲେ। ଫଳରେ କେନ୍ଦ୍ର ସରକାର ରାଜନୈତିକ ଦଳଗୁଡ଼ିକୁ ସୂଚନା ଆଇନର ପରିସରରୁ ବାଦ୍ ଦେବା ପାଇଁ ସୂଚନା ଅଧିକାର ସଂଶୋଧନ ବିଲ୍ ୨୦୧୩ ଆଗତ କରିଥିଲେ। କିନ୍ତୁ ବିଭିନ୍ନ ସଂଗଠନ ତରଫରୁ ବିରୋଧ କରାଯିବାରୁ କେନ୍ଦ୍ର ସରକାର ଏହି ବିଲ୍‌କୁ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହୋଇଥିଲେ। ୨୦୧୯ରେ କେନ୍ଦ୍ର ସରକାର ସୂଚନା ଅଧିକାର ଆଇନର ଏକ ସଂଶୋଧନ ପ୍ରସ୍ତାବ ଆଣି ସୂଚନା କମିଶନମାନଙ୍କ ପଦବୀ, ଚାକିରି ସର୍ତ୍ତାବଳୀ, ଦରମା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପରିବର୍ତ୍ତନ ପାଇଁ ବ୍ୟବସ୍ଥା କରିଥିଲେ। ଏହି ସଂଶୋଧନ ପ୍ରସ୍ତାବକୁ ବିଭିନ୍ନ ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀମାନଙ୍କ ତରଫରୁ ବିରୋଧ କରାଯାଇଥିଲେ ମଧ୍ୟ କେନ୍ଦ୍ର ସରକାର ଏହି ବିଲ୍‌କୁ ସଂସଦରେ ପାସ୍ କରାଇଥିଲେ।

ଆମ ରାଜ୍ୟରେ ସୂଚନା ଅଧିକାର ଆଇନକୁ ଅକାମୀ କରିଦେବା ପାଇଁ ରାଜ୍ୟ ସରକାର ଆରମ୍ଭରୁ ଷଡ଼ଯନ୍ତ୍ର କରିଛନ୍ତି। ସେଥିପାଇଁ ସୂଚନା ଆଇନର ସ୍ୱବିରୋଧୀ ଓଡ଼ିଶା ନିୟମାବଳୀ ପ୍ରଣୟନ କଲେ। ଏହି ନିୟମାବଳୀର ଅନେକ ବେଆଇନ ବ୍ୟବସ୍ଥା ଯଥା ବାଧ୍ୟତାମୂଳକ ଆବେଦନ ଫର୍ମ ବ୍ୟବସ୍ଥା, ବାଧ୍ୟତାମୂଳକ ଅପିଲ ଫର୍ମ ଓ ଫିଜ୍ ବ୍ୟବସ୍ଥା, ବିପିଏଲ୍‌ମାନଙ୍କୁ ସୂଚନା ପାଇଁ ଫିଜ୍ ଆଦାୟ ବ୍ୟବସ୍ଥା (ହାଇକୋର୍ଟଙ୍କ ରାୟ ଯୋଗୁ ଏହା ବନ୍ଦ ହୋଇଛି), ଆବେଦନ ସମୟରେ ବାଧ୍ୟତାମୂଳକ ପରିଚୟ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା କରାଗଲା। ଏହି ବ୍ୟବସ୍ଥା ଏବେ ବି ବଳବତ୍ତର ରହିଛି। ଏହିଭଳି ବ୍ୟବସ୍ଥା ଅନ୍ୟ କୌଣସି ରାଜ୍ୟରେ ନାହିଁ ବା କେନ୍ଦ୍ରୀୟ ନିୟମାବଳୀରେ ମଧ୍ୟ ନାହିଁ । ସୂଚନା ପାଇଁ ଆବେଦନ କରିବା ଏବଂ ସୂଚନା ଗ୍ରହଣ ପ୍ରକ୍ରିୟାରେ ନାଗରିକମାନଙ୍କୁ ହଇରାଣ କରିବା ପାଇଁ ପୂର୍ବ ସରକାର ଏପରି ବ୍ୟବସ୍ଥା କରିଥିଲେ। ସେହିପରି ଗତ ୧୯ ବର୍ଷ ଭିତରେ ସୂଚନା କମିଶନ ପଦବୀରେ ନିଯୁକ୍ତି ପାଉଥିବା ବ୍ୟକ୍ତିବିଶେଷମାନଙ୍କର ଆଇନ ସମ୍ପର୍କରେ ଅଜ୍ଞତା ଓ ଅନଭିଜ୍ଞତା ଯୋଗୁ କେସ୍ ଶୁଣାଣିରେ ଅଯଥା ବିଳମ୍ବ ହେବା ପରିଲକ୍ଷିତ ହେଉଛି। ସାଧାରଣ ଲୋକମାନେ କମିଶନରୁ ବିଶେଷ ନ୍ୟାୟ ପାଇପାରୁନାହାନ୍ତି। ଓଡ଼ିଶା ସୂଚନା କମିଶନରେ ୨୦,୦୦୦ ମାମଲା ଫଇସଲା ପାଇଁ ପଡ଼ିରହିଛି। ୨୦୨୦ ମସିହା କେସ୍‌ଗୁଡ଼ିକର ଶୁଣାଣି ଏବେ ଆରମ୍ଭ ହୋଇଛି। ଏସବୁ ସତ୍ତ୍ୱେ କିଛି ସୂଚନା କମିଶନରଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା ଓ ବୁଦ୍ଧିମତ୍ତା ଯୋଗୁ ସୂଚନା ଆଇନ କ୍ରିୟାଶୀଳ ହୋଇଛି। ଓଡ଼ିଶା ସୂଚନା କମିଶନ ଅନେକ ଯୁଗାନ୍ତକାରୀ ରାୟ ଯଥା ବେସରକାରୀ ଅନୁଷ୍ଠାନ କିଟ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ, ଆପୋଲୋ ହସ୍ପିଟାଲ, ଡିଏଭି ସ୍କୁଲ ଇତ୍ୟାଦି ସୂଚନା ଆଇନର ପରିସରକୁ ଆଣିଛନ୍ତି। ଅବଶ୍ୟ କମିଶନଙ୍କ ଏହିସବୁ ନିଷ୍ପତ୍ତି ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି।

ସୂଚନା ଆଇନର ପ୍ରୟୋଗ ଅନେକ ସମୟରେ ଜାତୀୟ ବିତର୍କ ସୃଷ୍ଟି କରିଛି। ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କ କାର୍ଯ୍ୟାଳୟ ସୂଚନା ଆଇନର ପରିସରଭୁକ୍ତ ହେବା, ନିର୍ବାଚନୀ ବଣ୍ଡକୁ ଅସିଦ୍ଧ କରି କମ୍ପାନୀଗୁଡ଼ିକ ଦେଇଥିବା ନିର୍ବାଚନୀ ଚାନ୍ଦା ସମ୍ପର୍କିତ ତଥ୍ୟ ସର୍ବସାଧାରଣରେ ପ୍ରକାଶ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ, ସରକାରୀ ଆର୍ଥିକ ସହାୟତାରେ ପରିଚାଳିତ ବିଭିନ୍ନ ବେସରକାରୀ ଅନୁଷ୍ଠାନ କିପରି ସୂଚନା ଆଇନର ପରିସରଭୁକ୍ତ ହେବେ ସେଥିପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଇତ୍ୟାଦି ଥିଲା କିଛି ଉଲ୍ଲେଖନୀୟ ଘଟଣା। ପିଏମ୍ କେୟାର ଫଣ୍ଡ ଏବଂ ରାଜନୈତିକ ଦଳ ସୂଚନା ଆଇନ ପରିସରକୁ ଆସିବେ କି ନାହିଁ, ଏହାକୁ ନେଇ ଜାତୀୟ ବିତର୍କ ଏବେ ବି ଲାଗି ରହିଛି।

ସୂଚନା ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଇବା କ୍ଷେତ୍ରରେ ସରକାରଙ୍କ ଟାଳଟୁଳ ନୀତି, ଅମଲାମାନଙ୍କ ସମସ୍ତ ଷଡ଼ଯନ୍ତ୍ର ସତ୍ତ୍ୱେ ସୂଚନା ଆଇନର ଜୟଯାତ୍ରା ଚାଲିଛି।

**ପ୍ରଦୀପ ପ୍ରଧାନ**
**ରାଜ୍ୟ ଆବାହକ,**
**ଓଡ଼ିଶା ସୂଚନା ଅଧିକାର ଅଭିଯାନ**
**ମୋ-୯୯୩୭୮୪୩୪୮୨**

# ସରକାର ଗଠନ ପାଇଁ ଦାବି ଜଣାଇଲେ ଓମାର



ଏନ୍‌ସି ବିଧାୟକ ଦଳ ନେତା ଓମାର ଅବଦୁଲ୍ଲା ଶୁକ୍ରବାର ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଭେଟି ବିଧାୟକମାନଙ୍କ ସମର୍ଥନପତ୍ର ପ୍ରଦାନ କରୁଛନ୍ତି।

ଶ୍ରୀନଗର,୧୧।୧୦ (ପି.ଟି.)

ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ବିଧାୟକ ଦଳ ନେତା ଓମାର ଅବଦୁଲ୍ଲା ଶୁକ୍ରବାର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଭେଟି ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ଏନ୍‌ସି-କଂଗ୍ରେସ ମେଣ୍ଟ ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ସିହ୍ନାଙ୍କୁ ଭେଟିବା ଅବସରରେ ଓମାର ସହଯୋଗୀ ଦଳର ସମର୍ଥନ ପତ୍ର ପ୍ରଦାନ କରିଥିଲେ। ୯୦ ଆସନ ବିଶିଷ୍ଟ ଜମ୍ମୁ-କଶ୍ମୀର ବିଧାନସଭାରେ ଏନ୍‌ସି ୪୨ ଆସନ ଜିତିଥିବାବେଳେ କଂଗ୍ରେସ ୬ ଆସନରେ ବିଜୟୀ ହୋଇଥିଲା। ଏଥିସହିତ ୪ ଜଣ ସ୍ୱାଧୀନ ବିଧାୟକ ଏବଂ ଆପ୍‌ର ଜଣେ ବିଧାୟକ ଏନ୍‌ସିକୁ ସମର୍ଥନ ଜଣାଇଛନ୍ତି। ଗୁରୁବାର ଓମାରଙ୍କୁ ସର୍ବସମ୍ମତିକ୍ରମେ ଏନ୍‌ସି ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଥିଲା।

# କଶ୍ମୀରରେ ଏନ୍‌ସିକୁ ଆପ୍‌ର ସମର୍ଥନ

**ନୂଆଦିଲ୍ଲୀ,୧୧।୧୦**

ଜମ୍ମୁ-କଶ୍ମୀରରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ସରକାର ଗଢ଼ିବାକୁ ଯାଉଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏହାକୁ ସମର୍ଥନ ଜଣାଇବ ବୋଲି କହିଛି। ଡୋଡାର ନିର୍ବାଚିତ ହୋଇଥିବା ଆପ୍‌ର ଏକମାତ୍ର ବିଧାୟକ ମେହରାଜ ମଲିକ୍ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ସମର୍ଥନ ପତ୍ର ଦେଇଛନ୍ତି। ଆପ୍ ଏନ୍‌ସିକୁ ସମର୍ଥନ ଜଣାଇଛି, କଂଗ୍ରେସ ସହ ଏହାର ମେଣ୍ଟକୁ ନୁହେଁ ବୋଲି ପତ୍ରରେ ଉଲ୍ଲେଖ ରହିଛି। ଗୁରୁବାର ୪ ସ୍ୱାଧୀନ ବିଧାୟକ ଏନ୍‌ସିକୁ ସମର୍ଥନ ଜଣାଇବା ପରେ ୯୦ ଆସନ ବିଶିଷ୍ଟ ବିଧାନସଭାରେ ଓମାର ଅବଦୁଲ୍ଲାଙ୍କ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା।

# ମୋହନ-ନବୀନଙ୍କ ପୂଜାମଣ୍ଡପ ବୁଲାକୁ ନେଇ ରାଜନୀତି

- ନବୀନବାବୁଙ୍କ କ୍ରେଜ୍ ଏବେ ବି କମିନି: ସୁଲୋଚନା
- କାହାର କେତେ କ୍ରେଜ୍ ୨୦୨୪ ନିର୍ବାଚନରେ ଜଣାପଡ଼ିଯାଇଛି: ପୃଥ୍ୱୀରାଜ

ଭୁବନେଶ୍ୱର, ୧୧।୧୦
(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ରାଜଧାନୀର ବିଭିନ୍ନ ପୂଜାମଣ୍ଡପ ବୁଲିଛନ୍ତି। ଏହାପରେ ଭାଜପା ଓ ବିଜେଡି ମଧ୍ୟରେ ରାଜନୈତିକ ଲଢ଼େଇ ଆରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପୂଜାମଣ୍ଡପ ବୁଲାକୁ ନେଇ ମେୟର ସୁଲୋଚନା ଦାସ କହିଛନ୍ତି, ପୂଜାରେ



ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁକ୍ରବାର ଭୁବନେଶ୍ୱରରେ ଏକ ପୂଜାମଣ୍ଡପ ବୁଲି ଦେଖୁଛନ୍ତି ।

ବୁଲିବାରେ କିଛି ଅସୁବିଧା ନାହିଁ। ହେଲେ ଏବେ ମଧ୍ୟ ଜନମାନସର ନେତା ହେଉଛନ୍ତି ନବୀନ। ଏବେ ବି ନବୀନବାବୁଙ୍କ କ୍ରେଜ୍ କମିନାହିଁ ବୋଲି ସୁଲୋଚନା କହିଛନ୍ତି। ଏହାର କଡ଼ା ପ୍ରତିକ୍ରିୟା ରଖି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କାହାର କେତେ କ୍ରେଜ୍ ରହିଛି, ତାହା ୨୦୨୪ ସାଧାରଣ ନିର୍ବାଚନରେ ଜଣାପଡ଼ିଯାଇଛି। ଯିଏ ୨୪ ବର୍ଷ ଧରି ବୁଲୁ ନ ଥିଲେ, ସେ ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ମଣ୍ଡପ ବୁଲୁଥିବା ଶୁଣି ବୁଲୁଛନ୍ତି। ଯିଏ ରାବଣପୋଡ଼ି ଯାଇ ନ ଥିଲେ, ସେ ଏବେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା କରି ବୁଲୁଛନ୍ତି। କାହାର କେତେ କ୍ରେଜ୍ ରହିଛି, ତାହା ୨୦୨୪ ନିର୍ବାଚନ ଫଳାଫଳ ପରେ ଜଣାପଡ଼ିଯାଇଛି ବୋଲି ପୃଥ୍ୱୀରାଜ କହିଛନ୍ତି। ସେପଟେ ନବୀନ ପ୍ରଥମେ ରସୁଲଗଡ଼ ପୂଜାମଣ୍ଡପ ବୁଲିବା ସହ ମାଆଙ୍କ ଆଶିଷ ନେଇଛନ୍ତି। ଏହାପରେ ଶହୀଦନଗର ଏବଂ ପରେ ବଡ଼ଗଡ଼ ପୂଜାମଣ୍ଡପ ଯାଇ ମାଆଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ସେ ସମସ୍ତଙ୍କୁ ଦଶହରାର ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରଭାତୀଙ୍କ ଫଟୋରେ କାଳି ବୋଳିଲେ

ନିମାପଡ଼ା,୧୧।୧୦(ରଞ୍ଜନ ପଟ୍ଟନାୟକ)

ଦୁର୍ଗାପୂଜା ଅବସରରେ ନିମାପଡ଼ା ନିର୍ବାଚନମଣ୍ଡଳୀର କେତେକ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କ ଅଭିନନ୍ଦନ ତୋରଣ ଓ ଫ୍ଲେକ୍ସ ଛାଇହୋଇଯାଇଛି। ତେବେ ୨୧ ନମ୍ବର ଜୋନରେ ଲାଗିଥିବା ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ାର ଭାଜପା ବିଧାୟିକା ପ୍ରଭାତୀ ପରିଡ଼ାଙ୍କ ଅଭିନନ୍ଦନ ଫ୍ଲେକ୍ସରେ କଳା ବୋଳାଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ କହିଛନ୍ତି, ଏହି ଘଟଣା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରି ସମଗ୍ର ପୁରୀ ଜିଲ୍ଲାକୁ ଗୌରବାନ୍ୱିତ କରୁଥିବାବେଳେ ତାଙ୍କ ଫ୍ଲେକ୍ସରେ କାଳି ବୋଳା ଘଟଣା ନିନ୍ଦନୀୟ । ତେବେ ଏ ସମ୍ପର୍କରେ ପ୍ରଭାତୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ସମ୍ବିତ-ପ୍ରକାଶ ଦୋଷ ଲଦାଲଦି

**ଭୁବନେଶ୍ୱର,୧୧।୧୦(ଅନିଲ ଦାସ**

ଗତ ସାଧାରଣ ନିର୍ବାଚନରେ ପରାଜୟ ପରେ ବିଜେଡି ନେତାମାନେ ବିଭିନ୍ନ ସମୟରେ ପରସ୍ପର ଉପରେ ଦୋଷ ଲଦାଲଦିରେ ମାତିଛନ୍ତି। ପରାଜୟର ସମୀକ୍ଷା ବୈଠକ ହେଉ କିମ୍ବା ବ୍ୟକ୍ତିଗତ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିବାକୁ ପସନ୍ଦ କରୁଛନ୍ତି। ଏହି କ୍ରମରେ ପୂର୍ବତନ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଗୁରୁବାର ବିଜେଡି ଛାଡିଥିବା ପ୍ରକାଶ ବେହେରାଙ୍କୁ ନେଇ ଦେଇଥିବା ମନ୍ତବ୍ୟ ଦଳୀୟ ରାଜନୀତିକୁ ସରଗରମ କରିଛି। ପ୍ରକାଶ ଦଳ ଛାଡ଼ିବା ପ୍ରସଙ୍ଗରେ ଶୁକ୍ରବାର ସମ୍ବିତ କହିଛନ୍ତି,ପ୍ରକାଶ କେବେ ବିଜେଡିରେ ନ ଥିଲେ। ସେ କଂଗ୍ରେସରୁ ଭାଜପାରେ ଯୋଗ ଦେଇଥିଲେ। ପୁଣି ଭାଜପା ଛାଡି ବିଜେଡିକୁ ଆସିଥିଲେ। ତାଙ୍କୁ ଦଳ ସମ୍ମାନଜନକ ବାରବାଟୀ କଟକରୁ ପ୍ରାର୍ଥୀ କରିଥିଲା। ସେତେବେଳେ ଆମର କିଛିଟା ଭୁଲ୍ ଲୋକ, ଭୁଲ୍ ନିଷ୍ପତ୍ତି ନେଇଥିଲେ। ସେବେର ପରିସ୍ଥିତି ଦେଖି ଶୀର୍ଷ ନେତୃତ୍ୱ ସେଭଳି ନିଷ୍ପତ୍ତି ନେଇଥିବେ। କିନ୍ତୁ ସେ ନିଷ୍ପତ୍ତି ଲୋକଙ୍କ ଆଖିକୁ ଓ ଆମ ଆଖିକୁ ଠିକ୍ ଲାଗୁ ନ ଥିଲା। ବିପର୍ଯ୍ୟୟ ବେଳେ ଭୀରୁମାନେ ହିଁ ଡଙ୍ଗାରୁ ଡେଇଁପଡ଼ନ୍ତି ବୋଲି ସେ କହିଛନ୍ତି । ସମ୍ବିତଙ୍କ ଅଭିଯୋଗର ଜବାବ ଦେଇଛନ୍ତି ପ୍ରକାଶ । ସେ କହିଛନ୍ତି, ସମ୍ବିତ ଦଳରେ ଜଣେ ଅଲୋଡ଼ା ବ୍ୟକ୍ତି। ପ୍ରଥମେ ନିଜ ନିର୍ବାଚନ ମଣ୍ଡଳୀ ଓ ନିଜ ଦଳ ସ୍ଥିତି କ'ଣ ଦେଖନ୍ତୁ। ସମ୍ବିତ ଏଭଳି ବାଚଳାମୀ ନ କରି ତାଙ୍କ ହାଇକମାଣ୍ଡଙ୍କୁ ପଚାରନ୍ତୁ ବୋଲି ପ୍ରକାଶ କହିଛନ୍ତି।

# ପରିବାର ସହମତିରେ ନରେଶଙ୍କ ୫ ଅଙ୍ଗଦାନ

ପାରଳାଖେମୁଣ୍ଡି,୧୧।୧୦(ଗିରିଧାରୀ ପରିଛା)

**ଗଜପତି ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର**

କାମ କରୁଥିବା ବେଳେ ଅସୁସ୍ଥ ହୋଇପଡି ପାରଳାଖେମୁଣ୍ଡି ତେଲିଗୌଡ଼ ସାହିର ନରେଶ ପଟ୍ଟନାୟକ(୩୨)ଙ୍କ ପରଲୋକ ହୋଇଛି। ତେବେ ନିଜ ଅଙ୍ଗଦାନ କରି ସମସ୍ତଙ୍କ ପାଇଁ ସେ ସ୍ମରଣୀୟ ହୋଇଯାଇଛନ୍ତି। ସହରର ଏକ ମୋବାଇଲ ଦୋକାନରେ କାମ କରୁଥିବା ନରେଶ ସବୁଦିନ ପରି ଗୁରୁବାର ଦୋକାନକୁ ଯାଇଥିଲେ। ସେଠାରେ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଦୋକାନ ମାଲିକ ଓ ସେଠାରେ ଥିବା ତାଙ୍କ ସାଙ୍ଗସାଥୀ ପ୍ରଥମେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ଆନ୍ଧ୍ରର ଶ୍ରୀକାକୁଲମ କିମ୍‌ସ ହସ୍ପିଟାଲ ନିଆଯାଇଥିଲା। ସେଠାରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ବ୍ରେନ ଷ୍ଟ୍ରୋକ ହୋଇଥିବା ଚିକିତ୍ସା କରୁଥିବା ଡାକ୍ତର କହିଥିଲେ। ନରେଶଙ୍କ ବଞ୍ଚିବାର ଆଶା ନ ଥିବାରୁ ତାଙ୍କ ମାଆ କୋଠର ନିଷ୍ପତ୍ତି ନେଇ ପୁଅର ଅଙ୍ଗଦାନ ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏନେଇ ଆବଶ୍ୟକ କାଗଜପତ୍ରରେ ତାଙ୍କ ମା' ଅନୁମତି ଦେବା ପରେ ତାଙ୍କ ଶରୀରର ୨ଟି ଆଖି, ୨ଟି କିଡ୍‌ନି ଓ ଗୋଟିଏ ଲିଭର ଅଙ୍ଗ ଡାକ୍ତର ସେଠାରେ ଚିକିତ୍ସାଧୀନ ଅନ୍ୟ ୫ଜଣ ରୋଗୀଙ୍କ ଦେହରେ



ନରେଶ ପଟ୍ଟନାୟକ

ଲଗାଇଥିଲେ। ନରେଶଙ୍କ ପରିବାରର ଏହି ମହତ ଅବଦାନ ପାଇଁ ଗଜପତିର ପ୍ରଥମ ଅଙ୍ଗଦାତା ଭାବେ ପ୍ରଶାସନ ପକ୍ଷରୁ ନରେଶଙ୍କୁ ଗଜପତି ପୋଲିସ ପକ୍ଷରୁ ସଲାମୀ ଦେଇ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ନରେଶଙ୍କ ପରିବାର ଓ ସାଙ୍ଗସାଥୀ ଏଥିପାଇଁ ଗର୍ବ ଅନୁଭବ କରିଛନ୍ତି। ସାହି ପଡିଶା ଓ ନିଜ ପରିଚିତ ଲୋକେ କେହି କୌଣସି ଅସୁବିଧାରେ ଥିଲେ ନରେଶ ସବୁବେଳେ ସହାୟତାର ହାତ ବଢାନ୍ତି। ଆଜି ମୃତ୍ୟୁ ପରେ ମଧ୍ୟ ଅନ୍ୟକୁ ଅଙ୍ଗଦାନ କରି ଯେମିତି ନରେଶ ଅମର ହୋଇଯାଇଛନ୍ତି। ନରେଶଙ୍କ ଏହି ଅଙ୍ଗଦାନ ସମାଜକୁ ଏକ ନୂତନ ବାର୍ତ୍ତା ଦେଇଛି ବୋଲି ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜି କହିଛନ୍ତି।

## ଅନ୍ୟାନ୍ୟ ଖବର

# ମାନସିକଧାରୀଙ୍କ ଆଗରେ ହାର୍ ମାନିଲା ପ୍ରଶାସନ

ଭବାନୀପାଟଣା,୧୧।୧୦
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତରଯାତ୍ରା ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମା'ଙ୍କ ଛତରକୁ ଦର୍ଶନକରି ଭକ୍ତମାନେ ଆନନ୍ଦଲାଭ କରିଥିଲେ। ଅନେକ ରାଜ୍ୟରେ ବଳିପ୍ରଥା ଏକପ୍ରକାର ବନ୍ଦ ହୋଇଥିବା ବେଳେ ଏହି ଯାତ୍ରାରେ ମା'ଙ୍କ ଛତର ସାମ୍ନାରେ ପ୍ରଶାସନ ଉପସ୍ଥିତିରେ ଅନେକ ହଜାର ପଶୁ, ପକ୍ଷୀ ବଳି ଦିଆଯାଇଛି। ଏତେ ସଂଖ୍ୟାରେ ପଶୁବଳି ଯୋଗୁ ରକ୍ତରଞ୍ଜିତ ହୋଇଥିଲା ଭବାନୀପାଟଣା ସହରର ମୁଖ୍ୟ ରାସ୍ତା। ଭକ୍ତଙ୍କ ମାନସିକ ଆଗରେ ସତେ ଯେପରି ହାର୍ ମାନିଥିଲା ପ୍ରଶାସନ।

ଶାକ୍ତଭୂମି କଳାହାଣ୍ଡିରେ ଦଶହରା କହିଲେ ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତରଯାତ୍ରାକୁ ବୁଝାଏ। କଳାହାଣ୍ଡିର ମୂଳ ଅଧିବାସୀ ଏହି ଶକ୍ତିର ଉପାସକ। ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ଦିନ ଭବାନୀପାଟଣା ରାଜପ୍ରାସାଦରେ ଥିବା ମାଣିକେଶ୍ୱରୀଙ୍କ ପୀଠରେ ମୁଣ୍ଡବସାଠାରୁ ଆରମ୍ଭକରି ମହାଷ୍ଟମୀ ପର୍ଯ୍ୟନ୍ତ ମା'ଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ଶୁକ୍ରବାର ପ୍ରତ୍ୟୁଷରେ ଜେନାଖାଲରେ ପାରମ୍ପରିକ ରୀତିନୀତି ଅନୁସାରେ ମା'ଙ୍କ ଗୁପ୍ତପୂଜା ସମ୍ପନ୍ନ ହୋଇଥିଲା। ପରେ ପୂଜକ ଓ ବାହୁକମାନେ ଭୋର ୫ଟା ୪୦ରେ ମା'ଙ୍କ ବିଜୟ ପ୍ରତିମା ଛତରକୁ ଧରି ମନ୍ଦିର ଅଭିମୁଖେ ବାହାରିଥିଲେ। ଏହିଅବସରରେ ଜେନାଖାଲରୁ ମା'ଙ୍କ ମନ୍ଦିର ପର୍ଯ୍ୟନ୍ତ ୩ କି.ମି. ଦୀର୍ଘ ରାସ୍ତାରେ ଲକ୍ଷାଧିକ ଭକ୍ତ ମା'ଙ୍କୁ ଦର୍ଶନ କରିଥିଲେ। ମାନସିକଧାରୀ ପଶୁପକ୍ଷୀ ବଳି ଦେଇଥିବାବେଳେ ଆଉ କେତେଜଣ ଭକ୍ତ ଧୂପ, ଦୀପ, ନଡ଼ିଆ ଭାଙ୍ଗି ମା'ଙ୍କୁ ସ୍ୱାଗତ କରିଥିଲେ। ମା'ଙ୍କ ଛତରଯାତ୍ରାରେ ୩୫ଟି ସାଂସ୍କୃତିକ ଦଳ, ଘଣ୍ଟ ଦଳ, ଘୁମୁରା ଦଳ, ସ୍ଥାନୀୟ କଳାକାର ନିଜର କଳା ପରିବେଷଣ କରିଥିଲେ। ଘଣ୍ଟ, ଢୋଲ ନିଶାନରେ ଦୁଲୁକିଉଠିଥିଲା ଭବାନୀପାଟଣା ସହର। ଚାରିଆଡ଼େ ରହିଥିଲା ଆଧ୍ୟାତ୍ମିକ ପରିବେଶ। ମଧ୍ୟାହ୍ନ ୧୨ଟାରେ ମା'ଙ୍କ ଛତର ମାଣିକେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲା। ଏହି ସମୟରେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ଉପସ୍ଥିତ ରହି ମା'ଙ୍କ ଛତରକୁ ମନ୍ଦିରକୁ ପାଛୋଟି ନେଇଥିଲେ। ଛତରଯାତ୍ରା ଦର୍ଶନ ପାଇଁ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ତଥା କଳାହାଣ୍ଡି ଜିଲା ଓ ଜିଲା ବାହାରର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଅନ୍ୟପଟେ ଶାନ୍ତିର ପ୍ରତୀକ କପୋତକୁ ମଧ୍ୟ ଯାତ୍ରା ସମୟରେ ଭକ୍ତମାନେ ଉଡ଼ାଇଥିବା ଦେଖିବାକୁ ମିଳିଥିଲା।

ଶାନ୍ତିଶୃଙ୍ଖଳା ରକ୍ଷା ସହ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ୧୧ ପ୍ଲାଟୁନ ପୋଲିସ ସମେତ ଜଣେ ଅତିରିକ୍ତ ଏସ୍‌ପି, ୯ ଡିଏସ୍‌ପି, ୧୮ ଇନ୍ସପେକ୍ଟର, ୩୬ ସବ୍‌ଇନ୍ସପେକ୍ଟର, ୪୮ ଏଏସ୍‌ଆଇ, ୪୬ କନ୍‌ଷ୍ଟେବଲ, ୧୦୦ ହୋମଗାର୍ଡ ନିୟୋଜିତ ଥିଲେ। ସହର ଚାରିପଟେ ଅର୍ଥାତ୍ ଜୁନାଗଡ଼, ଥୁଆମୂଳ ରାମପୁର, କେସିଙ୍ଗା ଓ ନର୍ଲା ଆଦି ମୁଖ୍ୟ ରାସ୍ତାରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ଛତରଯାତ୍ରା ପାଇଁ ସହରର ଜେନାଖାଲ, ଭାଗୀରଥି ହୋଟେଲ ଓ ମାଣିକେଶ୍ୱରୀ ମନ୍ଦିର ଆଦି ସ୍ଥାନରେ ପୋଲିସ କଣ୍ଟ୍ରୋଲ ରୁମ୍ ସହ ସିସିଟିଭି ବ୍ୟବସ୍ଥା କରାଯାଇଥିଲା। କଳାହାଣ୍ଡି ଏସ୍‌ପି ଅଭିଲାଷ ଜି,



ମନ୍ଦିର ଅଭିମୁଖେ ମା'ଙ୍କ ବିଜୟ ପ୍ରତିମା ଛତର।

ଭବାନୀପାଟଣା ସଦର ଏସ୍‌ଡିପିଓ ସୁନାରାମ ହେମ୍ବ୍ରମ ଓ ଧର୍ମଗଡ଼ ଏସ୍‌ଡିପିଓ ମନୋଜ ବେହେରା ସୁରକ୍ଷା ଦାୟିତ୍ୱ ତଦାରଖ କରିଥିଲେ। ଯାତ୍ରା ଆରମ୍ଭରୁ ଶେଷ ଯାଏ ଭକ୍ତଙ୍କ ଗତିବିଧି ଉପରେ ନଜର ରଖିଥିଲା ସିସିଟିଭି। ପ୍ରଶାସନ ପକ୍ଷରୁ ଜିଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ତ୍ରିଲୋଚନ ପାତ୍ର, କଳାହାଣ୍ଡି ତହସିଲଦାର ଶୁଭସ୍ମିତା ମିଶ୍ର, ପୌରପାଳିକା ନିର୍ବାହୀ ଅଧିକାରୀ ସତ୍ୟ ସମ୍ପୂର୍ଣ୍ଣା ରାଉତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଉପସ୍ଥିତ ରହି ନିଜ ଦାୟିତ୍ୱ ତୁଲାଇଥିଲେ ।

# ନକଲି ପୋଲିସଙ୍କୁ ବାନ୍ଧିଲା ଅସଲି



ପୋଲିସ ସହ ଗିରଫ ଅଭିଯୁକ୍ତ।

ସୁନାବେଡ଼ା/ସେମିଳିଗୁଡ଼ା, ୧୧।୧୦ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ପୋଲିସ ବେଶରେ ଲୋକଙ୍କୁଠାରୁ ଟଙ୍କା ଆଦାୟ କରୁଥିବା ୩ଜଣ ଯୁବକଙ୍କୁ ସେମିଳିଗୁଡ଼ା ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସେମିଳିଗୁଡ଼ା ଥାନା ଅଧୀନ ଆମ୍ବେଦକର ନଗରର ରାମ କୁଲଦୀପ (୩୫), ପଟ୍ଟାଙ୍ଗି ଥାନା ପୁରିଆଖୁଡ଼ି ଗାଁର ମଣ୍ଟୁ ପୁରିଆ (୨୪) ଓ ନନ୍ଦପୁର ଥାନା ମଙ୍ଗଳିଗୁଡ଼ା ଗାଁର ଅନୀଲ ଖିଲ (୨୦)।

ସୂଚନାନୁଯାୟୀ, ଗୁରୁବାର ମଧ୍ୟାହ୍ନ ପ୍ରାୟ ୧ଟାରେ ସେମିଳିଗୁଡ଼ା ଥାନା ପିଟାଗୁଡ଼ା ବ୍ରିଜ୍ ଉପରେ ଅଭିଯୁକ୍ତ ରାମ, ମଣ୍ଟୁ ଓ ଅନୀଲ ପୋଲିସ ବେଶରେ ଏକାଧିକ ଲୋକଙ୍କୁ ଧମକଚମକ ଦେଇ ଲୁଟ୍ କରୁଥିଲେ। ଏ ବିଷୟରେ ଖବର ପାଇ ସେମିଳିଗୁଡ଼ା ଥାନା ଏଏସ୍ଆଇ ବି.ଡି.ଏଚ୍. ମାଝି ଓ ତାଙ୍କ ଟିମ୍ ପହଞ୍ଚି ସେମାନଙ୍କୁ ଗିରଫକରି ଥାନାକୁ ଆଣିଥିଲେ। ସେମାନେ ବ୍ୟବହାର କରୁଥିବା ବାଇକ୍ (ଓଡି-୧୦ଟି-୫୫୦୧) ଓ (ଓଡି-୧୦ଡବ୍ଲ୍ୟୁ-୫୧୪୧) ସହ ୨ଟି ମୋବାଇଲ ଫୋନ, ୬୯୦ ଟଙ୍କା ଜବତ କରିଛି। ଏ ସଂକ୍ରାନ୍ତରେ ୧୨୧/୨୪ ନମ୍ବରରେ ମାମଲା ରୁଜୁକରି ଏସ୍ଆଇ ବିଜୟ ମାଝି ତଦନ୍ତ କରୁଛନ୍ତି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଲୁଟ୍ ଘଟଣାରେ ୩ ଗିରଫ

ସୁନାବେଡ଼ା/ସେମିଳିଗୁଡ଼ା, ୧୧।୧୦ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଏକ ଲୁଟ୍ ଘଟଣାରେ ସେମିଳିଗୁଡ଼ା ପୋଲିସ ୩ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସେମିଳିଗୁଡ଼ା ଆମ୍ବେଦକର ନଗରର ସଞ୍ଜୀବ ଟାକ୍ରି(୨୩), ଯତୀନ୍ ନାୟକ (୧୯) ଓ ରମାନ ଖରା (୨୮)। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣ ଫେରାର ଅଛନ୍ତି। ସୂଚନାନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୨ଟାରେ ଆନ୍ଧ୍ର ପ୍ରଦେଶ ମନପୁରମ୍‌ର ଡି.ସୂର୍ଯ୍ୟନାରାୟଣ (୪୫) କୋଟପାଡ଼ରୁ ଏକ ପିକ୍ଅପ୍ ଭ୍ୟାନ୍ (ଏପି-୩୫ଟିବି-୩୪୭୮)ରେ ୬ଟି ବଳଦ ନେଇ ଘରକୁ ଯାଉଥିଲେ। ଏହି ସମୟରେ ଦୁଇଟି ବାଇକ୍‌ରେ ୬ ଜଣ ଯୁବକ ଆସି ସୂର୍ଯ୍ୟନାରାୟଣଙ୍କୁ ସେମିଳିଗୁଡ଼ା ୱିଡା ଅଫିସ ନିକଟରେ ଅଟକାଇଥିଲେ। ସେଠାରୁ ତାଙ୍କୁ ନେଇ ପାକଖୋଲା ନିକଟରେ ଏକ ଅର୍ଦ୍ଧନିର୍ମିତ ଘରେ ବାନ୍ଧିଦେଇ ବଳଦ ସହ ଗାଡ଼ିଟିକୁ ଅପହରଣକରି ନେଇଥିଲେ। କିଛି ସମୟ ଉକ୍ତ ପିକ୍ଅପ୍ ସହ ସୂର୍ଯ୍ୟନାରାୟଣଙ୍କୁ ପଟ୍ଟାଙ୍ଗି ଅଞ୍ଚଳରେ ଛାଡ଼ି ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ସୂର୍ଯ୍ୟନାରାୟଣ ଗୁରୁବାର ସେମିଳିଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୧୮/୨୪ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ଲୁଟେରାମାନେ ବ୍ୟବହାର କରିଥିବା ଏକ ବୁଲେଟ (ଓଡି-୧୦ଭି-୮୫୩୯) ନମ୍ବରରୁ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ପୋଲିସ ଅନ୍ୟ ଏକ ଗାଡ଼ି, ବଳଦ ଏବଂ ଲୁଟ୍‌ରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୋଜୁଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଗାଡ଼ି ନେଇଗଲେ ମଦ୍ୟପ

ଭୁବନେଶ୍ୱର, ୧୧।୧୦ (ସୂର୍ଯ୍ୟକାନ୍ତ ବେହେରା)

ଗାଡି ଚୋରି କରିବାବେଳେ ରାସ୍ତା ଉପରେ ନିଶାସକ୍ତ ଅବସ୍ଥାରେ ବାରମ୍ବାର ପଡୁଥିଲେ। ଗାଡି ଉପରେ ବସିବାକୁ ମଧ୍ୟ ସକ୍ଷମ ହୋଇପାରୁ ନ ଥିଲେ। ଶେଷରେ ବହୁକଷ୍ଟରେ ଗାଡି ଚୋରିକରି ଛୁ ମାରିଛନ୍ତି ମଦ୍ୟପ ଚୋର। ଖଣ୍ଡଗିରି ଥାନା ଅନ୍ତର୍ଗତ ଧର୍ମବିହାର ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ପୂରା ଘଟଣାର ଚିତ୍ର ସିସିଟିଭି ଫୁଟେଜରେ କଏଦ ହୋଇଛି। ଏନେଇ ଗାଡ଼ି ମାଲିକ ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୁଙ୍ଗା ଯାହା ସପନ ଦେଖେ,**
**ମନର କଥା ମନରେ ରଖେ।**

ମୂକ ବ୍ୟକ୍ତି ମନର କଥାକୁ କାହା ଆଗରେ ବର୍ଣ୍ଣନା କରିପାରି ନ ଥାନ୍ତି। ଦେଖିଥିବା ସ୍ୱପ୍ନ ଭଳି ଆଖିଦେଖା କଥାକୁ ଅନ୍ୟ ଆଗରେ ବ୍ୟକ୍ତ କରିବାରେ ଅସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗଡ଼ି ଗଡ଼ି ଗଲା ବେଲ,**
**ଉଚ ପିଣ୍ଡା ଦେଖି ଶରଧା କଲ,**
**ଜଳନ୍ତା ଚୁଲିରେ ଦେଲ।**

ସାଧାରଣତଃ ପିତାମାତା ତାଙ୍କ ଝିଅର ସୁଖଦ ଭବିଷ୍ୟତକୁ ଦୃଷ୍ଟିରେ ରଖି ଭଲ ଘରେ ବିଭା ଦେବା ଲାଗି ମନ ବଳାଇଥାନ୍ତି। ପରନ୍ତୁ କିଛି ଯୌତୁକଲୋଭୀ ପରିବାର ଆହୁରି ଅଧିକ ପାଇବା ଆଶାରେ କନ୍ୟା ଉପରେ ଅତ୍ୟାଚାର କରିବସୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରି ଏକ ବଡ଼ଘରେ ବିଭା ହୋଇଥିବା ଝିଅର ଦୁଃଖ ଦୁର୍ଦ୍ଦଶା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନାବାଳିକାଙ୍କୁ ଉଦ୍ଧାରବେଳେ ପୋଲିସଙ୍କୁ ଆକ୍ରମଣ

■ ୬ କର୍ମଚାରୀ ଆହତ
■ ଆକ୍ରମଣକାରୀ ଫେରାର

ଚଣ୍ଡିଖୋଲ, ୧୧।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଚଣା ଗ୍ରାମକୁ ପୁରୀ ଜିଲା ଡେଲାଙ୍ଗ ଥାନା ପୋଲିସ ଜଣେ ନାବାଳିକାଙ୍କୁ ଉଦ୍ଧାର କରିବାକୁ ଆସି ଆକ୍ରମଣର ଶିକାର ହୋଇଛି। ଏଥିରେ ୬ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଏନେଇ ଡେଲାଙ୍ଗ ଥାନା ଏସ୍ଆଇ ରଶ୍ମିରଞ୍ଜନ ପୃଷ୍ଟି ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୫୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ସଦା ନଙ୍ଗଳୀ ଗ୍ରାମର ଜଣେ ନାବାଳିକା ଅପହୃତ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପରେ ନାବାଳିକା ପରିବାର ଲୋକଙ୍କୁ ଫୋନ କରି ୫ ଲକ୍ଷ ଟଙ୍କା ଅପହରଣକାରୀ ମାଗିଥିବା ନେଇ କାନ୍ଦିକାନ୍ଦି କହିଥିଲେ। ଏନେଇ ପୁନର୍ବାର ପରିବାର ଲୋକେ ଥାନାରେ ଜଣାଇବା ପରେ ଡେଲାଙ୍ଗ ପୋଲିସ ସମ୍ପୃକ୍ତ ମୋବାଇଲ ଫୋନକୁ ଟ୍ରାକ୍ କରିଥିଲା। ଟ୍ରାକ୍‌ପରେ ତାହା ଯାଜପୁର ଜିଲା ବଡ଼ଚଣା ଥାନା ଅଞ୍ଚଳର ବୋଲି ଜଣାପଡ଼ିଥିଲା। ଫଳରେ ଡେଲାଙ୍ଗ ପୋଲିସ ବୁଧବାର ରାତିରେ ଆସି ବଡ଼ଚଣା ପୋଲିସ ସହାୟତାରେ ସେଠାରେ ଚଢ଼ାଉ କରିଥିଲା। ରାତି ୧୧ଟାରେ ଚଢ଼ାଉ ସମୟରେ ନାବାଳିକାଙ୍କ ସହ ବଡ଼ଚଣା ଗ୍ରାମର ମନୋଜ କୁମାର ସାମଲ(୨୪)ଙ୍କ ବିବାହ ସରିଥିଲା। ସେଠାରେ ମନୋଜଙ୍କ ପରିବାର ସହ ବନ୍ଧୁ ବାନ୍ଧବ ବହୁସଂଖ୍ୟାରେ ଉପସ୍ଥିତ ଥିଲେ। ଡେଲାଙ୍ଗ ପୋଲିସ ପ୍ରଥମେ ନାବାଳିକାଙ୍କୁ ନିଜ କବ୍‌ଜାକୁ ନେବା ସହ ମନୋଜଙ୍କୁ ଧରିବାକୁ ଚେଷ୍ଟା କରିଥିଲା। ଏହି ସମୟରେ ପୋଲିସ ଉପରେ ଆକ୍ରମଣ ହୋଇଥିଲା। ମନୋଜ ଓ ତାଙ୍କ ଭାଇ ବାଦଲ ସାମଲ, ଭଉଣୀ ରେଖା ପଲେଇଙ୍କ ସମେତ ଉପସ୍ଥିତ କେତେଜଣ ଯୁବକ ପୋଲିସ ଟିମ୍‌କୁ ଆକ୍ରମଣ କରିଥିଲେ। ଏଥିରେ ଡେଲାଙ୍ଗ ଥାନା ଅଧିକାରୀଙ୍କ ସମେତ ୫ ଜଣ ଓ ବଡ଼ଚଣା ଥାନାର ଜଣେ ଅଧିକାରୀ ଆହତ ହୋଇଥିଲେ। ସେମାନଙ୍କୁ ସଙ୍ଗେସଙ୍ଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ଆକ୍ରମଣ କରିଥିବା ବ୍ୟକ୍ତିମାନେ ଫେରାର ହୋଇଯାଇଛନ୍ତି। ମନୋଜଙ୍କ ଭଉଣୀ ଡେଲାଙ୍ଗ ଥାନା ଅନ୍ତର୍ଗତ ସଦା ନଙ୍ଗଲି ଗ୍ରାମରେ ବିବାହ କରିଛନ୍ତି। ମନୋଜ ସେଠାକୁ ଯିବା ଆସିବା କରିବା ପରେ ନାବାଳିକା ସହସମ୍ପର୍କ ବୃଦ୍ଧିପାଇଥିଲା। ସେଠାରୁ ସେ ବ୍ୟାଙ୍କ ଯିବା ସମୟରେ ନାବାଳିକାଙ୍କୁ ନେଇ ପଳାଇ ଆସିଥିଲେ। ସେହିପରି ମନୋଜଙ୍କ ବଡ଼ ଭାଇ ଗତ ବର୍ଷ ନିଜ ମା'କୁ କଟୁରିରେ ହାଣି ହତ୍ୟା କରିବା ଅଭିଯୋଗରେ ଏବେ ବିଚାରାଧୀନ ବନ୍ଦୀ ଭାବରେ ଜେଲରେ ଅଛନ୍ତି।



ଆହତ ପୋଲିସ କର୍ମଚାରୀଙ୍କୁ ଚିକିତ୍ସା କରାଯାଉଛି।

# ଆଧାର ଲିଙ୍କ୍ ବେଳେ ବ୍ୟାଙ୍କଖାତାରୁ ଟଙ୍କା ଗାଏବ

କେନ୍ଦୁଝର, ୧୧।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

ସୁଭଦ୍ରା ଯୋଜନା ମହିଳାଙ୍କ ପାଇଁ ଖୁସି ଆଣିଛି। କିନ୍ତୁ କେତେଜଣ ହିତାଧିକାରୀ ସୁଭଦ୍ରା ଯୋଜନାରେ ଅର୍ଥ ପାଇବାକୁ ଯାଇ ଏବେ ଅଡୁଆରେ ପଡ଼ିଥିବା ଜଣାପଡ଼ିଛି। ଆଧାର ସହ ମୋବାଇଲ ନମ୍ବର ଯୋଡ଼ିବାକୁ ଯାଇ ଠକାମିର ଶିକାର ହୋଇଛନ୍ତି। ଜନସେବା କେନ୍ଦ୍ରରେ ଆଧାରରେ ମୋବାଇଲ ନମ୍ବର ସଂଯୋଗ ପାଇଁ ଟିପଚିହ୍ନ ଦେବା ପରେ ବ୍ୟାଙ୍କଖାତାରେ ଥିବା ସଞ୍ଚିତ ଅର୍ଥ ଗାଏବ ହୋଇଯାଉଛି। ଏଭଳି ଅଭିଯୋଗ କେନ୍ଦୁଝର ଜିଲା ତେଲକୋଇ ଥାନା ଉପାନ୍ତ ବେଣାମୁଣ୍ଡା ଅଞ୍ଚଳରୁ ଆସିଛି। ଅଞ୍ଚଳର ପ୍ରାୟ ୨୦ରୁ ୨୫ଜଣ ମହିଳା ଏଭଳି ଠକାମିର ଶିକାର ହୋଇଥିବା ନେଇ ତେଲକୋଇ ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ସୁଭଦ୍ରା ଯୋଜନା ପାଇଁ ମୋବାଇଲ ନଂ.କୁ ଆଧାର ସହ ସଂଯୋଗ କରିବାକୁ ଅକ୍ଟୋବର ୪ରେ ବେଣାମୁଣ୍ଡାଠାରେ ଥିବା ଜନସେବା କେନ୍ଦ୍ରକୁ ବେଣାମୁଣ୍ଡା ଓ ଗଳଦା ଗ୍ରାମର କେତେଜଣ ମହିଳା ଯାଇଥିଲେ। ସେଠାରେ ଜଣେ ଯୁବକ ଆଧାର ସହ ମୋବାଇଲ ନମ୍ବରକୁ ସଂଯୋଗ ନିମନ୍ତେ ମହିଳାଙ୍କଠାରୁ ଇ-ପିଓଏସ୍‌ରେ ଟିପ୍‌ଚିହ୍ନ ନେଇଥିଲେ। ମହିଳାମାନେ ଆଧାର ସଂଯୋଗ ପାଇଁ ଟିପଚିହ୍ନ ଦେଇ ଘରକୁ ଫେରିଥିଲେ। କିଛି ସମୟ ପରେ ବେଣାମୁଣ୍ଡା ଗ୍ରାମର ତ୍ରିଲୋଚନ ସାହୁଙ୍କ ସ୍ତ୍ରୀ ସତ୍ୟଭାମା ସାହୁଙ୍କ ବ୍ୟାଙ୍କଖାତାରୁ ଅକ୍ଟୋବର ୪ରେ ୧୦ ହଜାର ଓ ୬ ତାରିଖରେ ୧୦ ହଜାର ଉଠିଥିବା ମୋବାଇଲକୁ ମେସେଜ ଆସିଥିଲା। ଟଙ୍କା ବ୍ୟାଙ୍କଖାତାରୁ ଉଠିଥିବା ଜାଣି ବ୍ୟାଙ୍କକୁ ଯାଇ ପଚାରିଥିଲେ। ଆଧାର କେନ୍ଦ୍ରରେ ଟିପ୍‌ଚିହ୍ନ ଦେବା ଯୋଗୁ ତାଙ୍କ ଟଙ୍କା ଉଠାଯାଇଥିବା ଜାଣିବାକୁ ପାଇଥିଲେ। ସେହିପରି ଗଳଦା ଗ୍ରାମର ସ୍ନେହଲତା ବାକସିଂ, ଭବାନୀ ପାତ୍ର, ଜ୍ୟୋତିର୍ମୟୀ ଦେହୁରୀ, ସଂଯୁକ୍ତା ଜେନାଙ୍କ ମଧ୍ୟ ସମାନ ଢଙ୍ଗରେ ଉକ୍ତ ଆଧାର କେନ୍ଦ୍ରରେ ଟିପଚିହ୍ନ ଦେବା ପରେ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ କରିଛନ୍ତି। ଗ୍ରାମର ଅଙ୍ଗନୱାଡି ସହାୟିକା ସଂଯୁକ୍ତା ଜେନାଙ୍କ ବ୍ୟାଙ୍କ ଜମା ଖାତାରୁ ୨ଟି ପର୍ଯ୍ୟାୟରେ ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ କାଟିଥିବା ଅଭିଯୋଗ କରିଛନ୍ତି। ଜନସେବା କେନ୍ଦ୍ରର ମାଲିକ ଅର୍ଥ ହଡ଼ପକୁ ଖଣ୍ଡନ କରିଥିବା ବେଳେ ଅନ୍ୟ ଜଣଙ୍କଠାରୁ ଆଧାର କେନ୍ଦ୍ରରେ ୟୁଜର ଆଇଡି ଆଣି ଆଧାର କେନ୍ଦ୍ର କରିଥିଲେ। ଯାହାଫଳରେ ଏପରି ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଥାନା ଅଧିକାରୀ ସୁଶାନ୍ତ ପରିଡ଼ା କହିଛନ୍ତି, ଘଟଣାକୁ ନେଇ ଅଭିଯୋଗ ମିଳିବା ପରେ ଡାଟା ମଗାଯାଇଛି। ଆଧାର କେନ୍ଦ୍ରର ଯୁବକ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ତେବେ ଗୋଟିଏ ଆଇଡି ଓ ପାସୱାର୍ଡରେ ବହୁ ବ୍ୟକ୍ତି ଏହି କାମ କରୁଥିବାରୁ କେହି ଏଭଳି ଲୋକଙ୍କ ସରଳତାର ସୁଯୋଗ ନେଇ ଅର୍ଥ ହେରଫେର କରିଥିବା ଆଶଙ୍କା କରାଯାଉଛି। ତଦନ୍ତ ହେଲେ ସବୁ ଜଣାପଡ଼ିବ।



ଠକାମିର ଶିକାର ହୋଇଥିବା ମହିଳାମାନେ।

# ଖୁଡ଼ୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ଟେନ୍‌ସା, ଲହୁଣୀପଡା ୧୧।୧୦ (ସମୀର କୁମାର ପାଢ଼ୀ/ ଦାଶରଥୀ ପଣ୍ଡା)

ସୁନ୍ଦରଗଡ଼ ଜିଲା ଟେନ୍‌ସା ଫାଣ୍ଡି ଅନ୍ତର୍ଗତ ଟିଙ୍କୋ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଜମିବାଡି ବିବାଦକୁ କେନ୍ଦ୍ର କରି ଟାଙ୍ଗିଆରେ ହାଣି ଖୁଡୀଙ୍କୁ ହତ୍ୟା କରିଛି ପୁତୁରା। ମୃତା ମହିଳା ହେଲେ ସହଦରା ସିଂ(୪୫)। ଟେନ୍‌ସା ଫାଣ୍ଡି ଅଧିକାରୀ ସୁଦର୍ଶନ ଦେହୁରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ମୃତକଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇନାହିଁ। ପୋଲିସ ହତ୍ୟାକାରୀ ପୁତୁରାଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଜମିବାଡି ବିବାଦକୁ ନେଇ ଦୀର୍ଘଦିନ ଧରି ୨ ପରିବାର ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଶୁକ୍ରବାର ଅପରାହ୍ନ ୨ଟାରେ ପୁତୁରା ଉତ୍କ୍ଷିପ୍ତ ହୋଇ ଖୁଡୀ ସହଦରାଙ୍କୁ ଆକ୍ରମଣ କରିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

# ସୀମାନ୍ତରେ ୨ ମାଓବାଦୀ ଗିରଫ




ମାଲକାନଗିରି, ୧୧।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ମାଓବାଦୀ ଦମନ ନିମନ୍ତେ ତଲାସି ଅଭିଯାନ ବେଳେ ୨ ମାଓବାଦୀଙ୍କୁ ଗିରଫ କରିଛନ୍ତି ଯବାନ। ବିଜାପୁର ଜିଲା ପୋଲିସ ଏବଂ ଡିଆର୍‌ଜି ଯବାନ ଚିନ୍ତାଗୁମ୍ଫା ଥାନା ଅଞ୍ଚଳର କରିଗୁଡମରେ ତଲାସି ଅଭିଯାନ କରୁଥିବା ସମୟରେ ଜଙ୍ଗଲରେ ୨ ଜଣ ବ୍ୟକ୍ତି ଯବାନଙ୍କୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲେ। ଯବାନମାନେ ସନ୍ଦେହକରି ୨ଜଣଙ୍କୁ କାବୁକରି ପଚରାଉଚରା କରିବା ପରେ ସେମାନେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ। ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ସେମାନେ ସ୍ପାଇକ୍ ହୋଲ ତିଆରି କରୁଥିବା ବେଳେ ୧୮ଟି ସ୍ପାଇକ୍ ଲୁହା ମଧ୍ୟ ସେମାନଙ୍କଠାରୁ ଯବାନମାନେ ଜବତ କରିଛନ୍ତି। ଉଭୟଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ଗିରଫ ମାଓବାଦୀ ହେଲେ ମାଡକମ କେଶା ଏବଂ ମାଡକମ ଚେତୁ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ନିଖୋଜ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ



ଓୟୁଏଟି ସୌରଚାଳିତ ତାରବାଡ଼ରେ ଲାଗି ପୋଡ଼ି ଯାଇଥିବା ମୃତ ମନୋଜଙ୍କ ହାତ।

■ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ
■ ଓୟୁଏଟି ସୌରଚାଳିତ ତାରବାଡ଼ରେ ଲାଗି ପୋଡ଼ିଯାଇଛି ହାତ

ଭୁବନେଶ୍ୱର, ୧୧।୧୦ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ତପୋବନ ହାଇସ୍କୁଲ ରୋଡ୍ ନିକଟ ୧୬ ନମ୍ବର ଜାତୀୟ ରାଜପଥର ସର୍ଭିସ୍ ରୋଡ୍ ଏବଂ ଓୟୁଏଟି ଫାର୍ମ ପାର୍ଶ୍ୱରୁ ଶନିବାର ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତ ଯୁବକ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ତପୋବନ ବସ୍ତିର ମନୋଜ କୁମାର ଗୌଡ଼ (୨୫)। ଦୁଇଦିନ ତଳୁ ସେ ନିଖୋଜ ଥିଲେ। ଭରତପୁର ଥାନା ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତାଙ୍କ ଡାହାଣ ହାତର ପାପୁଲି ପୋଡ଼ିଯାଇଛି। ଓୟୁଏଟି ପକ୍ଷରୁ ବିଛାଯାଇଥିବା ତାରବାଡରେ ସୌରଚାଳିତ ବିଦ୍ୟୁତ୍ ଦିଆଯାଇଥିବାରୁ ତାହା ସଂସ୍ପର୍ଶରେ ଆସି ମନୋଜଙ୍କ ମୃତ୍ୟୁ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୦୦/୨୦୨୪) ରୁଜୁ କରି ଅଧିକ ତଦନ୍ତ କରୁଛି। ଅନ୍ୟପକ୍ଷରେ ମନୋଜଙ୍କ ମୃତ୍ୟୁକୁ ପରିବାର ଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ଏହା ଏକ ହତ୍ୟାକାଣ୍ଡ ବୋଲି ମନୋଜଙ୍କ ବଡ଼ଭାଇ ସରୋଜ ସନ୍ଦେହ କରି ଭରତପୁର ଥାନାରେ ଏତଲା ଦେଇଛନ୍ତି।

ମନୋଜ ବୁଧବାର ରାତି ୧୦ଟା ୩୦ରେ ଘରୁ ବାହାରକୁ ଯାଇ ନିଖୋଜ ହୋଇଯାଇଥିଲେ। ବହୁତ ଖୋଜା ଖୋଜି ପରେ ପରିବାର ଲୋକେ ତାଙ୍କୁ ନ ପାଇବାରୁ ଗୁରୁବାର ରାତିରେ ଖଣ୍ଡଗିରି ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଶୁକ୍ରବାର ସକାଳ ପ୍ରାୟ ୮ଟାରେ ମନୋଜଙ୍କ ମାମୁ ଓୟୁଏଟି ଫାର୍ମ ନିକଟରେ ଖୋଜାଖୋଜି କରୁଥିବାବେଳେ ଫାର୍ମ ତାରବାଡ଼ ନିକଟରେ ମନୋଜଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ମନୋଜଙ୍କ ଡାହାଣ ହାତ ଓୟୁଏଟି ଫାର୍ମ ତାରବାଡ଼ରେ ଲାଗିଥିବାବେଳେ ପାପୁଲିର ଉକ୍ତ ସ୍ଥାନଟି ପୋଡ଼ିଯାଇଥିବାରୁ ସନ୍ଦେହ ବଢ଼ିଛି। ବଡ଼ଭାଇ ସରୋଜ କହିଛନ୍ତି, ତାର ବାଉଣ୍ଡାରି ଭିତରକୁ ମନୋଜ କେବେ ଯାଆନ୍ତି ନାହିଁ। ତାଙ୍କୁ କେହି ହତ୍ୟାକରି ଫିଙ୍ଗି ଦେଇଥିବା ସେ କହିଛନ୍ତି। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ରେଳ ଷ୍ଟେଶନ, ଟ୍ରାକ୍‌ରୁ ୩ ମୃତଦେହ ଜବତ

ଭୁବନେଶ୍ୱର, ୧୧।୧୦ (ସୂର୍ଯ୍ୟକାନ୍ତ ବେହେରା)

ରେଳଷ୍ଟେଶନ ଓ ଟ୍ରାକ୍‌ରୁ ଭୁବନେଶ୍ୱର ଜିଆର୍‌ପି ୩ ମୃତଦେହ ଜବତ କରିଛି। ଜଣଙ୍କର ପରିଚୟ ମିଳିଥିବାବେଳେ ଅନ୍ୟ ୨ ମୃତଦେହର ପରିଚୟ ଜଣାପଡିନାହିଁ। ପରିଚୟ ମିଳିଥିବା ବ୍ୟକ୍ତି ଜଣକ ହେଲେ ପଶ୍ଚିମବଙ୍ଗର ଅବଦୁଲ ଅଲିମ ସର୍ଦ୍ଦାର। ଅବଦୁଲଙ୍କ ମୃତଦେହ ଭୁବନେଶ୍ୱର ରେଳ ଷ୍ଟେଶନର ୨ ନମ୍ବର ପ୍ଲାଟ୍‌ଫର୍ମ ପିଣ୍ଡି ଉପରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲା। ତେବେ ତାଙ୍କର ମୃତ୍ୟୁ କେମିତି ହେଲା ତାହାର କାରଣ ସ୍ପଷ୍ଟ ହୋଇନାହିଁ। ସେହିପରି ଦ୍ୱିତୀୟ ମୃତଦେହଟି ମଞ୍ଚେଶ୍ୱର ଷ୍ଟେଶନର କାଳିଖମା ପୋଲ ନିକଟ ରେଳଧାରଣା କଡ଼ରୁ ଗଳିତ ଅବସ୍ଥାରେ ମିଳିଥିଲା। ଚଳନ୍ତା ଟ୍ରେନରୁ ଖସିପଡି କିମ୍ବା ଟ୍ରେନ୍‌ରେ ଧକ୍କା ହୋଇ ଯୁବକଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ଜିଆର୍‌ପି ଥାନା ପୋଲିସ ସନ୍ଦେହ କରୁଛି। ତେବେ ୩ ଦିନରୁ ଅଧିକ ହେବ ମୃତଦେହଟି ପଡିରହିବାରୁ ତାହା ପଚିଯିବା ସହ ପୋକ ହୋଇଯାଇଥିବା ଦେଖାଯାଇଛି। ଅନ୍ୟପଟେ ପଟିଆ ଷ୍ଟେଶନ ପାଖରୁ ମିଳିଥିବା ଖଣ୍ଡବିଖଣ୍ଡିତ ମୃତଦେହଟି ଜଣେ ଯୁବକଙ୍କର। ଟ୍ରେନ୍ ଧକ୍କାରେ ମୃତଦେହ ଖଣ୍ଡବିଖଣ୍ଡିତ ଅବସ୍ଥାରେ ପଡ଼ିଥିଲେ ମଧ୍ୟ ମୃତ୍ୟୁର ପ୍ରକୃତ କାରଣ ଜାଣିବା ଲାଗି ଜିଆର୍‌ପି ତଦନ୍ତ ଆରମ୍ଭ କରିଛି। ୩ ମୃତଦେହର ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ତେବେ ୨ ମୃତଦେହକୁ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖି ପରିଚୟ ଜାଣିବାକୁ ପୋଲିସ ଉଦ୍ୟମ ଜାରି ରଖିଛି।

# ୪ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୧।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମାରେ ପୋଲିସ ନିକଟରେ ୪ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମାଓବାଦୀ ସଙ୍ଗଠନର ପ୍ଲାଟୁନ ନମ୍ବର ୪ର ସଦସ୍ୟ ଭୀମା ମାଧ୍ୟମ, ସୋଡ଼ି ମୁନ୍ନା, ମୁଚାକି ଦେବା ଓ ସୁଲା ମୁଚାକି। ସେମାନେ ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ସାମିଲ ଥିବାବେଳେ ଭୀମା ନାମରେ ସରକାରଙ୍କ ପକ୍ଷରୁ ୨ ଲକ୍ଷର ପୁରସ୍କାର ଘୋଷଣା ରହିଥିଲା। ଏହି ମାଓବାଦୀମାନେ ପୂର୍ବରୁ ଅନେକ ଥର ପୋଲିସ ପାଟ୍ରୋଲିଂ ଟିମ୍ ଉପରେ ଆକ୍ରମଣ, ସ୍ପାଇକ୍ ଏବଂ ବୋମା ଲଗାଇବା, ମୁଖ୍ୟ ରାସ୍ତା ଅବରୋଧ କରିବା ଏବଂ ଅନ୍ୟାନ୍ୟ ଘଟଣାରେ ଜଡିତ ଥିଲେ। ବର୍ତ୍ତମାନ ମାଓବାଦୀ ସଙ୍ଗଠନ ଦୁର୍ବଳ ହେଉଥିବା ସହ ନିଜର ନୀତି ଆଦର୍ଶରୁ ଓହରିଯାଇଥିବାରୁ ସାଧାରଣ ଜୀବନଯାପନ କରିବା ପାଇଁ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ସମସ୍ତଙ୍କୁ ପୁନର୍ବାସ ନୀତି ଅଧୀନରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ।

# ସଂଘବଦ୍ଧ ଆକ୍ରମଣରେ ଜଣେ ମୃତ

**ଗୋଟିଏ ପରିବାରର ୪ ଅଟକ**

ବ୍ରହ୍ମବରଦା, ୧୧।୧୦ (ଯଯାତି କେଶରୀ ବେହେରା)

ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ଛେନାଖିଆପାଟଣା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁରୁବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଏଥିରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଅକ୍ଷୟ ଗିରି(୫୫)। ଏହି ଘଟଣାରେ ପୋଲିସ ଗୋଟିଏ ପରିବାରର ବାପା, ଝିଅ ଓ ପୁଅଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବ୍ରହ୍ମବରଦା ଗ୍ରାମ ଛେନାଖିଆପାଟଣା ସାହିର ଅକ୍ଷୟ ଗିରିଙ୍କ ଘରକୁ ସେହି ଗ୍ରାମ ନୂଆକୁଳ ସାହିର ନିତ୍ୟାନନ୍ଦ ବେହେରାଙ୍କ ଝିଅ ଗାୟତ୍ରୀ ବେହେରା ନିଜ ମୃତ ସାନ ଭଉଣୀଙ୍କ ଝିଅକୁ ଦେଖାକରିବାକୁ ଆସିଥିଲେ। ଏହି ସମୟରେ ଅକ୍ଷୟଙ୍କ ବଡ଼ପୁଅ ଚନ୍ଦନ ତାଙ୍କୁ ଦେଖା କରିବାକୁ ବାରଣ କରିଥିଲେ। ଗାୟତ୍ରୀ ରାଗିଯାଇ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଳଜ କରିବା ସହ ତାଙ୍କ କ୍ୟାରିୟର ନଷ୍ଟ କରିଦେବେ ବୋଲି କହିଥିଲେ। ଏହାପରେ ଗାୟତ୍ରୀ ଯାଇ ନିଜ ବଡ଼ ଭାଇ ଅଭିଳାଷ ବେହେରା ଓ ସାନ ଭାଇ ଅବିନାଶ ବେହେରାଙ୍କୁ ଡାକିଆଣିଥିଲେ। ସେମାନେ ରାଗ ତମତମ ହୋଇ ଠେଙ୍ଗାବାଡ଼ି, ପଥର ଧରି ଆସି ଅକ୍ଷୟଙ୍କୁ ବାହାରକୁ ଡାକି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଅକ୍ଷୟ ପ୍ରତିବାଦ କରିବାରୁ ଗାୟତ୍ରୀ ହଠାତ ତାଙ୍କୁ ଜାବୁଡ଼ି ଧରିପକାଇଥିଲେ। ଏହାର ସୁଯୋଗ ନେଇ ଅକ୍ଷୟଙ୍କ ପିଠିକୁ ଅବିନାଶ ଠେଙ୍ଗାରେ ଶକ୍ତ ପ୍ରହାର କରିଥିଲେ। ଜୀବନ ବଞ୍ଚାଇବାକୁ ଅକ୍ଷୟ ଘରଭିତରକୁ ପଳାଇଯାଉଥିବା ସମୟରେ ଅବିନାଶ ଏକ ଲୁହା ରଡ୍‌ରେ ଅକ୍ଷୟଙ୍କ ଛାତିକୁ ବହୁ ଜୋରରେ ଆଘାତ କରିଥିଲେ। ଫଳରେ ଅକ୍ଷୟ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ଏହାଦେଖି ତିନି ଭାଇ ଭଉଣୀଙ୍କ ସହ ଆସିଥିବା ଅନ୍ୟ ସାଥୀମାନେ ଘଟଣାସ୍ଥଳରୁ ପଳାଇଥିଲେ। ଅକ୍ଷୟଙ୍କ ପରିବାର ଲୋକେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅକ୍ଷୟଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଅକ୍ଷୟଙ୍କ ସ୍ତ୍ରୀ ସଜନୀ ଗିରି ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏଥିସହିତ ପୋଲିସ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୩, ୨୯୬ ଓ ୩(୫) ଅନୁସାରେ ଏକ ମାମଲା ନଂ.୧୯୮/୨୪ ରୁଜୁ କରି ଘଟଣାରେ ସମ୍ପୃକ୍ତ ଥିବା ନିତ୍ୟାନନ୍ଦ ବେହେରା, ଝିଅ ଗାୟତ୍ରୀ ବେହେରା, ବଡ଼ପୁଅ ଅଭିଳାଷ ବେହେରା ଓ ସାନପୁଅ ଅବିନାଶ ବେହେରାଙ୍କୁ ଥାନାରେ ଅଟକ ରଖିଛି। ଯାଜପୁର ସାଇଣ୍ଟିଫିକ୍ ଟିମ ସହ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଅଧିକ ଛାନଭିନ କରି ଫେରିଛନ୍ତି। ଅପରପକ୍ଷ ମଧ୍ୟ ଆକ୍ରମଣର ଶିକାର ହୋଇଥିବା ନେଇ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏନେଇ ନଂ.୧୯୭/୨୪ରେ ଏକ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଅଂଶୁମାଳା ଦାସ ସୂଚନା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଗଷ୍ଟରେ କମିଲା ଶିଳ୍ପ ଉତ୍ପାଦନ

**ଭୁବନେଶ୍ୱର, ୧୧।୧୦(ଅନୁରାଧା ମହାରଣା)**



ପ୍ରାୟ ୨ ବର୍ଷର ବ୍ୟବଧାନ ପରେ ଚଳିବର୍ଷ ଅଗଷ୍ଟ ମାସରେ ଦେଶର ଶିଳ୍ପ ଉତ୍ପାଦନ ହ୍ରାସ ପାଇଛି। ଖଣି ଏବଂ ବିଦ୍ୟୁତ୍ କ୍ଷେତ୍ରଗୁଡିକ ଖରାପ ପ୍ରଦର୍ଶନ ସହ ଉତ୍ପାଦନ କ୍ଷେତ୍ରରେ ସ୍ଥିରତା କାରଣରୁ ଅଗଷ୍ଟରେ ଶିଳ୍ପ ଉତ୍ପାଦନ ୦.୧% ହ୍ରାସ ପାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଶୁକ୍ରବାର ୨୦୨୪ ଅଗଷ୍ଟର ଏହି ଶିଳ୍ପ ଉତ୍ପାଦନ ତଥ୍ୟ ପ୍ରକାଶ କରିଛି। ତେବେ ୨୦୨୩ ଅଗଷ୍ଟରେ ଶିଳ୍ପ ଉତ୍ପାଦନ ୧୦.୯% ବୃଦ୍ଧି ପାଇଥିଲା।

ଇଣ୍ଡେକ୍ସ ଅଫ୍ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ (ଆଇଆଇପି) ଉପରେ ଆଧାରିତ ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ଜୁଲାଇ ପାଇଁ ୪.୭ ପ୍ରତିଶତକୁ ସଂଶୋଧିତ ହୋଇଛି। ପୂର୍ବରୁ ଏହା ୪.୮% ହେବ ବୋଲି ଆକଳନ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ୫ ମାସ (ଏପ୍ରିଲ-ଅଗଷ୍ଟ)ରେ ଶିଳ୍ପ ଉତ୍ପାଦନ ୪.୨ ପ୍ରତିଶତ ବୃଦ୍ଧି ପାଇଛି। ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ଶିଳ୍ପ ଉତ୍ପାଦନର ଅଭିବୃଦ୍ଧି ହାର ୬.୨ ପ୍ରତିଶତ ଥିଲା। ସରକାରୀ ତଥ୍ୟ ଦର୍ଶାଇଛି ଯେ ଖଣି, ଉତ୍ପାଦନ ଏବଂ ଶକ୍ତି କ୍ଷେତ୍ରର ଖରାପ ପ୍ରଦର୍ଶନ ଯୋଗୁ ଅଗଷ୍ଟରେ ସାମଗ୍ରିକ ଶିଳ୍ପ ଉତ୍ପାଦନ ହ୍ରାସ ପାଇଛି। ଏହି ଅବଧିରେ ଖଣି କ୍ଷେତ୍ରରେ ୪.୩% ଏବଂ ବିଦ୍ୟୁତ୍ କ୍ଷେତ୍ରରେ ୩.୭% ହ୍ରାସ ଘଟିଥିବାବେଳେ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ହାର ମାତ୍ର ୧% ଥିଲା। ଅଗଷ୍ଟରେ ପ୍ରବଳ ବର୍ଷା ହେତୁ ଖଣି କ୍ଷେତ୍ରରେ ଉତ୍ପାଦନ ପ୍ରଭାବିତ ହୋଇଥାଇପାରେ ବୋଲି ଏନ୍‌ଏସ୍‌ଓ କହିଛି। ଦେଶର ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ୨୦୨୨ ଅକ୍ଟୋବରରେ ଶେଷ ଥର ପାଇଁ ହ୍ରାସ ଘଟିଥିଲା। ସେହି ସମୟରେ ଆଇଆଇପିରେ ୪.୧% ହ୍ରାସ ରେକର୍ଡ କରାଯାଇଥିଲା। ଏନ୍‌ଏସ୍‌ଓ ଦ୍ୱାରା ପ୍ରକାଶିତ ଉପଯୋଗ ଆଧାରିତ ବର୍ଗୀକରଣ ଅନୁଯାୟୀ, ୨୦୨୪ ଅଗଷ୍ଟରେ ପୁଞ୍ଜିଗତ ଉତ୍ପାଦ ବିଭାଗର ଅଭିବୃଦ୍ଧି ହାର ୦.୭ ପ୍ରତିଶତକୁ ହ୍ରାସ ପାଇଛି। ପୂର୍ବବର୍ଷ ସମାନ ଅବଧିରେ ଏହା ୧୩.୧% ରହିଥିଲା। ଅଣ ସ୍ଥାୟୀ ଉପଭୋକ୍ତା ସାମଗ୍ରୀର ଉତ୍ପାଦନ ୪.୫% ହ୍ରାସ ପାଇଥିବାବେଳେ ୨୦୨୩ ଅଗଷ୍ଟରେ ଏହା ୯.୯ ପ୍ରତିଶତ ଅଭିବୃଦ୍ଧି ପଞ୍ଜୀକୃତ ହୋଇଛି। ଉପଭୋକ୍ତା ସ୍ଥାୟୀ ଉତ୍ପାଦନର ଅଭିବୃଦ୍ଧି ମଧ୍ୟ ୫.୨%କୁ ହ୍ରାସ ପାଇଥିବାବେଳେ ୨୦୨୩ ଅଗଷ୍ଟରେ ଏହା ୬% ବୃଦ୍ଧି ପାଇଥିଲା। ତଥ୍ୟ ଅନୁଯାୟୀ, ଭିତ୍ତିଭୂମି / ନିର୍ମାଣ ସାମଗ୍ରୀ ୧.୯% ଅଭିବୃଦ୍ଧି ରେକର୍ଡ କରିଛି, ଯାହା ପୂର୍ବ ବର୍ଷ ୧୫.୭% ବୃଦ୍ଧି ହୋଇଥିଲା। ଗତବର୍ଷ ପ୍ରାଥମିକ ଦ୍ରବ୍ୟର ଉତ୍ପାଦନ ୧୨.୪ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଚଳିତବର୍ଷ ଅଗଷ୍ଟରେ ଏହାର ଉତ୍ପାଦନ ୨.୬% ହ୍ରାସ ପାଇଛି।

# ଖସିଲା ଶେୟାର ବଜାର

**ନୂଆଦିଲ୍ଲୀ,୧୧।୧୦**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୩୦(୨୩୦.୦୫) ପଏଣ୍ଟ କମି ୮୧,୩୮୧ (୮୧,୩୮୧.୩୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୪ (୩୪.୨୦) ପଏଣ୍ଟ ହ୍ରାସ ଘଟି ୨୪,୯୬୪ (୨୪,୯୬୪.୨୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ୟୁକୋ ୩୩୩ର ଶୁଭାରମ୍ଭ

**ଭୁବନେଶ୍ୱର, ୧୧।୧୦ (ଅଭୟ ଦାଶ)**

ୟୁକୋ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ଯୋଜନା 'ୟୁକୋ ୩୩୩'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ସୀମିତ ସମୟ ପାଇଁ ଉପଲବ୍ଧ ଏହି ନୂଆ ୩୩୩ ଦିନିଆ ଡିପୋଜିଟ୍ ସ୍କିମ୍‌ର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ କରାଯାଇଛି। ଏହି ସ୍କିମ୍ ୩କୋଟିରୁ କମ୍ ଘରୋଇ ରିଟେଲ୍ ମିଆଦୀ ଜମା ପାଇଁ ପ୍ରଯୁଜ୍ୟ ଥିଲାବେଳେ ଏହି ସ୍କିମ୍ ଅନ୍ତର୍ଗତ ବାର୍ଷିକ ୭.୩୦% ସର୍ବାଧିକ ସୁଧହାରରେ ସର୍ବସାଧାରଣଙ୍କୁ ଏବଂ ବରିଷ୍ଠ ନାଗରିକମାନଙ୍କୁ ବାର୍ଷିକ ୭.୫୫% ସର୍ବାଧିକ ସୁଧହାର ପ୍ରଦାନ କରାଯାଉଛି, ଯାହା ଦ୍ୱାରା ସେମାନେ ଜମା ରାଶି ଉପରେ ଅଧିକ ସୁଧ ହାର ଫେରସ୍ତ ପାଇପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି।

ଅପରପକ୍ଷରେ 'ୟୁକୋ ୩୩୩'ସ୍କିମ୍‌ର ସୁଧହାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଦ୍ୱାରା ପ୍ରଦାନ କରାଯାଉଥିବା ସୁଧ ହାର ମଧ୍ୟରେ ସର୍ବୋତ୍ତମ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏପରିକି ବ୍ୟାଙ୍କର ବର୍ତ୍ତମାନ ଓ ନୂତନ ଗ୍ରାହକମାନଙ୍କ ମଧ୍ୟରେ ଏହି ସ୍କିମ୍‌କୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରାଯାଉଛି।






# ବୈଦେଶିକ ମୁଦ୍ରାଭଣ୍ଡାରରେ ହ୍ରାସ

**ଭୁବନେଶ୍ୱର, ୧୧।୧୦(ଅନୁରାଧା ମହାରଣା)**

ଗତ ସପ୍ତାହରେ ବୈଦେଶିକ ମୁଦ୍ରାଭଣ୍ଡାର ୭୦୪.୮୮୫ ବିଲିୟନ ଡଲାର ଥିବାବେଳେ ଅକ୍ଟୋବର ୪ରେ ପ୍ରାୟ ୩.୭୦୯ ବିଲିୟନ ଡଲାର ହ୍ରାସ ସହ ବୈଦେଶିକ ମୁଦ୍ରାଭଣ୍ଡାର ୭୦୧.୧୭୬ ବିଲିୟନ ଡଲାରକୁ ଖସି ଆସିଛି। ଗତ ସପ୍ତାହେ ଧରି ବୈଦେଶିକ ମୁଦ୍ରାଭଣ୍ଡାରରେ ବୃଦ୍ଧି ଘଟୁଥିବାବେଳେ ହଠାତ୍ ଏହି ହ୍ରାସ ଘଟିଛି। ଏହି ହ୍ରାସ ସତ୍ତ୍ୱେ ଫୋରେକ୍ସ ରିଜର୍ଭ ୭୦୦ ବିଲିୟନ ଡଲାରରୁ ଅଧିକ ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ଫୋରେକ୍ସ ରିଜର୍ଭ ତଥ୍ୟ ପ୍ରକାଶ କରିଛି। ତଥ୍ୟ ଅନୁଯାୟୀ, ବୈଦେଶିକ ମୁଦ୍ରାଭଣ୍ଡାର ୩.୫୧୧ ବିଲିୟନ ଡଲାରରେ ହ୍ରାସ ହୋଇ ୬୧୨.୬୪୩ ବିଲିୟନ ଡଲାରରେ ପହଞ୍ଚିଛି। ଆର୍‌ବିଆଇର ଗୋଲ୍ଡ ରିଜର୍ଭ ମଧ୍ୟ ହ୍ରାସ ପାଇଛି ଏବଂ ଏହା ୪୦ ନିୟୁତ ଡଲାରକୁ ୬୫୭.୫୬ ବିଲିୟନ ଡଲାର ସ୍ତରକୁ ଖସି ଆସିଛି। ଏସ୍‌ଡିଆର୍ ୧୨୩ ମିଲିୟନ ଡଲାରରୁ ୧୮.୪୨ ବିଲିୟନ ଡଲାରକୁ ହ୍ରାସ ପାଇଛି ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିରେ ଜମା ହୋଇଥିବା ଭଣ୍ଡାର ୩୫ ମିଲିୟନ ଡଲାରରୁ ୪.୩୫ ବିଲିୟନ ଡଲାରକୁ ହ୍ରାସ ପାଇଛି। ୨୦୨୪ ଅକ୍ଟୋବର ୯ରେ ଆର୍‌ବିଆଇର ମୁଦ୍ରାନୀତି କମିଟିର ବୈଠକ ପରେ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି, ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ୭୦୦ ବିଲିୟନ ଡଲାରର ନୂତନ ମାଇଲଖୁଣ୍ଟ ଅତିକ୍ରମ କରିଛି।

# ଜେଏସ୍‌ଏଲ୍‌ର ଏମ୍ପ୍ଲଇ ଆସିଷ୍ଟାନ୍ସ ପ୍ରୋଗ୍ରାମ

**ନୂଆଦିଲ୍ଲୀ,୧୧।୧୦**

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ପରିସରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏପରିକି କମ୍ପାନୀର କର୍ପୋରେଟ କାର୍ଯ୍ୟାଳୟ ସମେତ ଜେଏସ୍‌ଏଲ୍‌ର ବିଭିନ୍ନ ୟୁନିଟ୍‌ରେ ମଧ୍ୟ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥିଲାବେଳେ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱଦେବା ସହ ସୁସ୍ଥ କାର୍ଯ୍ୟ ଅନୁକୂଳ ପରିବେଶକୁ ଦୃଷ୍ଟିରେ ରଖି ପଞ୍ଚାସନା ଗୋଷ୍ଠୀର ମିଳିତ ସହଯୋଗରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପପି ମିଟ୍ ଆଣ୍ଡ ଗ୍ରୀଟ୍‌ର ଆୟୋଜନ କରାଯାଇଥିଲା। ସେହିଭଳି କମ୍ପାନୀର ଓଡ଼ିଶା ୟୁନିଟ୍ (ଯାଜପୁର ପ୍ଲାଣ୍ଟ)ରେ ଏକ ଷ୍ଟାଣ୍ଡ ଅପ୍ କମେଡି ଶୋ ଅନୁଷ୍ଠିତ ହୋଇଥିଲାବେଳେ ହରିୟାଣର ହିସାରଠାରେ କର୍ମଚାରୀଙ୍କ କାର୍ଯ୍ୟକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଏକ କର୍ମଶାଳା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କମ୍ପାନୀ ପକ୍ଷରୁ ଏମ୍ପ୍ଲଇ ଆସିଷ୍ଟାନ୍ସ ପ୍ରୋଗ୍ରାମ (ଇଏପି)ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଇଏପି ଉଭୟ ବ୍ୟକ୍ତିଗତ ଓ ବୃତ୍ତିଗତ ସ୍ତରରେ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟକୁ ଅଧିକ ସୁଦୃଢ଼ କରିବା ସହ ବହୁ ଆହ୍ୱାନର ସଫଳ ମୁକାବିଲା କରିବା ଲାଗି ସହାୟକ ହେବ। ଏ ସମ୍ପର୍କରେ କମ୍ପାନୀର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ସୁଶୀଲ ବାଭେଜା କହିଛନ୍ତି, ଜିନ୍ଦଲ ଷ୍ଟେନ୍‌ଲେସ୍ ତା'ର କର୍ମଚାରୀମାନଙ୍କ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ତଥା କାର୍ଯ୍ୟକ୍ଷେତ୍ରରେ ସେଥିରେ ଅଧିକ ଉନ୍ନତି ଆଣିବା ପାଇଁ ସଦା ପ୍ରତିବଦ୍ଧ ରହିଛି। ଏଭଳି କାର୍ଯ୍ୟକ୍ରମ ଆୟୋଜନ ହେବା ଦ୍ୱାରା କର୍ମଚାରୀମାନେ କିଛି ଅବସର ସମୟ ଅନ୍ୟ ସହଯୋଗୀଙ୍କ ସହ ବିତାଇପାରିବେ। ଏଥିସହ ପରସ୍ପରକୁ ଜାଣିବାର ଅଧିକ ସୁଯୋଗ ପାଇବେ। ସମସ୍ତଙ୍କୁ ଏକାଠି ରହିବାକୁ କହିଥିବାବେଳେ ଏଇ ଅବସରରେ ଅନ୍ୟମାନଙ୍କର ସମର୍ଥନ ଓ ଉତ୍ସାହର ଉତ୍ସ ସାଜିଥିବା କର୍ମଚାରୀଙ୍କୁ ସିଏ କୃତଜ୍ଞତା ଜଣାଇଛନ୍ତି।


# Classified Everyday 0674-2580101, 2549949



REAL ESTATE
SALE

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' Road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘର କଲାଭଳି plot ମିଳୁଛି। (Owner) 9090963952. D-75996

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995




One BHK spacious house Two Toilets covered Car Parking gated community Sector-9, CDA, Cuttack, available on rent. Contact- 8249311472. D-1639

HEALTH CARE

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75791

LEGAL NOTICE

In the Court of the 2nd Additional District Judge, Cuttack
RFA No.-12/2017
Ranjit Kumar Mahana ...Appellant
Vrs
Ramesh Chandra Behera and others ....Respondents
Notice U/s 5, Rule-20 of the C.P.C.

ମାନନୀୟ
୧. ଦେବାଶିଷ ଦାସ, ୨. ରୋନି ଦାସ, ୩. ସୁତାପା ଦାସ, ୪. ଜ୍ୟୋତି ଦାସ
ସମସ୍ତଙ୍କର ପିତା- ୰ଶୈଳେନ୍ଦ୍ର କୁମାର ଦାସ, ସା- ପ୍ଲଟ୍ ନଂ.- ୧୨୮୩/ସି, ସେକ୍ଟର-୬, ସିଡିଏ, ଥାନା- ମର୍କତ ନଗର, ସହର ଓ ଜିଲ୍ଲା- କଟକ-୭୫୩୦୧୪।

ଏତଦ୍ୱାରା ଉପରୋକ୍ତ ବ୍ୟକ୍ତିମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି କି, ରଣଜିତ୍ କୁମାର ମାହାନା,ପିତା: ୰ନୀଳମଣି ମାହାନା, ସା: ବାଖରାବାଦ, ଧୂଆଁପଡ଼ିଆ ଲେନ, ପୋ.ଅ.- ଚାନ୍ଦିନୀଚୌକ, ଥାନା- ପୁରୀଘାଟ, ସହର ଓ ଜିଲ୍ଲା- କଟକ-୭୫୩୦୦୨ଙ୍କ ଦ୍ୱାରା ଆଗତ ହୋଇଥିବା ଉପରୋକ୍ତ ମୋକଦ୍ଦମା ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍, କଟକଙ୍କ ନିର୍ଦ୍ଦେଶ କ୍ରମେ ତା୦୬।୧୧।୨୦୨୪ରିଖକୁ ଶୁଣାଣି ନିମନ୍ତେ ଧାର୍ଯ୍ୟ ହୋଇଅଛି। ଏଣୁ ଆପଣମାନେ ଉପରୋକ୍ତ ତାରିଖ ଦିନ ଆପଣମାନେ ନିଜେ ବା ଆପଣମାନଙ୍କ କ୍ଷମତାପ୍ରାପ୍ତ ଅଧିବକ୍ତାଙ୍କ ଜରିଆରେ ହାଜର ହୋଇ ବିଚାରରେ ଭାଗ ନେବେ ନ ହେଲେ ଆଇନ ଅନୁଯାୟୀ ମୋକଦ୍ଦମାର ବିଚାର ହେବ।

ସ୍ଥାନ: କଟକ, ତାରିଖ: ୦୧।୧୦।୨୦୨୪
ସ୍ୱା./- ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍, କଟକ
ଧ-୧୬୩୫

## ମନେ ପଡ଼ନ୍ତି

ଦଶାହ ଓ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶଶୀଭୂଷଣ ବେହେରା

ବ୍ଲୋସମ ସ୍କୁଲ ପାଖ, ପ୍ଲଟ୍ ନଂ.- ୫୧।୧୩୮/୨୭୩୦, ଭରତପୁର, ଭୁବନେଶ୍ୱର

ଆବିର୍ଭାବ- ୨୩।୦୭।୧୯୫୩
ତିରୋଧାନ- ୦୩।୧୦।୨୦୨୪

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ- ପତ୍ନୀ: ଭାନୁମତୀ ବେହେରା, ପୁତ୍ର: ହରେକୃଷ୍ଣ ବେହେରା, ଝିଅ, ଜ୍ୱାଇଁ, ପୁତୁରା, ପୁତୁରାବୋହୂ, ଭଣଜା, ଭଣଜାବୋହୂ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୬୩୬

ଏକାଦଶାହ ଉପଲକ୍ଷେ



୰ପ୍ରମିଳା ସେଠୀ

ଗ୍ରାମ: ଗମ୍ଭାରିପଦା
ଆବିର୍ଭାବ: ୧୫।୦୩।୧୯୫୫
ତିରୋଧାନ: ୦୨।୧୦।୨୦୨୪

ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି: ପୁତ୍ର: ସନ୍ତୋଷ, ସବିତା, ବସନ୍ତ, ଡୁଗୁ, ନାତି: ସାଇନାଥ, ଆଶୁତୋଷ, ସବ୍ୟସାଚୀ, ବିଶ୍ୱଜିତ, ଜ୍ୱାଇଁ: ଶରତ, ଝିଅ: ରଶ୍ମିତା।
ଧ-୧୬୩୮

Shradhanjali
(On 3rd Death Anniversary)



DOB: 01.07.1929
DOD: 15.10.2021

Late Biswanath Mishra
(Former Law Secretary)

A noble soul, your simple, honest and disciplined life will continue to guide us. You will live in our memories and be in our prayers always.

DEEPLY MOURNED BY
Family, Friends and Relatives
ଧ-୧୬୩୭

ଧରିତ୍ରୀ DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କାର୍‌ସ ୨୪ ସହ ଏଚ୍‌ସିଆଇଏଲ୍‌ର ବୁଝାମଣା

**ନୂଆଦିଲ୍ଲୀ,୧୧।୧୦**



ଭାରତର ଅଗ୍ରଣୀ ଅଟୋଟେକ୍ ପ୍ଲାଟ୍‌ଫର୍ମ କାର୍‌ସ ୨୪ ଏବଂ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥାର ମିଳିତ ସହଯୋଗରେ ହୋଣ୍ଡା ଏକ ଆସ୍ୟୋର୍ଡ୍ ବାଏବ୍ୟାକ୍ ପ୍ରୋଗ୍ରାମ ପ୍ରଚଳନ କରିଛି। ଏହି ଅନନ୍ୟ କାର୍ଯ୍ୟକ୍ରମ 'ଦ ଗ୍ରେଟ୍ ହୋଣ୍ଡା ଫେଷ୍ଟ କ୍ୟାମ୍ପେନ'ର ଅଂଶ ଭାବେ ପ୍ରଚଳନ କରାଯାଇଛି,ଯାହା କ୍ରୟ କରାଯାଉଥିବା ନୂଆ ହୋଣ୍ଡା କାର୍‌ଗୁଡିକ ନିମନ୍ତେ ଭବିଷ୍ୟତରେ ପୁନଃ ବିକ୍ରୟ ମୂଲ୍ୟ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି ଏବଂ ଏହାଦ୍ୱାରା କ୍ରେତାଙ୍କୁ ପୂର୍ଣ୍ଣ ମାନସିକ ଶାନ୍ତି ପ୍ରଦାନ କରିଥାଏ।

ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ଭାଇସ୍ ପ୍ରେସିଡେଣ୍ଟ (ମାର୍କେଟିଂ ଆଣ୍ଡ ସେଲ୍ସ) କୁନାଲ ବେହଲ କହିଥିଲେ,ଆସ୍ୟୋର୍ଡ୍ ବାଏବ୍ୟାକ୍ ପ୍ରୋଗ୍ରାମ ପ୍ରଚଳନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି କାର୍‌ସ ୨୪ ସହ ଆମର ସହଯୋଗିତା ଅତୁଳନୀୟ ମୂଲ୍ୟ ଏବଂ ମାନସିକ ଶାନ୍ତି ପ୍ରଦାନ ନିମନ୍ତେ ହୋଣ୍ଡାର ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରୁଛି ଏବଂ କ୍ରେତାମାନଙ୍କୁ ଏକ ବିଶ୍ୱଶ୍ରେଣୀର ଗାଡ଼ିଚାଳନା ଅନୁଭୂତି ପ୍ରଦାନ ସହ ଉନ୍ନୀତ କରିବା ସମୟ ଆସିଲେ ଏକ ଉତ୍ତମ ପୁନଃ ବିକ୍ରି ସୁରକ୍ଷିତ କରିବା ସୁନିଶ୍ଚିତ କରୁଛି।

ସେହିଭଳି କାର୍‌ସ ୨୪'ର କୋ-ଫାଉଣ୍ଡର ଆଣ୍ଡ ସିଏଫ୍‌ଓ ରୁଚିତ ଅଗ୍ରୱାଲ କହିଥିଲେ, ଆମେ ଏଚ୍‌ସିଆଇଏଲ୍ ସହ ସହଭାଗିତାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି କାର୍ ମାଲିକମାନଙ୍କୁ ପୂର୍ଣ୍ଣ ମାନସିକ ଶାନ୍ତି ପ୍ରଦାନ କରିବାକୁ ଏହି ଆସ୍ୟୋର୍ଡ୍ ବାଏବ୍ୟାକ୍ ପ୍ରୋଗ୍ରାମର ଡିଜାଇନ କରାଯାଇଛି।

# ଏସ୍‌ଏମ୍‌ଏଲ୍‌ର ନୂତନ ଅଭିଯାନ

**ଭୁବନେଶ୍ୱର, ୧୧।୧୦**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସତ୍ୟା ମାଇକ୍ରୋକ୍ୟାପିଟାଲ ଲିମିଟେଡ୍ (ଏସ୍‌ଏସ୍‌ଏଲ୍)ର ନୂତନ ଅଭିଯାନ 'ମାଗଣା ସ୍ୱାସ୍ଥ୍ୟସେବା ଶିବିର' ନିକଟରେ ଆରମ୍ଭ ହୋଇଯାଇଛି। ଏପରିକି ଏସ୍‌ଏସ୍‌ଏଲ୍ ଓ ସତ୍ୟା ଶକ୍ତି ଫାଉଣ୍ଡେଶନର ମିଳିତ ସହଯୋଗରେ ମେଗା ହେଲ୍‌ଥ ଚେକ୍‌ଅପ୍‌ର ଶୁଭାରମ୍ଭ କରାଯାଇଛି। ସତ୍ୟା ଶକ୍ତି ଫାଉଣ୍ଡେଶନ ପକ୍ଷରୁ ପ୍ରତିଷେଧାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ସାର୍ବଜନୀନ ସଚେତନତା ସୃଷ୍ଟି ସହିତ ଏକ ସୁସ୍ଥ ସମାଜ ସୃଷ୍ଟି କରିବାର ଆଦର୍ଶ ଉଦ୍ଦେଶ୍ୟ ସହିତ ଏହି ଅଭିଯାନ ଦୁଇଟି ସ୍ଥାନରେ ଆୟୋଜନ କରାଯାଇଛି। ଏହି ଅଭିଯାନ ସୋନପୁର ଜିଲାର ତରଭା ଗ୍ରାମ ଓ ଅନୁଗୋଳ ଜିଲାର ବଡବାହାଲ ଗ୍ରାମରେ ବସବାସ କରୁଥିବା ପ୍ରାୟ ୩୨୦ଜଣ ଲୋକଙ୍କୁ ଆବଶ୍ୟକ ସେବା ପ୍ରଦାନ କରାଯାଇଛି। ଏହି ଶିବିର ଜରିଆରେ ଲୋକମାନଙ୍କୁ ସାର୍ଟିଫାଏଡ୍ ଡାକ୍ତରମାନଙ୍କର ଡାକ୍ତରୀ ପରାମର୍ଶ ସହ ସେମାନଙ୍କୁ ମାଗଣା ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ଏହା ହିତାଧିକାରୀଙ୍କୁ ସୁସ୍ଥ ଜୀବନ ବଞ୍ଚିବା ପାଇଁ ପ୍ରଚଳିତ ମହାମାରୀ ପରିସ୍ଥିତି ଅନୁଯାୟୀ ନିଜ ସ୍ୱାସ୍ଥ୍ୟର ଯତ୍ନନେବା ଏବଂ ଜୀବନଶୈଳୀରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ପାଇଁ ପ୍ରୋତ୍ସାହିତ କରିଥିଲା। ଦିନବ୍ୟାପୀ କାର୍ଯ୍ୟକାରୀ ହୋଇଥିବା ଏହି ସ୍ୱାସ୍ଥ୍ୟ ଯାଞ୍ଚ ଶିବିରଗୁଡିକୁ ଡାକ୍ତରଙ୍କ ମାର୍ଗଦର୍ଶନ ଅଧୀନରେ ମୁଖ୍ୟତଃ ସମ୍ପୃକ୍ତ ଅଞ୍ଚଳର ନିକଟସ୍ଥ ଉପଲବ୍ଧ କ୍ଲବ ହାଉସ୍ ଓ ସ୍କୁଲ ଘରଗୁଡିକରେ ଆୟୋଜନ କରାଯାଇଥିଲା। ସେଠାରେ ଲୋକମାନେ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟଠାରୁ ଆରମ୍ଭକରି ଆହାର ଓ ପୋଷଣ ଭଳି ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ପାଇଁ ଏମ୍‌ବିବିଏସ୍ ଡାକ୍ତରମାନଙ୍କ ପରାମର୍ଶ ଭଳି ମାଗଣା ସ୍ୱାସ୍ଥ୍ୟ ସୁବିଧା ପାଇବା ସହ ମାଗଣାରେ ଜେନେରିକ୍ ଔଷଧ ପାଇଥିଲାବେଳେ ରକ୍ତଚାପ ଓ ଓଜନ ଭଳି ଗୁରୁତ୍ୱପୂର୍ଣ୍ଣ ଚେକ୍‌ଅପ୍ ମଧ୍ୟ କରାଇଥିଲେ। ଏହାବ୍ୟତୀତ ସ୍ୱାସ୍ଥ୍ୟ ଶିବିର ସମୟରେ ଲୋକମାନଙ୍କର କାଉନ୍‌ସେଲିଂ ମଧ୍ୟ କରାଯାଇଥିଲା।

ଏ ସମ୍ପର୍କରେ ସତ୍ୟା ଶକ୍ତି ଫାଉଣ୍ଡେଶନର ନିର୍ଦ୍ଦେଶକ ଓ ସିଇଓ ଶିଖା ଶର୍ମା କହିଛନ୍ତି, ଏହି ସ୍ୱାସ୍ଥ୍ୟ ଶିବିର ସ୍ୱାସ୍ଥ୍ୟ ଯାଞ୍ଚ ଓ ଚିକିତ୍ସା ଆବଶ୍ୟକ କରୁଥିବା ଲୋକମାନଙ୍କୁ ସହଯୋଗ କରିବାର ସର୍ବୋତ୍ତମ ମାଧ୍ୟମ ଏବଂ ଆମେ ଏହି ମାଗଣା ସ୍ୱାସ୍ଥ୍ୟ ଶିବିରଗୁଡିକର ପରିଚାଳନା କରିବା ପାଇଁ ସକ୍ଷମ ହୋଇଥିବାରୁ ଭାଗ୍ୟବାନ୍ ମନେକରୁଛୁ। ବହୁସଂଖ୍ୟକ ଲୋକଙ୍କୁ ଦୃଷ୍ଟିରେ ରଖି ଆମେ ନାଗରିକମାନଙ୍କର ସାମଗ୍ରିକ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ଭବିଷ୍ୟତରେ ଏଭଳି ଅଧିକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିବା ପାଇଁ ଆଶା ରଖିଛୁ।

# ହାତିମ୍‌ତାଇର ଘୋଡ଼ା

## ସ୍ମରଣୀୟ



କନିଷ୍କ

**କନିଷ୍କଙ୍କ ଜନ୍ମ ୧୯୬୨ରେ, କେନ୍ଦ୍ରାପଡ଼ା ଅସୁରେଶ୍ୱରର ଭିତରବମ୍ଭ ଗାଁରେ। ସାରସ୍ୱତ କୃତି ମଧ୍ୟରେ ଗଳ୍ପ: ଚଢ଼େଇର ଘର, ପାଳଭୂତ, କନିଷ୍କ କଥାକଳ୍ପ, ହାତିମ୍‌ତାଇର ଘୋଡ଼ା, ଉପନ୍ୟାସ: ଘାଟ, ପାପ, ପିପି ଏବଂ କବିତା: ମାୟା, ପର୍ବ, ମନ୍ତ୍ର, ହୋଓ ଭଗତେ, ଭାଇରସ୍, ବିଦାୟ ଆଦି ତାଙ୍କର ଚର୍ଚ୍ଚିତ ପୁସ୍ତକ। ଦେହ ଚେତନାକୁ ନେଇ ସାହିତ୍ୟରେ ନୂଆ ପରୀକ୍ଷା ଚଳାଇବାରେ ସେ ଯେତିକି ଅଭୀକ, ଜୀବନର ଅସୀମ ଭାବାବେଗକୁ ନେଇ ପଦଚିହ୍ନ ଛାଡ଼ିଯିବା ଭଳି ଗଳ୍ପ, ଉପନ୍ୟାସ ଓ କବିତା ଲେଖିବାରେ ସେ ସେତିକି ପଟୁ। ଏଥରର ସ୍ମରଣୀୟରେ ତାଙ୍କର ବହୁ ଚର୍ଚ୍ଚିତ ଗଳ୍ପ 'ହାତିମ୍‌ତାଇର ଘୋଡ଼ା'...**



ବୋଉ କହିଲା, "ତୁ ଏଇଟା ନଉନୁ, ଏଇଟା ନେ। ଏଥିରେ ଚଢ଼େଇ ନାଗିଚି, ଚାଲିଲାବେଳେ ଚଢ଼େଇ ଧାନ ଖୁମ୍ପିଲା ପରି ଖୁମ୍ପି ଖୁମ୍ପି ଚାଲିବ।"

ହେଲେ ଦୋକାନୀ ବୁଢ଼ା ବୋଉ ହାତକୁ ଆଉ ଗୋଟେ ଗାଡ଼ି ବଢ଼େଇ ଦଉ ଦଉ କହିଲା, "ମା! ଏଇଟା ନିଅ। ପୁଅ ଖେଳିଲାବେଳେ ୟା'ର ସଖୀ କଣ୍ଢେଇ ମୁଣ୍ଡ ହଲେଇ ନାଚିବ।"

ମୁଁ କିନ୍ତୁ ଏ ଦୁଇଟାରୁ କୋଉଟାକୁ ନବାକୁ ରାଜି ନ ଥିଲି। ଆଙ୍ଗୁଠି ଦେଖେଇ କହିଲି, "ନାଇଁ, ନାଇଁ! ମତେ ସେଇଟା ଦିଅ, ଯୋଉଟାରେ ଘୋଡ଼ା ନାଗିଚି।"

ଗାଡ଼ିଟାକୁ ମୋ' ହାତକୁ ବଢ଼େଇ ଦେଇ ଆଖି ନଚେଇ ଦୋକାନୀ ବୁଢ଼ା କହିଲା, "ଆମ ଛୁଆବାବୁଙ୍କର ପସନ୍ଦ ଖାସା ପସନ୍ଦ। ଏ ଗାଡ଼ି କୁରୁମ କାଠରେ ତିଆରି। ଏଥିରେ ଯୋଉ ଘୋଡ଼ା ନାଗିଚି ନା, ସେଇଟା ପରା ହାତିମ୍‌ତାଇର ଘୋଡ଼ା! ତାକୁ ଯୁଆଡ଼କୁ ଯେମିତି ମୋଡ଼ିବ, ସିଏ ସିଆଡ଼କୁ ସେମିତି ଚାଲିବ। ଉଁ କି ଚୁଁ କିଛି କେଁ କାଢ଼ିବନି। ଖାଲି ମୋଡ଼ି ଜାଣିଲେ ହେଲା!"

ମୁଁ ପଚାରିଲି, 'ବୋଉ ହାତିମ୍‌ତାଇ କିଏ?'

ବୋଉ କହିଲା, 'ମୁଁ ଜାଣିନି। ତୁ ଦୋକାନୀ ଅଜାଙ୍କୁ ପଚାରୁନୁ।'

ତହୁଁ ଦୋକାନୀ ବୁଢ଼ା ଫେଁ କିନା ହସି ଉଠିଲା, 'ମୁଁ କି ଜାଣେ! ମୁଁ କାଆଠୁ ଗୋଟେ ଏମିତି ଶୁଣିଥିଲି, ନବଜରେ କହିଦେଲି।'

ବୋଉ ହସିଲା। ମୁଁ ହସିଲି। ହସି ହସି ଶେଷକୁ ସେଇ ହାତିମ୍‌ତାଇର ଘୋଡ଼ା ଗାଡ଼ିଟିକୁ ଆଣିଲି। ଯେମିତି ଗାଡ଼ି ମୋ' ହାତକୁ ଆଇଚି, ମୁଁ କି ଆଉ ରହେ! ଖାଲି ହକହକ ହେଲି କେମିତି ତାକୁ ଟିକେ ଚଲେଇବି!

ତେଣେ କେତେବଡ଼ ରୋଶଣି ନାଗିଥିଲା। କେତେ ପ୍ରକାର ବାଜା ବାଜୁଥିଲା। ଗଡ଼ମା, ଗଛବାଣ, ଝରିବାଣ, ଧପଧପି ଫୁଟୁଥିଲା। ଷଣ୍ଢ, ଘୋଡ଼ା, କେଳାକେଳୁଣୀ ନାଚୁଥିଲେ।

ତା' ପଛକୁ ରାଧାକୃଷ୍ଣ ପାଞ୍ଚଟା ବିମାନରେ ମେଳଣ ମଣ୍ଡପକୁ ଆସୁଥିଲେ।

ବୋଉ ମତେ କାଖେଇ, ଭିଡ଼ ଆଡ଼େଇ ସେଇଆଡ଼େ ଚାଲିଲା।

ଥିଲାଥିଲା କିଏ ଗୋଟେ ମୋ' ଗାଡ଼ିକୁ ଟିକେ ଟାଣିଦେଲା। ମୁଁ ପଛକୁ ଚାହିଁଲି, କିଛି ଜାଣିପାରିଲିନି।

ପୁଣି ଟିକେ ଯାଇଚି କି ନାଇଁ ଏଥର କିଏ ଆଉଟିକେ ଜୋର୍ କରି ଝିଙ୍କିଦେଲା! ମୁଁ ଚିଲେଇ ଉଠିଲି, 'ବୋଉ, ମୋ ଗାଡି!'

କ'ଣ ହେଲା ବୋଲି ବୋଉ ମୋ' ମୁହଁକୁ ଚାହିଁଲା, ପଛକୁ ବୁଲି ଅନେଇଲା। ମୋ' ବୋଉ ବୟସର ସ୍ତ୍ରୀ ଲୋକଟେ ଆଖି ନଚେଇ ହସିଦେଲା।

ବୋଉ ଖୁସୀରେ ଉଛୁଳି ପଡ଼ିଲା, 'ଆଲୋ ତୁ?'

ଦୋଳ ମେଳଣ ସରି ନଥିଲା। ସେମିତି ଚାଲିଥିଲା। ଆମେ କେତେ ରାତିରେ ଘରକୁ ଫେରିଲୁ।

ପରଦିନ ସକାଳକୁ ଆମ ସାଇରେ ରାଷ୍ଟ୍ର ହେଇଗଲା, ମୁଁ ହାତିମ୍‌ତାଇର ଘୋଡ଼ା ଆଣିଚି। ମଙ୍ଗୁ, ପିଣ୍ଟୁ, ବନା, ଟକଳି, ଟଙ୍କିଆ, ରୁନୁ ସମସ୍ତେ କହିଲେ: ଆମକୁ ଟିକେ ତୋ' ହାତିମ୍‌ତାଇର ଘୋଡ଼ା ଦେ। ଆମେ ଟିକେ ଖେଳିବୁ।

ଦେବି ଦେବିନି... ଦେବି ଦେବିନି ଗୁଁ ଗୁଁ ହେଇ ମୁଁ କହିଲି, 'ମୁଁ ଆଉଟିକେ ଚଲଉଚି, ତମେ ସବୁ ମୋ' ପଛରେ ଦଉଡ଼।'

ମୁଁ ଛାତି ଫୁଲେଇ ଗାଁ ଦାଣ୍ଡରେ ହାତିମ୍‌ତାଇର ଘୋଡ଼ା ଚଲେଇ ଦୌଡ଼ିଲି। ମୋ' ପଛରେ ଅନ୍ୟମାନେ ଧାଇଁଲେ। ଥିଲା ଥିଲା ହଠାତ୍ ପିଣ୍ଟୁ ଚିଲେଇ ଉଠିଲା, 'ହାତିମ୍‌ତାଇର ଘୋଡ଼ା ଚାଲ୍... ହାତିମ୍‌ତାଇର ଘୋଡ଼ା ଚାଲ୍।'

ସମସ୍ତେ ତା' କଥାରେ ତାଳ ଧଇଲେ। ମୁଁ ଦି'ଘେରା ଗାଡ଼ି ଚଲେଇଚି କି ନାଇଁ ହାଲିଆ ହେଇ ନଥ୍‌କରି ବସିପଡ଼ିଲି।

ପିଣ୍ଟୁ କହିଲା, ମୁଁ ଆଗ ଚଲେଇବି। ମୁଁ କହିଲି ହଉ ନେ।

ଏତିକିବେଳେ ହଠାତ୍ ଗାଡ଼ିକୁ ମାଡ଼ିବସିଲା ଟକଳି। ପିଣ୍ଟୁକୁ ପେଲି ଦେଇ, ଗାଡ଼ି ନେଇ ଦୌଡ଼ି ପଳେଇଲା ତାଙ୍କ ଘର ଆଡ଼େ।

ପେଲା ଖାଇ ମେଁ ମେଁ ରଡ଼ିଛାଡ଼ିଲା ପିଣ୍ଟୁ। 'ମୋ ଗାଡ଼ି ନେଇଗଲା... ମୋ ଗାଡ଼ି ନେଇଗଲା' ବୋବାଳି ଛାଡ଼ି ମୁଁ ବି ଦୌଡ଼ିଲି ତା' ପଛରେ।

ଏଇଥିରୁ ଛୋଟିଆ କଜିଆଟେ ହେଲା। ଟକଳି କାନମୋଡ଼ା ଖାଇଲା। ମୋ' ହାତିମ୍‌ତାଇର ଘୋଡ଼ା ମୋ' ପାଖକୁ ଫେରିଆସିଲା।

ତେବେ ସେଇ ଘୋଡ଼ାଗାଡ଼ିକୁ ନେଇ ତା' ପରଠୁ ଆଉ କେଇଦିନ ଆମ ଭିତରେ ଛଡ଼ାପଡ଼ା ହେଇ ନ ଥିଲା।

କିନ୍ତୁ ଦିନେ ପିଣ୍ଟୁ ହାତରୁ ରୁନୁ ଝାମ୍ପିନବ କ'ଣ ଗାଡ଼ିର ଘୋଡ଼ା ଭାଙ୍ଗିଗଲା। ବାପା ଲୁହାକଣ୍ଟା ବାଡ଼େଇ ଗାଡ଼ି ସଜାଡ଼ି ଦେଲେ।

ବୋଉ କହିଲା, "ଆଉ କାହାକୁ ଗାଡ଼ି ଦବୁନି। ଯେତେ ମାଗିଲେ ବି ଜମା ଦବୁନି। ଅବିଜା ଛୁଆ ପୁଣି ଭାଙ୍ଗିଦେବେ! ହାତିମ୍‌ତାଇ ରାଗିବ। ପୁଣି କଳିକଜିଆ ନାଗିବ। ହେଲା?"

ମୁଁ ମୁଣ୍ଡ ଟୁଙ୍ଗାରିଲି, 'ଜମା କାଆକୁ ଛୁଇଁଇ ଦେବିନି!'

ହେଲେ କଥା ବାଟେ କଥା ରହିଗଲା। ଗାଁ ଦାଣ୍ଡରେ ହଜିଗଲା ପିଲାଦିନ। ଆଉ ହଜିଗଲା ମୋ' ହାତିମ୍‌ତାଇର ଘୋଡ଼ା।

ହାତିମ୍‌ତାଇ କିଏ, ଏଇ କଥାଟି ବି ସେମିତି ଅଜଣା ହେଇ ରହିଗଲା।

ଦିନେ କିନ୍ତୁ ମୁଁ ଜାଣିଲି, ହାତିମ୍‌ତାଇ ବୋଲି ଜଣେ ରାଜା ଏକ ହଜାର ଏକ ଶହ ବର୍ଷ ପୂର୍ବେ ରାଜୁତି କରୁଥିଲେ ପାରସ୍ୟରେ। ତାଙ୍କର ହଜାର ହଜାର ତାଲିମ୍‌ଦିଆ ପୋଷା ଘୋଡ଼ା ଥିଲେ।

ଭାବିଲି, ସେକାଳର ସେଇ କଥାଟି ବୋଧହୁଏ କାନରୁ କାନକୁ ଡେଇଁ, ଆସି ପହଞ୍ଚି ଯାଇଥିଲା ମେଳଣ ପଡ଼ିଆରେ ଖେଳଣା ଗାଡ଼ି ବିକୁଥିବା ସେଇ ବୁଢ଼ା ମଉସାଙ୍କ କାନରେ!

ଏଇ କଥାଟି ଭାବିଦେଲି ତ ମୋର ମନେପଡ଼ିଗଲା ସେଇ ବୁଢ଼ା ମଉସାଙ୍କ କଥା: "ଏଇଟା ହାତିମ୍‌ତାଇର ଘୋଡ଼ା! ତାକୁ ଯୁଆଡ଼କୁ ଯେମିତି ମୋଡ଼ିବ, ସିଏ ସିଆଡ଼କୁ ସେମିତି ଚାଲିବ। ଉଁ କି ଚୁଁ କିଛି କେଁ କାଢ଼ିବନି। ଖାଲି ମୋଡ଼ି ଜାଣିଲେ ହେଲା।"

ଏଇ କଥାଟି ମନେପଡ଼ିଗଲା ତ ମୋ' ମୁଣ୍ଡ ଘୂରେଇଦେଲା। ସେଠି ଢୁକିଗଲା ଗୋଟେ କଥା, ଅତି ଗହନ କଥା!

ମତେ ଲାଗିଲା: ମୁଁ ସିନା ପିଲାବେଳେ ହାତିମ୍‌ତାଇର ଘୋଡ଼ାକୁ ହଜେଇ ଦେଇଥିଲି, ହେଲେ ଏବେ ନିଜେ ତ ପାଲଟିଯାଇଛି ସେଇ ଘୋଡ଼ା! ମୋ'ଠି ଲାଗିଚି ଗୋଟେ ଅଦୃଶ୍ୟ ଚକ, ଗୋଟେ ଅଦୃଶ୍ୟ ଦଣ୍ଡ!

ଆଉ ସେଇ ଦଣ୍ଡକୁ ମୁଠେଇ ଧରିଚି ମୋ' ସ୍ତ୍ରୀ।

ସିଏ ନା ତାକୁ ଠିକ୍ ମୋଡ଼ି ଜାଣିଚି।
ମୁଁ ଉଁ କି ଚୁଁ କିଛି କେଁ କାଢ଼ି ପାରୁନି!
ସବୁ ତା' ମର୍ଜି!

ମୋ: ୯୮୬୧୮୬୯୯୧୦

## ପୁସ୍ତକ ପରିଚୟ

### ଓଡ଼ିଆ ଭାଷାର ସାଂସ୍କୃତିକ ବ୍ୟାକରଣ: ତାତ୍ତ୍ୱିକ ଦିଗ-ବିଦିଗ



**ଲେଖକ:** ପ୍ର. ପଞ୍ଚାନନ ମହାନ୍ତି
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୭୫/-

'ଝଙ୍କାର' ଓ 'ଏଷଣା'ରେ ପ୍ରକାଶିତ ସାଂସ୍କୃତିକ ଦୃଷ୍ଟିକୋଣରୁ ଭାଷା-ବିଚାରର ନିବନ୍ଧଗୁଡ଼ିକୁ ଆଲୋଚ୍ୟ ଗ୍ରନ୍ଥରେ ଏକତ୍ର କରାଯାଇଛି। ମୋଟ ୧୧ଟି ଶୀର୍ଷକରେ ବିଭାଜିତ ନିବନ୍ଧଗୁଡ଼ିକରେ ଡ. ମହାନ୍ତି ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ପ୍ରେକ୍ଷାପଟ ଆଧାରରେ ଓଡ଼ିଆ ଭାଷାର ଏକ ଅଭିନବ ବ୍ୟାକରଣ ପ୍ରସ୍ତୁତ କରିଛନ୍ତି ଓ ତା'ର ନାନା ତାତ୍ତ୍ୱିକ ଦିଗ-ବିଦିଗର ବିଶ୍ଳେଷଣ କରିଛନ୍ତି। 'ଭାଷା ଓ ସଂସ୍କୃତି', 'ଓଡ଼ିଆ ଭାଷାର ରୂପ-ଗୁଣ ଓ ଏଥିରେ ଦ୍ରାବିଡ଼ ତଥା ମୁଣ୍ଡା ଗୋଷ୍ଠୀର ଅବଦାନ', 'ଓଡ଼ିଆ ଭାଷାରେ ନିଆଁ ଲାଗିଲା କେମିତି?', 'ସାରଳା ମହାଭାରତର କୋକୁଆ ଓ ଅଚାଭୁଆ', 'ଗୁଣ୍ଡିଚା ଗୋଳମାଳ', 'ଜହ୍ନମାମୁଁ - ବାଘମାମୁଁ - ପୋଲିସ ମାମୁଁ', 'ପୁରୀର ନିତିଆନି', 'ପୁରୀ-ନିତିଆନି ପ୍ରସଙ୍ଗ ଓ ଗବେଷଣାର ଆଭିମୁଖ୍ୟ', 'ମାର୍କୁଣ୍ଡି ଓ କୁଇଲିବର - ଓଡ଼ିଆ - ମୁଣ୍ଡା - ଦ୍ରାବିଡ଼ ମଧ୍ୟରେ ଅଭିସରଣର ଏକ ଅନନ୍ୟ ଦୃଷ୍ଟାନ୍ତ', 'ଓଡ଼ିଆ - ବଙ୍ଗଳାର ସାର୍ବନାମିକ ବ୍ୟବସ୍ଥା ଓ ତା'ର ସାମାଜିକ - ସାଂସ୍କୃତିକ ପ୍ରେକ୍ଷାପଟ', 'ଭାଷା ଓ ସଂସ୍କୃତିର ପାରସ୍ପରିକତା: ଏକ ନମୁନା' ଭଳି ଶୀର୍ଷକ ସୂଚାଇଥାଏ ପ୍ରସଙ୍ଗଗୁଡ଼ିକୁ ପର୍ଯ୍ୟାଲୋଚନା କରିବାରେ ନିହିତ ପ୍ରାବନ୍ଧିକଙ୍କ ଗଭୀରତା। ଗ୍ରନ୍ଥାରମ୍ଭରେ ଥିବା ଗଦ୍ୟଲେଖ 'ପୁସ୍ତକର ଚଉକାଠ'ରେ ଡ. ମହାନ୍ତି ସମାଜରୁ କ୍ରମେ ଚକୁଳିଆପଣ୍ଡା, କେନ୍ଦରାଧାରୀ ଯୋଗୀ, ଗଳ୍ପସାଗର ଓ ଚଢ଼େୟା ଚଢ଼େୟାଣୀ ଆଦିଙ୍କ ପେଟପାଟଣାଭିତ୍ତିକ ଆତଯାତ ଲୋପ ପାଇଯାଉଥିବାରୁ କିପରି ଆମ ପିଲାମାନଙ୍କର ସାଂସ୍କୃତିକ-ସାମର୍ଥ୍ୟ କ୍ଷତିଗ୍ରସ୍ତ ହେଉଛି ଦର୍ଶାଇଛନ୍ତି। ଭାରତ ତଥା ଭାରତ ବାହାରେ ଭାଷାବିଦ୍ ଭାବେ ପ୍ରତିଷ୍ଠିତ ଡ. ମହାନ୍ତିଙ୍କର ଏ ଗ୍ରନ୍ଥଟି ଓଡ଼ିଆ ତଥା ଭାରତୀୟ ଭାଷାର ଭିନ୍ନ ବ୍ୟାଖ୍ୟା ପ୍ରଦାନରେ ଯେଉଁ ଭୂମିକା ତୁଲାଏ, ତା'ର ବିକଳ୍ପ କ୍ୱଚିତ୍ ସୁଲଭ।

### ରାଜଧାନୀ କଲେଜ ଦିନଗୁଡ଼ିକ



**ଲେଖକ:** ଡ. ମନ୍ମଥ କୁଣ୍ଡୁ
**ପ୍ରକାଶକ:** ଶିକ୍ଷା ସନ୍ଧାନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୩୯୦/-

୫୩୬ ପୃଷ୍ଠାର ଏହି ନାତିବୃହତ୍ ଆତ୍ମଜୀବନୀମୂଳକ ଗ୍ରନ୍ଥଟି କର୍ମଯୋଗୀ ଡକ୍ଟର ମନ୍ମଥ କୁଣ୍ଡୁଙ୍କର ରାଜଧାନୀ କଲେଜରେ ଅଧ୍ୟକ୍ଷ ଭାବେ କଟାଇଥିବା ଦିନଗୁଡ଼ିକର ଏକ ବିଶ୍ୱସ୍ତ ଇତିବୃତ୍ତ। ଏଥିରେ ପୂର୍ବାପର ଭାବେ ଅନ୍ୟକଥା ବି ଅଛି। ଯଥା ଭଦ୍ରକ କଲେଜ, ଆଦିବାସୀ ଏକାଡେମୀ ତଥା ବିଭିନ୍ନ ସ୍କୁଲ୍ କଲେଜରେ ଶିକ୍ଷକ ଭାବେ ବିତିଥିବା କର୍ମଚଞ୍ଚଳ ଅଭିଜ୍ଞତାକୁ ଗପ ପରି ବଖାଣିଯିବାର ପାରଦର୍ଶିତାରେ ବହିଟିର ପୃଷ୍ଠାଗୁଡ଼ିକ ଅକଳ୍ପନୀୟ ଭାବେ ସମୃଦ୍ଧ ହୋଇଉଠିଛି। ବହିଟି ପଢ଼ିଲେ ମନେହୁଏ, ଯେମିତି ଏହା ଏକ ଲିଖିତ ତଥ୍ୟପଞ୍ଜିକା ନୁହେଁ, ପାଠକର ସାମ୍ନାସାମ୍ନି ବସି ଶିକ୍ଷାବିଦ୍ ଡ. କୁଣ୍ଡୁ ହସାଇ ମଜାଇ ନିଜ ଜୀବନର ଅଙ୍ଗେନିଭା କାହାଣୀ ସବୁ କହିଚାଲିଛନ୍ତି। ଭଦ୍ରକ କଲେଜରେ ଅଧ୍ୟକ୍ଷ ତ୍ରିଲୋଚନ ମିଶ୍ର ଓ ଓଡ଼ିଆ ବିଭାଗ ମୁଖ୍ୟ (ଯେ କି ସଦ୍ୟ ଦ୍ୱିତୀୟ ବିବାହ କରିଥିଲେ)ଙ୍କ କଥୋପକଥନ (ପୃ:୧୫୧-୧୫୨) ପ୍ରସଙ୍ଗଟି ପଢ଼ିଲେ ବିଭାଗୀୟ ମୁଖ୍ୟଙ୍କ ସରଳତା ଓ ନିର୍ବୋଧତାର ଯେଉଁ ନିଷ୍କପଟ ପରିଚୟ ମିଳେ, ପାଠକେ ପଢ଼ି ହସ ସମ୍ବରଣ କରିପାରିବେ ନାହିଁ। ଇଂଲିଶ୍ ଆଦବକାଇଦାରେ ଅଧ୍ୟକ୍ଷ ମିଶ୍ର ଯେତେବେଳେ ପଚାରୁଛନ୍ତି- 'How do you do?' ଅଧ୍ୟକ୍ଷ ତାଙ୍କ ପୁନର୍ବିବାହ ବିଷୟ ଜାଣିଯାଇଛନ୍ତି ମନେକରି ଡ. ବଳ କହୁଛନ୍ତି- 'Not frequently sir.' ଏପରି ଏକ ଅଦ୍ଭୁତ ଉତ୍ତରରେ ବିସ୍ମୟ ପ୍ରକାଶ କରି ଚାହିଁବାରୁ ଡ. ବଳ ତାଙ୍କ ଉତ୍ତରଟି ସଠିକ୍ ହେଲାନାହିଁ ଭାବି ନିର୍ଦ୍ଦିଷ୍ଟ କରିବା ଉଦ୍ଦେଶ୍ୟରେ କହୁଛନ୍ତି: 'Once a week sir.' ବହିଟିରେ ନିଜର ସହକର୍ମୀ, କଲେଜର କର୍ମଚାରୀ ଓ ସର୍ବୋପରି ବୁଲା କୁକୁରଙ୍କ ସମ୍ପର୍କରେ ଲେଖକଙ୍କ ମର୍ମସ୍ପର୍ଶୀ ଅବତାରଣାର ସ୍ୱାଦ ବହିଟିକୁ ନ ପଢ଼ିଲେ ଜାଣିହେବ ନାହିଁ। ଆମ ଶିକ୍ଷାବ୍ୟବସ୍ଥାର ତ୍ରୁଟି ଓ ତା'ର ସଂଶୋଧନ ସମ୍ବନ୍ଧରେ ବହିଟି ଏକ ମାର୍ଗଦର୍ଶିକା।

## କବିତା

### ମାଆଙ୍କ ଆଗମନୀ

ତେଜସ୍ୱିନୀ ପଣ୍ଡା

ମାଥା ଉପରେ ବିସ୍ତୀର୍ଣ୍ଣ ଗଗନ,
ଗଗନରେ ଧଳାବାଦଲର ମେଳ,
ସ୍ନିଗ୍ଧ ଶୀତଳ ଆଶ୍ୱିନର ରୂପ ସମ୍ଭାର,
ଧରଣୀରାଣୀର ସାଜସଜ୍ଜା ଦେଖି
ମାଆ ଆସୁଛନ୍ତି ଆଶ୍ୱିନରେ।

କବି ଲେଖେ
ମାଆ ଆସନ୍ତି ନଈପଠାରେ,
ମାଆ ଆସନ୍ତି କାଶତଣ୍ଡୀରେ,
ମାଆ ଆସନ୍ତି ପୁରପଲ୍ଲୀ ଓ
ସହର ବଜାରର ମେଢ଼ରେ,
ଆଉ ଦେଖାଦିଅନ୍ତି
ପୁଷ୍ପସଜ୍ଜିତ ଦେବୀ ପ୍ରତିମାରେ,
ଅପୂର୍ବ ଉନ୍ମାଦନା ଭରି
ମାଆ ଆସୁଛନ୍ତି ଆଶ୍ୱିନରେ।

ଚିତ୍ରକରର ରଙ୍ଗତୂଳୀରେ ଦିଶେ
ଦେବୀଙ୍କ ସଜଳ ଆଖି,
ମୁରୁକି ହସୁଥିବା ଓଠ
ଆଉ ଭକ୍ତଙ୍କ ପ୍ରତି ଥିବା
ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବ,
ମାଆଙ୍କ ପ୍ରାଙ୍ଗଣରୁ ଛୁଟିଆସେ
ଆଶୀର୍ବାଦର ସୁଗନ୍ଧ,
ଚତୁର୍ଦ୍ଦିଗେ ଖାଲି ମାଆ ମାଆ ବାସେ,
ଦେବୀଙ୍କ ପ୍ରତିମା ଦିଶେ
ଖାପ୍‌ସା ଝୁଣା ଧୂଆଁରେ,
ମାଆ ଆସୁଛନ୍ତି ଆଶ୍ୱିନରେ।

ଅବାସ୍ତବ ଜୀବନ ବୀଣାରେ,
ମାଆଙ୍କ ଆବାହନୀ ହୁଏ
ପଞ୍ଚମରାଗର ଧ୍ୱନିରେ,
ସଦା ବାସ୍ପାୟିତ ସଞ୍ଜ ସଳିତାରେ,
ମାଆ ଆସୁଛନ୍ତି ଆଶ୍ୱିନରେ।

ମୋ:୯୬୯୨୩୬୧୪୦୪

### ଶରତ ସନ୍ଧ୍ୟା

ସୁହଂସ ଭୋଇ

ଅନ୍ତରୀକ୍ଷ ପଥେ ବାହୁଡ଼ି ଆସନ୍ତି
ଅଂଶୁପତି ଅସ୍ତାଚଳ
ଆକାଶର କୋଳେ ନିରତେ ଭାସନ୍ତି
ଅଭ୍ରଖଣ୍ଡ ମାଳ ମାଳ।

ନୀଳ ନଭେ ଉଡ଼ି ଲେଉଟି ଯାଆନ୍ତି
ପକ୍ଷୀ ଝାଡ଼ି ଦେଇ ପର
ଖରା ଛାଇ ଖେଳ ଗୋଧୂଳି ବେଳର
ଦୃଶ୍ୟ ଅତି ମନୋହର।

ଶୁଭେ ଉଚ୍ଚ ସ୍ୱରେ ପାହାଡ଼ ସେପାଖେ
ବେଳେବେଳେ ଘନ ରବ
ଶୀତଳ ସମୀର ବହିଲେ ଲାଗଇ
ସତେ କି ବରଷି ଯିବ।

ଚାଷୀ ଆସେ ଫେରି ବିଲ କାମ ସାରି
ଗୋ ପଲ ଛାଡ଼ନ୍ତି ଗୋଠ
ହାଣ୍ଡିଶାଳେ ମାଆ ଲଗେଇ ଦେଲେଣି
ଚୁଲିରେ ଜାଳେଣି କାଠ।

ଦୀପଟିଏ ଜଳେ ତୁଳସୀ ମୂଳରେ
ମେଘଦେଶେ ତାରାଫୁଲ
ସଅଳ ସଅଳ ନୀରବି ଗଲେଣି
ଗଛରେ ପତର ଡାଳ।

ଜହ୍ନ ଆସେ ଉଇଁ ତାଳବଣ ଡେଇଁ
ସରୋବରେ ହସେ କଇଁ
ଶରତ ସନ୍ଧ୍ୟାର ସୁଷମା ଅସୀମ
ଶୋଭା ମନ ନିଏ ମୋହି।

ମୋ: ୯୪୩୭୫୨୨୪୫୫

### ଯଦି ଭଲ ପାଅ

ମୂଳ ରଚନା: ବାରେଟ ବ୍ରାଉନି
ମର୍ମାନୁବାଦ: ଡ. ସୂଚନା ପାଢ଼ୀ

ଗୋପନେ ଗୋପନେ
ମନ ଯାଏ ଛୁଇଁ
ଚପଳ ଚାହାଣି
କହେ ମନ କଥା
ହୃଦୟର ବ୍ୟଥା
ପାରେନାହିଁ ଲୁଚାଇ।
ହରାଇବା ଅବା
ପାଇବାର ଆଶା
କରିନାହିଁ କେବେ କରିନାହିଁ।

ନିଭୃତ କୋଣ
ତୃଷାର୍ତ୍ତ ନୟନ
ତୁମ ଆକର୍ଷଣ
ମାନ ଅଭିମାନ
ମୂର୍ତ୍ତିମନ୍ତ ଶାଶ୍ୱତ
ଚିର ଅମଳିନ ଦେଦୀପ୍ୟମାନ।

ଦିବ୍ୟ ପରଶ
ଅମୃତ ଆଶିଷ
ଭଲପାଅ ଯଦି
ଭାଙ୍ଗ ନାହିଁ ବିଶ୍ୱାସ।

ମୋ: ୯୪୩୮୬୦୪୮୬୫

## କାଳକାଳକୁ



**"ତମ ଖୁସି ତମଠିଁ ନିହିତ।
ଭାବ ନାହିଁ, ପାର୍ସଲ ପରି
ଦୁଆର ସେପଟୁ ଏହା ଆସିଯିବ।"
- ଜୟନ୍ତ ମହାପାତ୍ର**

**ଜୟନ୍ତ ମହାପାତ୍ରଙ୍କ** ଜନ୍ମ ୨୨ ଅକ୍ଟୋବର ୧୯୨୮ରେ ଓ ପରଲୋକ ୨୭ ଅଗଷ୍ଟ ୨୦୨୩ରେ, କଟକ ସହରରେ। ଇଂଲିଶ୍ କବିତା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାରେ ସେ ପ୍ରଥମ ଭାରତୀୟ କବି। ତାଙ୍କ ରଚିତ 'Indian Summer' ଓ 'Hunger' ଭଳି କବିତା ଭାରତୀୟ ଇଂଲିଶ୍ କବିତାରେ ଧ୍ରୁପଦୀ ରଚନାର ମାନ୍ୟତାପ୍ରାପ୍ତ। ପଦାର୍ଥ ବିଜ୍ଞାନରେ ଅଧ୍ୟାପନା ବୃତ୍ତିକୁ ଆପଣାଇଥିବା ଏହି କବି ତାଙ୍କର 'Relationship' (୧୯୮୦) କବିତାଗ୍ରନ୍ଥ ପାଇଁ ବିଶ୍ୱ ପରିଚୟର ଅଧିକାରୀ। ୨୦୦୯ରେ 'ପଦ୍ମଶ୍ରୀ' ସମ୍ମାନରେ ଭୂଷିତ ମହାପାତ୍ର ଭାରତରେ କ୍ରମବର୍ଦ୍ଧିଷ୍ଣୁ ଅସହିଷ୍ଣୁତାର ପ୍ରତିବାଦରେ ଏହି ସମ୍ମାନ ୨୦୧୫ରେ ଫେରାଇ ଦେଇଥିଲେ।

## ଲଘୁଗଳ୍ପ

### ଫରମାସୀ

ସୁନନ୍ଦା ମହାନ୍ତି

ଜେଜେମା' କେବେ ଖାଲିରେ ବସିବା ମୁଁ ଦେଖିନାହିଁ। ସକାଳୁ ଉଠିଲେ ବାଡ଼ିରୁ ଜହ୍ନି, କାକୁଡ଼ି, ଭେଣ୍ଡି ଓ ଶାଗ ତୋଳିବା ସହ ଲଗାଉଥିବ ଗଛ। କେବେ ସେଇ ଚୋର ଭଅଁରମାନଙ୍କ ପାଇଁ ଜାତି ଜାତି ମହୁଫରା ଫୁଲଗଛ ଲଗାଉଥିବ ତ ଚୋରଣୀ ପ୍ରଜାପତି ପାଇଁ ଭିନ୍ନ ଭିନ୍ନ ସାଜସଜ୍ଜାପୂର୍ଣ୍ଣ ଶୋ ଗଛ। ତା' ପରକୁ କୋଉଠି କଲରା ଡଙ୍କ ଟେକି ବାନ୍ଧୁଥିବ ତ କୋଉଠି କୁନ୍ଦୁରି ଡଙ୍କରେ ରଞ୍ଜା ମଡ଼ାଉଥିବ। ପୁଣି ଟଗର ମନ୍ଦାର ଫୁଲ ତୋଳୁଥିବ ଠାକୁର ପୂଜା ପାଇଁ। ପୁଣି ବରଡ଼ା ଆଁଛି ଖଡ଼ିକା ମୁଠା ପ୍ରସ୍ତୁତ କରୁଥିବ ଦାଣ୍ଡ ବାରି ଖରକିବା ପାଇଁ। ସକାଳଟାରୁ ଏମିତି ଏମିତି ସବୁ କାମ ସାରି ଉଦୁଉଦିଆ ଦି'ପହରେ ଯେତେବେଳେ ଗାଁଯାକର ଲୋକମାନେ ବିଶ୍ରାମ ନେଉଥିବେ କିଏ ଦାଣ୍ଡରେ ଗାମୁଛା ପାରି ଗଡୁଥିବ ତ କିଏ ବରଗଛ ଛାଇରେ ଗଡ଼ପଡ଼ ହୋଇ ସମାଜ ପଢୁଥିବ ତ କିଏ କାଳିଆ କସରା ଦୁଇ ବଳଦଙ୍କୁ ଗଛମୂଳେ ବାନ୍ଧି ଶୋଇଯାଇଥିବ। ଏମିତି ଏମିତି କିଏ କେତେ ଢଙ୍ଗରେ, କେତେ ବାଗରେ ବିଶ୍ରାମ ନେଲାବେଳେ ଜେଜେମା' ଲାଗିଥିବ କାମରେ ବାଡ଼ିପଟେ।

ଏତିକିବେଳେ ଗାଁମୁଣ୍ଡେ ଶୁଭେ ଡାକିଆ ଭାଇର ଡାକ। ଏଇ ମୋବାଇଲ ଯୁଗରେ ମଧ୍ୟ ଝିଅ ବୋହୂଏ ଦଉଡ଼ି ଆସନ୍ତି ଚିଠି ପାଇଁ, କାରଣ କାହା ସ୍ୱାମୀ ଦାଦନ ଖଟି ଯାଇଛି ତ କାହା ଭାଇ ଫଉଜିରେ ଯୋଗ ଦେଇଛି। ଜେଜେମା' ଜାଣେ ତା' ପାଇଁ ଚିଠି ଆସିବାର ନାହିଁ, ତଥାପି ସେ ଦୁଆରେ ଠିଆ ହୋଇ ଦେଖେ କାହାର ଚିଠି ସବୁ ଆସିଛି ଦୂର ବିଦେଶରୁ। ତା'ର ମଧ୍ୟ ଦିନେ ଏମିତି ଚିଠି ଆସୁଥିଲା, ଜେଜେ ଯେବେ ରେଙ୍ଗୁନରେ କୋଉ କମ୍ପାନୀରେ ଚାକିରି କରିଥିଲେ। ଚିଠି ପାଇଲେ ଦଉଡ଼ିଯାଏ ସେ ଆର ସାହିର ଅବଧାନଙ୍କ ଘରକୁ। ଚିଠିର ଭାଷା ଜାଣିବାକୁ। କେବେ କେବେ ଚିଠି ଶେଷ ହେଲାବେଳକୁ ଲାଜରେ ତା' ମୁହଁ ଲାଲ୍ ପଡ଼ିଯାଇଥାଏ, କାରଣ ଜେଜେଙ୍କର ସବୁ ବାକ୍ୟଗୁଡ଼ିକ ପ୍ରଶ୍ନବାଚକ ଥିଲାବେଳେ 'ତୁମ ପାଇଁ କ'ଣ ନେବି ଗାଁକୁ ଗଲାବେଳେ' ପ୍ରଶ୍ନଟି ସତେ ଯେମିତି ତଣ୍ଟି ପାଖେ ମାଛକଣ୍ଟା ବଦଳରେ ଲବଙ୍ଗ ଅଟକିଗଲା ପରି ଲାଗୁଥିଲା।

ଜେଜେ ଚାଲିଗଲା ପରେ ଜେଜେ ଆଣିଦେଇଥିବା ସେଇ ନାଲି ଶାଢ଼ିଟାକୁ ସେ କାହାକୁ ଦେଲା କେଜାଣି? ଜେଜେମା'ର ଦେବାରେ ଆନନ୍ଦ। ଏବେ ବି ଗାଁକୁ ପାଟରା ଆସିଲେ ସେ ଝିଅ ବୋହୂଙ୍କ ପାଇଁ ଅଳତା, ସିନ୍ଦୂର, ଟିକିଲି ଆଦି କିଣେ। ଚୁଡ଼ିବାଲା ଆସିଲେ ଝିଅ ବୋହୂଙ୍କୁ ଚୁଡ଼ି ମୁଠାଏ ଲେଖାଏଁ ଦେଇ ମନରେ ଶାନ୍ତି ଓ ଆନନ୍ଦ ପାଏ।

ଆଜି ଆଷାଢ଼ୀ ବର୍ଷାଟା ଥମିବାର ନାଁ ନେଉନି। ବିଚରା ଚୁଡ଼ିବାଲା ଯିବ କେମିତି ଘରକୁ? ଟିକେ ରୁହ ପୁଅ କହି ଦଉଡ଼ିଗଲା ଜେଜେମା' ଘର ଭିତରକୁ। ନିଜ ହାତରେ ବୁଣିଥିବା ତାଳପତ୍ର ପଖିଆ ଖଣ୍ଡେ ବଢ଼େଇ କହୁଥିଲା ନିଅ ପାଟରା ପୁଅ। କହୁଥାଏ ଏ ଖଣ୍ଡକ ପରା ଆଜିକାଲିକା ମିଳୁଥିବା ଛତାର ଜେଜେବାପା। ଜେଜେବାପାମାନଙ୍କ ଛାତି ଯେମିତି ଟାଣ ନା ଏ ପଖିଆର ଛାତ ମଧ୍ୟ ସେମିତି। ହସି ହସି ପାଟରା ବା ଚୁଡ଼ିବାଲିମାନେ ଜେଜେମା'ଠାରୁ ପଖିଆ ଗ୍ରହଣ କରି କହନ୍ତି- ହଁ ମା' ଠିକ୍ ମାଆର ପଣତ ପରି। କି ଖୁସି ଜେଜେମା'ର!

ଆଷାଢ଼ ଯାଇ ଶ୍ରାବଣ ବରଷା ଛେଚୁଚି ଗାଁ ଦାଣ୍ଡରେ। ଛୋଟ ପିଲାମାନେ ଓଦା ହୋଇ କାଗଜଡଙ୍ଗା ଭସେଇବା ଦୃଶ୍ୟ ବିଭୋର କରୁଛି ଜେଜେମା'ଙ୍କୁ ତ ଜେଜେମା ତାଳପତ୍ର ବୁଣା ପଖିଆ ଖଣ୍ଡେ ଖଣ୍ଡେ ତାଙ୍କ ମୁଣ୍ଡରେ ଘୋଡ଼େଇ କହୁଛନ୍ତି ଆରେ ଜର ହେବରେ। ଜର ହେଲେ ବାପାମାନେ ତ ବିଦେଶରେ, ଯିଏ ଅଛନ୍ତି ଦାଦି ବଡ଼ବାପା ମାଟିମଟାଳ ହୋଇ ବିଲରେ ଖଟୁଛନ୍ତି ଏ ଟିରିଲା ସବୁ କୁଆଡ଼େ ଯାଇ ତୁମ ପାଇଁ ଔଷଧ ଆଣିଦେବେ ରେ! ପିଲାଏ ପଖିଆ ଘୋଡ଼େଇ ଡଙ୍ଗା ଭସେଇ ଭାରି ଖୁସି। ଜେଜେମା' କିନ୍ତୁ ଭାବୁଥାଏ ତା' ନିଜ ହାତବୁଣା ପଖିଆ ରୂପକ ଛତା କଥା।

ସେଦିନ ସେଇମିତି ଏକ ବର୍ଷା ବେଳାରେ ଡାକିଆ ଭାଇ ଆମ ଦୁଆରକୁ ଚଢ଼ି ଆସିଲେ। ବର୍ଷା ଥମିବାର ନାଁ ଧରୁନି। ଜେଜେମା' ପାଖରୁ ପଖିଆ ଶେଷ। ମୋ' ସ୍କୁଲ ଛତାଟି ଡାକିଆ ମଉସାଙ୍କୁ ଦେଇ ଜେଜେମା' ଯେବେ କହିଥିଲା କେତେ କେତେ ଗାଁ ଯିବାକୁ ଥିବ ଡାକିଆ ପୁଅ ଏଇଟିକୁ ନେଇଯାଅ। ଖୁବ୍ ଖୁସିରେ ଛତାଟିକୁ ନେଇ ଡାକିଆ ମଉସା ଚାଲିଗଲା ପରେ ତା' ଆରଦିନ ସ୍କୁଲ ଯିବା ବେଳକୁ ଖୁବ୍ ବର୍ଷା। ଛତାଟା ଡାକିଆ ମଉସାଙ୍କୁ ଦେବା କ'ଣ ଆବଶ୍ୟକ ଥିଲା ବୋଲି ଜେଜେମା' ଉପରେ ବିରକ୍ତି ପ୍ରକାଶ କରି ଦେଖିଲାବେଳକୁ ଗୋଟାପଣେ ଓଦା ହୋଇ ବାଡ଼ିପଟେ ପଖିଆ ବୁଣୁଛି ଜେଜେମା'। ମୁଣ୍ଡ ଉପରେ ରହିଛି କେବଳ ଗୋଟେ ଜରି। ରାଗିବା ପରିବର୍ତ୍ତେ ସେଦିନ ତ ସାଙ୍ଗ ଛତାରେ ସ୍କୁଲ ଯାଇଥିଲି, କିନ୍ତୁ ଆଜି ଅନେକ ଛତା ଘରେ ପଡ଼ିଥିଲେ ମଧ୍ୟ ଜେଜେମା' ନାହାନ୍ତି। ଛତା ଖଣ୍ଡେ ମଧ୍ୟ ଜେଜେମା'ଙ୍କୁ ନିଜ ରୋଜଗାର ପଇସାରେ ଦେଇପାରିନି, ବରଂ ମୋ' ଝିଅ ନୂଆକରି ସ୍କୁଲ ଯିବ ବୋଲି ରେନ୍‌କୋଟ୍ ଆଣିବାକୁ ଯାଉଛି ବଜାରକୁ। ପଛରୁ ଝିଅ କହୁଥିଲା ଫୁଲପକା ହଳଦିଆ ରଙ୍ଗର ରେନ୍‌କୋଟ୍ ଆଣିବ ବାପା।



ମୋ: ୯୦୪୦୯୭୭୩୨୭

# କେଭନ କୁପରଙ୍କ ପ୍ରଭାବୀ ବୋଲିଂ

**ଶ୍ରୀନଗର, ୧୧।୧୦**

ସ୍ଥାନୀୟ ବକ୍ସି ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚରେ ପ୍ରଭାବୀ ବୋଲିଂ କରିଛନ୍ତି କୋଣାର୍କ ସୂର୍ଯ୍ୟସ ଓଡ଼ିଶାର କେଭନ କୁପର। ଫଳରେ ଗୁଜରାଟ ଗ୍ରେଟ୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୪୧ ରନ କରିବାକୁ ସକ୍ଷମ ହୋଇଛି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ୭ ଓଭରରେ ୧ ଉଇକେଟ ହରାଇ ୬୧ ରନ ସଂଗ୍ରହ କରିଛି। ରିଚାର୍ଡ ଲେଭି ୧୪ ବଲ୍‌ରୁ ୨୫ (୨ ଚୌକା, ୨ ଛକା) ରନକରି ଆଉଟ ହୋଇଛନ୍ତି।

କୋଣାର୍କ ସୂର୍ଯ୍ୟସ୍ ୬ ମ୍ୟାଚରୁ ୬ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନରେ ରହିଛି। ସଦର୍ନ ସୁପର ଷ୍ଟାର୍ସ ୭ ମ୍ୟାଚରୁ ୧୦ ପଏଣ୍ଟ ସହ ଟେବୁଲର ଶୀର୍ଷରେ ଥିବାବେଳେ କ୍ୟାପିଟାଲ୍ସ ୮ ପଏଣ୍ଟ ସହିତ ଦ୍ୱିତୀୟ ଓ ହାଇଦ୍ରାବାଦ ୭ ପଏଣ୍ଟ ପାଇ ତୃତୀୟ ସ୍ଥାନ ପାଇଛି। ଇଣ୍ଡିଆ କ୍ୟାପିଟାଲ୍ସଠାରୁ ହାରିବାଦ୍ୱାରା ମଣିପାଲ ଟାଇଗର୍ସ ପଏଣ୍ଟ ୬ରେ ସୀମିତ ରହିଛି। ଗୁଜରାଟ ଗ୍ରେଟ୍ସ ୬ ମ୍ୟାଚରୁ ମାତ୍ର ୩ ପଏଣ୍ଟ ପାଇଥିବାରୁ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ି ସାରିଛି।

ଟସ୍ ଜିତି କୋଣାର୍କ ସୂର୍ଯ୍ୟସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମ୍ୟାଚର ଦ୍ୱିତୀୟ ଓଭରରେ ମର୍ନେ ଭାନ୍ ୱିକ୍ (୨)ଙ୍କୁ ଆଉଟ କରି ଗୁଜରାଟର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ବିନୟ କୁମାର। ଅଧିନାୟକ ଶିଖର ଧାୱନ ଓ କ୍ରିସ୍ ଗେଲ୍ ଦ୍ୱିତୀୟ ଉଇକେଟରେ ୫୧ ବଲ୍‌ରୁ ୫୭ ରନ ସଂଗ୍ରହ କରି ଇନିଂସ ସମ୍ଭାଳି ନେଇଥିଲେ। ଗେଲ୍ ୩୦ ବଲ୍‌ରୁ ୩୪ (୨ ଚୌକା, ୩ ଛକା) ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଗେଲ୍‌ଙ୍କ ପ୍ରାଇଜ୍ ଉଇକେଟ ନେଇ କେଭନ କୁପର ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। କେବଳ ସେତିକି ନୁହେଁ ସେ ଏହି ଓଭରରେ ହ୍ୟାଟ୍ରିକ ସହ ୪ଟି ଉଇକେଟ ନେଇ ଗୁଜରାଟକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ୧୧ତମ ଓଭରର ପ୍ରଥମ ବଲ୍‌ରେ ସେ ଗେଲ୍‌ଙ୍କୁ ଆଉଟ କରିଥିବାବେଳେ ଦ୍ୱିତୀୟ ବଲ୍‌ରେ ମହମ୍ମଦ କୈଫ(୦), ତୃତୀୟ ବଲ୍‌ରେ ଯଶପାଲ ସିଂ ଓ ଷଷ୍ଠ ବଲ୍‌ରେ ଶିଖର ଧାୱନଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଧାୱନ ୨୪ ବଲ୍‌ରୁ ୨୩ (୪ ଚୌକା) ରନକରି ଆଉଟ ହୋଇଥିଲେ। ଶେଷଭାଗରେ କାମାଉ ଲେଭେରକ ୫ ଓ ମନନ ଶର୍ମା ୪ ରନକରି ଆଉଟ ହୋଇଥିଲେ ହେଁ ଦେବବ୍ରତ ଦାସ ୨୦ ବଲ୍‌ରୁ ୨୫ (୨ ଚୌକା) ଓ ସିକୁଗେ ପ୍ରସନ୍ନା ମାତ୍ର ୧୮ ବଲ୍‌ରୁ ଦ୍ରୁତ ୩୧ (୧ ଚୌକା, ୪ ଛକା) ରନ କରିବାରୁ ଗୁଜରାଟ ଗ୍ରେଟ୍ସ ଏକ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। କୋଣାର୍କ ସୂର୍ଯ୍ୟସ ପକ୍ଷରୁ କେଭନ କୁପର ୨୫ ରନରେ ସର୍ବାଧିକ ୪ଟି ଏବଂ ଦିୱେଶ ପଠାନିଆ, ବିନୟ କୁମାର, ଶାହାବାଜ ନଦୀମ ଓ ପ୍ରବୀଣ ଟାମ୍ବେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଗ୍ରେଟ୍ସ ୨୦ ଓଭରରେ ୧୪୧/୮ (କ୍ରିସ ଗେଲ୍-୩୪, ସିକୁଗେ ପ୍ରସନ୍ନା-୩୧, ଦେବବ୍ରତ ଦାସ-୨୫, ଶିଖର ଧାୱନ-୨୩, କେଭନ କୁପର-୪/୨୫, ଦିୱେଶ ପଠାନିଆ-୧/୨୧, ବିନୟ କୁମାର-୧/୨୦, ଶାହାବାଜ ନଦୀମ-୧/୨୨, ପ୍ରବୀଣ ଟାମ୍ବେ-୧/୬)।



କ୍ରିସ୍ ଗେଲ୍



ବୋଲିଂ ଆକ୍ସନରେ କେଭନ କୁପର।

# ମିତେଶ, ଅତୀତଙ୍କ ପ୍ରଭାବୀ ବ୍ୟାଟିଂ

**ଭଦୋଦରା, ୧୧।୧୦ (ପି.ଟି.)**

ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ରଣଜୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ଦିବସରେ ବରୋଦାର ମିତେଶ ପଟେଲ ଓ ଅତୀତ ଶେଠ୍ ପ୍ରଭାବୀ ବ୍ୟାଟିଂ କରିଛନ୍ତି। ଏଥିସହିତ ଦୁହେଁ ତାଙ୍କ ଦଳକୁ ଗତଥରର ଚାମ୍ପିୟନ ମୁମ୍ବାଇ ବିପକ୍ଷ ମ୍ୟାଚରେ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ଗ୍ରୁପ୍ 'ଏ'ର ଏହି ମ୍ୟାଚରେ ବରୋଦା ଶୁକ୍ରବାର ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୨୪୧ ରନ କରିପାରିଛି। ମୁମ୍ବାଇ ପେସ୍ ବୋଲର ଶାର୍ଦ୍ଦୁଳ ଠାକୁର ଓ ମୋହିତ ଅବସ୍ଥି ବରୋଦାର ଦୁଇ ଓପନରଙ୍କୁ ଶୀଘ୍ର ପ୍ୟାଭିଲିଅନକୁ ପଠାଇ ଦେଇଥିଲେ। ପରେ ଶାମ୍ସ ମୁଲାନି ଓ ତନୁଶ କୋଟିଆନ ଚମତ୍କାର ବୋଲିଂ କରିବାରୁ ବରୋଦା ଏକଦା ୩୫ ଓଭରରେ ୯୦ରନ ସ୍କୋରରେ ଏହାର ୫ ଉଇକେଟ ହରାଇ ସାରିଥିଲା। କିନ୍ତୁ ମିତେଶ (୧୫୯ ବଲ୍‌ରୁ ୮୬ରନ) ଓ ଅତୀତ (ବ୍ୟାଟିଂ-୬୦) ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଦଳକୁ ହତାଶ କରି ପାର୍ଟନରଶିପ୍‌ରେ ୧୩୦ରନ ଯୋଗ କରିଥିଲେ। ମଧ୍ୟାହ୍ନଭୋଜନ ବେଳକୁ ବରୋଦା ଅଧିନାୟକ କ୍ରୁନାଲ ପାଣ୍ଡ୍ୟା (୨୧) ୫ମ ବ୍ୟାଟର ଭାବେ ଆଉଟ ହୋଇଥିଲେ। କ୍ରୁନାଲଙ୍କୁ ଅଫ୍ ସ୍ପିନର କୋଟିଆନ କଟ ବିହାଇଣ୍ଡ କରିଦେଇଥିଲେ। ତେବେ ଆଉଟ ହେବା ପୂର୍ବରୁ ସେ ମୁଲାନୀଙ୍କ ବୋଲିଂରେ ଦୁଇଟି ଛକା ଲଗାଇଥିଲେ। କୋଟିଆନ ଆହୁରି ମଧ୍ୟ ଦୁଲୀପ ଟ୍ରଫିରେ ଏକ ଶତକ ହାସଲ କରିଥିବା ଶାଶ୍ୱତ ରାୱତ (୬୫ ବଲ୍‌ରୁ ୨୫)ଙ୍କ ଉଇକେଟର ପତନ ଘଟାଇଥିଲେ। ନୂଆ ବଲ୍ ଇସୁ ହେବାରୁ ଅଳ୍ପ କିଛି ସମୟ ପୂର୍ବରୁ ମୁଲାନୀଙ୍କ ବଲ୍‌ରେ ଅଜିଙ୍କ୍ୟ ରାହାନେଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ ମିତେଶ। ପ୍ରଥମ ଦିବସ ଖେଳରେ ବଲ୍ ଭଲ ଟର୍ନ ଓ ବାଉନ୍ସ କରିଥିଲା। ପୂର୍ବରୁ ଘରୋଇ ଦଳ ବ୍ୟାଟିଂ ନିଷ୍ପତ୍ତି ନେବା ପରେ ଶାର୍ଦ୍ଦୁଳଙ୍କ ଶିକାର ହୋଇଥିଲେ ଶିବଲିକ ଶର୍ମା। ଜ୍ୟୋସ୍ନିଲ ସିଂ (୧୦) ଅବସ୍ଥିଙ୍କ ଦ୍ୱାରା ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବରୋଦା ପ୍ରଥମ ଇନିଂସ: ୨୪୧/୬ (ମିତେଶ ପଟେଲ-୮୬, ଅତୀତ ସେଠ୍-୬୦*, ଶାମ୍ସ ମୁଲାନୀ-୨/୯୫, ତନୁଶ କୋଟିଆନ-୨/୫୩)।

## ଜମ୍ମୁ କଶ୍ମୀର ୨୬୪/୫

**ଶ୍ରୀନଗର, ୧୧।୧୦:** ଏଠାରେ ଗ୍ରୁପ୍ 'ଏ'ର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ମହାରାଷ୍ଟ୍ର ବିପକ୍ଷରେ ଜମ୍ମୁ କଶ୍ମୀର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୫ ଉଇକେଟରେ ୨୬୪ରନ କରିଛି।

**ଜମ୍ମୁ କଶ୍ମୀର ପ୍ରଥମ ଇନିଂସ:** ୨୬୪/୫ ଶୁଭମ କାଠୁରିଆ-୧୩୦ ବ୍ୟାଟିଂ, ଶୁଭମ ପୁଣ୍ଡିର-୩୭ ; ହିତେଶ ୱାଲୁଞ୍ଜ-୨/୬୬)।

## ସର୍ଭିସେସ ୨୯୮/୪

**ନୂଆଦିଲ୍ଲୀ, ୧୧।୧୦:** ଏଠାରେ ଖେଳାଯାଇଥିବା ମେଘାଳୟ ବିପକ୍ଷ ରଣଜୀ ଟ୍ରଫି ଗ୍ରୁପ୍ 'ଏ'ର ଏକ ମ୍ୟାଚରେ ସର୍ଭିସେସ ରବି ଚୌହାନଙ୍କ ଶତକ ବଳରେ ଏହାର ପ୍ରଥମ ଇନିଂସରେ ୪ ଉଇକେଟ ବିନିମୟରେ ୨୯୮ ରନ କରିଛି।

**ସର୍ଭିସେସ ପ୍ରଥମ ଇନିଂସ** ୨୯୮/୪ (ରବିଚୌହାନ-୧୧୩, ରଜତ ପାଲିୱାଲ-୮୬ ବ୍ୟାଟିଂ ; ଆର୍ୟାନ ବୋରା-୨/୭୭)।



ନାମ୍ ଦିନ୍‌ରେ ଶୁକ୍ରବାର ଭାରତୀୟ ଫୁଟ୍‌ବଲ ଦଳର ଅଭ୍ୟାସ।

# ଭାରତ-ଭିଏଟ୍‌ନାମ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ଆଜି

**ନାମ୍ ଦିନ୍, ୧୧।୧୦ (ପି.ଟି.)**

ଭାରତ ଓ ଭିଏଟ୍‌ନାମ ମଧ୍ୟରେ ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ଏଠାରେ ଶନିବାର ଖେଳାଯିବ। ଏଥିରେ ମୁଖ୍ୟ କୋଚ୍ ମାନୋଲୋ ମାର୍କ୍ୱେଜ ଭାରତୀୟ ଦଳ ସହିତ ତାଙ୍କର ପ୍ରଥମ ବିଜୟ ହାସଲ ଲକ୍ଷ୍ୟରେ ରହିବା ସ୍ୱାଭାବିକ। ଲେବାନନ ଓହରିଯିବା ପୂର୍ବରୁ ପ୍ରକୃତରେ ଏଠାରେ ଏକ ତ୍ରିରାଷ୍ଟ୍ରୀୟ ଖେଳାଯିବାର ଯୋଜନା ରହିଥିଲା। ଦେଶରେ ଦେଖାଦେଇଥିବା ସାମ୍ପ୍ରତିକ ସଙ୍କଟ ବିଦେଶ ଗସ୍ତ ପାଇଁ ସେମାନଙ୍କ ଏକ ସମସ୍ୟା ଭାବେ ଦେଖାଦେଇଛି ବୋଲି ଲେବାନନ ଦର୍ଶାଇଛି। ଅକ୍ଟୋବର ୭ ରୁ ୧୫ ଇଣ୍ଟରନ୍ୟାଶନାଲ ମ୍ୟାଚ ଆୟୋଜନରେ ଫିଫାର କୌଣସି ଆପତ୍ତି ନ ଥିଲା। ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ହାନୋଇଠାରୁ ପ୍ରାୟ ୧୦୦ କିମି ଦୂର ସ୍ଥାନୀୟ ଥିନ୍ ଟ୍ରୋଙ୍ଗ୍ ଷ୍ଟାଡିୟମରେ ଟୁର୍ନାମେଣ୍ଟ ଖେଳାଯାଇଥାନ୍ତା। ଭାରତ ଅକ୍ଟୋବର ୯ରେ ପ୍ରଥମେ ଭିଏଟ୍‌ନାମ ଏବଂ ପରେ ଅକ୍ଟୋବର ୧୨ରେ ଲେବାନନକୁ ଭେଟିଥାନ୍ତା। ମାର୍କ୍ୱେଜଙ୍କ ଅଧୀନରେ ଭାରତ ଇତିମଧ୍ୟରେ ଦୁଇଟି ମ୍ୟାଚ୍ ଗତମାସରେ ହାଇଦ୍ରାବାଦଠାରେ ଅନୁଷ୍ଠିତ ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ରେ ଖେଳିଛି। ଦଳ ମରିସସ ବିପକ୍ଷ ମ୍ୟାଚ ଡ୍ର ରଖିଥିବା ବେଳେ ସିରିଆଠାରୁ ୦-୩ରେ ପରାଜିତ ହୋଇଛି। ସ୍ପାନିଶ କୋଚ ଶନିବାର ତାଙ୍କର ପ୍ରଥମ ବିଜୟ ହାସଲ କରିବା ଲାଗି ଉତ୍କଣ୍ଠାରେ ଥିବେ। ଫିଫା ର୍‍ୟାଙ୍କିଂରେ ୧୧୬ତମ ର୍‍ୟାଙ୍କିଂପ୍ରାପ୍ତ ଭିଏଟ୍‌ନାମ ଭାରତ (୧୨୬ତମ)ଠାରୁ ୧୦ସ୍ଥାନ ଉପରେ ରହିଛି। ଚଳିତ ଶତାବ୍ଦୀ ଆରମ୍ଭ ପରଠାରୁ ଭାରତ ଓ ଭିଏଟ୍‌ନାମ ପରସ୍ପରକୁ ୩ଥର ଭେଟିଛନ୍ତି। ୨୦୦୪ରେ ହୋଚିମିନ୍ ସିଟିରେ ଅନୁଷ୍ଠିତ ଏଲ୍‌ଜି କପ୍‌ରେ ଭାରତ ଭିଏଟ୍‌ନାମଠାରୁ ୧-୨ରେ ପରାଜିତ ହୋଇଥିବା ବେଳେ ୨୦୧୦ରେ ପୁଣେରେ ସୁନୀଲ ଛେତ୍ରୀଙ୍କ ହ୍ୟାଟ୍ରିକ ସହାୟତାରେ ଭାରତ ୩-୧ ଗୋଲରେ ବିଜୟ ଲାଭ କରିଥିଲା। ଗତ ଥର ଦୁଇ ଦଳ ମଧ୍ୟରେ ମୁକାବିଲା ୨୦୨୨ରେ ହୋଚିମିନ ସିଟିରେ ହୋଇଥିଲା। ସେତେବେଳେ ଇଗର ଷ୍ଟିମାକ୍‌ଙ୍କ ଅଧୀନରେ ଖେଳିଥିବା ଭାରତ ବିପକ୍ଷରେ ଭିଏଟ୍‌ନାମ ୩-୦ ଗୋଲ୍‌ରେ ବିଜୟ ଲାଭ କରିଥିଲା। ଏହି ଅବସରରେ ମ୍ୟାଚ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି ଭିଏଟ୍‌ନାମ ଅତୀତରେ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟର ଅନ୍ତିମ ରାଉଣ୍ଡକୁ ଉନ୍ନୀତ ହୋଇଥିଲା। ତେଣୁ ଏହି ଦେଶ ପକ୍ଷରେ ଖେଳିବା ଆମ ପାଇଁ ଖୁବ୍ ଭଲ। ଗତ କିଛି ବର୍ଷ ହେଲା ଏହି ଦଳର ଅଗ୍ରଗତି ସମ୍ପର୍କରେ ଆମକୁ ଜଣା। ଏହି ଦଳ ଆମ ପାଇଁ ଏକ କଠିନ ପ୍ରତିଦ୍ୱନ୍ଦ୍ୱୀ ନିଶ୍ଚୟ। ତେବେ ସମ ପରିମାଣରେ ଭାରି ପଡ଼ିବୁ।

# ସିଲେକ୍ସନ ପ୍ୟାନେଲରେ ଅଲିମ ଦାର୍

**ଲାହୋର, ୧୧।୧୦ (ପି.ଟି.)**

ପ୍ରଥମ ଇନିଂସରେ ୫୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରି ମଧ୍ୟ ଇଂଲଣ୍ଡ ବିପକ୍ଷ ମୁଲତାନ ଟେଷ୍ଟ ଏକ ଇନିଂସ ଓ ୪୭ରନରେ ପରାଜୟ ହେବାର କିଛି ଘଣ୍ଟା ପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏହାର ସିଲେକ୍ସନ ପ୍ୟାନେଲର ପୁନର୍ଗଠନ କରିଛି। ଏଥିରେ ଯେଉଁମାନଙ୍କୁ ସାମିଲ କରଯାଇଛି, ସେମାନଙ୍କ ମଧ୍ୟରେ ନିକଟରେ ଅବସର ନେଇଥିବା ଟେଷ୍ଟ ଅମ୍ପାୟର ଅଲିମ୍ ଦାର ଅନ୍ୟତମ। ପାକିସ୍ତାନ ଏହା ପୂର୍ବରୁ ବାଂଲାଦେଶ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ମଧ୍ୟ ପରାଜିତ ହୋଇଥିଲା। ପ୍ୟାନେଲରେ ପୂର୍ବତନ ଟେଷ୍ଟ ଖେଳାଳି ଆକ୍ବିବ ଜାଭେଦ ଓ ଆଖାର ଅଲି ଏବଂ ହସନ ଚିମା ମଧ୍ୟ ସ୍ଥାନ ପାଇଛନ୍ତି। ଚିମା ହେଉଛନ୍ତି ଜଣେ ଜଣାଶୁଣା ସ୍ପୋର୍ଟ୍ସ ବ୍ରଡକାଷ୍ଟର ଏବଂ ପାକିସ୍ତାନ ସୁପର ଲିଗ୍‌ରେ ଏକ ଫ୍ରାଞ୍ଚାଇଜରେ ସେ ଜଣେ ମ୍ୟାନେଜର ଭାବେ କାର୍ଯ୍ୟ କରିଛନ୍ତି। ବୋର୍ଡରେ ଏଭଳି ଏକ ପଦବୀ ପାଇଁ ମନୋନୀତ ହେବାରେ ଦାର୍ ହେଉଛନ୍ତି ପ୍ରଥମ ଅମ୍ପାୟର।

# ଇଂଲଣ୍ଡର ସ୍ମରଣୀୟ ବିଜୟ

**ମୁଲ୍‌ତାନ, ୧୧।୧୦ (ଏପି)**

ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ସ୍ମରଣୀୟ ବିଜୟ ହାସଲ କରିଛି। ଭ୍ରମଣକାରୀ ଦଳ ଘରୋଇ ଦଳକୁ ଏକ ଇନିଂସ ଓ ୪୭ ରନରେ ପରାସ୍ତ କରିଛି। ପୂର୍ବଦିନର ଅସମାପ୍ତ ସ୍କୋର ୧୫୨/୬ରୁ ବ୍ୟାଟିଂ ଆରମ୍ଭ କରିଥିବା ପାକିସ୍ତାନ ସଲମନ ଅଲି ଆଘା (୬୩) ଓ ଅମିର ଜମାଲ (୫୫)ଙ୍କ ଲଢୁଆ ଅର୍ଦ୍ଧଶତକ ସତ୍ତ୍ୱେ ୨୨୦ରନରେ ଅଲଆଉଟ ହୋଇଯାଇଥିଲା। ଆଘା ଓ ଜମାଲଙ୍କ ମଧ୍ୟରେ ୧୦୯ରନର ପାର୍ଟନରଶିପ୍ ହୋଇଥିଲା। ଜ୍ୱରରେ ପୀଡ଼ିତ ଥିବାରୁ ୧୧ ନମ୍ବର ବ୍ୟାଟର ଅବରାର ଅହମଦ ବ୍ୟାଟିଂ କରିବାକୁ ଆସି ନ ଥିଲେ। ପ୍ରଥମ ଇନିଂସରେ ୫୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରି ଏକ ଟେଷ୍ଟ ମ୍ୟାଚରେ ଇନିଂସ ପରାଜୟ ବରଣ କରିବାରେ ପାକିସ୍ତାନ ହେଉଛି ପ୍ରଥମ ଦେଶ। ଚତୁର୍ଥ ଦିବସ ଖେଳର ଶେଷ ସେସନରେ ଗସ୍ ଆଟକିନସନ ଏବଂ ନବାଗତ ବ୍ରାଇଡନ କାର୍ସେ ଟପ୍ ଅର୍ଡରରେ ବିପର୍ଯ୍ୟୟ ଘଟାଇଥିବା ବେଳେ ଶୁକ୍ରବାର ମ୍ୟାଚର ଅନ୍ତିମ ଦିବସ ସକାଳେ ପତନ ଘଟିଥିବା ସମସ୍ତ ତିନୋଟି ଯାକ ଉଇକେଟ ଜ୍ୟାକ୍ ଲିଚ୍ ଅକ୍ତିଆର କରିଥିଲେ। ଲିଚ୍‌ଙ୍କ ବୋଲିଂ ଫିଗର ୪/୩୦ ରହିଥିଲା। ହ୍ୟାରି ବ୍ରୁକ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ଇଂଲଣ୍ଡର ପ୍ରଥମ ଇନିଂସରେ ୩୧୭ ରନ ସଂଗ୍ରହ କରିଥିଲେ। ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଏହି ଭେନ୍ୟୁରେ ଅକ୍ଟୋବର ୧୫ରୁ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୫୫୬
ଇଂଲଣ୍ଡପ୍ରଥମଇନିଂସ:୮୨୩/୭
ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୨୦ (ଆଘା ସଲମନ-୬୩, ଅମିର ଜମାଲ-୫୫ ; ଜ୍ୟାକ୍ ଲିଚ୍-୪/୩୦, ଗସ୍ ଆଟିକିନସନ-୨/୪୬, ବ୍ରାଇଡନ କାର୍ସେ-୨/୬୬)।



ଉଇକେଟ ନେବା ପରେ ଜ୍ୟାକ୍ ଲିଚ୍ (ଡାହାଣ)କୁ ସାଥୀ ଖେଳାଳିଙ୍କ ବଧେଇ।




# କିଟ୍‌ରେ ସିବିଏସ୍‌ଇ ଜାତୀୟ ସନ୍ତରଣ ଆରମ୍ଭ

**ଭୁବନେଶ୍ୱର, ୧୧।୧୦ (ତପନ ସ୍ୱାଇଁ)**

କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଆନୁକୂଲ୍ୟରେ ସିବିଏସ୍‌ଇ (ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ) ଜାତୀୟ ସନ୍ତରଣ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ୩୦୦ରୁ ଉର୍ଦ୍ଧ୍ୱ ସିବିଏସ୍‌ଇ ସ୍କୁଲରୁ ୨୦୦୦ରୁ ଅଧିକ ସନ୍ତରଣକାରୀ/କୋଚ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଓ ଭାରତ ସରକାରଙ୍କ ନୀତି ଆୟୋଗ ନିର୍ଦ୍ଦେଶକ ଅମିତ ବର୍ମା ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନର ସୁଇମିଂ ଡେଭଲପ୍‌ମେଣ୍ଟ ମୁଖ୍ୟ ଇଆନ ଏଲ୍ସ, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରିନ୍ସିପାଲ ସଞ୍ଜୟ ସୁଆର ପ୍ରମୁଖ ଉପସ୍ଥିତ ଥିଲେ। ୧୪, ୧୭ ଓ ୧୯ ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ବର୍ଗରେ ପ୍ରତିଯୋଗିତା ହେବ। ୯ଟି ଭିନ୍ନଭିନ୍ନ ଜୋନ୍ (ନର୍ଥ ଜୋନ ୧ ଓ ୨, ସାଉଥ୍ ଜୋନ ୧ ଓ ୨, ଇଷ୍ଟଜୋନ, ୱେଷ୍ଟଜୋନ, ସେଣ୍ଟ୍ରାଲ ଜୋନ, ଫାର୍ ଇଷ୍ଟଜୋନ ଏବଂ ଫରେନ ଜୋନ୍)ରୁ ୨ ଜଣ ଲେଖାଏ ଶ୍ରେଷ୍ଠ ପ୍ରତିଯୋଗୀ ଜାତୀୟ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ।




ସିବିଏସ୍‌ଇ ଜାତୀୟ ସନ୍ତରଣ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଧରିତ୍ରୀ
DHARITRI

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୨/୨୦୨୪ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 12/2024 Page 20 ₹ 7.00 | SAMBALPUR

୫୦ଶ ଭାଗ ୩୧୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 319 ମୂଲ୍ୟ₹୭/-




## ଫାଇନାଲରେ ଆହାନ

ନୂଆଦିଲ୍ଲୀରେ ଚାଲିଥିବା ଫିନେଷ୍ଟା ଜାତୀୟ ଟେନିସ ଚାମ୍ପିୟନଶିପ୍‌ର ୧୪ ଓ ୧୬ ବର୍ଷରୁ କମ୍ ବାଳିକା ବର୍ଗ ଫାଇନାଲରେ ପହଞ୍ଚିଛନ୍ତି ଓଡ଼ିଶାର ଆହାନ।

୦୮

୦୩

## ଫାତିମାଙ୍କ ସହ ରୋମାନ୍ସ କରିବେ ଆର୍. ମାଧବନ୍

ଧର୍ମାଟିକ ଏଣ୍ଟରଟେନମେଣ୍ଟ ଦ୍ୱାରା ପ୍ରସ୍ତୁତ ରୋମାଣ୍ଟିକ-କମେଡି ଫିଲ୍ମରେ ବଲିଉଡ୍ ଅଭିନେତା ଆର୍.ମାଧବନ୍ ଓ ଅଭିନେତ୍ରୀ ଫାତିମା ସାନା ଶେଖ ରୋମାନ୍ସ କରିବେ।



## ପୋପ୍-ଜେଲେନ୍‌ସ୍କି ଭେଟ



ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଶୁକ୍ରବାର ଭାଟିକାନ୍ ସିଟିରେ ପହଞ୍ଚି କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କୁ ଭେଟି ୩୫ ମିନିଟ୍ ଆଲୋଚନା କରିଛନ୍ତି। ରୁଷିଆ ସହ ପ୍ରାୟ ଅଢ଼େଇ ବର୍ଷ ଧରି ଚାଲିଥିବା ଯୁଦ୍ଧର ଅବସାନ ପାଇଁ ପ୍ରସ୍ତାବିତ 'ଭିକ୍ଟ୍ରି ପ୍ଲାନ୍'କୁ ସମର୍ଥନ କରିବାକୁ ପୋପ୍‌ଙ୍କୁ ଜେଲେନ୍‌ସ୍କି ଅନୁରୋଧ କରିଛନ୍ତି।

# ଜାପାନର ନିହୋନ ହିଡାନ୍‌କ୍ୱୋକୁ ନୋବେଲ ଶାନ୍ତି

**ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଲାଗି ରହିଛି। ବର୍ଷକରୁ ଅଧିକ ସମୟ ନେଲାଣି ଇସ୍ରାଏଲ-ହମାସ୍ ଯୁଦ୍ଧ। ଏବେ ଏହା ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିଦେଇଛି। ଏଥିସହିତ ବିଶ୍ୱର ଆଉ କେତେକ ଦେଶ ମଧ୍ୟରେ ଲଢ଼େଇ ଚାଲିଥିବାରୁ ଲୋକେ ଶାନ୍ତି ଖୋଜିଲେଣି। ଏଭଳି ସମୟରେ ଅଣୁ ଅପ୍ରସାରକୁ ଗୁରୁତ୍ୱ ଦେଉଥିବା ଜାପାନର ନିହୋନ ହିଡାନ୍‌କ୍ୱୋକୁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଲକ୍ଷ୍ୟ ନେଇ ନରୱେ ନୋବେଲ କମିଟି ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିବା ବିଶେଷ ତାତ୍ପର୍ଯ୍ୟ ବହନ କରୁଛି।**



ଓସ୍‌ଲୋ,୧୧।୧୦

ବିଶ୍ୱକୁ ଅଣୁଅସ୍ତ୍ର ମୁକ୍ତ କରିବା ଦିଗରେ ଉଦ୍ୟମ ଚଳାଇଥିବା ଜାପାନର ନିହୋନ ହିଡାନ୍‌କ୍ୱୋ ସଂଗଠନକୁ ଚଳିତ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇଁ ଶୁକ୍ରବାର ମନୋନୀତ କରାଯାଇଛି। ୧୯୪୫ ଅଗଷ୍ଟରେ ହିରୋସୀମା, ନାଗାସାକି ଉପରେ ଆମେରିକାର ପରମାଣୁ ବୋମାମାଡ଼ରୁ ବର୍ତ୍ତିଯାଇଥିବା ଲୋକମାନଙ୍କୁ ନେଇ ଏହି ସଂଗଠନ ଗଠିତ। ଅଣୁଅସ୍ତ୍ର ବ୍ୟବହାର ନିଷିଦ୍ଧ କାର୍ଯ୍ୟକ୍ରମ ଚାପରେ ରହିଛି। ଏଭଳି ସ୍ଥିତିରେ ଅଣୁଅସ୍ତ୍ର ବ୍ୟବହାର ରୋକିବା ଦିଗରେ କାର୍ଯ୍ୟ କରୁଥିବା ଉକ୍ତ ସଂଗଠନକୁ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରାଯାଇଥିବା ନରୱେ ନୋବେଲ କମିଟି ଅଧ୍ୟକ୍ଷ ଜୋର୍ଗେନ ୱାଟ୍ନେ ଫ୍ରାଇଡନେସ୍ କହିଛନ୍ତି। ଅଣୁଅସ୍ତ୍ର ପ୍ରୟୋଗର ଭୟାବହତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ସଚେତନତା ସୃଷ୍ଟି ଲାଗି ନିହୋନ୍ ହିଡାନ୍‌କ୍ୱୋ ହିରୋସିମା, ନାଗାସାକି ବିସ୍ଫୋରଣ ଘଟଣାର ସାକ୍ଷୀ ରହିଥିବା ଅନେକ ହଜାର ଲୋକଙ୍କ ଅନୁଭୂତି ଜଣାଇବା ସହିତ ସର୍ବସାଧାରଣରେ ଅପିଲ କରିଥାଏ ଏବଂ ପ୍ରତିବର୍ଷ ଜାତିସଂଘକୁ ପ୍ରତିନିଧି ପଠାଇଥାଏ। ଅଣୁଅସ୍ତ୍ର ଅପ୍ରସାରର ଆବଶ୍ୟକତା ସମ୍ପର୍କରେ ବିଭିନ୍ନ ଶାନ୍ତି ସମ୍ମିଳନୀ ଜରିଆରେ ଏହା ବିଶ୍ୱକୁ ସ୍ମରଣ କରାଇଦେଇଥାଏ ବୋଲି ନୋବେଲ କମିଟି କହିଛି। ମଧ୍ୟପ୍ରାଚ୍ୟ, ୟୁକ୍ରେନ୍ ଏବଂ ସୁଦାନରେ ଯୁଦ୍ଧ ଲାଗିରହିଥିବାବେଳେ ଅଣୁଅସ୍ତ୍ରର ପ୍ରୟୋଗ ପାଇଁ ମଧ୍ୟ ଏକାଧିକ ଥର ଧମକ ଦିଆଗଲାଣି। ଏଭଳି ସ୍ଥିତିରେ ଅଣୁଅସ୍ତ୍ର ଅପ୍ରସାର ଦିଗରେ କାର୍ଯ୍ୟରତ ସଂଗଠନକୁ ଚଳିତ ବର୍ଷ ପାଇଁ ଶାନ୍ତି ପୁରସ୍କାର ନିମନ୍ତେ ମନୋନୀତ କରାଯିବା ଉଲ୍ଲେଖନୀୟ ଘଟଣା। ୨୦୧୭ରେ ଇଣ୍ଟରନ୍ୟାଶନାଲ କ୍ୟାମ୍ପେନ୍ ଟୁ ଆବୋଲିସ୍ ନ୍ୟୁକ୍ଲିୟର ୱେପନ୍ସ ଶାନ୍ତି ପୁରସ୍କାର ଜିତିଥିଲା। ଗତବର୍ଷ ଇରାନର ଆକ୍ଟିଭିଷ୍ଟ ନର୍ଗିସ ମହମ୍ମଦିଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ଇରାନର ମହିଳାମାନଙ୍କ ପ୍ରତି ଅତ୍ୟାଚାର ବିରୋଧରେ ଲଢ଼େଇ ଏବଂ ସମସ୍ତଙ୍କ ନିମନ୍ତେ ମାନବାଧିକାର ଓ ସ୍ୱାଧୀନତା ପାଇଁ ସଂଘର୍ଷ ଜାରି ରଖିଥିବାରୁ ନର୍ଗିସ ଏହି ସମ୍ମାନ ପାଇଁ ମନୋନୀତ ହୋଇଥିଲେ।

## ସମସ୍ତ ଦୁର୍ଗାପୂଜା ମଣ୍ଡପ ଭଡ଼ା ଛାଡ଼କଲେ ସରକାର

ଭୁବନେଶ୍ୱର,୧୧।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଦୁର୍ଗାପୂଜା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ଦୁର୍ଗାପୂଜା ପେଣ୍ଡାଲ ପାଇଁ ଭଡ଼ା ଛାଡ଼କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅନୁଯାୟୀ, ରାଜ୍ୟ ସରକାର ଅନେକ ଶହ କୋଟି ଟଙ୍କା ଛାଡ଼ କରିଥିବା ଜଣାପଡ଼ିଛି। ଭୁବନେଶ୍ୱରର ଜଣେ ପୂଜାମଣ୍ଡପର ସଦସ୍ୟଙ୍କ କହିବାନୁଯାୟୀ, ପୂଜା ମଣ୍ଡପ ଯେଉଁଠାରେ କରାଯାଏ ସେଗୁଡ଼ିକ ପ୍ରାୟତଃ ଜିଏ ବିଭାଗ, ବିଏମ୍‌ସି କିମ୍ବା ଇଡ୍‌କୋ ଜମି। ପୂର୍ବରୁ ଏଥିଲାଗି ଯାହା ଅଧୀନରେ ଯେଉଁ ଜମି ଆସୁଛି ସେମାନଙ୍କଠାରୁ ଅନୁମତି ନେବାକୁ ପଡ଼ିଥାଏ। ତୋରଣ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭଠାରୁ ପୂଜା ଶେଷହେବା ପର୍ଯ୍ୟନ୍ତ ଭଡ଼ା ସ୍ଥିର ହୋଇଥାଏ। ଏହା ରାଜଧାନୀରେ ବର୍ଗଫୁଟ୍ ହିସାବରେ ନିଆଯାଇଥାଏ। ସେହି ଅନୁଯାୟୀ ପୂଜା ଶେଷ ଭିତରେ ପ୍ରାୟ ଲକ୍ଷେ ଟଙ୍କା କିମ୍ବା ତା'ଠାରୁ ଅଧିକ ଭଡ଼ା ବାବଦରେ ସରକାରଙ୍କୁ ପ୍ରଦାନ କରାଯାଇଥାଏ।

## ଯାନ୍ତ୍ରିକ ତ୍ରୁଟି ସତ୍ତ୍ୱେ ଏୟାରଇଣ୍ଡିଆ ଏକ୍ସପ୍ରେସ୍‌ର ସୁରକ୍ଷିତ ଅବତରଣ

ତିରୁଚିରାପଲ୍ଲୀ,୧୧।୧୦



ତାମିଲନାଡୁର ତିରୁଚିରାପଲ୍ଲୀ ଏୟାରପୋର୍ଟରୁ ୧୪୦ ଯାତ୍ରୀଙ୍କୁ ନେଇ ଶାରଜା ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଏହାକୁ ଜରୁରୀ ଅବତରଣ କରାଯାଇଛି। ଶୁକ୍ରବାର ଅପରାହ୍ନ ୫ଟା ୪୩ ମିନିଟ୍ ସମୟରେ ବିମାନଟି ଉଡ଼ାଣ ଭରିବା ପରେ ଏହାର ହାଇଡ୍ରୋଲିକ୍ ଅଚଳ ହୋଇଯାଇଥିଲା। ଫଳରେ ବିମାନର ଜରୁରୀ ଅବତରଣ ପାଇଁ ପାଇଲଟ୍ ଅନୁମତି ମାଗିଥିଲେ। ସମ୍ଭାବ୍ୟ ବିପଦକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବିମାନକୁ ଫେରାଇଆଣି ତ୍ରିଚି ଏୟାରପୋର୍ଟରେ ଜରୁରୀ ☞ପୃଷ୍ଠା-୭

## ମାଲବାହୀ ଟ୍ରେନ୍‌କୁ ଧକ୍କାଦେଲା ମହୀଶୂର-ଦରଭଙ୍ଗା ଏକ୍ସପ୍ରେସ୍



ଚେନ୍ନାଇ,୧୧।୧୦

ତାମିଲନାଡୁର ତିରୁବଲ୍ଲୁର ଜିଲାରେ ମହୀଶୂରରୁ ଦରଭଙ୍ଗା ଯାଉଥିବା ଭଗମତୀ ଏକ୍ସପ୍ରେସ୍ ଶୁକ୍ରବାର ରାତିରେ ମାଲବାହୀ ଟ୍ରେନ୍‌କୁ ଧକ୍କା ଦେବାରୁ ଏହାର ୨ଟି ବଗିରେ ନିଆଁ ଲାଗିଯାଇଛି। ଫଳରେ କେତେଜଣ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ରାତି ୮ଟା ୫୦ ମିନିଟ୍ ସମୟରେ ଚେନ୍ନାଇ ନିକଟ କଭରାଇ-ପେଟ୍ଟାଇ ରେଳଷ୍ଟେଶନରେ ଏହି ଦୁର୍ଘଟଣା ଘଟିଛି। ମାଲବାହୀ ଟ୍ରେନ୍‌ଟି ଷ୍ଟେଶନରେ ଅଟକି ରହିଥିବାବେଳେ ୧୨୫୭୮ ମହୀଶୂର-ଦରଭଙ୍ଗା ଏକ୍ସପ୍ରେସ୍ ଧକ୍କା ଦେବାରୁ ଏହାର ୬ଟି ବଗି ଲାଇନଚ୍ୟୁତ ହୋଇଛି। ଘଟଣାସ୍ଥଳକୁ ରେଳୱେର ଉଚ୍ଚ ଅଧିକାରୀମାନେ ଯାଇଛନ୍ତି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ ହୋଇଥିବା ତିରୁବଲ୍ଲୁର ଜିଲାପାଳ ପି. ପ୍ରଭୁଶଙ୍କର କହିଛନ୍ତି। ସଦର୍ନ ରେଲୱେ ଚେନ୍ନାଇ ଡିଭିଜନ ପକ୍ଷରୁ ହେଲ୍ପଲାଇନ ନମ୍ବର ୦୪୪-୨୫୩୫୪୧୫୧ ଏବଂ ୦୪୪-୨୪୩୫୪୯୯୫ ଜାରି ହୋଇଛି। ପ୍ରାଥମିକ ରିପୋର୍ଟ ଅନୁଯାୟୀ ଟ୍ରାକ୍‌ରେ ତ୍ରୁଟି ଅନୁଭବ କରିବାରୁ ଏକ୍ସପ୍ରେସ୍ ଟ୍ରେନ୍‌ଟି ଲୁପ୍‌ଲାଇନରେ ପ୍ରବେଶ କରିଥିଲା। ଫଳରେ ସେଠାରେ ପୂର୍ବରୁ ଅଟକିଥିବା ଗୁଡ୍‌ସ ଟ୍ରେନ୍‌କୁ ଧକ୍କା ଦେଇଥିଲା।







### ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No.TT–ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ଇଂରାଜୀ ତା.07/10/2024 ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଥିବାରୁ ଓ ତା.14/10/2024 ରିଖ ଦିନ ଦୁର୍ଗାପୂଜା ଭସାଣି ହେତୁ, ୟୁନିଟ-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0029/2425


## ଭିକ୍ଷାବୃତ୍ତିରେ ନିୟୋଜନ ପାଇଁ ଶିଶୁପୁତ୍ର ଅପହରଣ

ନୂଆପଡ଼ା/କୋମନା,୧୧।୧୦ (ମକାରୁ ବେମାଲ/ସୋବିନ ଛତ୍ରିଆ)

**ହାଇଦ୍ରାବାଦରୁ ଉଦ୍ଧାର, ୨ କୋର୍ଟ ଚାଲାଣ**

ଭିକ୍ଷାବୃତ୍ତି କରୁଥିବା ଶିଶୁଙ୍କ ପ୍ରତି ଲୋକେ ସାଧାରଣତଃ ଦରଦ ଦେଖାନ୍ତି ଏବଂ କିଛି ଅର୍ଥ ଦେଇଥାନ୍ତି। ଏହାକୁ ଅସାମାଜିକ ବ୍ୟକ୍ତିମାନେ ଏକ ସୁଯୋଗ ମନେ କରି ସେମାନଙ୍କ ମାଧ୍ୟମରେ ରୋଜଗାର କରିବାକୁ ଉଦ୍ୟମ କରୁଛନ୍ତି। ସେମାନେ ଏଥିପାଇଁ ଗ୍ରାମାଞ୍ଚଳରୁ ପିଲା ଚୋରି କରି ବଡ଼ ସହରରେ ଭିକ୍ଷାବୃତ୍ତିରେ ନିୟୋଜିତ କରୁଛନ୍ତି। ଏଭଳି ଅପରାଧର ଶିକାର ହୋଇଛନ୍ତି ନୂଆପଡ଼ା ଜିଲା କୋମନା ଅଞ୍ଚଳର ଜଣେ ୫ବର୍ଷର ଶିଶୁପୁତ୍ର। ତାଙ୍କୁ ୧୩ ଦିନ ତଳେ ଅପହରଣ କରାଯାଇ ହାଇଦ୍ରାବାଦରେ ☞ପୃଷ୍ଠା-୭




## ସଂକ୍ଷେପରେ

### କୋଇଲା ଖଣିରେ ଆତଙ୍କବାଦୀ ଆକ୍ରମଣ: ୨୦ ମୃତ

କରାଚୀ,୧୧।୧୦(ପି.ଟି.)

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଥିବା ଏକ ଘରୋଇ କୋଇଲା ଖଣିରେ ଶୁକ୍ରବାର ଆତଙ୍କବାଦୀମାନେ ଆକ୍ରମଣ କରିବାରୁ ଅନ୍ୟୂନ ୨୦ ଖଣି ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ୮ ଜଣ ଆହତ ହୋଇଛନ୍ତି। ଜୁନୈଦ କୋଲ୍ କମ୍ପାନୀ ଉପରେ ଆତଙ୍କବାଦୀମାନେ ରକେଟ୍ ଲଞ୍ଚର ଏବଂ ସ୍ୱୟଂକ୍ରିୟ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିବା ସ୍ଥାନୀୟ ପୋଲିସ କହିଛି। ପାକିସ୍ତାନରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମିଟ୍ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ ଆତଙ୍କବାଦୀ ଆକ୍ରମଣ ଘଟିଛି। ଖଣିରେ ପ୍ରାୟ ୫୦ ଜଣ ଥିବାବେଳେ କେତେକେ ପାଖ ପାହାଡ଼କୁ ଦୌଡ଼ି ପଳାଇବା ଏବଂ ଗଭୀର ଖଣିରେ ଲୁଚିଯିବା ଯୋଗୁ ବର୍ତ୍ତିଯାଇଛନ୍ତି। ଖଣି ଶ୍ରମିକଙ୍କ ମଧ୍ୟରେ କେତେଜଣ ଆଫଗାନ୍ ନାଗରିକ ଥିଲେ।

### ଅନୁପ୍ରବେଶ ପାଇଁ ଲଞ୍ଚପ୍ୟାଡ୍‌ରେ ୧୫୦ ଆତଙ୍କବାଦୀ



ଶ୍ରୀନଗର,୧୧।୧୦

ଶୀତ ପାଖେଇ ଆସୁଥିବାବେଳେ ପାକିସ୍ତାନ ସଂଲଗ୍ନ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଲଞ୍ଚପ୍ୟାଡ୍‌ରେ ପ୍ରାୟ ୧୫୦ ଆତଙ୍କବାଦୀ କଶ୍ମୀରକୁ ଅନୁପ୍ରବେଶ ଅପେକ୍ଷାରେ ରହିଛନ୍ତି। କିନ୍ତୁ ସେମାନଙ୍କ ଅନୁପ୍ରବେଶର ସମସ୍ତ ଉଦ୍ୟମକୁ ବିଫଳ କରିବା ପାଇଁ ଭାରତୀୟ ସୁରକ୍ଷା ବଳ ପ୍ରସ୍ତୁତ ରହିଛି ବୋଲି ଶୁକ୍ରବାର ବିଏସ୍‌ଏଫ୍‌ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଆଇଜି (କଶ୍ମୀର ଫ୍ରଣ୍ଟିୟର) ଅଶୋକ ଯାଦବ ଶ୍ରୀନଗରରେ ଖବରଦାତାମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ଆଗକୁ ଶୀତଋତୁ ଆସୁଥିବାରୁ ଉପତ୍ୟକାର ଅନେକ ଅଞ୍ଚଳ ବରଫାବୃତ୍ତ ହୋଇରହିବ। ପାକିସ୍ତାନୀ ଆତଙ୍କବାଦୀମାନେ ଏହାର ସୁଯୋଗ ନେଇ ଅନୁପ୍ରବେଶ ଉଦ୍ୟମ କରିବା ଆଶଙ୍କା ରହିଛି। ଗୋଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଭାରତୀୟ ସୁରକ୍ଷା ବଳ ମଧ୍ୟ ସମନ୍ୱିତ ଢଙ୍ଗରେ ଏହାର ମୁକାବିଲା କରିବା ପାଇଁ ପ୍ରସ୍ତୁତ। ଲଞ୍ଚପ୍ୟାଡ୍‌ରେ ଥିବା ଆତଙ୍କବାଦୀଙ୍କ ସଂଖ୍ୟାକୁ ଦେଖି ସେମାନଙ୍କ ଅନୁପ୍ରବେଶ ଉଦ୍ୟମ ପଣ୍ଡ କରିବା ଲାଗି ଉପଯୁକ୍ତ ରଣନୀତି ସ୍ଥିର କରାଯାଇଛି। ଲଞ୍ଚପ୍ୟାଡ୍‌ରେ ବର୍ତ୍ତମାନ କେତେ ଆତଙ୍କବାଦୀ ଅଛନ୍ତି ବୋଲି ପ୍ରଶ୍ନ କରାଯିବାରୁ ଅଶୋକ କହିଛନ୍ତି, ସେଠାରେ ସାଧାରଣତଃ ୧୩୦ରୁ ୧୫୦ ଆତଙ୍କବାଦୀ ରହିଥାନ୍ତି। କିନ୍ତୁ ଶୀତଋତୁରେ ସେମାନଙ୍କ ସଂଖ୍ୟା ଅଧିକ ରହିଥାଏ।

## ଅଖିଳେଶଙ୍କ ଆହ୍ୱାନ

# ଏନ୍‌ଡିଏରୁ ଓହରନ୍ତୁ ନୀତୀଶ

**ସମାଜବାଦୀ ପାର୍ଟି (ଏସ୍‌ପି) ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ ଶୁକ୍ରବାର ସମ୍ପୂର୍ଣ୍ଣ କ୍ରାନ୍ତିର ମହାନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଲକ୍ଷ୍ନୌସ୍ଥିତ ଜୟପ୍ରକାଶ ନାରାୟଣ ଇଣ୍ଟରନ୍ୟାସନାଲ ସେଣ୍ଟର (ଜେପିଏନ୍‌ଆଇସି)କୁ ଯାଉଥିବାବେଳେ ଉତ୍ତର ପ୍ରଦେଶ ପୋଲିସ ତାଙ୍କ ଗାଡ଼ିକୁ ଅଟକାଇଥିଲା। ଅଖିଳେଶ ଭାଜପା ସରକାରଙ୍କ ଏଭଳି କଟକଣାକୁ ସମାଜବାଦୀ ନେତା ଜେପିଙ୍କ ପ୍ରତି ଅପମାନ ବୋଲି ନିନ୍ଦା କରିଛନ୍ତି। ଏଥିସହ ଜେପିଙ୍କ ଶିଷ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରରୁ ସମର୍ଥନ ପ୍ରତ୍ୟାହାର କରିବା ପାଇଁ ଆହ୍ୱାନ ଦେଇଛନ୍ତି।**



ଲକ୍ଷ୍ନୌରେ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ।

ଲକ୍ଷ୍ନୌ,୧୧।୧୦

ସମାଜବାଦୀ ମାର୍ଗଦର୍ଶକ ତଥା ଜରୁରିକାଳୀନ ପରିସ୍ଥିତିର ଦୃଢ଼ ସମାଲୋଚକ ସ୍ୱର୍ଗତ ଜୟପ୍ରକାଶ ନାରାୟଣଙ୍କୁ ନେଇ ୟୁପିର ଶାସକ ଭାଜପା ଏବଂ ବିରୋଧୀ ଏସ୍‌ପି ବର୍ତ୍ତମାନ ମୁହାଁମୁହିଁ ସ୍ଥିତିରେ। ଶୁକ୍ରବାର ଏହି ସୋସିଆଲିଷ୍ଟ ନେତାଙ୍କ ଜୟନ୍ତୀ ଥିଲା। ଏହି ପରିପ୍ରେକ୍ଷୀରେ ଲକ୍ଷ୍ନୌ ରାଜରାସ୍ତାରେ ଲଗାତର ଦ୍ୱିତୀୟ ବର୍ଷ ପାଇଁ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଜେପିଏନ୍‌ଆଇସି ଅଖିଳେଶ ଯାଦବ ସରକାରଙ୍କ ଅମଳର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟରୁ ଅନ୍ୟତମ। କିନ୍ତୁ ଏହାର ନିର୍ମାଣରେ ଆର୍ଥିକ ଅନିୟମିତତା ହୋଇଥିବା ଦର୍ଶାଇ ବର୍ତ୍ତମାନ ଯୋଗୀ ଆଦିତ୍ୟନାଥ ସରକାର ଏହାର ତଦନ୍ତ କରୁଛନ୍ତି। ଶୁକ୍ରବାର ସକାଳେ ଏସ୍‌ପି କର୍ମୀମାନେ ଅଖିଳେଶଙ୍କ ବାସଭବନ ବାହାରରେ ଏକତ୍ରିତ ହୋଇଥିଲେ। ଅଖିଳେଶ ନିଜ ସମର୍ଥକମାନଙ୍କ ସହ ଏକ ଗାଡ଼ିରେ ଜେପିଏନ୍‌ଆଇସି ଅଭିମୁଖେ ବାହାରିଥିବାବେଳେ ପୋଲିସ ବିକ୍ରମାଦିତ୍ୟ ମାର୍ଗସ୍ଥିତ ତାଙ୍କ ବାସଭବନ ନିକଟରେ ବ୍ୟାରିକେଡ୍ କରିଥିଲା। ସମାଜବାଦୀମାନଙ୍କୁ ଜେପିଙ୍କ ଜନ୍ମଦିନରେ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିବାରୁ ନିବୃତ୍ତ ରଖିବାରୁ ଭାଜପା ଏପରି କରିଥିବା ଅଖିଳେଶ ସମାଲୋଚନା କରିଛନ୍ତି। ପୂର୍ବାହ୍ନ ୧୦ଟା ୩୦ରେ ଅଖିଳେଶ ଜେପିଙ୍କ ଏକ ଆବକ୍ଷ ପ୍ରତିମୂର୍ତ୍ତିରେ ଫୁଲମାଳ ପିନ୍ଧାଇଥିଲେ। ଏହି ଅବସରରେ ସେ ସମର୍ଥକଙ୍କୁ ସମ୍ବୋଧିତ କରି କହିଥିଲେ, ଜେପିଏନ୍‌ଆଇସି ମ୍ୟୁଜିୟମ୍‌କୁ ଯିବାବେଳେ ଭାଜପା ସରକାର ଆମକୁ କାହିଁକି ଅଟକାଉଛି ତାହାର କାରଣ ଜଣାନାହିଁ। ଭାଜପା ସରକାରର ଏହା ପ୍ରଥମ ବ୍ଲକେଡ୍ ନୁହେଁ। ସମସ୍ତ ଭଲ କାମରେ ଭାଜପା ପ୍ରତିବନ୍ଧକ ସୃଷ୍ଟି କରିଥାଏ। ଆଜି ଆମେ ରାସ୍ତା ଉପରେ ଛିଡ଼ାହୋଇ ଜେପିଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛୁ। ପାର୍ବଣ ଦିନ ହୋଇ ନ ଥିଲେ ବାଉଁଶ ବ୍ୟାରିକେଡ୍ କର୍ମୀମାନଙ୍କୁ ଅଟକାଇପାରି ନ ଥାନ୍ତା। ଜେଡିୟୁ ଜେପି ଆନ୍ଦୋଳନରୁ ସୃଷ୍ଟି ହୋଇଥିବାରୁ ଭାଜପାର ଏଭଳି କାର୍ଯ୍ୟକୁ ବିରୋଧ କରି ଏନ୍‌ଡିଏରୁ ସମର୍ଥନ ପ୍ରତ୍ୟାହାର ଉଚିତ। ଉଲ୍ଲେଖଯୋଗ୍ୟ, ଗତ ସାଧାରଣ ନିର୍ବାଚନରେ ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ଭାଜପା ମ୍ୟାଜିକ୍ ନମ୍ବର ୨୭୨ ଛୁଇଁ ନ ପାରି ୨୪୦ ଆସନରେ ସୀମିତ ହୋଇଯାଇଥିଲା। ଫଳରେ ନୀତୀଶଙ୍କ ନେତୃତ୍ୱାଧୀନ ଜେଡିୟୁର ୧୨ ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ୧୬ ଏମ୍‌ପିଙ୍କୁ ନେଇ ତୃତୀୟ ଥର କ୍ଷମତାକୁ ଫେରିଥିଲା। ଏହି ପରିପ୍ରେକ୍ଷୀରେ ଅଖିଳେଶ କହିଛନ୍ତି, ୧୯୭୦ ଦଶକରେ ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ଆନ୍ଦୋଳନ କରିଥିବା ଜେପିଙ୍କ ଅବଦାନକୁ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଝନ୍ତି ନାହିଁ। ନୀତୀଶ ସେହି ଆନ୍ଦୋଳନରେ ସାମିଲ ଥିଲେ। ତେଣୁ ନୀତୀଶ ବର୍ତ୍ତମାନ ଏନ୍‌ଡିଏରୁ ଓହରିଯିବା ଆବଶ୍ୟକ।

> " ୧୯୭୫ ଜୁନ୍ ୨୫ରେ ଜାରି ହୋଇଥିବା ଏମର୍ଜେନ୍ସି ପାଇଁ କଂଗ୍ରେସ ଦାୟୀ। ଜୟ ପ୍ରକାଶ ନାରାୟଣ କଂଗ୍ରେସର ଏକଛତ୍ରବାଦ ବିରୋଧରେ ସମ୍ପୂର୍ଣ୍ଣ କ୍ରାନ୍ତିର ଡାକରା ଦେଇଥିଲେ। ନୀତୀଶ କୁମାର ଓ ଅଖିଳେଶ ଯାଦବଙ୍କ ବାପା ମୁଲାୟମ୍ ସିଂ ଯାଦବ ସେତେବେଳେ ଜେଲ୍ ଯାଇଥିଲେ। ତେଣୁ ଅଖିଳେଶ ଯାଦବ ପ୍ରଥମେ କଂଗ୍ରେସ ଦଳ ସହ ମେଣ୍ଟରୁ ଓହରିଯିବା ଉଚିତ।
> –କେ.ସି. ତ୍ୟାଗୀ, ଜେଡିୟୁ ନେତା

### ୬୦୦ ଭାରତୀୟ ସୈନ୍ୟ ବିପଦରେ

**ଶାନ୍ତି ସେନା ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ନେଇ ଭାରତର ଉଦ୍‌ବେଗ**

ନୂଆଦିଲ୍ଲୀ,୧୧।୧୦

ଲେବାନନ୍‌ରେ ଥିବା ଜାତିସଂଘ ଶାନ୍ତିରକ୍ଷା ବାହିନୀକୁ ଟାର୍ଗେଟ କରି ଇସ୍ରାଏଲୀ ସେନାର ଆକ୍ରମଣ ଘଟଣାରେ ଭାରତ ଉଦ୍‌ବେଗ ପ୍ରକାଶ କରିଛି। ଦକ୍ଷିଣ ଲେବାନନ୍‌ର ନାକୁରାସ୍ଥିତ ୟୁଏନ୍‌ଆଇଏଫ୍‌ଆଇଏଲ୍ ମୁଖ୍ୟାଳୟରେ ଇସ୍ରାଏଲ୍‌ର ଆକ୍ରମଣ ଯୋଗୁ ଶାନ୍ତିବାହିନୀର ୨ ସୈନ୍ୟ ଆହତ ହୋଇଛନ୍ତି। ଲେବାନନ୍‌ରେ ଜାତିସଂଘ ଶାନ୍ତିରକ୍ଷା ମିଶନରେ ୬୦୦ ଭାରତୀୟ ସୈନ୍ୟ ରହିଥିବାରୁ ସେମାନଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ଦକ୍ଷିଣ ଲେବାନନ୍‌ରେ ଥିବା ଶାନ୍ତିରକ୍ଷା ବାହିନୀର ସୁରକ୍ଷାକୁ ନେଇ ନୂଆଦିଲ୍ଲୀ ଚିନ୍ତାବ୍ୟକ୍ତ କରିଛି। ୟୁଏନ୍ ମିଶନରେ ଥିବା ୬୦୦ ଭାରତୀୟ ସୈନ୍ୟ ଇସ୍ରାଏଲ୍-ଲେବାନନ୍ ସୀମାର ୧୨୦ କିଲୋମିଟର ବ୍ଲୁଲାଇନ ମଧ୍ୟରେ ରହିଛନ୍ତି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏକ ବିବୃତିରେ ଉଦ୍‌ବେଗ ପ୍ରକାଶ କରିବା ସହ ଲେବାନନ୍ ସ୍ଥିତି ଉପରେ ନଜର ରଖିଥିବା କହିଛି। ଜାତିସଂଘ ପରିସରର ଅନୁଲଂଘନୀୟତାକୁ ସମସ୍ତେ ସମ୍ମାନ ଦେବା ଜରୁରୀ। ଶାନ୍ତିରକ୍ଷା ବାହିନୀର ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଭାରତ କହିଛି। ଶାନ୍ତିରକ୍ଷା ବାହିନୀ ଉପରେ ଆକ୍ରମଣକୁ ୟୁରୋପୀୟ ୟୁନିୟନ ଏବଂ ସ୍ପେନ୍ ସମେତ ବିଭିନ୍ନ ଦେଶ ନିନ୍ଦା କରିଛନ୍ତି।

## ନୋଏଲ୍ 'ଟାଟା ଟ୍ରଷ୍ଟ' ଅଧ୍ୟକ୍ଷ

ମୁମ୍ବାଇ,୧୧।୧୦

ନୋଏଲ୍ ଟାଟାଙ୍କୁ ଶୁକ୍ରବାର ଟାଟା ଗ୍ରୁପ୍‌ର ମାନବହିତୈଷୀ ଶାଖା ଟାଟା ଟ୍ରଷ୍ଟ ଚେୟାରମ୍ୟାନ୍ ଭାବେ ନିଯୁକ୍ତ କରାଯାଇଛି। ମୁମ୍ବାଇରେ ଟାଟା ଟ୍ରଷ୍ଟର ଏକ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୁଧବାର ମୁମ୍ବାଇର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଥିବା ରତନ ଟାଟାଙ୍କ ଉତ୍ତରାଧିକାରୀ ଭାବେ ନୋଏଲ୍ କାର୍ଯ୍ୟ କରିବେ।

୧୯୫୭ ଡିସେମ୍ବରରେ ନାଭାଲ ଟାଟା ଓ ସିମୋନ୍ ଟାଟାଙ୍କ ଔରସରୁ ଜନ୍ମିତ ନୋଏଲ୍ ବ୍ରିଟେନ୍‌ର ସସେକ୍ସ ୟୁନିଭର୍ସିଟିରେ ଉଚ୍ଚଶିକ୍ଷା ଗ୍ରହଣ କରିବା ପରେ ଆଇଏନ୍‌ଏସ୍‌ଇଏଡିରେ ଇଣ୍ଟରନ୍ୟାଶନାଲ ଏକ୍‌ଜିକ୍ୟୁଟିଭ୍ ପ୍ରୋଗ୍ରାମ(ଆଇଇପି) ପାଠ ପଢ଼ିଥିଲେ। ତାଙ୍କ ମା' ସିମୋନ୍ ଟାଟା ଜଣେ ଫରାସୀ-ସୁଇସ୍ କ୍ୟାଥୋଲିକ୍। ନାଭାଲ ଟାଟାଙ୍କ ଦ୍ୱିତୀୟ ସ୍ତ୍ରୀ ତଥା ରତନଙ୍କ ସାବତ ମା' ସିମୋନ୍(୯୪) ବର୍ତ୍ତମାନ ଟ୍ରେଣ୍ଟ, ଭୋଲ୍ଟାସ୍, ଟାଟା ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନ୍ ଏବଂ ଟାଟା ଇଣ୍ଟରନ୍ୟାଶନାଲର ଅଧ୍ୟକ୍ଷା ଅଛନ୍ତି। ନୋଏଲ୍ ଅଲୁ ମିସ୍ତ୍ରିଙ୍କୁ ବିବାହ କରିଛନ୍ତି। ଏହି ଦମ୍ପତିଙ୍କର ୨ ଝିଅ ଓ ଜଣେ ପୁଅ ଅଛନ୍ତି। ଲୋହ ଟାଟା ଇଣ୍ଡିଆନ୍ ହୋଟେଲ୍ସ କମ୍ପାନୀର ଭାଇସ୍ ପ୍ରେସିଡେଣ୍ଟ ଥିବାବେଳେ ସାନଝିଅ ମାୟା ଟାଟା କ୍ୟାପିଟାଲ ସହ ଜଡ଼ିତ। ପୁଅ ନେଭିଲ୍ଲେ ଟାଟା ଟ୍ରେଣ୍ଟରେ କାର୍ଯ୍ୟରତ ଥାଇ ଷ୍ଟାର ବାଜାର ଟିମ୍‌ର ନେତୃତ୍ୱ ନେଉଛନ୍ତି। ୨୦୦୦ ଦଶକର ପ୍ରାରମ୍ଭରେ ଟାଟା ଗ୍ରୁପ୍‌ରେ ଯୋଗଦେଇଥିବା ନୋଏଲ୍ ଏହି ବ୍ୟବସାୟିକ ସାମ୍ରାଜ୍ୟରେ ଜଣେ ବିଶିଷ୍ଟ ବ୍ୟକ୍ତି ଭାବେ ଗୁରୁତ୍ୱ ବହନ କରିଆସୁଥିଲେ। ସାର୍ ରତନ ଟାଟା ଟ୍ରଷ୍ଟ ଏବଂ ଦୋରାବ୍‌ଜୀ ଟାଟା ଟ୍ରଷ୍ଟର ଏକ ବୈଠକରେ ନୋଏଲ୍‌ଙ୍କୁ ଟାଟା ଟ୍ରଷ୍ଟର ଚେୟାରମ୍ୟାନ୍ ନିଯୁକ୍ତ କରାଯାଇଥିବା ଏକ ବିବୃତିରେ ସୂଚନା ଦିଆଯାଇଛି। ନୋଏଲ୍ ବର୍ତ୍ତମାନ ଟାଟା ଷ୍ଟିଲ୍ ଏବଂ ଘଣ୍ଟା କମ୍ପାନୀ ଟାଇଟନ୍‌ର ଉପାଧ୍ୟକ୍ଷ ଭାବେ କାର୍ଯ୍ୟରତ।

ଏହି ନୂଆ ନିଯୁକ୍ତି ପୂର୍ବରୁ ନୋଏଲ୍‌ଙ୍କ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ଗ୍ରୁପ୍‌ର ଟ୍ରେଡିଂ ଓ ଡିଷ୍ଟ୍ରିବ୍ୟୁଶନ୍ ଶାଖା ଟାଟା ଇଣ୍ଟରନ୍ୟାଶନାଲରେ ମ୍ୟାନେଜିଂ ଡାଇରେକ୍ଟର ଭାବେ। ତାଙ୍କ ନେତୃତ୍ୱରେ ୨୦୧୦ରୁ ୨୦୨୧ ମଧ୍ୟରେ କମ୍ପାନୀର ବ୍ୟବସାୟିକ କାରବାର ୫୦୦ ନିୟୁତ ଡଲାରରୁ ୩ ବିଲିୟନ୍ ଡଲାର ଉପରକୁ ଅତିକ୍ରମ କରିପାରିଥିଲା।



ନୋଏଲ୍ ଟାଟା

ଟାଟା ସନ୍ସ ମାଲିକାନାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଟ୍ରଷ୍ଟ ରହିଛି, ଯଥା-ସାର୍ ଦୋରାବ୍‌ଜୀ ଟାଟା ଟ୍ରଷ୍ଟ ଏବଂ ସାର୍ ରତନ ଟାଟା ଟ୍ରଷ୍ଟ। ଟାଟା ଟ୍ରଷ୍ଟ ଅଧୀନରେ ୧୪ଟି ଦାତବ୍ୟ ଅନୁଷ୍ଠାନ ରହିଛି, ଯାହାର ପରିଚାଳନା ଦାୟିତ୍ୱ ନୋଏଲ୍ ତୁଲାଇବାକୁ ଯାଉଛନ୍ତି। ସେ ସାର୍ ରତନ ଟାଟା ଟ୍ରଷ୍ଟର ଷଷ୍ଠ ଓ ସାର୍ ଦୋରାବ୍‌ଜୀ ଟାଟା ଟ୍ରଷ୍ଟର ଏକାଦଶ ଚେୟାରମ୍ୟାନ୍ ଭାବେ କାର୍ଯ୍ୟ କରିବେ। ଟାଟା ଟ୍ରଷ୍ଟରେ ବର୍ତ୍ତମାନ ବେଣୁ ଶ୍ରୀନିବାସନ, ବିଜୟ ସିଂ ଓ ମେହଲି ମିସ୍ତ୍ରି ଏକ୍‌ଜିକ୍ୟୁଟିଭ୍ କମିଟି ସଦସ୍ୟ ରହିଛନ୍ତି। ରତନ ଟାଟାଙ୍କ ସାନଭାଇ ଜିମି ପାରିବାରିକ ବ୍ୟବସାୟରେ ସମ୍ପୃକ୍ତ ନ ହୋଇ ଦକ୍ଷିଣ ମୁମ୍ବାଇସ୍ଥିତ କୋଲାବାର ଏକ ୨ ବେଡ୍‌ରୁମ୍ ବିଶିଷ୍ଟ ଆପାର୍ଟମେଣ୍ଟରେ ରହୁଛନ୍ତି।

ପ୍ରକାଶ ଯେ, ବର୍ଷୀୟ ନୋଏଲ୍ ଟାଟାଙ୍କୁ ପୂର୍ବରୁ ଟାଟା ସନ୍ସର ସମ୍ଭାବ୍ୟ ଚେୟାରମ୍ୟାନ୍ ଆଶାୟୀ ରୂପେ ଦେଖାଯାଉଥିଲା। କିନ୍ତୁ ପରେ ତାଙ୍କ ଶାଳକ ସାଇରସ୍ ମିସ୍ତ୍ରିଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ତେବେ ସାଇରସ୍ ବିବାଦୀୟ ହୋଇ ବିଦାହେବା ପରେ ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍)ର ତତ୍କାଳୀନ ମୁଖ୍ୟ ଏନ୍. ଚନ୍ଦ୍ରଶେଖରନ୍‌ଙ୍କୁ ଟାଟା ସନ୍ସ ଚେୟାରମ୍ୟାନ୍ କରାଯାଇଥିଲା, ଯିଏକି ଏବେ ମଧ୍ୟ ଏହି ଦାୟିତ୍ୱ ତୁଲାଉଛନ୍ତି।

### ଦେବୀ କାଳୀଙ୍କୁ ମୋଦି ଦାନ କରିଥିବା ମୁକୁଟ ବାଂଲାଦେଶ ମନ୍ଦିରରୁ ଚୋରି

ନୂଆଦିଲ୍ଲୀ,୧୧।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଂଲାଦେଶର ଜେଶୋରେଶ୍ୱରୀ ମନ୍ଦିରର ଦେବୀ କାଳୀଙ୍କୁ ଦାନ କରିଥିବା ମୁକୁଟ ଚୋରି ହୋଇଯାଇଛି। ୨୦୨୧ ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ବାଂଲାଦେଶ ଗସ୍ତରେ ଯାଇଥିବାବେଳେ ବ୍ୟକ୍ତିଗତ ଭାବେ ଉକ୍ତ ମୁକୁଟ ଉପହାର ଦେଇଥିଲେ। କାଳୀଙ୍କ ମସ୍ତକରେ ଶୋଭା ପାଉଥିବା ରୁପା ଓ ସୁନା ପ୍ଲେଟ୍‌ଯୁକ୍ତ ମୁକୁଟ ଗୁରୁବାର ଅପରାହ୍ନରୁ ମିଳୁନାହିଁ। ପୂଜକ ସେଦିନର ପୂଜା ଶେଷ କରିବା ପରେ ମୁକୁଟ ଉଭାନ ହୋଇଯାଇଥିବା ସଫେଇ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ବାଂଲାଦେଶରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ଏନେଇ ଗଭୀର ଚିନ୍ତାବ୍ୟକ୍ତ କରିବା ସହ ଘଟଣାର ତଦନ୍ତ କରି ମୁକୁଟକୁ ଉଦ୍ଧାର କରିବା ସହ ଅପରାଧୀଙ୍କୁ ଦଣ୍ଡିତ କରିବା ପାଇଁ ବାଂଲା ସରକାରଙ୍କୁ ଅନୁରୋଧ କରିଛନ୍ତି।

### ବିମାନରେ ମହିଳା ଯାତ୍ରୀଙ୍କୁ ଅସଦାଚରଣ: ଜଣେ ଗିରଫ

**ଚେନ୍ନାଇ,୧୧।୧୦:** ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ଜଣେ ମହିଳା ଯାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ୪୫ ବର୍ଷୀୟ ଅଭିଯୁକ୍ତ ଗିରଫ ହୋଇଛନ୍ତି। ବିମାନଟି ଜୟପୁରରୁ ଚେନ୍ନାଇ ଯାଉଥିଲା। ମହିଳା ଜଣକ ଏ ସମ୍ପର୍କରେ ବିମାନର କ୍ରିଉଙ୍କୁ ଜଣାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ବିମାନଟି ଚେନ୍ନାଇରେ ଅବତରଣ କରିବା ପରେ ସ୍ଥାନୀୟ ପୋଲିସ ଅଭିଯୁକ୍ତ ରାକେଶ ଶର୍ମାଙ୍କୁ ଗିରଫ କରିଥିଲା। ମହିଳା ଯାତ୍ରୀଜଣକ ୱିଣ୍ଡୋ ପାଖ ସିଟ୍‌ରେ ବସିଥିବାବେଳେ ଅଭିଯୁକ୍ତ ଜଣକ ପଛ ସିଟ୍‌ରେ ଥିଲେ।

### ମହାଦେବ ଆପ୍ ପ୍ରମୋଟର ଦୁବାଇରେ ଗିରଫ

ନୂଆଦିଲ୍ଲୀ,୧୧।୧୦

**ଖୁବ୍‌ଶୀଘ୍ର ଭାରତ ପ୍ରତ୍ୟର୍ପିତ ହେବେ ସୌରଭ ଚନ୍ଦ୍ରକର**

ମହାଦେବ ବେଟିଂ ଆପ୍‌ର ଅନ୍ୟତମ ମୁଖ୍ୟ ପ୍ରମୋଟର ସୌରଭ ଚନ୍ଦ୍ରକରଙ୍କୁ ଦୁବାଇରେ ଆନୁଷ୍ଠାନିକ ଭାବେ ଗିରଫ କରାଯାଇଛି। ତାଙ୍କୁ ଖୁବ୍‌ଶୀଘ୍ର ଭାରତ ଅଣାଯିବ। ମନିଲଣ୍ଡରିଂ ଓ ଜାଲିଆତି ମାମଲାରେ ଇଣ୍ଟରପୋଲ୍ ତାଙ୍କ ନାଁରେ ଗିରଫ ପରୱାନା ଜାରି କରିଥିଲା। ଚନ୍ଦ୍ରକରଙ୍କ ସମେତ ଆପ୍‌ର ଅନ୍ୟତମ ପ୍ରମୋଟର ରବି ଉପ୍ପଲଙ୍କୁ ଗତବର୍ଷ ଦୁବାଇରେ ଅଟକ ରଖାଯାଇ ଗୃହବନ୍ଦୀ କରାଯାଇଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅନୁରୋଧକ୍ରମେ ସେମାନଙ୍କ ନାଁରେ ରେଡ୍ କର୍ନର ଜାରି ହୋଇଥିଲା। ଚନ୍ଦ୍ରକରଙ୍କୁ କିଛିଦିନ ମଧ୍ୟରେ ଭାରତକୁ ହସ୍ତାନ୍ତର କିମ୍ବା ପ୍ରତ୍ୟର୍ପଣ କରାଯାଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏଥିପାଇଁ ଇଡି ଦୁବାଇ କର୍ତ୍ତୃପକ୍ଷଙ୍କୁ ଆନୁଷଙ୍ଗିକ ଦସ୍ତାବିଜ ପଠାଇବ। ଚନ୍ଦ୍ରକରଙ୍କ ମହାଦେବ ଅନ୍‌ଲାଇନ ବୁକ୍ ଗେମିଂ ଆଣ୍ଡ ବେଟିଂ ଆପ୍‌ରେ ବହୁ ଉଚ୍ଚ ର୍‍ୟାଙ୍କ୍‌ର ରାଜନେତା ଓ ଅମଲା ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି।




## ୟୁରେସିଆ, ପଶ୍ଚିମ ଏସିଆରେ ଶାନ୍ତି ପାଇଁ ମୋଦିଙ୍କ ଆହ୍ୱାନ

**ସମସ୍ୟାର ସମାଧାନ ଯୁଦ୍ଧକ୍ଷେତ୍ରରୁ ଆସିପାରିବନି**

ବିୟନତିୟାନେ(ଲାଓସ୍),୧୧।୧୦

ବିଶ୍ୱର ବିଭିନ୍ନ ଭାଗରେ ଯୁଦ୍ଧ ଲାଗିଥିବାରୁ ଗ୍ଲୋବାଲ ସାଉଥ୍‌ର ଦେଶଗୁଡ଼ିକ ଉପରେ ଏହାର ଅତ୍ୟନ୍ତ ନକାରାତ୍ମକ ପ୍ରଭାବ ପଡୁଛି। ୟୁରେସିଆ ଏବଂ ପଶ୍ଚିମ ଏସିଆ ଭଳି ଅଞ୍ଚଳରେ ଯଥାଶୀଘ୍ର ସମ୍ଭବ ଶାନ୍ତି ଓ ସ୍ଥିରତା ଫେରାଇଆଣିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଆହ୍ୱାନ ଦେଇଛନ୍ତି। ୧୯ତମ ପୂର୍ବ ଏସିଆ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସମସ୍ୟାର ସମାଧାନ ଯୁଦ୍ଧକ୍ଷେତ୍ରରେ ଆସିପାରିବ ନାହିଁ। ଉକ୍ତ ଅଞ୍ଚଳରେ ଚାଇନାର ଶକ୍ତି ବୃଦ୍ଧି ପାଉଥିବାବେଳେ ସମଗ୍ର ଅଞ୍ଚଳର ଶାନ୍ତି ଓ ସମୃଦ୍ଧି ପାଇଁ ମୁକ୍ତ, ଅବାଧ, ସମାବେଶୀ, ସମୃଦ୍ଧ ତଥା ନିୟମାବଳୀ ଆଧାରିତ ଇଣ୍ଡୋ-ପାସିଫିକ୍ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସମଗ୍ର ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳର ସ୍ୱାର୍ଥ ପାଇଁ ସାଉଥ୍ ଚାଇନା ସାଗରରେ ଶାନ୍ତି, ସୁରକ୍ଷା ଓ ସ୍ଥିରତା ଉପରେ ମୋଦି ଗୁରୁତ୍ୱ ଦେଇଛନ୍ତି। ଆଧିପତ୍ୟ ବିସ୍ତାର ନୁହେଁ ବିକାଶକୁ ଫୋକସ୍ କରାଯିବା ଆବଶ୍ୟକ। ୟୁରେସିଆ ଏବଂ ପଶ୍ଚିମ ଏସିଆରେ ଶାନ୍ତି ଓ ସ୍ଥିରତା ଫେରାଇଆଣିବା ଦିଗରେ ସମସ୍ତେ ପ୍ରୟାସ କରିବା ପାଇଁ ମୋଦି କହିଛନ୍ତି।

ଆସିଆନ୍-ଇଣ୍ଡିଆ ଏବଂ ଇଷ୍ଟ ଏସିଆ ସମିଟ୍‌ରେ ଯୋଗଦେବା ପାଇଁ ଦୁଇଦିନିଆ ଲାଓସ୍ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ଶୁକ୍ରବାର ତାଙ୍କ ଥାଇଲାଣ୍ଡ ପ୍ରତିପକ୍ଷ ପୈଟୋଙ୍ଗଟାର୍ନ ଶିନାୱାତ୍ରାଙ୍କ ସହ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ଓ ସାଂସ୍କୃତିକ ଯୋଗାଯୋଗ ବଢ଼ାଇବା ନେଇ ଆଲୋଚନା କରିଥିଲେ। ଏଥିସହିତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା। ୨ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଏହା ଥିଲା ପ୍ରଥମ ବୈଠକ। ସିନାୱାତ୍ରା ଗତ ଅଗଷ୍ଟରେ ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ହୋଇଥିଲେ।

### ଲାଓସ୍‌ରେ ମୋଦି-ଟ୍ରୁଡୋ ଭେଟ

ଓଟାୱା,୧୧।୧୦(ପି.ଟି.)



ଲାଓସ୍‌ରେ ଆସିଆନ୍ ସମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ କାନାଡା ପ୍ରତିପକ୍ଷ ଜଷ୍ଟିସ୍ ଟ୍ରୁଡୋ ପରସ୍ପରକୁ ଭେଟିଛନ୍ତି। କାନାଡୀୟ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ହରଦୀପ୍ ସିଂ ନିଜ୍ଜାର ହତ୍ୟାରେ ଭାରତ ସମ୍ପୃକ୍ତ ବୋଲି ବର୍ଷେ ପୂର୍ବରୁ ଟ୍ରୁଡୋ ଅଭିଯୋଗ ଆଣିବା ପରେ ଦୁଇଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। କାନାଡା ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗକୁ ନୂଆଦିଲ୍ଲୀ ଖଣ୍ଡନ କରିଥିଲା। ମୋଦିଙ୍କ ସହ ଆଲୋଚନା ବେଳେ ଏକାଠି କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଟ୍ରୁଡୋ ଗୁରୁତ୍ୱ ଦେଇଥିବା କାନାଡିଆନ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ କହିଛି।





# ସଚେତନତାକୁ ଗୁରୁତ୍ୱ ଦେବା ଆବଶ୍ୟକ



## ଆଜି ବିଶ୍ୱ ଗଣ୍ଠିବାତ ରୋଗ ଦିବସ

ପ୍ରତିବର୍ଷ ଅକ୍ଟୋବର ୧୨ ତାରିଖକୁ 'ବିଶ୍ୱ ଗଣ୍ଠିବାତ ରୋଗ ଦିବସ' (ୱାର୍ଲ୍ଡ ଆର୍ଥ୍ରାଇଟିସ୍ ଡେ) ଭାବରେ ପାଳନ କରାଯାଇଥାଏ। ଏହି ଦିବସ ଅବସରରେ ଚଳିତବର୍ଷର ସ୍ଲୋଗାନ ହେଉଛି– 'ଇନ୍‌ଫର୍ମଡ ଚଏସେସ୍, ବେଟର ଆଉଟକମ୍‌ସ'। ଏକ ସର୍ଭେରୁ ଜଣାପଡ଼ିଛି ଯେ, ଆମ ଦେଶରେ ପ୍ରାୟ ୧୮ କୋଟି ଲୋକ ର୍ୟୁମାଟଏଡ ଆର୍ଥ୍ରାଇଟିସ୍‌ରେ ପୀଡ଼ିତ ଏବଂ ପ୍ରତି ଚାରି ଜଣରେ ଜଣେ ଗଣ୍ଠି ରୋଗରେ ପୀଡ଼ିତ। ଦୁଇଟି ହାଡ଼ କିମ୍ବା ଏକାଧିକ ହାଡ଼ର ମିଳନ ଯହିଁରେ, ସେହି ହାଡ଼ଗୁଡ଼ିକ ବିଭିନ୍ନ ଦିଗକୁ, ତଳୁ ଉପରକୁ, ପାର୍ଶ୍ୱରୁ ପାର୍ଶ୍ୱକୁ ବୁଲି ପାରନ୍ତି ଓ ସ୍ଥଳ ବିଶେଷରେ କେବଳ ପାଖକୁ ପାଖ ଲାଗି କରି ଥାଆନ୍ତି, ତାହାକୁ ଗଣ୍ଠି ବା ଖଞ୍ଜା କୁହାଯାଏ। ଆମ ଶରୀରରେ ଜନ୍ମ ସମୟରେ ପାଖାପାଖି ୨୭୦ଟି ହାଡ଼ ବା ଅସ୍ଥି ଥାଏ। ତାହା ସମୟକ୍ରମେ ୨୦୬କୁ ହ୍ରାସ ପାଇଥାଏ। ଏହାର ଅନେକ କାରଣ ରହିଛି। ସେହିପରି ଆମ ଶରୀରରେ ପାଖାପାଖି ୩୬୦ ଖଞ୍ଜା ବା ଗଣ୍ଠି ଥାଆନ୍ତି। ମୁଣ୍ଡରେ ଗୋଟିଏ ହାଡ଼ ସହ ଆଉ ଗୋଟିଏ ହାଡ଼ ଲାଗିଥାଏ, ମାତ୍ର କୌଣସି ଚଳନ ନ ଥାଏ। ସେହିପରି ଛାତି ଓ ଅନ୍ୟ ସ୍ଥାନରେ ଥିବା ଉପାସ୍ଥିମାନଙ୍କର ଗତିଶୀଳ ଖଞ୍ଜା ନ ଥାଏ। ମେରୁଦଣ୍ଡରେ ଥିବା ଖଞ୍ଜାର ଚଳନ ମଧ୍ୟ ଖୁବ୍ ସୀମିତ ଯଥା ସାମାନ୍ୟ ଓ ଆଗ ପଛକୁ ଥାଏ। ମାତ୍ର କାନ୍ଧ, ଆଣ୍ଠୁ ଇତ୍ୟାଦି ଅନେକ ଦିଗକୁ ବୁଲିପାରନ୍ତି। ଆଣ୍ଠୁ କେବଳ ପଛକୁ, କହୁଣି କେବଳ ପଛକୁ ଓ ଆଗକୁ ହୋଇଥାଏ। ହାଡ଼ର ଆଙ୍ଗୁଠି ଓ ପାଦର ଆଙ୍ଗୁଠି ମଧ୍ୟ ସୀମିତ ବୁଲିପାରନ୍ତି। ହିପ୍ ଜଏଣ୍ଟ ବା ନିତମ୍ବ ଖଞ୍ଜା ଓ କାନ୍ଧର ଖଞ୍ଜାରେ ଦୁଇଟି ହାଡ଼ ବଲ୍ ଓ ସକେଟ ପରି ଥାଆନ୍ତି।

ସାଧାରଣତଃ ଆଣ୍ଠୁଗଣ୍ଠି ରୋଗ ପୁରୁଷମାନଙ୍କଠାରୁ ମହିଳାମାନଙ୍କୁ ଅଧିକ ମାତ୍ରାରେ ହୋଇଥାଏ। ପ୍ରାୟ ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ମଧ୍ୟରୁ ୪୦% ଲୋକ ଏଥିରେ ପୀଡ଼ିତ ହୋଇଥାଆନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ଯେ, ଡାକ୍ତରଙ୍କ ପରାମର୍ଶ ପାଇଁ ଆସୁଥିବା ଲୋକମାନଙ୍କ ମଧ୍ୟରୁ ଚାରି ଜଣରୁ ଜଣଙ୍କର ଗଣ୍ଠିଜନିତ ରୋଗ ଥାଏ। ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଛୋଟ ଛୋଟ ଗଣ୍ଠି ଯଥା ଆଙ୍ଗୁଠି, ପାଦ ଇତ୍ୟାଦି ଫୁଲି ଦରଜ ହୋଇଥାଏ। ସାଧାରଣତଃ ଶରୀରର ଓଜନ ବହନ କରୁଥିବା ଆଣ୍ଠୁ, ହାତରେ ଉଠାଯାଉଥିବା ସମସ୍ତ ଜିନିଷର ଭାର କାନ୍ଧ, ଶରୀରର ଓଜନ ବହନ କରୁଥିବା, ଚାଲିବା, ଦୌଡ଼ିବା, କୁଦା ମାରିବାରେ ସାହାଯ୍ୟ କରୁଥିବା ନିତମ୍ବ ବା ହିପ୍ ଗଣ୍ଠିବାତ ଦ୍ୱାରା ଆକ୍ରାନ୍ତ ହୋଇଥାଏ। ଏଭଳି ସମସ୍ୟାଠାରୁ ଦୂରେଇ ରଖିବା ପାଇଁ ଆମକୁ ବୟସ ବୃଦ୍ଧି ସହିତ ସତର୍କ ରହିବାକୁ ପଡ଼ିବ। ଶରୀରରେ ଯଦି କ୍ୟାଲ୍‌ସିୟମ ଏବଂ ଭିଟାମିନ୍–ଡି'ର ଅଭାବ ରହିଛି, ତାହାକୁ ପୂରଣ କରିବାକୁ ପଡ଼ିବ। ଏହା ସହ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ। ଗୋଟିଏ ପୋଜିଶନ୍‌ରେ ଅଧିକ ସମୟ ବସିବା ଅନୁଚିତ। ଏଭଳି ସମସ୍ୟା ଥିଲେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

**– ଡା. ରାମଚନ୍ଦ୍ର ରାଉତ, ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର**
**ମୋ : ୯୪୩୭୭୪୨୪୯୯**

# ଫାତିମାଙ୍କ ସହ ରୋମାନ୍ସ କରିବେ ଆର୍. ମାଧବନ୍



ମୁମ୍ବାଇ

ଖୁବଶୀଘ୍ର ଏକାଠି ନଜର ଆସିବାକୁ ଯାଉଛନ୍ତି ଆର୍.ମାଧବନ୍ ଏବଂ ଫାତିମା ସାନା ଶେଖ। ଧର୍ମାଟିକ ଏଣ୍ଟରଟେନମେଣ୍ଟ ଦ୍ୱାରା ପ୍ରସ୍ତୁତ ଏକ ଫିଲ୍ମରେ ଦୁହେଁ ରୋମାନ୍ସ କରିବେ। ବିବେକ ସୋନିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ବୟସ ବ୍ୟବଧାନରେ ଦୁଇ ଜଣଙ୍କ ମଧ୍ୟରେ ଗଢି ଉଠିଥିବା ପ୍ରେମ କାହାଣୀ ଉପରେ ପର୍ଯ୍ୟବେସିତ। ରୋମାଣ୍ଟିକ–କମେଡିରେ ଭରପୁର ଏହି ଫିଲ୍ମ ଚଳିତ ମାସ ଶେଷ ସୁଦ୍ଧା ରିଲିଜ୍ ହୋଇପାରେ। ଦୁହେଁ ପୂର୍ବରୁ କେବେ ଏକାଠି କାମ କରି ନ ଥିବା ବେଳେ ଦର୍ଶକଙ୍କୁ ପରଦାରେ ଏହି ନୂଆ ଯୋଡ଼ି ପସନ୍ଦ ଆସିବ ବୋଲି ଆଶା କରାଯାଉଛି।

# ନିଲମ୍ବିତ ଥାନାଧିକାରୀଙ୍କ ସମେତ ୫ ପୋଲିସଙ୍କ ପଲିଗ୍ରାଫ ଟେଷ୍ଟ ସରିଲା

### ଭରତପୁର ଥାନାରେ ନିର୍ଯାତନା ଘଟଣା

**ଭୁବନେଶ୍ୱର,୧୧।୧୦ (ସୂର୍ଯ୍ୟକାନ୍ତ ବେହେରା)**

ଭରତପୁର ଥାନାରେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କ୍ରାଇମବ୍ରାଞ୍ଚ ସହ ବିଚାରବିଭାଗୀୟ ତଦନ୍ତ ଚାଲୁ ରହିଛି। ଏହି ଘଟଣାରେ ନିଲମ୍ବିତ ହୋଇଥିବା ଥାନାଧିକାରୀଙ୍କ ସମେତ ୫ ପୋଲିସ ଅଧିକାରୀଙ୍କୁ ମିଛଧରା ପରୀକ୍ଷା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ଗୁଜରାଟ ଗାନ୍ଧୀନଗରସ୍ଥିତ ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ନେଇଥିଲା। ସେଠାରେ ନିଲମ୍ବିତ ଅଧିକାରୀ ଆଇଆଇସି ଦୀନକୃଷ୍ଣ ମିଶ୍ର, ଏସ୍‌ଆଇ ବୈଶାଳିନୀ ପଣ୍ଡା, ଏଏସ୍‌ଆଇ ସାଗରିକା ରଥ, ଏଏସ୍‌ଆଇ ସଲୀଳମୈୟୀ ସାହୁ ଏବଂ ଘଟଣା ଦିନ ଥାନାରେ ପ୍ରତ୍ୟକ୍ଷଦର୍ଶୀ ଭାବେ ଉପସ୍ଥିତ ଥିବା ଜଣେ କାର୍ଯ୍ୟରତ ଏସ୍‌ଆଇଙ୍କ ପଲିଗ୍ରାଫ ଟେଷ୍ଟ ସରିଥିବା ସୂଚନା ମିଳିଛି। ତେବେ ପଲିଗ୍ରାଫ ଟେଷ୍ଟ ସରିବା ପରେ ଆଇଆଇସି ମିଶ୍ରଙ୍କ ବ୍ୟତୀତ ଅନ୍ୟ ୪ ପୋଲିସ କର୍ମଚାରୀ ଓଡିଶା ଫେରିଛନ୍ତି। ଏବେ ଆଇଆଇସି ମିଶ୍ରଙ୍କର ଅନ୍ୟ କେତେକ ଟେଷ୍ଟ ହେବ ବୋଲି ଜଣାପଡିଛି। ଆସନ୍ତା ୨୧ ତାରିଖ ସୁଦ୍ଧା ଗାନ୍ଧିନଗର ଡିଏଫ୍‌ଏସ୍‌ଏଲ ପକ୍ଷରୁ କୋର୍ଟରେ ରିପୋର୍ଟ ଦାଖଲ ହେବ। ଅକ୍ଟୋବର ଶେଷ ସୁଦ୍ଧା ତଦନ୍ତ ରିପୋର୍ଟ କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯିବ ବୋଲି ସୂଚନା ରହିଛି। ତେଣୁ ଏହି ରିପୋର୍ଟ ଆସିବା ପରେ ତଦନ୍ତରୁ କ'ଣ ନିଷ୍କର୍ଷ ବାହାରିବ ଓ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ଉପରେ ଏବେ ସମସ୍ତଙ୍କ ନଜର।

# ୧୩ରେ ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ

**ଭୁବନେଶ୍ୱର,୧୧।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

ଉତ୍କଳିକା ପକ୍ଷରୁ ଆସନ୍ତା ୧୩ ତାରିଖରେ ଭଞ୍ଜକଳା ମଣ୍ଡପରେ 'ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ଉତ୍ସବ ୨୦୨୪' ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ଶିଳ୍ପୀମାନେ ଅଂଶ ଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିବେ। ଏହି ଅବସରରେ ଗୁରୁ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କୁ 'ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ'ରେ ସମ୍ମାନିତ କରାଯିବ। ସେହିପରି ମନୋଜ କୁମାର ପ୍ରଧାନ, ରୂପକ କୁମାର ପରିଡ଼ା ଓ ସୌମ୍ୟ ରଞ୍ଜନ ନାୟକ 'ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ ହେବେ। ଉତ୍ସବରେ ରୂପକ କୁମାର ପରିଡ଼ା, ପ୍ରତୀକ ପଟ୍ଟନାୟକ, ଅନୁଷ୍ଠାନର ପ୍ରତିଷ୍ଠାତା ଶେଖର ସୁମନ ମାଝି, ମନୋଜ କୁମାର ପ୍ରଧାନ ଓ ବିଭୁ ପ୍ରସାଦ ବେହେରା କାର୍ଯ୍ୟକ୍ରମ ପରିବେଷଣ କରିବେ।









































ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀ ଶୁକ୍ରବାର ମହିଷମର୍ଦ୍ଦିନୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

# ଧରାବତରଣ କରିଛନ୍ତି ମା'

■ସୁବର୍ଣ୍ଣପୁରରେ ବଢ଼ିଲା ଭକ୍ତଙ୍କ ଭିଡ଼

■ସହରରେ ୯, ଜିଲାରେ ୭୧ ପୂଜା ମଣ୍ଡପ

ସୋନପୁର,୧୧।୧୦(ମୃତ୍ୟୁଞ୍ଜୟ ଶତପଥୀ)

ଧରାବତରଣ କରିଛନ୍ତି ଜଗଜ୍ଜନନୀ ଦେବୀ ଦୁର୍ଗା। ମା'ଙ୍କ ଆଗମନରେ ସୁବର୍ଣ୍ଣପୁର ଜିଲାରେ ଗାଁଠାରୁ ସହର ଚଳଚଞ୍ଚଳ। ବିଶେଷକରି ଶକ୍ତିପୀଠ ସୁବର୍ଣ୍ଣପୁରରେ ହର୍ଷଉଲ୍ଲାସ ସହ ଦୁର୍ଗା ମା'ଙ୍କ ଆରାଧନା ଆରମ୍ଭ ହୋଇଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ଶୁକ୍ରବାର ମହାଷ୍ଟମୀରେ ମଣ୍ଡପଗୁଡ଼ିକରେ ମା'ଙ୍କୁ ଦର୍ଶନ କରିବା ପାଇଁ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ବିଶେଷ କରି ଅପରାହ୍ନ ୫ଟାରୁ ସୁବର୍ଣ୍ଣପୁର ସହରରେ ଟ୍ରାଫିକ୍ ଜାମ ହେବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ପୋଲିସ ପ୍ରଶାସନ ପକ୍ଷରୁ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ ଚାଲିଛି। ଜିଲା ସଦର ମହକୁମାରେ ୯ଟି ସ୍ଥାନରେ ଦୁର୍ଗା ପୂଜା ଆୟୋଜିତ ହେଉଛି। ବ୍ଲକ ଛକ, ପଟାଭାଡି, ଥନାପତିପଡା, ଦୁର୍ଗାମଣ୍ଡପ, ଅନ୍ତରାମ ମଣ୍ଡପ, ଗୁଣ୍ଡିଚା ମନ୍ଦିର, କୁମ୍ଭାରପଡା, ଟିଙ୍କିରିପଡା, ଗଡଭିତର (କନକଦୁର୍ଗା ମନ୍ଦିର) ଓ ଘୋଡାଘାଟପଡା ଛକରେ ମା'ଙ୍କ ଆରାଧାନା କରାଯାଉଛି। ଏହାବ୍ୟତୀତ ଇଷ୍ଟଦେବୀ ମା' ସୁରେଶ୍ୱରୀ ଓ ଅନ୍ୟ ଦେବୀଙ୍କ ପୀଠରେ ନବମୀ ପୂଜା ସମ୍ପନ୍ନ ହୋଇଛି। ଜଗତଜନନୀ ମା'



ସୁବର୍ଣ୍ଣପୁର ସହର ଥନାପତିପଡା ନବରାତ୍ର ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମିତ ମୃଣ୍ମୟୀ ମୂର୍ତ୍ତି।

ଦୁର୍ଗାଙ୍କ ଆରାଧନା ପାଇଁ ସାରା ଜିଲା ଚଳଚଞ୍ଚଳ ହୋଇଉଠିଛି। ସୋନପୁର ଥାନା ଅନ୍ତର୍ଗତ କୁଲିପାଲି, ହରଡଖୋଲ, ସାଗରପାଲି ଓ ଖମ୍ବେଶ୍ୱରୀପାଲିରେ ପୂଜା ମଣ୍ଡପଗୁଡ଼ିକ ଆକର୍ଷିତ ହୋଇଛି। ଝିଲିମିଲି ଲାଇଟରେ ମଣ୍ଡପ, ତୋରଣ ଓ ରାସ୍ତାପାର୍ଶ୍ୱ ଝଲମଲ କରୁଛି। ପୂଜା ମଣ୍ଡପରେ ମହାମାୟାଙ୍କ ମହାଷ୍ଟମୀ ପୂଜା ଚାଲିଛି। ପୂଜା କମିଟିଗୁଡ଼ିକ କିଛି ନୂତନ କରିବାର ପ୍ରୟାସ କରିଛନ୍ତି। ବ୍ଲକ ଛକରେ ପୂଜା ମଣ୍ଡପ ସହ ୩୨ ଫୁଟ ଉଚ୍ଚର ଗଣେଶ ମୂର୍ତ୍ତି ସମସ୍ତଙ୍କୁ ଆକର୍ଷିତ କରୁଛି। ପୂଜା ମଣ୍ଡପକୁ ସିକିମ୍ ନାମ୍‌ଚିର ପ୍ରସିଦ୍ଧ ସାଇମନ୍ଦିର ସଦୃଶ କରାଯାଇଛି। ଘୋଡାଘାଟପଡା, ଟିଙ୍କିରିପଡା ପୂଜା ପେଣ୍ଡାଲ ଖୁବ୍ ଆକର୍ଷଣୀୟ ହୋଇଛି। ଟିଙ୍କିରିପଡାରେ ରାମଙ୍କ ମୂର୍ତ୍ତି ସମସ୍ତଙ୍କୁ ଆକର୍ଷିତ କରୁଛି। ସେହିପରି କୁମ୍ଭାରପଡାରେ ମା'ଙ୍କ ପଛରେ ଶୋଭା ପାଉଥିବା ପ୍ରଭାଟି ଖୁବ୍ ମନୋରମ ହୋଇଛି। ସୁବର୍ଣ୍ଣପୁର ମହାବଳୀ ଯାତ୍ରାର ଏକ ସୁନ୍ଦର ଦୃଶ୍ୟକୁ ଏଥିରେ ସ୍ଥାନିତ କରାଯାଇଛି। ଅନ୍ତରାମ ମଣ୍ଡପର ସାଜସଜ୍ଜା ମଧ୍ୟ ବେଶ ସୁନ୍ଦର ହୋଇଛି। ଥନାପତି ପଡା ପୂଜା ମଣ୍ଡପରେ ମା'ଙ୍କ ନବଦିନାତ୍ମକ ପୂଜା ରୀତିନୀତି ଅନୁଯାୟୀ ଚାଲିଛି। ଗଡଭିତର ରାଜବାଟି ସମ୍ମୁଖ ମା' କନକଦୁର୍ଗାଙ୍କ ବିଭିନ୍ନ ବେଶ କରାଯାଇ ସମସ୍ତ ପୂଜା ନୀତି ହେଉଛି। ସହରର ଟିଙ୍କିରିପଡା ଦୁର୍ଗାପୂଜା ୫୭ ବର୍ଷରେ ପହଞ୍ଚିଛି। ଏଠାରେ ଆକର୍ଷଣୀୟ ପୂଜା ମଣ୍ଡପ ନିର୍ମାଣ ହୋଇଛି। ଜିଲାରେ ମୋଟ ୭୧ଟି ପୂଜା ମଣ୍ଡପରେ ଚଳିତବର୍ଷ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ବିନିକା, ତରଭା, ଡୁଙ୍ଗୁରିପାଲି, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଅଞ୍ଚଳରେ ଦୁର୍ଗାପୂଜା ଆନନ୍ଦ ଉଲ୍ଲାସର ସହିତ ପାଳିତ ହେଉଥିବା ଜଣାପଡ଼ିଛି।



ରଥପୁର ଦୁର୍ଗାପୂଜାରେ ମେଢ଼।

# ବୀରମହାରାଜପୁରରେ ଦୁର୍ଗାପୂଜା

■ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼

■ପ୍ରତ୍ୟହ ହେଉଛି ସାଂସ୍କୃତିକ କାର୍ଯ୍ୟକ୍ରମ

■୩ ପୀଠ, ୭ ମଣ୍ଡପରେ ହେଉଛି ମା'ଙ୍କ ପୂଜା

ଅମରପାଲି,୧୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ ହେଉଛି ଶାରଦୀୟ ଦୁର୍ଗାପୂଜା। ଏଥିପାଇଁ ଉତ୍ସବ ମୁଖର ହୋଇପଡିଛି ସମଗ୍ର ବୀରମହାରାଜପୁର ଅଞ୍ଚଳ। ବ୍ଲକର ବିଭିନ୍ନ ସ୍ଥାନରେ ୩ଟି ଦୁର୍ଗା ପୀଠ ସମେତ ସାତୋଟି ମଣ୍ଡପରେ ପୂଜା ପାଉଛନ୍ତି ମା'ଜଗତଜନନୀ ଦୁର୍ଗା। ବୀରମହାରାଜପୁର ତ୍ରିବେଣୀ ଛକ ଦୁର୍ଗା ମନ୍ଦିର ସମେତ ଅଞ୍ଚଳର ସବୁଠୁ ପ୍ରାଚୀନ ଅମରପାଲି ଦୁର୍ଗା ମନ୍ଦିର ଓ ପିତାମହୁଲ ଦୁର୍ଗା ମନ୍ଦିରରେ ମା ' ଦୁର୍ଗାଙ୍କ ନବରାତ୍ରି ପୂଜା ଓ ଶାରଦୀୟ ସପ୍ତମୀ, ଅଷ୍ଟମୀ, ନବମୀ ଓ ଦଶମୀ ପୂଜା ହେଉଛି। ସେହିପରି ସଦର ବୀରମହାରାଜପୁର ବସଷ୍ଟାଣ୍ଡ ଦୁର୍ଗାପୂଜା, ଉଫୁଲା, ରଥପୁର, ଲୁଡୁରପଙ୍କ, କୁଞ୍ଜାପାଲି, ଖଣ୍ଡହତା, ସୁବଳୟା ଆଦି ସ୍ଥାନରେ ରୀତିନୀତି ମତେ ମା 'ଙ୍କ ମୃଣ୍ମୟୀ ଦୁର୍ଗା ପୂଜା ହେଉଛି। ସୁଉଚ୍ଚ ତୋରଣ,ଆକର୍ଷଣୀୟ ମେଢ଼,ରଙ୍ଗୀନ ଆଲୋକମାଳାରେ ଦୁର୍ଗା ମନ୍ଦିର ଓ ମେଢ଼ ସବୁ ଝଲସି ଉଠୁଛି। ବୀରମହାରାଜପୁର ତ୍ରିବେଣୀ ଛକ ଦୁର୍ଗା ମନ୍ଦିରରେ ନବରାତ୍ରି ପୂଜା, ମା'ଙ୍କ ବିଭିନ୍ନ ବେଶ ମଧ୍ୟ ହେଉଥିବା ବେଳେ ପ୍ରତ୍ୟେକ ଦିନ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ରଥପୁର ଦୁର୍ଗାପୂଜା ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ରାବଣ ଦରବାର ହେଉଛି। ଉଫୁଲାରେ ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା। ଲୁଡୁରପଙ୍କରେ ମହିଳା ସଙ୍କୀର୍ତ୍ତନ ବୈଠକ, ବସଷ୍ଟାଣ୍ଡ ଦୁର୍ଗା ପୂଜା ଓ ଖଣ୍ଡହତାରେ ନୃତ୍ୟ ଗୀତ କାର୍ଯ୍ୟକ୍ରମ ଆଦି ପରିବେଷଣ ହେଉଛି। ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା ଚଳିତବର୍ଷ ତାର ରୌପ୍ୟ ଜୟନ୍ତୀ ପାଳନ କରୁଥିବାବେଳେ ଏଠାରେ ଶ୍ରଦ୍ଧାଳୁଙ୍କ ଆକୃଷ୍ଟ କରିବା ପାଇଁ ସୁନ୍ଦର ସାଜସଜ୍ଜା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇଛନ୍ତି। ଏହା ସହିତ ଉପଖଣ୍ଡର କୋଟସମଲାଇ ଓ ଜାଲୋଏରେ ମଧ୍ୟ ଦୁର୍ଗାପୂଜା ହେଉଛି। କୋଟସମଲାଇ ଦୁର୍ଗାପୂଜା କମିଟି ଚଳିତ ବର୍ଷ ତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବାବେଳେ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ଦିବସରେ ନାଟକ, ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ, ଭଜନ ସନ୍ଧ୍ୟା, କୃଷ୍ଣଗୁରୁ ଆଦି ସହିତ ନୃତ୍ୟ ଗୀତ ପରିବେଷଣ ହେଉଛି।



ରଥପୁର ଦୁର୍ଗାପୂଜା ତୋରଣ।

# ବୀରମହାରାଜପୁରର ବିଭିନ୍ନ ସ୍ଥାନରେ ରାବଣଦରବାର

**କର୍ଡାପାଳରେ ଲଙ୍କାପୋଡ଼ି, ରଥପୁରରେ ସୀତଚୋରି**

ଅମରପାଲି,୧୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତର ରଥପୁରରେ ଶାରଦୀୟ ଦୁର୍ଗାପୂଜା ଅବସରରେ ରାବଣ ଦରବାର ହେଉଥିବା ବେଳେ ମୁର୍ଚ୍ଛୁଣ୍ଡି ଗ୍ରାମ ପଞ୍ଚାୟତର କର୍ଡାପାଳରେ ମା' ମାହେଶ୍ୱରୀଙ୍କ ସ୍ନାନଯାତ୍ରା ଅବସରରେ ହେଉଛି ରାବଣରାଜ କାର୍ଯ୍ୟକ୍ରମ। ଏହି କ୍ରମରେ ଉଭୟ ସ୍ଥାନରେ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଛି ଲୀଳା ନାଟକ। ଉଭୟ ସ୍ଥାନର ଲୀଳା ନାଟକର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। କର୍ଡାପାଲରେ ରାବଣ ନଗର ପରିକ୍ରମା କରି ଦରବାରରେ ପହଞ୍ଚିଲା ପରେ ଆରମ୍ଭ ହୋଇଥିଲା ଲୀଳା ନାଟକ। ଶୁକ୍ରବାର ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟକ୍ରମରେ ସୀତାଙ୍କୁ ରାବଣ ହରଣ କଲା ପରେ ରାମଚନ୍ଦ୍ର ଓ ଲକ୍ଷ୍ମଣ ସୀତାଙ୍କୁ ଖୋଜି ଖୋଜି ଯାଇ ସୁଗ୍ରୀବଙ୍କ ସହିତ ଭେଟ ହୋଇ ମିତ୍ରତା ସ୍ଥାପନ କଲେ। ସେଠାରେ ରାମ ହନୁମାନ ଭେଟ ହେଲା ପରେ ସୀତାଙ୍କୁ ଖୋଜିବାକୁ ଲାଗିଲେ। ଶେଷରେ ହନୁମାନ ଲଙ୍କାକୁ ଯାଇ ସୀତାଙ୍କୁ ଠାବ କରିଥିଲେ। ଏହା ସହିତ ବୀର ହନୁମାନ ଦ୍ୱାରା ସ୍ୱର୍ଣ୍ଣିମ ଲଙ୍କାରେ ଅଗ୍ନି ସଂଯୋଗ କରିବା ଲଙ୍କା ପୋଡ଼ି ପରିବେଷଣ ହୋଇଥିଲା। ମଞ୍ଚରେ ପ୍ରଶାନ୍ତ ପଣ୍ଡାଙ୍କ ସଂଯୋନାନରେ ଅନୁଷ୍ଠିତ ରାଜଦରବାରରେ ଜିଲା ପରିଷଦ ସଭ୍ୟ ଲବ କୁମାର ସହୁ,ପୂର୍ବତନ ଜିଲା ପରିଷଦ ଅଧକ୍ଷ ଆନନ୍ଦ ବାରିକ, ସ୍ୱେଚ୍ଛାସେବୀ ବିଦ୍ୟାଧର ଖୁର୍ଡିଆ ପ୍ରମୁଖ ରାଜ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହା ସହିତ ମଞ୍ଚରେ ରଙ୍ଗାରଙ୍ଗ ନୃତ୍ୟଗୀତ ଆୟୋଜନ କରାଯାଇଥିଲା। ଶତାଧିକ ଦର୍ଶକ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଏହାକୁ ଉପଭୋଗ କରୁଥିଲେ। ସେହିପରି ରଥପୁରରେ ମଧ୍ୟ ରାବଣ ନଗର ପରିକ୍ରମା କରି ମଞ୍ଚରେ ପହଞ୍ଚିଲା ପରେ ଆରମ୍ଭ ହୋଇଥିଲା ଲୀଳା ନାଟକ। ନାଟ୍ୟାଭିକ୍ରମରେ ରାମ ବନବାସ, ସୂର୍ପଣଖାର ନାସା କର୍ଣ୍ଣ ଛେଦନ, ରାମ ଓ ଲକ୍ଷ୍ମଣ ମୃଗୟାକୁ ଯିବା। ଘରେ ଏକୁଟିଆ ଥିବାର ସୁଯୋଗ ନେଇ ରାବଣ ଭିକ୍ଷୁକ ବେଶରେ ସୀତାଙ୍କୁ ହରଣର ସୀତା ଚୋରୀ ଲୀଳା ନାଟକ ପର୍ଯ୍ୟାୟକ୍ରମେ ପରିବେଷଣ ହୋଇଥିଲା। ରାଜ ଅତିଥି ଭାବେ ଉଫୁଲା ସରପଞ୍ଚ ପ୍ରତିନିଧି ମୀନକେତନ ମହାକୁର, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ,ବୀରମହାରାଜପୁର ବ୍ଲକ ଏପିଓ ସମିତ ମହାକୁର,ସ୍ୱେଚ୍ଛାସେବୀ ସତ୍ୟ ମହାକୁର, ଗୁପ୍ତେଶ୍ୱର ଅମାତ ପ୍ରମୁଖ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଦୁର୍ଗା ପୂଜା କମିଟିର ସଭାପତି ରାଜୀବ କ୍ଷେତି ସଭାରେ ପୌରୋହିତ୍ୟ କରିଥିଲେ। ସମ୍ପାଦକ ମଳୟ ଅମାତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ଓ ଅରବିନ୍ଦ ରଣା ଧନ୍ୟବାଦ କରିଥିଲେ। ଏହା ସହିତ ମଞ୍ଚରେ ସ୍ଥାନୀୟ କଳାକାର ଓ ଅନ୍ୟ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ବିଶିଷ୍ଟ ମଞ୍ଚ କଳାକାର ଭୁବନେଶ୍ୱର ପ୍ରଧାନ ରାବଣ ଭୂମିକାରେ ଅଭିନୟ ଦର୍ଶକଙ୍କୁ ବେଶ ଆକୃଷ୍ଟ କରୁଛି। ଏହା ଦେଖିବାକୁ ଶତାଧିକ ଦର୍ଶକଙ୍କ ସମାଗମ ହୋଇଥିଲା।

# ପ୍ରଦର୍ଶିତହେଲା ପାରମ୍ପରିକ ବାଡ଼ିଖେଳ

ଅମରପାଲି,୧୧।୧୦(ପୀତାମ୍ବର ସାହୁ)



ବୀରମହାରାଜପୁରରେ ମାହେଶ୍ୱରୀଙ୍କ ସ୍ନାନଯାତ୍ରାରେ ବାଡିଖେଳ।

**ବୀରମହାରାଜପୁର ଅଞ୍ଚଳରେ ମା' ମାହେଶ୍ୱରୀଙ୍କ ସ୍ନାନଯାତ୍ରା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଦେବୀ ମାହେଶ୍ୱରୀଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ଦେବୀ ମାହେଶ୍ୱରୀଙ୍କୁ ଢୋଲ, ନିଶାଣ, ମହୁରୀ ଓ ଘଣ୍ଟ ବାଦ୍ୟ ପରିବେଷଣ ପୂର୍ବକ ନିକଟସ୍ଥ ଯୋର ତଥା ମହାନଦୀକୁ ସ୍ନାନ ପାଇଁ ନିଆଯାଇଥିଲା। ଏହି ଅବସରରେ ବିଭିନ୍ନ ଗ୍ରାମରେ ପାରମ୍ପାରିକ ବାଡି ଖେଳ ମଧ୍ୟ ପ୍ରଦର୍ଶିତ ହୋଇଥିଲା । ସ୍ଥାନୀୟ ହିଲୁଙ୍ଗ, ଉଫୁଲା ଓ ମେଣ୍ଡାମାଲ ଆଦି ଗ୍ରାମର ଦେବୀ ମାହେଶ୍ୱରୀ ସ୍ଥାନୀୟ ମୁଖ୍ୟଛକ ଦେଇ ମହାନଦୀକୁ ସ୍ନାନ ପାଇଁ ଯାତ୍ରା କରିଥିଲେ। ଏହି ସମୟରେ ସଦର ମୁଖ୍ୟ ଛକ ଲୋକାରଣ୍ୟ ହୋଇପଡିଥିଲା। ବାଟରେ ବିଭିନ୍ନ ସ୍ଥାନରେ ଦେବୀ ମାହେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସ୍ଥାନୀୟ ଉଫୁଲା, ହିଲୁଙ୍ଗ, ମେଣ୍ଡାମାଲ, ଷଣ୍ଢା, ବାଗବର, ଦେଉଳମୁଣ୍ଡା, ଭାଲିଆପଦର, ଝାରକୁମୁଣ୍ଡା, ଜଟେସିଂହା, କର୍ଡାପାଲ, କମିରା, ଲକ୍ଷ୍ମୀ, କମଳପୁର, ଗୌଡ଼ଗାଡ, ଟେଭାପଦର, ଆମସରଭଟ୍ଟା, ପିତାମହୁଲ, ଗୋବିନ୍ଦପୁର, ଡୁମୁରି, ବଡବର୍ଡାକଟା ଆଦି ବିଭିନ୍ନ ଗ୍ରାମରେ ଦେବୀ ମାହେଶ୍ୱରୀଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଥିବା ଜଣାଯାଇଛି।

# ରଞ୍ଜିତା କାର୍ଯ୍ୟକ୍ରମ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ପଦ୍ମପୁର,୧୧।୧୦ (ପ୍ରଦୀପ୍ତ ଦାଶ)

ସ୍ଥାନୀୟ ରାଜବାଟୀ ପଡ଼ିଆ ଶାରଦୀୟ ରଙ୍ଗମଞ୍ଚରେ ରଞ୍ଜିତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସାର୍ବଜନୀନ ଦୁର୍ଗାପୂଜା କମିଟିର ସଭାପତି ପ୍ରତାପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଥାନା ଅଧିକାରୀ ମମତା ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ଉପଜିଲାପାଳ ସ୍ନେହା ଅରଗୁଲା ରାମଲୀଳା ନାଟ୍ୟଧାରାର ଉଦ୍‌ଘାଟନ କରିଥିଲେ। ସଭାରେ ଉପସଭାପତି ଅଜିତ ଶତପଥୀ, ସମ୍ପାଦକ ଯୁଗଳ କିଶୋର ସାହୁ, ଅଚ୍ୟୁତା ନନ୍ଦ ସେଠ, ସନ୍ତୋଷ ମହାନ୍ତି, ପ୍ରମୋଦ ନାଥ, ସଞ୍ଜୀବ ବହିଦାର, ରାଜେନ୍ଦ୍ର ମହାନ୍ତି, ରାଜେଶ ଗୁର୍ଲା, ରମେଶ ଗୁର୍ଲା ଓ ବିଜୟ ଦାନୀ ଉପସ୍ଥିତ ଥିଲେ। ପ୍ରଥମ ଦିନ କୁବେରଙ୍କୁ ଗାଦିଚ୍ୟୁତ ପୂର୍ବକ ରାବଣର ରାଜ ସିଂହାସନ ଆରୋହଣ ଅଭିନୀତ ହୋଇଥିଲା। ଦରବାରରେ କଟକରୁ ଆସିଥିବା ଷ୍ଟାରଡ୍ୟାନ୍ସ ଗ୍ରୁପର କଳାକାରମାନେ ଋଷୀକେଶ ସାହୁ (ବାବଲୁ)ଙ୍କ ନୃତ୍ୟ ନିର୍ଦ୍ଦେଶନାରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ନାଟ୍ୟଧାରାରେ କୁବେର ଭୂମିକାରେ ମହାରାଜ ଝସକେତନ ମେହେର ଓ ରାବଣ ଭୂମିକାରେ ମହାରାଜ ନିର୍ମଳ ମେହେର ଅଭିନୟ କରିଥିଲେ।



ବୀରମହାରାଜପୁର ବ୍ଲକ ଲୁଡୁରପଙ୍କରେ ଦୁର୍ଗାପୂଜା ମେଢ଼।



ବୀରମହାରାଜପୁର ବ୍ଲକ ଖଣ୍ଡହତାରେ ଦୁର୍ଗାମେଢ଼।



ବୀରମହାରାଜପୁର ବ୍ଲକ ଉଫୁଲାରେ ଦୁର୍ଗାମେଢ଼।

**ଅଭିନବ ଉପାୟରେ ଚୋରି**

ମୁରିବାହାଲ (ଶ୍ରୀବତ୍ସ ବେହେରା) : ବଲାଙ୍ଗୀର ଜିଲା ମୁରିବାହାଲ ହାଟପଦାପଡାରେ ରହୁଥିବା ମନୋଜ କରଙ୍କ ଘରୁ ଅଭିନବ ଉପାୟରେ ସୁନା ଅଳଙ୍କାର ଚୋରି ହୋଇଯାଇଛି । ନିକଟରେ ୭ରୁ ୮ ଜଣ ବ୍ୟକ୍ତି ନିଜକୁ ବିଦ୍ୟୁତ ବିଭାଗର କର୍ମଚାରୀ ବୋଲି ପରିଚୟ ଦେଇ ବିଦ୍ୟୁତ୍ ଚୋରି ଯାଞ୍ଚ କରିବା ବାହାନାରେ ମନୋଜଙ୍କ ବେଡରୁମରୁ ସୁନାଚେନ ଲୁଟି ନେଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି ।

## ସଂକ୍ଷେପରେ

### ଛତୁ ଚାଷ ତାଲିମ ଶିବିର

ବେଲପଡ଼ା,୧୧।୧୦(ମନୋଜ କୁମାର ମିଶ୍ର): ବଲାଙ୍ଗୀର ଜିଲା ବେଲପଡ଼ାର ଉଦୋଗୀ ବିକାଶ ପ୍ରତିଷ୍ଠାନ ଅହମ୍ମଦାବାଦ ଦ୍ୱାରା ଆସେଶ୍ୱର କମ୍ପାନୀର ଆର୍ଥିକ ସହାୟତା ଓ ସ୍ଥାନୀୟ ତାଲିମ ସଂସ୍ଥା ସଂଯୋଗର ସହାୟତାରେ ଘଗୁର୍ଲି ଗ୍ରାମ ପଞ୍ଚାୟତର ଚିକିଲି ଗ୍ରାମରେ ଛତୁ ଚାଷ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନାବାର୍ଡର ଜିଲା ଅଧିକାରୀ ଡ. ବିବେକ କୁମାର ନାୟକ ଯୋଗଦେଇ ଛତୁ ଚାଷ ଦ୍ୱାରା ମାଆମାନଙ୍କର ଆର୍ଥିକ ଅବସ୍ଥାରେ କିପରି ପରିବର୍ତ୍ତନ ହୋଇପାରିବ ସେ ନେଇ କହିଥିଲେ । ଏଥିସହ ବ୍ୟାଙ୍କ ତଥା ନାର୍ବାଡର ସହଯୋଗରେ ଗ୍ରାମାଞ୍ଚଳରେ ବିକାଶ କାର୍ଯ୍ୟକ୍ରମ କିପରି ହୋଇପାରିବ ସେ ନେଇ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ମଧୁମିତା ମାଝୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ତାଲିମରେ ୫୦ଜଣ ଆଗ୍ରହୀ ମହିଳା ଭାଗ ନେଇଛନ୍ତି । ତାଲିମଦାତା ଭାବରେ ସଂସ୍ଥାର ପଙ୍କଜ, ବିଭୀଷଣ, ଗୌରାଙ୍ଗ ତାଲିମ ପ୍ରଦାନ କରୁଛନ୍ତି । କିଛି ଦିନ ଧରି ତାଲିମ ଚାଲିବ ବୋଲି ଜଣାଯାଇଛି ।

### କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

କୋକସରା,୧୧।୧୦ (ଦୁଷ୍ମନ୍ତ କୁମାର ପାଇଯୋଷୀ): କୋକସରା ବ୍ଲକ ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ସମିତି ସଭାପତି କିଶୋର ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଇଯୋଷୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଉପ ନିବନ୍ଧକ ସମବାୟ ସମିତି ସମୂହ ପ୍ରମୋଦ କୁମାର ସାହୁ, କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ପରିଚାଳକ ଇନ୍ଦ୍ରମଣି ଧଙ୍ଗଡା ମାଝି ଉପସ୍ଥିତ ଥିଲେ । ଏହି ଅବସରରେ ବିଧାୟକ ଉପସ୍ଥିତ କୃଷି ସମବାୟ ସମିତିର ଡାଇରେକ୍ଟର ଓ କର୍ମଚାରୀଙ୍କୁ ଚାଷୀଙ୍କ ସହ ଉତ୍ତମ ସମ୍ପର୍କ ରଖି ସେମାନଙ୍କ ସୁବିଧା ଅସୁବିଧାରେ ସହାୟତା ଓ ପରାମର୍ଶ ଦେବାକୁ ପରାମର୍ଶ ଦେଇଥିଲେ । ଚାଷୀନେତା ଶିବ ପ୍ରସାଦ ପ୍ରଧାନୀ, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, କୃଷି ସମବାୟ ସମିତି ଡାଇରେକ୍ଟର ଜୟଲାଲ ନାଏକ, ମୁକ୍ତେଶର ନାଏକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ମା' ଘଣ୍ଟାସୁନିଙ୍କ ନଗର ପରିକ୍ରମା

ଟିଟିଲାଗଡ଼,୧୧।୧୦ (ଶରତ ମିଶ୍ର): ଟିଟିଲାଗଡ଼ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଘଣ୍ଟାସୁନିଙ୍କ ଶୁକ୍ରବାର ପ୍ରସିଦ୍ଧ ନଗର ଯାତ୍ରା ସମ୍ପନ୍ନ ହୋଇଛି । ସହରର ହାଟପଦାପଡାସ୍ଥିତ ଏହି ପୀଠରେ ନବ ଦିନାତ୍ମକ ମା'ଙ୍କ ଯାତ୍ରା ନେଇ ସହର ଚଳଚଞ୍ଚଳ ହୋଇ ଉଠିଥିଲା । ପୂର୍ବାହ୍ନରେ ସହରର ଦେବନ୍ଧପଡାସ୍ଥିତ ଗୌନ୍ତିଆଙ୍କ ଘରୁ ଦେବୀ ବରୁଆ ଦେହରେ ପ୍ରବେଶ ସହ ମନ୍ଦିରରେ ବିଜେ ହୋଇଥିଲେ । ସେଠାରୁ ବାହାରି ନଗର ପରିକ୍ରମା ସହ ଅପେକ୍ଷାରତ ଶ୍ରଦ୍ଧାଳୁଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଦେଇଥିଲେ । ଏହି ପ୍ରସିଦ୍ଧ ଯାତ୍ରାରେ ପାରମ୍ପରିକ ବାଦ୍ୟ ସହ ନୃତ୍ୟ ଦଳ ସାମିଲ ଥିଲେ । ଏନେଇ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ମନ୍ଦିର ପୂଜକ ରାୟସିଂ ପାତ୍ର, କୃଷ୍ଣ ସିଂପାତ୍ର, ରାଜୁ ସିଂପାତ୍ର, ଅଲେଖ ଦଳବେହେରା, ଧ୍ରୁବଲେଶ୍ୱର ଦଳବେହେରାଙ୍କ ସମେତ ମା' ଘଣ୍ଟାସୁନି ସେବା ସମିତି ସଦସ୍ୟ ଶୋଭାଯାତ୍ରା ତଥା ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ସାମିଲ ଥିଲେ । ଭାରପ୍ରାପ୍ତ ମାଜିଷ୍ଟ୍ରେଟ ସନ୍ଦୀପ ଚନ୍ଦ୍ରକାରଙ୍କ ତତ୍ତ୍ୱାବଧାନରେ ପୋଲିସ ବଳ ମୁତୟନ ଥିଲେ ।



ମା' ଦୁଆରଶନିଙ୍କ ଛତର ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ।

# ଘୁମୁରା ତାଳରେ ଦୁଲୁକିଲା ଛିଲିପା ଗ୍ରାମ

ଧର୍ମଗଡ,୧୧।୧୦ (ଆକାଶ କୁମାର ଜଗତ)

ଏବେ ପାର୍ବଣ ଋତୁ ପାଇଁ ଗାଁଠୁ ସହର ସବୁଠି ଉତ୍ସବମୁଖର ପରିବେଶ । ପୁରପଲ୍ଲୀରେ ଚାଲିଛି ଦେବୀଙ୍କ ପୂଜାର୍ଚ୍ଚନା । କଳାହାଣ୍ଡି ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ସାନ ଭଉଣୀ ମା' ଦୁଆରଶନିଙ୍କ ଛତର ଯାତ୍ରା ଧର୍ମଗଡ଼ ବ୍ଲକ ଛିଲିପା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ସମଗ୍ର ଗାଁ ଚଳଚଞ୍ଚଳ ହୋଇପଡ଼ିଥିଲା । ମହାଳୟାଠାରୁ ମା'ଙ୍କ ଦଶହରା ଯାତ୍ରା ଆରମ୍ଭ ହୋଇଥିଲା । ବିଭିନ୍ନ ଦିନରେ ମାଙ୍ଗଳିକ ପୂଜା, ରଖା ସ୍ଥାପନ, ଚତୁର୍ଥୀରେ ଦେବୀ ପୀଠରେ ଖଣ୍ଡାବସା ପରେ ପଞ୍ଚମୀଠାରୁ ସପ୍ତମୀ ପର୍ଯ୍ୟନ୍ତ କଳ୍ପ ପୂଜା ଜାରି ରହିଥିଲା । ଶୁକ୍ରବାର ମହାଷ୍ଟମୀରେ ମା'ଙ୍କ ସନ୍ଧିପୂଜା ସହ ଗ୍ରାମ ନିକଟ ଜେନାବଳି ପାହାଡ଼ଠାରେ ଡଙ୍ଗର ଚଘା ଉତ୍ସବ ଅନୁଷ୍ଠିତ ହୋଇଥିଲା । ମଧ୍ୟ ରାତ୍ରରେ ଜେନା ଖାଲଠାରେ ବଳି ଦିଆଯାଇ ମା'ଙ୍କ ମନ୍ଦିରକୁ ଛତର ଯାତ୍ରା ଘଣ୍ଟ ବାଦ୍ୟ ତଥା ଘୁମୁରାର ତାଳେ ତାଳେ ଗ୍ରାମ ପରିକ୍ରମା କରି ମନ୍ଦିରକୁ ଆସିଥିଲେ । ତେବେ ମାଁ ଙ୍କ ଏହି ଛତର ଆସିବା ସମୟ

**ମା' ଦୁଆରଶନିଙ୍କ ଛତର ଯାତ୍ରା**

ରେ ଘର ସମ୍ମୁଖରେ ଝୋଟି ପକାଇ କଳସ ରଖି ମାଁ ଙ୍କୁ ସାଗତ କରିବା ସହ ପୂଜାର୍ଚ୍ଚନା କରିଥିଲେ ଶ୍ରଦ୍ଧାଳୁ । ଛିଲିପାଠାରେ ଅନୁଷ୍ଠିତ ହେଉଥିବା ଏହି ଛତର ଯାତ୍ରାକୁ ଶହ ଶହ ସଂଖ୍ୟାରେ ପଡୋଶୀ ନବରଙ୍ଗପୁର, ନୂଆପଡ଼ା ଜିଲା ସହ ଛତିଶଗଡ଼ରୁ ଶ୍ରଦ୍ଧାଳୁ ଆସିଥିବା ଦେଖିବାକୁ ମିଳିଥିଲା । ମା'ଙ୍କ ଦଶହରା ପାଇଁ ପୂଜା କମିଟି ତରଫରୁ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଛିଲିପା ଗ୍ରାମଠାରେ ହେଉଥିବା ମା'ଙ୍କ ଛତର ଯାତ୍ରାକୁ ସରକାରୀ ପ୍ରୋତ୍ସାହନ ସହ ପ୍ରଚାର ପ୍ରସାର ହେଲେ ଏହା ବିଶ୍ୱ ଦରବାରରେ ପରିଚିତ ହେବ ବୋଲି ଶ୍ରଦ୍ଧାଳୁମାନେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଗାଁର ଶରତ କୁମାର ପଟେଲ, ମହେନ୍ଦ୍ର ପ୍ରଧାନି, ପୁରନ୍ଦର ସେଠୀ, ସରପଞ୍ଚ ବିଭୁଦତ୍ତ ପ୍ରଧାନୀ, ପର୍ଶୁ ମାଝି, ବିଭୀଷଣ ସା, ରାହାସ ପ୍ରଧାନୀ, ଦିନେଶ ରାଉତ, ଭଗବାନ ପ୍ରଧାନୀ, ପୂଜାରୀ ଅଞ୍ଜଳି ମାଝି, ପୁନ୍ୟ ମାଝି ପ୍ରମୁଖ ପରିଚାଳନା କରିଥିଲେ ।

## ମା' ମାଣିକେଶ୍ୱରୀଙ୍କ ମୂଳପୀଠରେ ଛତରଯାତ୍ରା

ଥୁଆମୂଳ ରାମପୁର,୧୧।୧୦(ଦୁର୍ଗା କୀର୍ତ୍ତି)

କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ଜଗଜ୍ଜନନୀ ମା' ମଣିକେଶ୍ୱରୀଙ୍କ ମୂଳପୀଠ ଥୁଆମୂଳ ରାମପୁରଠାରେ ପବିତ୍ର ଦଶହରା ପର୍ବ ଓ ଛତର ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପରମ୍ପରା ଅନୁଯାୟୀ ଦଶହରା ଅମାବାସ୍ୟା ମୂଳା ଅଷ୍ଟମୀ ଦିନ ଅଭିଷିକ୍ତ ମନ୍ଦିର ପୂଜାରୀଙ୍କ ଦ୍ୱାରା ମା'ଙ୍କ ଖଣ୍ଡାବସା ପର୍ବ ହେବା ସହ ମସ୍ତକ ସ୍ଥାପନ ହେବା ପରଠାରୁ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଥିଲା । ମହାଷ୍ଟମୀ ମଧ୍ୟ ରାତ୍ରିରେ ମା' ଦକ୍ଷିଣ ମହାକାଳୀଙ୍କ ପାଖରେ ମହାପଶୁ ବଳି ହେବା ପରେ ମା'ଙ୍କ ଛତର ବା ମା' ଦକ୍ଷିଣକାଳୀଙ୍କ କାଳିଶି (ବୋକ) ମନ୍ଦିରରୁ ବାହାରି



ମା'ଙ୍କ ଛତର ଶୋଭାଯାତ୍ରାରେ ନିଆଯାଉଛି ।

ସହର ଉପକଣ୍ଠ ଜେନାଖାଲ ପାଖକୁ ଯାଇଥିଲେ । ସେଠାରେ ଗୁପ୍ତପୂଜା ସହ ବଳି ଭୋଗ ଦିଆଯିବା ପରେ ମା'ଙ୍କ ଛତରକୁ ମନ୍ଦିର ସେବାୟତମାନେ ଧାରଣକରି ଶୋଭାଯାତ୍ରାରେ ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ । ମା'ଙ୍କ ଛତର ମନ୍ଦିରକୁ ଫେରିବା ପରେ ପୂଜକ ବନ୍ଦାପନା କରି ମା'ଙ୍କୁ ମନ୍ଦିରକୁ ପାଛୋଟି ନେଇଥିଲେ । ପରଦିନ ବାବା ଖଣ୍ଡୁଅଳ ଖେଳ ପଡ଼ିଆକୁ ଛତର ବିଜେ କରିବେ ଏବଂ ସେଠାରେ ଲାଖମରା ପ୍ରତିଯୋଗିତା ଅନୁଷ୍ଠିତ ହେବ ।

## ମା' ସମଲେଶ୍ୱରୀଙ୍କ ତୁଷୁରା ସହର ଭ୍ରମଣ

ଗୁଡ଼ଭେଲା, ୧୧।୧୦ (ମନୋଜ କୁମାର ଜୈନ): ବଲାଙ୍ଗୀର ଜିଲା ତୁଷୁରା ସହର ସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା'ସମଲେଶ୍ୱରୀଙ୍କ ୬୭ତମ ଶାରଦୀୟ ପର୍ବ ସ୍ଥାନୀୟ ସମଲେଶ୍ୱରୀ ପୀଠରେ ମହାସମାରୋହରେ ଚାଲିଛି । ଗୁରୁବାର ସକାଳେ ମା' ବରୁଆଙ୍କ ଶରୀରରେ ଆର୍ବିଭାବ ହୋଇ ନଗରବାସୀଙ୍କ ସୁଖଦୁଃଖ ବୁଝିବା ପାଇଁ ନଗର ଭ୍ରମଣରେ ବାହାରିଥିଲେ । ଏହି ସମୟରେ ପ୍ରତ୍ୟେକ ବ୍ୟକ୍ତି ନିଜ ଘର ସମ୍ମୁଖକୁ ଲିପା ପୋଛା କରି ମା'ଙ୍କ ଆଗମନକୁ ଅପେକ୍ଷା କରିଥିଲେ । ପରେ ମା'ଙ୍କୁ ଫୁଲ, ସିନ୍ଦୁର, ଦୀପ ଆଦି ଦେଇ ପୂଜା ଅର୍ଚ୍ଚନା କରିଥିଲେ । ସହରର ଘରେ ଘରେ ମା' ସମଲେଶ୍ୱରୀ ପୂଜା ପାଇ ପୀଠକୁ ଫେରିଥାନ୍ତି ।

## ଦୁର୍ଗାପୂଜା: ଲାଞ୍ଜିଗଡ଼ ଉତ୍ସବମୁଖର

ଲାଞ୍ଜିଗଡ଼, ୧୧।୧୦(ରମେଶ ଚନ୍ଦ୍ର ନାୟକ)

ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର, ପୋଖରୀ ବନ୍ଧ, ଲାଞ୍ଜିଗଡ ରୋଡ଼ ଓ ରାମଚନ୍ଦ୍ରପୁରଠାରେ ଶରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି । ଏଥିପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ୫୯ ବର୍ଷରେ ପଦାର୍ପଣ କରିଥିବା ଲାଞ୍ଜିଗଡ ଦୁର୍ଗାପୂଜା ଆକର୍ଷଣୀୟ ମୂର୍ତ୍ତି, ମେଢ଼ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି । ଶୁକ୍ରବାର ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ପୂଜା ମଣ୍ଡପ ବୁଲି ଦେବୀ ଦୁର୍ଗାଙ୍କ ଆଶୀର୍ବାଦ କାମନା କରିଥିଲେ । ବିଧାୟକଙ୍କ ସହ ଲାଞ୍ଜିଗଡ ବ୍ଲକ ବିଜେଡ଼ି ସଭାପତି ହିମାଦ୍ରୀ ପେସନିଆ, ବରିଷ୍ଠ ନେତା ଶୀଧର ପେସନିଆ, ରାଜେନ୍ଦ୍ର ପ୍ରତାପ ସିଂଦେଓ, ହରିଶଙ୍କର ପାତ୍ର, ଚନ୍ଦ୍ରଧ୍ୱଜ ପେସନିଆ, ବିଜେଡି



ପୂଜା ମଣ୍ଡପ ବୁଲିବା ଅବସରରେ ବିଧାୟକ ଓ ଅନ୍ୟମାନେ ।

ଜିଲା ସମ୍ପାଦକ ପାତ୍ର ମାଝି, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଅଷ୍ଟମୀରେ ସମ୍ବଲପୁରର ମା' ସମ୍ବଲେଇ ମେଲୋଡି ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି । ଆୟୋଜକ କମିଟି ପକ୍ଷରୁ ଲାଞ୍ଜିଗଡ ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି ।

## ଦେବୀ ଡୁକୁରି ବୁଢ଼ୀଙ୍କ ଛତର ଯାତ୍ରା

ଖଡ଼ିଆଳ,୧୧।୧୦ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଡୁଆଝରେ ଗ୍ରାମର ଅଧିଷ୍ଠାତ୍ରି ଦେବୀ ମା' ଡୁକୁରି ବୁଢ଼ୀଙ୍କ ଛତର ଯାତ୍ରା ସମ୍ପନ୍ନ ହୋଇଛି । ଯାତ୍ରାରେ ମନସ୍କାମନା ପୂରଣ ପାଇଁ ବହୁ ଶ୍ରଦ୍ଧାଳୁ ଆସି ଦେବୀଙ୍କୁ ଦର୍ଶନ କରିଥିଲେ । ମା' ଡୁକୁରି ବୁଢ଼ୀଙ୍କ ଛତର ଘର ଘର ବୁଲିଥିବାବେଳେ ଲୋକେ ବନ୍ଦାପନା କରିଥିଲେ । ଜାତି ଧର୍ମ ନିର୍ବିଶେଷରେ ସମସ୍ତେ ଯାତ୍ରାରେ ସାମିଲ ହୋଇଥିଲେ । ହର ପ୍ରସାଦ ଜଗତ, ରଞ୍ଜିତ ସରାଫ, ଯୁଧିଷ୍ଠିର ମେହେର, ରବୀନ୍ଦ୍ର କୁମ୍ଭାର, ରାଜେନ୍ଦ୍ର ସାହା, ସହଜାଦ ଖାନ, ଫରିଦ ଖାନ, ଶୁଭେନ୍ଦ୍ର ମେହେର, କେଦାର ଜଗତ ପ୍ରମୁଖ ସହଯୋଗ କରିଥିଲେ ।

## ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ଖୋଲିବାରେ ବିଳମ୍ବ

ଖଡ଼ିଆଳ,୧୧।୧୦(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ବାଦୀଠାରେ ୨୦୧୬ରୁ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଛି । ବିଦ୍ୟାଳୟରେ ଷଷ୍ଠରୁ ଯୁକ୍ତଦୁଇ ପର୍ଯ୍ୟନ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମେଧାବୀ ଛାତ୍ରୀଛାତ୍ର ଇଂରାଜୀ ମାଧ୍ୟମରେ ପାଠ ପଢିବା ବ୍ୟବସ୍ଥା ରହିଛି । ପ୍ରତିବର୍ଷ ଷଷ୍ଠ ଶ୍ରେଣୀରେ ୮୦ ଜଣ ଛାତ୍ରୀଛାତ୍ର ନାମ ଲେଖାଉଛନ୍ତି । ବ୍ଲକର କୋଣ ଅନୁକୋଣରୁ ଛାତ୍ରୀଛାତ୍ର ପ୍ରତିଦିନ ପାଠ ପଢିବାକୁ ଆସୁଛନ୍ତି । ଶହେ ସିଟ ବିଶିଷ୍ଟ ଛାତ୍ରୀନିବାସ ଚଳିତ ଶିକ୍ଷାବର୍ଷ ଅର୍ଥାତ୍ ଜୁଲାଇ ୧୦ରୁ କାର୍ଯ୍ୟକାରୀ ହେବା କଥା । କିନ୍ତୁ ହଷ୍ଟେଲ ଖୋଲିବାରେ ବିଳମ୍ବ ହେଉଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶୀଘ୍ର ହଷ୍ଟେଲ ଖୋଲିବା ପାଇଁ ଜିଲାପାଳ ଦୃଷ୍ଟି ଦେବାକୁ ଅଭିଭାବକମାନେ ଅନୁରୋଧ କରିଛନ୍ତି ।

## ଭଉଣୀ ପାଳିଲେ ଭାଇ ଜିଉନ୍ତିଆ

ନୂଆପଡ଼ା,୧୧।୧୦ (ମକାରୁ ବେମାଲ): ଭାଇ ଜିଉନ୍ତିଆ ପର୍ବ ପାଇଁ ନୂଆପଡ଼ା ଜିଲାର ପୁରପଲ୍ଲି ଉତ୍ସବମୁଖର ହୋଇଉଠିଛି । ଭାଇର ଦୀର୍ଘାୟୁ କାମନା କରି ଭଉଣୀମାନେ ଏହି ବ୍ରତ କରିଥିଲେ । ଭଉଣୀମାନେ ଦିନତମାମ ଉପବାସ ରହି ଅପରାହ୍ନରେ ଗାଁ ପୋଖରୀରେ ସ୍ନାନ କରି ବାଲି ଲିଙ୍ଗ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ । ପରେ ସନ୍ଧ୍ୟା ସମୟରେ ଗାଁରେ ଦୁର୍ଗା ଦେବୀଙ୍କ ଫଟୋଚିତ୍ର ସ୍ଥାପନ କରି ବ୍ରାହ୍ମଣ ଡାକି ଭାଇ ଜିଉନ୍ତିଆ କଥା ଶୁଣିଥିଲେ । ପରେ ସମସ୍ତେ ତାଳଖାଇ ଗୀତ ଗାଇ ଢୋଲ ନିଷାନ ତାଳେ ତାଳେ ନୃତ୍ୟ କରିଥିଲେ । ପୁନଶ୍ଚ ପରଦିନ ପ୍ରତ୍ୟୁଷରେ ସ୍ନାନ ସାରି ବଡମାନଙ୍କ ଆଶୀର୍ବାଦ ନେଇ ଭାଇମାନଙ୍କ ହାତରେ ସୂତାରେ ତିଆରି ଜିଉନ୍ତିଆ ବାନ୍ଧିଥିଲେ । ଦୀପ ଆଳତି ବନ୍ଦାପନା କରି ଦୁର୍ଗାଦେବୀଙ୍କୁ ସ୍ମରଣ କରି ଭାଇର ଦୀର୍ଘାୟୁ କାମନା କରିଥିଲେ । ପରେ ଗାଁରେ ମଣ୍ଡପରେ ଦୁର୍ଗାଦେବୀଙ୍କ ପାଖକୁ ଆସି ପରିବାର ତଥା ଭାଇର ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ ।

## ମୃତ୍ୟୁ ପରେ ଅଙ୍ଗଦାନ କରିବାକୁ ପଞ୍ଜୀକୃତ ହେଲେ

କର୍ଲାମୁଣ୍ଡା,୧୧।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଞ୍ଜା ପଞ୍ଚାୟତ ରିଞ୍ଜା ଗାଁର ଶିକ୍ଷକ ପ୍ରସନ୍ନ କୁମାର ସାହୁ (୪୨) ଅଙ୍ଗଦାନ କରିବାକୁ ଇଚ୍ଛା ପ୍ରକାଶକରି ଆବେଦନ କରିବା ପରେ ଇଚ୍ଛାକୃତ ଅଙ୍ଗଦନ ପାଇଁ ପଞ୍ଜୀକୃତ ହୋଇଥିବା ଜଣାପଡିଛି । ମୃତ୍ୟୁ ପରେ ସେ ତାଙ୍କ ଶରୀରର ଯକୃତ, କିଡ୍‌ନୀ, ଫୁସ୍‌ଫୁସ୍, ଅଗ୍ନ୍ୟାଶୟ, ଅନ୍ତନାଳୀ ଦାନ କରିବାକୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିଶ୍ରୁତି ପ୍ରମାଣପତ୍ର ପାଇଥିବା ପ୍ରସନ୍ନ କହିଛନ୍ତି । ତାଙ୍କର ଏହି ମହତ୍ ଉଦ୍ଦେଶ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ପ୍ରସନ୍ନ




ପ୍ରସନ୍ନଙ୍କ ପଞ୍ଜୀକୃତ ପ୍ରମାଣପତ୍ର ।

ବର୍ତ୍ତମାନ ବ୍ଲକ୍ ସଦର ନୋଡାଲ ସିଆର୍‌ସିସି ଭାବେ କାର୍ଯ୍ୟରତ ଅଛନ୍ତି ।

## ଛତର ଯାତ୍ରା ପାଇଁ ରାସ୍ତା ଜାମ୍, ଅଟକିଲା ଆମ୍ବୁଲାନ୍ସ



ରାସ୍ତା ଜାମ୍ ଯୋଗୁ ଆମ୍ବୁଲାନ୍ସ ଫସିରହିଛି ।

ଭବାନୀପାଟଣା,୧୧।୧୦ (ଉତ୍ତମ କୁମାର ଦାଶ)

ମା'ମାଣିକେଶ୍ୱରୀଙ୍କ ଛତର ଯାତ୍ରା ଉପଲକ୍ଷେ ଶୁକ୍ରବାର ଭବାନୀପାଟଣା ସହରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ଏତେ ସଂଖ୍ୟକ ଲୋକ ଯୋଗୁ ବିଭିନ୍ନ ସ୍ଥାନରେ ରାସ୍ତା ଜାମ ହୋଇଥିବା ଦେଖିବାକୁ ମିଳିଥିଲା । ବିଶେଷ କରି ଭବାନୀପାଟଣା ସହରର ପୁରୁଣାପଡ଼ା ଛକଠାରେ ପୋଲିସ ଉପସ୍ଥିତ ଥିବା ସତ୍ତ୍ୱେ ମଧ୍ୟ ରାସ୍ତା ଜାମ ହୋଇଥିଲା । ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏପରି କି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ଆମ୍ବୁଲାନ୍ସ ସମେତ ଖୋଦ ଜିଲାପାଳଙ୍କ ଗାଡ଼ି ମଧ୍ୟ ରାସ୍ତା ଜାମ ଯୋଗୁ ଅଟକି ରହିଥିଲା । ସ୍ଥାନୀୟ ଡ଼ିଏସ୍‌ପି ଅଳକା ନନ୍ଦ ଦାସ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱରେ ଥିବାବେଳେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା । ଦୀର୍ଘ ସମୟ ଧରି ଏପରି ସମସ୍ୟା ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।

## ପରିବେଶ ସହ ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

ସଇଁତଲା,୧୧।୧୦ (ରାଖାଲ ପ୍ରସାଦ ଶତପଥୀ)

**ସଇଁତଲାରେ ବନ୍ୟପ୍ରାଣୀ ସପ୍ତାହ**

ସଇଁତଲା ବ୍ଲକ ଅନ୍ତର୍ଗତ କେରମେଲିଠାରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ସଇଁତଲା ବନାଞ୍ଚଳ ଆନୁକୂଲ୍ୟରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ସଇଁତଲା ବନାଞ୍ଚଳ ଅଧିକାରୀ ସାଗର ରାଜ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ବନ୍ୟପ୍ରାଣୀ ସପ୍ତାହ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ । ଛାତ୍ରୀଛାତ୍ରମାନେ ବନ୍ୟପ୍ରାଣୀଙ୍କ ଯତ୍ନ ନେବା କାହିଁକି ଜରୁରୀ ସେ ବିଷୟରେ ଉପସ୍ଥିତ ଅତିଥି ମତବ୍ୟକ୍ତ କରିବା ସହ ଛାତ୍ରୀଛାତ୍ରଙ୍କୁ ପରିବେଶ ବିଷୟରେ ସଚେତନ କରିଥିଲେ । ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ହେଉଥିବାରୁ ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀମାନେ ଲୋପ ପାଇବାକୁ ବସିଲେଣି । ଏଣୁ ଏହାକୁ ରୋକିବାକୁ ହେଲେ ପରିବେଶ ସହ ବନ୍ୟଜନ୍ତୁଙ୍କୁ ସୁରକ୍ଷା ପ୍ରଦାନ କରିବା ଆମର ପ୍ରଥମ କର୍ତ୍ତବ୍ୟ ବୋଲି ନାଏକ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବନପାଳ ଆଶୁତୋଷ ମହାକୁର, ଆଦିତ୍ୟ ନନ୍ଦ, ବନରକ୍ଷୀ ସତ୍ୟାନନ୍ଦ ପଧାନ, ଛନ୍ଦାଚରଣ ଜାନୀ, ମଧୁସ୍ମିତା ବେହେରା, ପ୍ରଜ୍ଞା ମହାରଣା, ମୀନାକ୍ଷୀ ପାତ୍ର, ଡ଼ିଇଓ ମିଳନ ଗହୀର, ଆଲୋକ ବିହାରୀ ବାରିକ, ପ୍ରଭୁଦତ୍ତ ବେହେରା ଯୋଗ ଦେଇଥିଲେ । ଏହାଛଡା ବିଦ୍ୟାଳୟର ଶିକ୍ଷୟିତ୍ରୀ ସବିତା ଏକ୍କା, ମୋନାଲିସା ମହାପାତ୍ର, ରଶ୍ମିତା ନାଏକ, ମିନତୀ ଦାସ, ଗୀତାଞ୍ଜଳି ମହାକୁର, ଶିକ୍ଷକ ସୌମ୍ୟ ରଞ୍ଜନ ମହାନ୍ତି, ପ୍ରଶାନ୍ତ ବାଗ, ଚନ୍ଦ୍ରଶେଖର ସାହୁ, ଅନୁପମ ମହାନ୍ତିଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥି ।

## ସହାୟତା ପାଇଁ ମୃତଦେହ ରଖି ରାସ୍ତାରୋକୋ

ସିନାପାଲି, ୧୧।୧୦(ମନଫୁଲ ମେହେର)

ସିନାପାଲି ଥାନା କାପସି ବରଗଛ ଛକଠାରେ ଗତ ରବିବାର ରାତିରେ ଫାଷ୍ଟଫୁଡ ଦୋକାନୀ ନିଳାମ୍ବର ମେହେରଙ୍କୁ ଗୁଳିମାଡ଼ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି । ପରେ ପରିବାର ଲୋକ ଓ ଗ୍ରାମବାସୀ ସରକାରୀ ସହାୟତା ପାଇଁ ଦାବି କରି କାପସି ବରଗଛ ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ । ତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା, ମୃତକଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରି ଓ ଭତ୍ତା ପ୍ରଦାନ, ଆବାସ ଯୋଜନାରେ ସାମିଲ, ଗୁଳିମାଡ଼ କରିଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦେବାକୁ ଦାବିପତ୍ରରେ ଉଲ୍ଲେଖ ହୋଇଛି । ସିନାପାଲି ତହସିଲଦାର ଉପାଞ୍ଜଳି ମାଝିଙ୍କ ଜରିଆରେ ଜିଲାପାଳଙ୍କୁ



କାପସି ବରଗଛ ଛକଠାରେ ରାସ୍ତାରୋକୋ କରାଯାଇଛି ।

**ଗୁଳିମାଡ଼ରେ ଫାଷ୍ଟଫୁଡ୍ ଦୋକାନୀଙ୍କ ମୃତ୍ୟୁ ଘଟଣା**

ଦାବିପତ୍ର ଦିଆଯାଇଛି । ପରେ ଜିଲା ଓ ସ୍ଥାନୀୟ ପ୍ରଶାସନର ହସ୍ତକ୍ଷେପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ସ୍ଥାନୀୟ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ମୃତ ପରିବାରକୁ ସହାୟତା ରାଶି ପ୍ରଦାନ କରିଥିଲେ । ଏହି ଘଟଣାରେ ସିନାପାଲି ପୋଲିସ ଏକ ପିସ୍ତଲ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି । ପୂର୍ବତନ ଜିଲାପରିଷଦ ସଦସ୍ୟ ପ୍ରିୟ ରଞ୍ଜନ ମେହେରଙ୍କ ନେତୃତ୍ୱରେ ସୁରଜ ମେହେର, ସୁବାସ ମେହେର, ଧନେଶ୍ୱର ମେହେର, ମୁର୍ଲି ମେହେର, ଜିତେନ ମେହେର, ରାଜୁ ମେହେର, ଶଙ୍କର ମେହେର, ଉଧବ ମେହେରଙ୍କ ସମେତ ମୃତକଙ୍କ ପରିବାର ସଦସ୍ୟ ଆନ୍ଦୋଳନରେ ସାମିଲ ଥିଲେ ।



ରାଉରକେଲା ସେକ୍ଟର-୨୦ ଡି ବ୍ଲକରେ ମା' ଦୁର୍ଗା ପୂଜା ପାଉଛନ୍ତି ।



ସେକ୍ଟର-୧୮ରେ ପୂଜିତ ମା' ଦୁର୍ଗା ଓ ପାର୍ଶ୍ୱ ଦେବଦେବୀ ।



ସେକ୍ଟର-୨୦ ପୂଜା ପେଣ୍ଡାଲରେ ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀ ।

## ସଂକ୍ଷେପରେ

### ଆର୍‌ଆଇକେକେଏସ୍‌ର ନୂତନ କାର୍ଯ୍ୟକାରିଣୀ

**ରାଉରକେଲା,୧୧।୧୦(ସଙ୍ଗୀତା ଜେନା):** ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ଟେନସା ସ୍ଥିତ ଟାଲଡି ମାଇନ୍ସରେ ଆର୍‌ଆଇକେକେଏସ୍‌ର ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଛି। ଏହି ଅବସରରେ ଟେନସା ହାଉସରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ସଭାପତି ହିମାଂଶୁ ବଳ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ନାୟକ, ଅତିରିକ୍ତ ସାଧାରଣ ସମ୍ପାଦକ ବାଗୁନ ଗଙ୍ଗରାଇ, ଉପସଭାପତି ରାମପ୍ରକାଶ ଜୈଶ୍ୱାଲ ଓ ପ୍ରମିଳା ନାୟକ, ସମ୍ପାଦକ ଲିଲିମା ବାଗ ଓ ବୁଦ୍ଧିରାମ ମୁଣ୍ଡା, କାର୍ଯ୍ୟକାରୀ ସମ୍ପାଦକ ମୁକେଶ ପାତ୍ର, କୋଷାଧ୍ୟକ୍ଷ ଭାବେ କରମତି ଓରାମ, ଉପଦେଷ୍ଟା ରାଜେନ୍ଦ୍ର ମହାନ୍ତ, ସମୀର ପାଢ଼ୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

### ଗୋପବନ୍ଧୁପଲ୍ଲୀରେ ହୋମଯଜ୍ଞ ଉଦ୍‌ଯାପିତ

**ରାଉରକେଲା, ୧୧।୧୦(ଦିନେଶ ମିଶ୍ର):** ଶାରଦୀୟ ଦୁର୍ଗାପୂଜା ପାଳନ ଅବସରରେ ଗୋପବନ୍ଧୁପାଲ୍ଲୀ ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଆୟୋଜିତ ହୋମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ହୋମଯଜ୍ଞକୁ ଗାୟତ୍ରୀ ଶକ୍ତିପୀଠର ପଣ୍ଡିତଗଣ ପରିଚାଳନା କରିଥିଲେ। ଗୋପବନ୍ଧୁପାଲ୍ଲୀର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ୧୦୮ ଗାୟତ୍ରୀ ମହାମନ୍ତ୍ର ଜପ ସହ ହୋମକୁଣ୍ଡରେ ଘୃତ ଓ ନାରିକେଳ ସମର୍ପଣ କରି ପୂର୍ଣ୍ଣାହୂତି ପ୍ରଦାନ କରିଥିଲେ। ସମାଜସେବୀ ରାମମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଏହି ନବରାତ୍ର ହୋମଯଜ୍ଞ ଆୟୋଜନ କରାଯାଇଥିଲା। ପୂର୍ଣ୍ଣାହୂତି ପରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।

### କବି ବିଶ୍ୱନାଥ ବଳଙ୍କ ସ୍ମୃତିଚାରଣ

**ରାଉରକେଲା,୧୧।୧୦(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା କଲଚରାଲ ଏକାଡେମୀ ତରଫରୁ ବିଶିଷ୍ଟ ବିକାଶବାଦୀ କବି, ବାମପନ୍ଥୀ ଚିନ୍ତକ ଓ ଏକାଡେମୀର ପୂର୍ବତନ ସଦସ୍ୟ ବିଶ୍ୱନାଥ ବଳଙ୍କ ଶୋକସଭା ଏକାଡେମୀ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଶ୍ୱନାଥ ବଳ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ହରିହର ମିଶ୍ର ଏବଂ ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏକାଡେମୀ ସଭାପତି ପଶୁପତିନାଥ ଚାଟାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉକ୍ତ ଦିବଂଗତମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବଳଙ୍କ କବିତାରେ ସାଧାରଣ ଲୋକଙ୍କ ଜୀବନ, ସଂଘର୍ଷ ତଥା ଏକ ଶ୍ରେଣୀବିହୀନ ସୁନ୍ଦର ସମାଜ ଗଠନର ପ୍ରେରଣା ଥିଲା ଯାହାକି ସମସ୍ତଙ୍କ ମନଭେଦୀ ରହୁଥିଲା। ସେହିପରି ହରିହର ମିଶ୍ରଙ୍କ ଚିରସବୁଜ ନାଟ୍ୟ, ଗଳ୍ପ ଓ ଉପନ୍ୟାସ ସର୍ବଦା ଶିକ୍ଷଣୀୟ ରହିବ। ଶେଷରେ ଭାରତୀୟ ଶିଳ୍ପ ବିକାଶରେ ରତନ ଟାଟାଙ୍କ ଅତୁଳନୀୟ ଯୋଗଦାନ ରହିଥିଲା ବୋଲି ଏକାଡେମୀର କର୍ମକର୍ତ୍ତା ପ୍ରକାଶ କରିଥିଲେ। ବରିଷ୍ଠ ସାହିତ୍ୟିକ ଭୂପେନ ମହାପାତ୍ର କଲଚରାଲ ଏକାଡେମୀର ମୁଖପତ୍ର ନବପତ୍ରର ପ୍ରଚାର ଓ ପ୍ରସାରରେ ବିଶ୍ୱନାଥ ବଳଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଏକାଡେମୀର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର, ବିଚିତ୍ରାନନ୍ଦ ସାହୁ, ନୃସିଂହ ରାଉତ, ବଳରାମ ରାଉତ, ସୁକାନ୍ତ ମହାପାତ୍ର, ଅକ୍ଷୟ ପଣ୍ଡା, ନବପତ୍ରର ସମ୍ପାଦକ ଡ. ପ୍ରଭାତ ମଲ୍ଲିକ ଓ ବରିଷ୍ଠ ସଦସ୍ୟ ଡକ୍ଟର କୃପାସିନ୍ଧୁ ନାୟକ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଗୋପବନ୍ଧୁ ଓଡ଼ିଆ ଜାତିର ମଉଡ଼ମଣି

**ରାଉରକେଲା,୧୧।୧୦(ଦିନେଶ ମିଶ୍ର)**

ରାଉରକେଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୋପବନ୍ଧୁ ପାଠାଗାରର ଏକବିଂଶତମ ବାର୍ଷିକୋତ୍ସବ ଦୁଇଦିନ ଧରି ପାଠାଗାର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ଆର୍ଥିକ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅଭୟ କୁମାର ବେହୁରିଆ ଯୋଗଦେଇ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କବି ରାଜୀବ ପାଣି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ସାମଗ୍ରିକ ଜୀବନ ଉପରେ ଆଲୋକପାତ କରି ତାଙ୍କୁ ଓଡିଆ ଜାତିର ଚିର ନମସ୍ୟ ଭାବେ ଅଭିହିତ କରି ତାଙ୍କ ତ୍ୟାଗପୂତ ଜୀବନ



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଗୋପବନ୍ଧୁ ପାଠାଗାରର ଏକବିଂଶତମ ବାର୍ଷିକୋତ୍ସବ ପାଳିତ**

ଆଗାମୀ ପିଢ଼ିଙ୍କୁ ଅନୁପ୍ରାଣିତ କରିବ ବୋଲି ମତପୋଷଣ କରିଥିଲେ। ଉତ୍ସବର ପ୍ରଥମ ଦିନରେ ବିଦ୍ୟାଳୟ ପିଲାମାନଙ୍କ ମଧ୍ୟରେ ଗୋପବନ୍ଧୁଙ୍କ କବିତା ଆବୃତ୍ତି ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଦିନ ସକାଳେ କନିଷ୍ଠ ବିଭାଗରେ 'ଗୋପବନ୍ଧୁ ମୋ ଆଦର୍ଶ' ଓ ବରିଷ୍ଠ ବିଭାଗରେ 'ଗୋପବନ୍ଧୁ ଆଜିବି ଓଡିଆ ଜାତିର ମଉଡମଣି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ରାଉରକେଲାର ଅଧିକାଂଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ଦିନ ପ୍ରଥମ ପର୍ଯ୍ୟାୟରେ ଶର୍ମିଷ୍ଠା କବି ଶତପଥୀଙ୍କ ସଭାପତିତ୍ୱ ଓ କବି ରଶ୍ମି ସାହୁଙ୍କ ସଂଯୋଜନାରେ ୧୫ ଜଣ ନିର୍ବାଚିତ କବି ଗୋପବନ୍ଧୁଙ୍କ କବିତା ଆବୃତ୍ତି କରିଥିଲେ। ଏହି ସଭାରେ ଅଜିତ କୁମାର ପୂଜାରୀ ଓ ଶଶିକାନ୍ତ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପାଠାଗାର ସାଧାରଣ ସମ୍ପାଦକ ହରିହର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଙ୍ଗୁରବାଳା ପରିଡା ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ ସମ୍ପାଦକ ରବୀନ୍ଦ୍ର କୁମାର ସରାଫ, କୋଷାଧ୍ୟକ୍ଷ ଲକ୍ଷ୍ମଣନାଥ ଦାସ, ହରିହର ନାୟକ, ଅଜିତ ମହାନ୍ତି, ଜଗବନ୍ଧୁ ଜେନା, ଧ୍ରୁବଚରଣ ନାୟକ, ଏସ୍.ଏନ୍. ପଣ୍ଡା, ଅଶୋକ କୁମାର ଶୁକ୍ଲ, ରାଜ କୁମାର ମହାନ୍ତି, ରବୀନ୍ଦ୍ର କୁମାର ସାହୁ, ଦେବରାଜ ଗୋଡ, ଗୋପାଳ ପ୍ରସାଦ ଜେନା ପ୍ରମୁଖ ସହଯୋଗ କରିଥିଲେ। ବିଭୂତି ଭୂଷଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଞ୍ଜ ସେତୁ ଉଦ୍‌ଘାଟିତ



ଭଞ୍ଜ ସେତୁ ଉଦ୍‌ଘାଟିତ ହେଉଛି।

**ରାଉରକେଲା,୧୧।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଇସ୍ପାତ ନଗରୀ ଭଞ୍ଜ ଭବନ ନିକଟସ୍ଥ ରିଂରୋଡ୍‌ର ଉଭୟ ପାର୍ଶ୍ୱକୁ ସଂଯୋଗ କରୁଥିବା ଏକ ଫୁଟ୍ ଓଭର ବ୍ରିଜ ଭଞ୍ଜ ସେତୁକୁ ଆରଏସ୍‌ପି ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବିତ୍ତ ଓ ଲେଖା ବିଭାବଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ମେକାନିକାଲ ବିଭାଗର ସିଜିଏମ୍ ଆର.ଏନ୍. ରାଜେନ୍ଦ୍ରନ, ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ଇନଚାର୍ଜ ପି. କେ. ସ୍ୱାଇଁ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡ. ଜୟନ୍ତ ଆଚାର୍ଯ୍ୟ, ଟାଉନ ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି. କେ. ଜୋଜୋ ଓ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ, ସହର ଇଞ୍ଜିନିୟରିଂ ବିଭାଗ, ସହରସେବା ବିଭାଗ ଅଧିକାରୀ ଓ କର୍ମଚାରୀ ତଥା ଇସ୍ପାତ ସେଣ୍ଟ୍ରାଲ ମାର୍କେଟ କମିଟିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏହି ଭଞ୍ଜ ସେତୁ ବିଶେଷ କରି ପର୍ବପର୍ବାଣୀ ଏବଂ ସେକ୍ଟର-୫ ପ୍ରଦର୍ଶନୀ ପଡିଆରେ ଆୟୋଜିତ ମେଗା ଇଭେଣ୍ଟ ସମୟରେ ସଡ଼କ ସୁରକ୍ଷା ତଥା ଟ୍ରାଫିକ୍ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଲକ୍ଷ୍ୟ ରଖିଛି। ଉକ୍ତ ଫୁଟ୍ ଓଭର ବ୍ରିଜ୍ କାରଖାନାର ସମ୍ପୂର୍ଣ୍ଣ ନିଜସ୍ୱ ସମ୍ବଳରେ ବିକଶିତ ହୋଇଛି। ଏହି ସେତୁର ମୂଳଧାରଣା ସହର ଇଞ୍ଜିନିୟରିଂ ବିଭାଗ ଦେଇଥିବା ବେଳେ ଏହାର ସବିଶେଷ ରୂପରେଖ ଡିଜାଇନ ବିଭାଗ ଦ୍ୱାରା ପ୍ରସ୍ତୁତ ହୋଇଛି। ସହର ସେବା, ସହର ଇଞ୍ଜିନିୟରିଂ ବିଭାଗ, ଏଫ୍‌ଏମ୍‌ଏମ୍ ବିଭାଗ ଓ ଅନ୍ୟ ସମ୍ପୃକ୍ତ ଏଜେନ୍ସି ସହାୟତାରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।

### ଶକ୍ତିପୀଠରେ କୁମାରୀ ପୂଜନ ସମ୍ପନ୍ନ

**ରାଉରକେଲା,୧୧।୧୦(ସଙ୍ଗୀତା ଜେନା):** ଆଶ୍ୱିନ ମାସରେ ନବରାତ୍ରିର ଶେଷଦିନ କୁମାରୀ ପୂଜନ ଶୁକ୍ରବାର ସମ୍ପନ୍ନ ହୋଇଛି। ରାଉରକେଲାର ଶକ୍ତିପୀଠଗୁଡ଼ିକରେ ମା'ଙ୍କ ନବରାତ୍ରି ପୂଜା ସମ୍ପନ୍ନ ହୋଇଛି। ଏହି ଅବସରରେ କୁମାରୀ ପୂଜନ କରାଯାଇଥିଲା। ଜଗଦା ସ୍ଥିତ ବାଟ ମା ମଙ୍ଗଳା ଶକ୍ତିପୀଠରେ ସକାଳେ ମା'ଙ୍କ ଦ୍ୱାରଫିଟା, ମଙ୍ଗଳଆରତୀ, ବାଲଭୋଗ ପରେ ପୂର୍ବାହ୍ନରେ କୁମାରୀ ପୂଜନ କରାଯାଇଥିଲା। ଉଦଯାପନୀ ଦିବସରେ ୮୪ ଜଣ କୁମାରୀ କନ୍ୟାଙ୍କୁ ପୂଜନ କରାଯାଇଥିଲା। ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ଉପହାର ପ୍ରଦାନ, ପ୍ରସାଦ ବଣ୍ଟନ ଆଦି କରାଯାଇଥିଲା। ପଣ୍ଡିତ କାଶୀନାଥ ପଣ୍ଡା, ହେମନ୍ତ କର ପ୍ରମୁଖ ସମସ୍ତ ବିଧିବିଧାନ କରିଥିଲେ। ରମେଶ ଦାସ ଏବଂ ଗୀତା ଦାସ କର୍ତ୍ତାକର୍ତ୍ତ୍ରୀ ରହିଥିଲେ। ବାଟ ମା' ମଙ୍ଗଳା ମନ୍ଦିରର ସଞ୍ଜୀବ ମହାନ୍ତି, ପ୍ରଭାତ ମହାନ୍ତି, ଡି. ଏନ୍. ପୃଷ୍ଟି, ଲକ୍ଷ୍ମୀଧର ନାୟକଙ୍କ ସମେତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଏହି ପୂଜା ପ୍ରାୟ ୧୫ ବର୍ଷ ହେଲା କରାଯାଉଛି। ସୂଚନାଯୋଗ୍ୟ, ଶନିବାର ଷୋଡଶୀ ତ୍ରିପୁରା ସୁନ୍ଦରୀ ଅପରାଜିତା ଭୁବନେଶ୍ୱରୀଙ୍କ ଦଶହରା ପୂଜନ କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ଅନୁରୂପ ଭାବେ ରାଉରକେଲା ବୈଷ୍ଣୋଦେବୀ ଶକ୍ତିପୀଠ, ସେକ୍ଟର-୨ ଗାୟତ୍ରୀ ପୀଠ, ହନୁମାନ ବାଟିକା, ଛେଣ୍ଡ, ଉଦିତ ନଗର ସମେତ ବିଭିନ୍ନ ଶକ୍ତିପୀଠରେ ଏହି ପୂଜନ କରାଯାଇଛି।

## ମହାଷ୍ଟମୀରେ ପୂଜାମଣ୍ଡପ ବୁଲିଲେ ଏଡିଏମ୍

**ରାଉରକେଲା,୧୧।୧୦(ସଙ୍ଗୀତା ଜେନା)**

ଇସ୍ପାତ ସହରରେ ଶୁକ୍ରବାର ମହାଅଷ୍ଟମୀ ପାଳନ ଅବସରରେ ଶାନ୍ତିଶୃଙ୍ଖଳା, ସୁରକ୍ଷା ବ୍ୟବସ୍ଥା ଆଦି ପରିଦର୍ଶନ କରିଛନ୍ତି ରାଉରକେଲା ଅତିରିକ୍ତ ଜିଲାପାଳ ତଥା କେନ୍ଦ୍ରୀୟ ପୂଜା କମିଟି(ସିପିସି)ର ସଭାପତି ଆଶୁତୋଷ କୁଲକର୍ଣ୍ଣୀ। ତାଙ୍କ ସହ ସିପିସି ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ବେହେରା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସେକ୍ଟର-୨୦ ଡି ବ୍ଲକ ସ୍ଥିତ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ପୂଜା ପେଣ୍ଡାଲରେ ଅତିରିକ୍ତ ଜିଲାପାଳ କୁଲକର୍ଣ୍ଣୀ ପୁଷ୍ପାଞ୍ଜଳି ଦେବା ସହ ସାଧାରଣ କର୍ମକର୍ତ୍ତା ଓ ଭକ୍ତଙ୍କ ସହ ଆଲୋଚନା କରିଥିଲେ। ଚଳିତ ଥର ଏଥିରେ ରାଜସ୍ଥାନ ଜୟପୁର ଆଲବର୍ଟ ହଲ୍ ମ୍ୟୁଜିୟମର ପ୍ରତିକୃତି ନିର୍ମାଣ ହୋଇଛି। ସେହିପରି ସିପିସି ସଦସ୍ୟମାନେ ଇସ୍ପାତ ଶିଳ୍ପାଞ୍ଚଳ, ସିଭିଲଟାଉନଶିପ୍, ଫର୍ଟିଲାଇଜର ଟାଉନଶିପ୍ ଆଦି ୧୦୬ ପୂଜା ପେଣ୍ଡାଲ ପରିଦର୍ଶନ କରିଥିଲେ।

## ଯୋଗଦେଲେ ୫୩୦ ଏନ୍‌ସିସି କ୍ୟାଡେଟ୍



ଶିବିରରେ ଯୋଗ ଦେଇଥିବା କ୍ୟାଡେଟ୍‌ମାନେ।

**ରାଉରକେଲା/ବେଦବ୍ୟାସ,୧୧।୧୦ (ସଙ୍ଗୀତା ଜେନା/ଆଲୋକ ସ୍ୱାଇଁ)**

**ବେଦବ୍ୟାସରେ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ**

ବେଦବ୍ୟାସ ସ୍ଥିତ ସାଇଭ୍ୟାଲି ୱାର୍ଲଡ ସ୍କୁଲରେ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ଅନ୍ତର୍ଗତ ସହଜ ଯୋଗ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ସ୍କୁଲ ପ୍ରାଙ୍ଗଣରେ ସକାଳେ କୁଣ୍ଡଳିନୀ ଜାଗ୍ରତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୋନାଲିସା ପରିଜା, ନିର୍ମଳ ଦାସ, ପ୍ରକାଶ ପରିଜା, ଜଗଜିତ ସିଂହ, ସିଦ୍ଧାର୍ଥ ସାମଲ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଓଡ଼ିଶା, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ ତଥା ଚଣ୍ଡିଗଡ଼ର ୫୩୦ ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। ରାଉରକେଲା ଏନ୍‌ସିସି କମାଣ୍ଡିଂ ଅଫିସର କର୍ଣ୍ଣେଲ ଏସ୍. ସି. କୁଲକର୍ଣ୍ଣୀ, ସୁବେଦାର ମେଜର ଅଙ୍ଗଦ ସିଂହ, ମଞ୍ଜିତ ସିଂହ (ଏସ୍‌ଏ), ସୁବେଦାର ସୁରେନ୍ଦ୍ର ସିଂହ, ଏଡମିନ୍ ଜେସିଓ ସୁଖବିନ୍ଦର ସିଂହ, ପ୍ରଶିକ୍ଷଣ ଅଧିକାରୀ ବିଏଚ୍‌ଏମ୍ ଜସକରଣ ସିଂହ, ହାବିଲଦାର ରାଜୀବ ରଞ୍ଜନ, ସୋମାଇ ଥାପ୍ପା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

## ରାମଦୋଳିରୁ ଖସିପଡ଼ି ଗୋଟିଏ ପରିବାରର ୪ ଆହତ



ଆହତମାନଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି।

**ରାଉରକେଲା,୧୧।୧୦(ସଙ୍ଗୀତା ଜେନା)**

ରାଉରକେଲା ଦୁର୍ଗାପୂଜାରେ ଶୁକ୍ରବାର ଅଘଟଣ ଘଟିଥିବା ସୂଚନା ମିଳିଛି। ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ସେକ୍ଟର-୬ ଟେଲିଫୋନ ଭବନ ପକ୍ଷରୁ ଆୟୋଜିତ ଦୁର୍ଗାପୂଜା ମେଳାରେ ରାମଦୋଳିରୁ ଖସିପଡି ଗୋଟିଏ ପରିବାରର ୪ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ନାବାଳିକା ଅଛନ୍ତି। ଏହି ସମୟରେ ସେଠାରେ ଉପସ୍ଥିତ ଜୋନ୍-୧ ଡିଏସ୍‌ପି ପୁଷ୍ପାରାଣୀ ନିନ୍‌ଗୀ, ସେକ୍ଟର-୭ ଥାନା ପୋଲିସ, ପୂଜା କମିଟି ସଦସ୍ୟ ଏବଂ ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରିଛନ୍ତି। ତେବେ ଆହତମାନେ କିପରି ଦୋଳିରୁ ଖସିପଡିଲେ ତାର ତଦନ୍ତ କରାଯାଉଛି ବୋଲି ଡିଏସ୍‌ପି ନିନଗୀ କହିଛନ୍ତି।

## ଟ୍ୟାପ୍‌ରୁ ଅନବରତ ବୋହୁଛି ପାଣି

**ରାଉରକେଲା,୧୧।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ (ଆର୍‌ଏମ୍‌ସି) ଅଧୀନ ୨୨ ନଂ. ୱାର୍ଡ ଟ୍ରାଫିକ୍ ଗେଟ୍ ମାର୍କେଟରେ ଥିବା ଟ୍ୟାପ୍‌ରୁ ଅନବରତ ପାଣି ବହି ନଷ୍ଟ ହେଉଛି। ଏହାକୁ ମରାମତି କରାଯାଉ ନ ଥିବାରୁ ସ୍ଥାନୀୟ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମାର୍କେଟର ବ୍ୟବସାୟୀମାନଙ୍କ ପାଇଁ ଉକ୍ତ ପାନୀୟ ଜଳ ଟ୍ୟାପ୍ ବସା ଯାଇଥିବା ବେଳେ ଦୀର୍ଘଦିନ ହୋଇଗଲାଣି ସେଥିରୁ ଜଳ ନିର୍ଗତ ହେଉଛି। ଫଳରେ ଦୈନିକ ହଜାର ହଜାର ଲିଟର ପାନୀୟଜଳ ନଷ୍ଟ ହେଉଛି। ଖରାଦିନେ ସହରର ବସ୍ତି ବାସିନ୍ଦା ପାଣି ମୁନ୍ଦାଏ ପାଇଁ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ସାମାନ୍ୟ ଟ୍ୟାପ୍ ମରାମତି ଅଭାବରୁ ମୂଲ୍ୟବାନ ପାଣି ଅପଚୟ ହୋଇ ଡ୍ରେନକୁ ଯାଉଛି। ତୁରନ୍ତ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସଚେତନ ନାଗରିକ ମହଲରେ ଦାବି ହେଉଛି।



ଟ୍ୟାପ୍‌ରୁ ପାଣି ବୋହି ନଷ୍ଟ ହେଉଛି।

## ମିଲେଟ ଉତ୍ପାଦ ସୃଷ୍ଟି ଉପରେ ଆଲୋଚନାଚକ୍ର

**ରାଉରକେଲା,୧୧।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ରାଉରକେଲା କେନ୍ଦ୍ରରେ ମାନବିକତା ପାଇଁ ବାସସ୍ଥାନ: ଏସ୍‌ଡିଜି ହାସଲ କରିବାରେ ମିଲେଟ ଆଧାରିତ ଉତ୍ପାଦଗୁଡିକର ପୁଷ୍ଟିକରଣ ଗୁଣତ୍ୱ ହାସଲ ସହିତ ପୁଷ୍ଟିହୀନତା ଜନିତ ମୁକାବିଲା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ର ଅନ୍‌ଲାଇନ ଓ ଅଫ୍‌ଲାଇନ ମୋଡ୍‌ରେ ହୋଇଥିଲା। ଏହାର ମୁଖ୍ୟ ଥିମ୍ ଥିଲା ଏକ ଉତ୍ତମ ସହରୀ ଭବିଷ୍ୟତ ସୃଷ୍ଟିରେ ଯୁବବର୍ଗଙ୍କ ସମ୍ପୃକ୍ତି। ଆଲୋଚନାଚକ୍ରରେ ଅଧ୍ୟକ୍ଷ ଇଂ. ସନ୍ତୋଷ କୁମାର ପୋଲାକି ସ୍ୱାଗତ ଭାଷଣ ଓ ରାଉରକେଲା କେନ୍ଦ୍ରର ଉପାଧ୍ୟକ୍ଷ ଡ. ନୂତନ କୁମାର ଦାସ ଅନ୍‌ଲାଇନ ମୋଡରେ ଯୋଗଦେଇ ଥିମ୍ ଉପରେ ସବିଶେଷ ଆଲୋଚନା କରିଥିଲେ। ସଚିବ ଡ. ଅଜିତ ବେହେରା ଓ ଡ. ମାଧୁରେଶ ଦ୍ୱିବେଦୀ ଆଲୋଚକ ଭାବେ ଯୋଗଦେଇ ଖାଦ୍ୟ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ପରେ ଡକ୍ଟର ଦ୍ୱିବେଦୀ କହିଥିଲେ, ପୁଷ୍ଟିହୀନତା ଏକ ବିଶ୍ୱବ୍ୟାପୀ ସମସ୍ୟା। ମିଲେଟ ପୁଷ୍ଟିହୀନତାକୁ ଦୂର କରିବା ପାଇଁ ଏକ ଅସ୍ଥାୟୀ ସମାଧାନ। କାରଣ ଏହା ପୁଷ୍ଟିକର ଗୁଣବତ୍ତା ସମ୍ପନ୍ନ ଅଟେ। ମିଳିତ ଜାତିସଂଘର ଏସ୍.ଡି.ଜି ଗୁଡିକ ବିଶେଷତଃ ଏସ.ଡି.ଜି-୨ (ଜିରୋ ହଙ୍ଗର) ସହିତ ସମନ୍ୱିତ ଭାବେ ମିଲେଟ ଆଧାରିତ ଉତ୍ପାଦର ପୁଷ୍ଟି ବୃଦ୍ଧି କରିବାକୁ ବିଶେଷ ମହତ୍ତ୍ୱ ଦିଏ ବୋଲି ସେ କହିଥିଲେ। ଆଲୋଚନା ପରେ ଅଧ୍ୟକ୍ଷ ପୋଲାକି ଓ ଦ୍ୱିବେଦୀଙ୍କୁ ଯୋଗ୍ୟତା ପ୍ରମାଣପତ୍ର ଓ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଆଲୋଚନାଚକ୍ରରେ ୩୫ଜଣ ଅଂଶଗ୍ରହଣ କରି ମିଲେଟର ପୁଷ୍ଟିକର ଗୁଣ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଡ. ଅଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

# ସମ୍ବଲପୁର ସହରର ବିଭିନ୍ନ ପୂଜା ମଣ୍ଡପରେ ମା’ ଦୁର୍ଗାଙ୍କ ଆରାଧନା


ଗୋବିନ୍ଦତୋଲା ଭୁବନେଶ୍ୱରୀ ଦେବୀ।


ଦଲେଇପଡ଼ା ପୂଜା ମଣ୍ଡପରେ ମା’ ଦୁର୍ଗା।


ହାଟପଡ଼ା ପୂଜା ମଣ୍ଡପରେ ରୌପ୍ୟ ଅଳଙ୍କାରରେ ମା’ଦୁର୍ଗା।


ନନ୍ଦପଡା ପୂଜା ମଣ୍ଡପରେ ମା’ ଦୁର୍ଗା।


ଆମ୍ବେଦକର ନଗର ପୂଜା ମଣ୍ଡପରେ ଦୁର୍ଗା।


ମହାନ୍ତିପଡ଼ା ପୂଜା ମଣ୍ଡପରେ ଭୁବନେଶ୍ୱରୀ ବେଶରେ ମା’ ଦୁର୍ଗା।


ଟେରୁଆପଡ଼ା ପୂଜା ମଣ୍ଡପରେ ଦୁର୍ଗା।


ପଟ୍ଟନାୟକପଡ଼ା ପୂଜା ମଣ୍ଡପ।


ଧନୁପାଲି ପୂଜା ମଣ୍ଡପରେ ମା’ ଦୁର୍ଗା।


କୁଞ୍ଜେଲପଡା ପୂଜା ମଣ୍ଡପରେ ମା’ ଦୁର୍ଗା।


ଚିତ୍ରଗୁପ୍ତ ଛକ ପୂଜା ମଣ୍ଡପରେ ଭୁବନେଶ୍ୱରୀ ବେଶରେ ମା’ ଦୁର୍ଗା।

## ଶାରଦୀୟ ଦୁର୍ଗାପୂଜା ପାଇଁ ସମ୍ବଲପୁର ଉତ୍ସବମୁଖର

**ସମ୍ବଲପୁର,୧୧।୧୦(ପ୍ରମୋଦ ବହିଦାର)**

କଳା, ସଂସ୍କୃତି ତଥା ଐତିହ୍ୟ ସମ୍ପନ୍ନ ସହର ସମ୍ବଲପୁର ବର୍ତ୍ତମାନ ଶାରଦୀୟ ପୂଜା ପାଇଁ ହୋଇ ଉଠିଛି ଉତ୍ସବମୁଖର। ସହରର ବିଭିନ୍ନ ପୂଜା ମଣ୍ଡପରେ ନିର୍ମିତ ସୁଉଚ୍ଚ ତୋରଣ ସହ ଉଜ୍ଜ୍ୱଳ ଓ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠିଛି ସମଗ୍ର ଅଞ୍ଚଳ। ମଣ୍ଡପଗୁଡ଼ିକରେ ମା’ଙ୍କ ମନ୍ତ୍ରପାଠ, ପାରମ୍ପରିକ ବାଜା ସହ ଶଙ୍ଖ ଓ ଘଣ୍ଟର ଧ୍ୱନିରେ ସୃଷ୍ଟି ଏକ ପ୍ରକାର ଧାର୍ମିକ ପରବେଶ ମଧ୍ୟରେ ହଜି ଯାଇଛି ସମଗ୍ର ସହର। ବିଭିନ୍ନ ପୂଜା ମଣ୍ଡପଗୁଡିକରେ ଶୁକ୍ରବାର ସନ୍ଧିପୂଜା ସହ ମହାନବମୀ ପୂଜା ଅନୁଷ୍ଠିତ ହୋଇଛି। ଶାରଦୀୟ ଦୂର୍ଗାପୂଜା ଉତ୍ସବ ଭସାଣି ପର୍ଯ୍ୟନ୍ତ ୫ଦିନ ବ୍ୟାପି ଜାରି ରହିବ। ଚଳିତବର୍ଷର ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ଜିଲା ପ୍ରଶାସନ, ଜିଲା ପୋଲିସ ଓ ସମ୍ବଲପୁରର ବିଭିନ୍ନ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଚଳିତବର୍ଷ ସମ୍ବଲପୁର ମହାନଗର ଅଞ୍ଚଳରେ ଛୋଟବଡ଼ ମିଶି ମୋଟ ୬୫ଟି ମଣ୍ଡପରେ ଅନୁଷ୍ଠିତ ହେଉଛି ଶାରଦୀୟ ପୂଜା। ଅପରପକ୍ଷରେ ଚଳିତବର୍ଷ ସମ୍ବଲପୁରରେ ଗୋଟିଏ ଦିନରେ ଭସାଣି


କୁଞ୍ଜେଲପଡ଼ା ଛକରେ ନିର୍ମିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସଦୃଶ ପୂଜା ମଣ୍ଡପ।

ଉତ୍ସବ ପାଳନ କରିବାକୁ ବିଭିନ୍ନ ପୂଜା କମିଟି, କେତେକ ସାମାଜିକ ସଙ୍ଗଠନ ସହ ନାଗରିକ ମହଲରୁ ଦାବି ହୋଇଛି। ସମ୍ବଲପୁରରେ ଅନୁଷ୍ଠିତ ଦୂର୍ଗାପୂଜାରେ କେତେକ କମିଟି ମା’ଙ୍କ ମେଢ଼କୁ ଗୁରୁତ୍ୱ ଦେଇଥିବାବେଳେ ଅନ୍ୟକେତେକ କମିଟି ତୋରଣକୁ ଗୁରୁତ୍ୱ ଦେଇଛନ୍ତି। ସେହିପରି ଆଉ ଅନ୍ୟ କେତେକ କମିଟି ପକ୍ଷରୁ ବନ୍ଧୁମିଳନ,ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିକୁ ବିଶେଷ ଗୁରୁତ୍ୱ ଦିଆଯାଇଥିବା ଦେଖିବାକୁ ମିଳିଛି। ତେବେ ଚଳିତବର୍ଷର ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ସମଗ୍ର ମହାନଗରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ୩ ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ୮ଜଣ ଡିଏସ୍‌ପି ପାହ୍ୟା ଅଧିକାରୀଙ୍କ ସହ ସମ୍ବଲପୁର ମହାନଗର ଅନ୍ତର୍ଗତ ସମସ୍ତ ୧୦ଟି ଥାନାର ଆଇଆଇସିଙ୍କ ତତ୍ତ୍ୱାବଧାନରେ ୧୪ ପ୍ଲାଟୁନ ପୋଲିସ ସୁରକ୍ଷା କର୍ମୀଙ୍କ ସହିତ ୧ କମ୍ପାନୀ ସିଆର୍‌ପିଏଫ୍ ଜବାନଙ୍କୁ ମୁତୟନ କରାଯାଇଛି। ଏହାବ୍ୟତୀତ ଦୁର୍ଗାପୂଜା ପୂର୍ବରୁ ସହରର ବିଭିନ୍ନ ସ୍ଥାନରେ ପୋଲିସର ଫ୍ଲାଗମାର୍ଚ୍ଚ କରାଯାଇ ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ପରୋକ୍ଷରେ ସୂଚାଇ ଦେଇଛି ପୋଲିସ।

## ସିଙ୍ଘଲପୋଷି ମହାବୀର କ୍ଲବ ଚାମ୍ପିୟନ

**କୁଚିଣ୍ଡା,୧୧।୧୦(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ଚାଲିଥିବା ଜୟଦୁର୍ଗା ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଉଦ୍‌ଯାପନୀ ଦିବସରେ ୩ଟି ମ୍ୟାଚ ଖେଳା ଯାଇଥିଲା। ମନ୍ଦିରଛକ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲ ଖେଳ କୁଚିଣ୍ଡା ବିଏଫସି(ମନ୍ତ୍ରୀମୁଣ୍ଡା) ଓ ତୁରେଇନିକ୍ରିମାଲ ରାମବ୍ରଦର୍ସ ମଧ୍ୟରେ ହୋଇଥିଲା। ପେନାଲ୍ଟି ସୁଟ ଆଉଟରେ ତୁରେଇନିକ୍ରିମାଲ ରାମବ୍ରଦର୍ସ ବିଜୟ ହାସଲ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଭାଲୁବାହାଲ ଏଫସି ସହ ସିଙ୍ଘଲପୋଷି ମହାବୀର କ୍ଲବ ମଧ୍ୟରେ ହୋଇଥିଲା। ୨-୧ ଗୋଲରେ ସିଙ୍ଘଲପୋଷି ମହାବୀର କ୍ଲବ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ଫାଇନାଲ ଖେଳ ତୁରେଇନିକ୍ରିମାଲ ରାମବ୍ରଦର୍ସ ଓ ସିଙ୍ଘଲପୋଷି ମହାବୀର କ୍ଲବ ମଧ୍ୟରେ ହୋଇଥିବାବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ


ଫୁଟବଲ ଟୁର୍ନାମେଣ୍ଟରେ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଉଭୟ ଦଳର ଖେଳାଳି ଓ ରେଫରି।

### ଜୟଦୁର୍ଗା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ସ୍କୋର କରିପାରି ନ ଥିଲେ। ଶେଷରେ ପେନାଲ୍ଟି ସୁଟ ଆଉଟରେ ସିଙ୍ଘଲପୋଷି ମହାବୀର କ୍ଲବ ଚାମ୍ପିୟନ ହୋଇଥିଲା। ଖେଳକୁ ରେଫରୀ ଭାବେ ରାଜେଶ ଜୟପୁରିଆ,ବାପି ବାଘ,ବୀରସିଂ କିଷାନ, ସରୋଜ କିଷାନ, ଯଶୋବନ୍ତ ବାଘ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି, ଦୁର୍ଗାପୂଜା କମିଟି ସଭାପତି ତଥା କୁଚିଣ୍ଡା ନଗରପାଳ ପ୍ରଦ୍ୟୁତ୍ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଗଗନ ଶର୍ମା, ସଞ୍ଜିତ ଶର୍ମା, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ପ୍ରଫେସର ମଳୟ ମହାନନ୍ଦ, ଅମିତ ମିଶ୍ର, ପୂର୍ବତନ କାଉନସିଲର କାର୍ତ୍ତିକ ମିସ୍ତ୍ରୀ, ବିନ୍ନୁ ଅଗ୍ରୱାଲ,ପର୍ଶୁରାମ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଗଣ ସିଙ୍ଘଲପୋଷି ମହାବୀର କ୍ଲବକୁ ଚାମ୍ପିୟନ ଟ୍ରଫି ନଗଦ ୩୦ ହଜାର ଟଙ୍କା ଅର୍ଥରାଶି ଓ ତୁରେଇନିକ୍ରିମାଲ ରାମବ୍ରଦର୍ସଙ୍କୁ ରନର୍ସଅପ ଟ୍ରଫି ସହ ନଗଦ ୨୦ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ମହେଶ ରାୟ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଉଦିତ ପ୍ରତାପ ଦେଓ, ସଞ୍ଜୟ ମହାନନ୍ଦ, ଅମିତ ଭୋଇ, ଡିଲେଶ୍ୱର ବେହେରା, ଦିବ୍ୟ ପୃଷେଠ, ରାଧେଶ୍ୟାମ କଉଡି, ପ୍ରଶାନ୍ତ ଶର୍ମା, ସୁବ୍ରତ ଶର୍ମା, ଲୁଟୁ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

## ବଲାଙ୍ଗୀରରେ ଭାଇ ଜିଉନ୍ତିଆ ପାଳିତ

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ଭାଇର ଦୀର୍ଘାୟୁ ଏବଂ ସର୍ବାଙ୍ଗୀନ ଉନ୍ନତି କାମନା କରି ଭାଇ ଜିଉନ୍ତିଆ ପର୍ବ ପାଳିତ ହୋଇଛି। ଭଉଣୀମାନେ ଉପବାସ ରହି ଏହି ପର୍ବ ପାଳନ କରିଥାନ୍ତି। ବଲାଙ୍ଗୀର ସହର ତୁଳସୀନଗର ଦୁର୍ଗାପୂଜା ମଣ୍ଡପରେ ଶତାଧିକ ମହିଳା ଭାଇ ଜିଉନ୍ତିଆ ପୂଜାର୍ଚ୍ଚନା କରିଛନ୍ତି। ଶୁକ୍ରବାର ସକାଳେ ଏହି ପର୍ବ ସମାପନ ହେବ।


ବଲାଙ୍ଗୀର ପୁରୁଣା ସରକାରୀ ବସଷ୍ଟାଣ୍ଡ ଦୁର୍ଗାମଣ୍ଡପ।


ବଲାଙ୍ଗୀର କଲେଜ ଛକଠାରେ ଆକର୍ଷଣୀୟ ଦୁର୍ଗା ମଣ୍ଡପ।

# ବଲାଙ୍ଗୀର ସହରରେ ଜମୁଛି ପାର୍ବଣ ଭିଡ଼

**ବଲାଙ୍ଗୀର,୧୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ଶାରଦୀୟ ଦୁର୍ଗା ପୂଜା ଅବସରରେ ବଲାଙ୍ଗୀର ସହରର ବିଭିନ୍ନ ପୂଜା ମଣ୍ଡପରେ ଏବେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି। ରାସ୍ତାଘାଟରେ ଟ୍ରାଫିକ୍ ଜାମ୍ ସ୍ଥିତି। ସକାଳୁ ବିଳମ୍ବିତ ରାତି ଯାଏ ଦୁର୍ଗା ମଣ୍ଡପରେ ଶ୍ରଦ୍ଧାଳୁମାନେ ମା' ଦୁର୍ଗାଙ୍କର ପୂଜାର୍ଚ୍ଚନା ଓ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରୁଛନ୍ତି। ସନ୍ଧ୍ୟା ଆଳତି ସମୟରେ ପ୍ରାୟ ସବୁ ଦୁର୍ଗା ମନ୍ଦିର, ଶକ୍ତିପୀଠ ଏବଂ ମଣ୍ଡପରେ ଶ୍ରଦ୍ଧାଳୁମାନେ ଦେବୀଙ୍କୁ ଦର୍ଶନ କରୁଛନ୍ତି। ଚଳିତବର୍ଷ ବଲାଙ୍ଗୀର ସହରର ୨୩ଟି ସ୍ଥାନରେ ଦୁର୍ଗା ପୂଜା ଅନୁଷ୍ଠିତ ହେଉଛି। ସହରର ଶାନ୍ତିପଡା, ରାଜେନ୍ଦ୍ର କଲେଜ ଛକ, ରାଜେନ୍ଦ୍ରପଡା, ତାଲପାଲିପଡା, ଠିକାଦାରପଡା, ସରକାରୀ ବସଷ୍ଟାଣ୍ଡ, ଦୁର୍ଗା ମନ୍ଦିର, ଗାନ୍ଧୀନଗରପଡା, ଜିଲା କାରାଗାର, ଜଗନ୍ନାଥପଡା, ରାଧାରାଣୀପଡା, ମନ୍ଦିର, କ୍ଲବପଡା, ଟିକ୍ରାପଡା ବିକ୍ରମଛକ, ମେଟାକାନି ମନ୍ଦିର, ପୁରୁଣା ରାଜବାଟୀ, ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ପିପି ଏକାଡେମୀ ଛକ, ମାଳପଡା ସାଗରପଡା, ପ୍ୟାଲେସଲାଇନ୍, ତୁଳସୀନଗର ଓ ମନୋହରପୁର ରିଜର୍ଭ ପୋଲିସ ଅଫିସ ସମ୍ମୁଖ ଦୁର୍ଗା ମଣ୍ଡପରେ ଚଳିତବର୍ଷ ଦୁର୍ଗାପୂଜା ହେଉଛି। ଏଥିରୁ ୭ଟି ସ୍ଥାନ ଶାନ୍ତିପଡା, ଗାନ୍ଧୀନଗରପଡା, ଟିକ୍ରାପଡା ବିକ୍ରମ ଛକ, ପିପି ଏକାଡେମୀ ଛକ, ରୁଗୁଡିପଡା, ପ୍ୟାଲେସଲାଇନ୍ ଓ ତାଲପାଲିପଡାରେ ନବଦିନାତ୍ମକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ପୋଲିସ ବିଭାଗ ଏବଂ ଦୁର୍ଗା ପୂଜା କମିଟିଗୁଡିକର ସଦସ୍ୟଙ୍କ ମଧ୍ୟରେ ସମନ୍ୱୟ ଦେଖିବାକୁ ମିଳିଛି। ଫଳରେ ଶ୍ରଦ୍ଧାଳୁମାନେ ସୁବିଧାରେ ମା'ଙ୍କ ଦର୍ଶନ କରୁଛନ୍ତି। ବିଭିନ୍ନ ସ୍ଥାନରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ଓ ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହେଉଥିବାରୁ ରାତିରେ ଭିଡ ଲାଗି ରହୁଛି। ଠିକାଦାରପଡାଠାରେ ବୈଠକୀ କୀର୍ତ୍ତନ ଓ ରାଧାରାଣୀପଡାଠାରେ ପେସ୍ତାରେ ତିଆରି ହୋଇଥିବା ଗଣେଶ ମୂର୍ତ୍ତି ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି।


ବଲାଙ୍ଗୀର ରାଧାରାଣୀପଡାଠାରେ ନିର୍ମିତ ଆକର୍ଷଣୀୟ ତୋରଣ।


ରାଜେନ୍ଦ୍ରପଡା ପୂଜା ମଣ୍ଡପ।

## ଅନ୍ନପୂର୍ଣ୍ଣା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଟିଟିଲାଗଡ଼,୧୧।୧୦(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ଦୀର୍ଘ ୫୭ ବର୍ଷ ଧରି ସାର୍ବଜନୀନ ଭାବରେ ମା' ଅନ୍ନପୂର୍ଣ୍ଣାଙ୍କ ପୂଜନୋତ୍ସବ ଅନୁଷ୍ଠିତ ହୋଇଆସୁଛି। ସହର ତଥା ଆଖପାଖ ଅଞ୍ଚଳବାସୀଙ୍କ ମିଳିତ ସହଯୋଗରେ ଚଳିତବର୍ଷ ମହାସପ୍ତମୀ ଠାରୁ ଅନ୍ନପୂର୍ଣ୍ଣାଙ୍କ ପୂଜା ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି। ବିଶାଳ ତୋରଣ ସାଙ୍ଗକୁ ମଣ୍ଡପର ଆଲୋକ ସାଜସଜ୍ଜା ଆକର୍ଷଣ ପାଲଟିଛି। ପୂଜା କର୍ତ୍ତା ଭାବେ ଅର୍ଜୁନ ଭାଟି ଏବଂ ତାଙ୍କ ସ୍ତ୍ରୀ ଅର୍ଚ୍ଚିତା ଭାଟି ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ ନବୀନ ମହାପାତ୍ର ମା'ଙ୍କ ପୂଜା କରୁଛନ୍ତି। ଆୟୋଜକ କମିଟି ପକ୍ଷରୁ ସଭାପତି ଭାବରେ ନସିବ ରଣା, ସମ୍ପାଦକ ଶଙ୍କରି ରାଓ, କୋଷାଧ୍ୟକ୍ଷ ସଦାନନ୍ଦ ସାହୁ, ସଦସ୍ୟ ପଙ୍କଜ ଅଗ୍ରୱାଲ, ସୌମ୍ୟରଞ୍ଜନ ଦୋରା, ଅଙ୍କୁର ଦୀପ, ନାରାୟଣ ନାଗ, ଆଶିଷ ବେହେରା, ଦେବଦତ୍ତ ସୌରା, ପ୍ରଭୁଦତ୍ତ ଶାଲ, ଅମିତ ଥପା, ବାପୁ ସାହୁ, ଦେବରାଜ ବଗର୍ତ୍ତି, ନରୋତ୍ତମ ବାଗ, ଭିକି ସାହୁ, ବୀରେନ୍ଦ୍ର ବଗର୍ତ୍ତି, ଦୁଃଶାସନ କଟା, ଚୂଡ଼ାମଣି ଖରସେଲ, ଗୋବର୍ଦ୍ଧନ ନାଗ, ଠଣ ବଛା, ପିଙ୍କୁ ମଲ୍ଲିକ, ଅଶୋକ ତ୍ରିପାଠୀ ପ୍ରମୁଖ ସହଯୋଗ କରୁଛନ୍ତି।


ମା' ଅନ୍ନପୂର୍ଣ୍ଣା ମଣ୍ଡପରେ ପୂଜା ପାଉଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
SALES & MARKETING MANAGER (Resorts/ Hotels) with 1 to 3 years experience with good communication in English / Hindi.
Cont.: 9440678815

See Career Appointment on every Wednesday & Saturday

## ଦୁର୍ଗା ସପ୍ତଶତୀ ଶ୍ଳୋକ ଗାୟନ ପ୍ରତିଯୋଗିତା

**ବଲାଙ୍ଗୀର,୧୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ଶାରଦୀୟ ପାର୍ବଣ ଅବସରରେ ଦୁର୍ଗା ସପ୍ତଶତୀ ଶ୍ଳୋକ ଗାୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମା' ଭାରତୀ ସେବା ସଙ୍ଗଠନ ପକ୍ଷରୁ ଏହି ପ୍ରତିଯୋଗିତା ବଲାଙ୍ଗୀର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କସ୍ତୁରୀ ରଥ, ମୁଖ୍ୟବକ୍ତା ଭାବେ ଦିଲୀପ ମିଶ୍ର ଯୋଗଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ସୌମ୍ୟ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭାପତି ପବିତ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ସଂସ୍କୃତ ଶିକ୍ଷକ ରାଜକିଶୋର ପଣ୍ଡା, ଦେବଦତ୍ତ ଦ୍ୱିବେଦୀ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ସହ ବଲାଙ୍ଗୀର ବ୍ରାହ୍ମଣ ମହାସଭା ସଭାପତି ଧନଞ୍ଜୟ ମିଶ୍ର ଓ ବ୍ରଜଭୂଷଣ ଦାଶ ଶ୍ଳୋକ ଗାୟନ ପ୍ରତିଯୋଗିତା ପରିଚାଳନା କରିଥିଲେ। ସନ୍ତୋଷ ସାହୁ, ପ୍ରକାଶ ତରିଆ, ରୁଦ୍ର ଥନାପତି ସହଯୋଗ କରିଥିଲେ। ପ୍ରତିଯୋଗିତାରେ କନିଷ୍ଠ ବର୍ଗ ଷଷ୍ଠ ଓ ସପ୍ତମ ଶ୍ରେଣୀ ବିଭାଗରେ ଆରାଧ୍ୟା ମିଶ୍ର, ଶମ୍ଭୁ ପ୍ରସାଦ ସାଏ ଓ ପୁନମ ବରିହା ତଥା ବରିଷ୍ଠ ବର୍ଗ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ବିଭାଗରେ ପ୍ରିୟାଂଶୀ କୁଦେଇ, ଅନିକେତ ତ୍ରିପାଠୀ ଓ ସାଇ ଶ୍ରୀରାମ ମିଶ୍ର ପ୍ରଭୃତି ଛାତ୍ରୀଛାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ଅର୍ଜନ କରି ପୁରସ୍କୃତ ହୋଇଥିଲେ।


ଦୁର୍ଗା ସପ୍ତଶତୀ ଶ୍ଳୋକ ଗାୟନ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

बैंक ऑफ़ बड़ौदा
Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର କ୍ଷେତ୍ର
୧ମ ମହଲା, ସା: ଖ୍ରୀଷ୍ଟିଆନପଡା, ଜିଏମ୍ କଲେଜ୍ ଛକ, ଜିଲ୍ଲା: ସମ୍ବଲପୁର-୭୬୮୦୦୧

**ଚୁକ୍ତି ଭିତ୍ତିରେ ବ୍ୟବସାୟିକ ପ୍ରତିନିଧି ସୁପରଭାଇଜର ନିଯୁକ୍ତି**

ଭାରତର ଅନ୍ୟତମ ବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଓଡ଼ିଶାର ମାଲକାନଗିରି, କଳାହାଣ୍ଡି, ବଲାଙ୍ଗିର, ଅନୁଗୁଳ ଏବଂ ବୌଦ୍ଧ ଆଦି ଜିଲ୍ଲା ପାଇଁ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କ ଠାରୁ ଅଫ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଅଛି।
- ମୁଖ୍ୟ ପ୍ରବନ୍ଧକ ପାହ୍ୟା ପର୍ଯ୍ୟନ୍ତ ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୂର୍ବତନ କର୍ମଚାରୀ
- JAIIB ସମାପ୍ତ କରିଥିବା ବ୍ୟାଙ୍କ ଅଫ୍ ବରୋଦାର ଅବସରପ୍ରାପ୍ତ କିରାଣୀମାନେ
- କମ୍ପ୍ୟୁଟର ଜ୍ଞାନ (MS Office, Email, Internet ଇତ୍ୟାଦି ଜ୍ଞାନ ଥିବା) ଯେକୌଣସି ଗ୍ରାଜୁଏଟ୍, କିନ୍ତୁ M.Sc. (IT)/ BE (IT)/ MCA/ MBA ଆଦି ଯୋଗ୍ୟତାଧାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ।

ପୂର୍ବତନ ବ୍ୟାଙ୍କ କର୍ମଚାରୀମାନଙ୍କ ବୟସ ନିଯୁକ୍ତି ସମୟରେ **୬୫ ବର୍ଷରୁ** ଊର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ। ଅନ୍ୟ ଆବେଦନକାରୀମାନଙ୍କ ପାଇଁ ବୟସ ସୀମା **୨୧-୪୫ ବର୍ଷ** ମଧ୍ୟରେ ହୋଇଥିବା ଆବଶ୍ୟକ। ଆବେଦନ କରୁଥିବା ସମସ୍ତ ପ୍ରାର୍ଥୀ ଓଡ଼ିଶା ନିବାସୀ ହୋଇଥିବା ଆବଶ୍ୟକ ଏବଂ ସ୍ଥାନୀୟ ଭାଷାରେ ପାରଦର୍ଶିତା ଥିବା ଆବଶ୍ୟକ।

ଅଧିକ ବିବରଣୀ ପାଇଁ ଆମ ବ୍ୟାଙ୍କର ୱେବ୍‌ସାଇଟ୍ ଦେଖନ୍ତୁ।
https://www.bankofbaroda.in/career-detail.htm#tab-18
ଅଫ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ: ୩୧.୧୦.୨୦୨୪

ତାରିଖ: ୦୮.୧୦.୨୦୨୪ — କ୍ଷେତ୍ରୀୟ ମୁଖ୍ୟ
ସ୍ଥାନ: ସମ୍ବଲପୁର — ସମ୍ବଲପୁର କ୍ଷେତ୍ର


ଲୋଇସିଂହା ବ୍ଲକ ବାଦିବାହାଲ ଗ୍ରାମର ପୂଜା ମଣ୍ଡପରେ ମା' ପୂଜା ପାଉଛନ୍ତି।

## ମାହେଶ୍ୱରୀ ପୀଠରେ ଡୁମାଲ ସମ୍ପ୍ରଦାୟ ପାଳିଲେ ନୂଆଁଖାଇ

**ଲୋଇସିଂହା,୧୧।୧୦(ସୁଶାନ୍ତ ବାରିକ)**

ସାଧାରଣତଃ ପଶ୍ଚିମ ଓଡିଶାର ଲୋକ ଭାଦ୍ରବ ପଞ୍ଚମୀ ତିଥିରେ ନୂଆ ଖାଉଥିବା ବେଳେ ଡୁମାଲ ସମ୍ପ୍ରଦାୟର ଲୋକେ ଆଶ୍ୱିନ ଶୁକ୍ଳ ପକ୍ଷ ନବମୀରେ ନୂଆ ଖାଇଥାନ୍ତି। ଏହି କ୍ରମରେ ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ଗ୍ରାମର ଉମା ମାହେଶ୍ୱରୀଙ୍କ ପୀଠରେ କନ୍ଦାଜୁରୀ ଓ ପଣ୍ଡରାଣି ଗ୍ରାମର ଡୁମାଲ ସମ୍ପ୍ରଦାୟର ୩ ଶହ ପରିବାର ଏକତ୍ର ନୂଆଁଖାଇ ପାଳନ କରିଛନ୍ତି। ଅଷ୍ଟମୀ ତିଥି ସକାଳେ ମାହେଶ୍ୱରୀଙ୍କ ମହାସ୍ନାନ ଓ ରାତିରେ ନୂଆଁ ଅନ୍ନ ଲାଗି କରାଯାଇଥିଲା। ଡୁମାଲ ସମ୍ପ୍ରଦାୟର ଇଷ୍ଟଦେବୀ ମାହେଶ୍ୱରୀଙ୍କ ପୀଠରେ ମୂଳାଷ୍ଟମୀ ପୁଅ ଜିଉନ୍ତିଆ ତିଥିରୁ ଷୋଳ ଦିନ ପର୍ଯ୍ୟନ୍ତ ରୀତିନୀତିରେ ପୂଜା ହୋଇଥାଏ। ଉକ୍ତ ପୀଠର ଦେହୁରୀ କପିଳେଶ୍ୱର ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ ଜଣ ବରୁଆ ଟଙ୍କଧର ଖମାରୀ, କଳିଆ ଗଡୁଆ, ରାମପ୍ରସାଦ ଖମାରୀ ଓ ଅର୍ଜୁନ ପଧାନ ପ୍ରମୁଖ ନୀତିକାନ୍ତି କରିଥାନ୍ତି। ଅଷ୍ଟମୀ ଦିନ ଦେହୁରୀ ଓ ବରୁଆମାନେ ନିର୍ଜଳା ଉପବାସ ରହି ସକାଳେ ମାହେଶ୍ୱରୀଙ୍କ ମହାସ୍ନାନ ଓ ରାତିରେ ପୀଠରେ ନିଶି ପୂଜା ପରେ ନୂଆଁ ଅନ୍ନ ଲାଗି କରାଯାଇଥିଲା। ନୂଆଁ ଧାନରେ ପ୍ରସ୍ତୁତ ଅନ୍ନ ମାହେଶ୍ୱରୀଙ୍କୁ ଅର୍ପଣ କରାଯାଇଥିଲା। ନୂଆଁଖାଇ ପାଇଁ ମନ୍ଦିର ପରିଚାଳନା କମିଟି ସଭାପତି ଗଜିନ୍ଦ୍ର ପଧାନଙ୍କ ନେତୃତ୍ୱରେ ୩୦ ଜଣିଆ ସଦସ୍ୟଙ୍କ ପକ୍ଷରୁ ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ବିଭିନ୍ନ ପିଠା ଠାରୁ ଆରମ୍ଭ କରି ନା ନା ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ମଧ୍ୟାହ୍ନରେ ପୀଠର ଦେହୁରୀ ଏବଂ ବରୁଆଙ୍କ ହାତରୁ ମାହେଶ୍ୱରୀଙ୍କୁ ଲାଗି ହୋଇଥିବା ନୂଆଁଅନ୍ନ ପ୍ରସାଦ ସେବନ କରିଥିଲେ। ପରେ ଏକାଠି ବସି ନୂଆଁ ଖାଇଥିଲେ। ନୂଆଁଖାଇ ସାରିଲା ପରେ ଛୋଟମାନେ ବଡଙ୍କୁ ଜୁହାରଭେଟ ହୋଇ ଆଶୀର୍ବାଦ ନେଇଥିଲେ। ଘରେ ଘରେ ପାଳନ ହେଉଥିଲା। ୪ ବର୍ଷ ହେଲା ଏକତ୍ର ଖାଇବାକୁ ନିଷ୍ପତ୍ତି ହୋଇଥିଲା। ଯାହାକି ଏକତାର ବାର୍ତ୍ତା ଦେଉଛି ବୋଲି ସଭାପତି ଗଜିନ୍ଦ୍ର ପଧାନ କହିଛନ୍ତି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିହନ ପ୍ରକ୍ରିୟାକରଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

**ପାଟଣାଗଡ,୧୧।୧୦(ସଚ୍ଚିଦାନନ୍ଦ ମହାକୁର):** ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଧୁବଲପଡା ପଞ୍ଚାୟତ ମୁଦଘାଟସ୍ଥିତ କୃଷିଫାର୍ମଠାରେ ବିହନ ପ୍ରକ୍ରିୟାକରଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ବିହନ ପ୍ରକ୍ରିୟାକରଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କେନ୍ଦ୍ର ହେବା ଦ୍ୱାରା ଚାଷୀମାନେ ଉନ୍ନତମାନର ବିହନ ପାଇପାରିବେ। ଫଳରେ ଚାଷୀ ଭଲ ଫସଲ ଅମଳ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ଉପଜିଲାପାଳ ଅମିତ କୁମାର ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ଏଡିଏମ ପବିତ୍ର ମୋହନ ବେହେରା, ବିଡିଓ ସୁମନ ମିଞ୍ଜି, ତହସିଲଦାର ରୁଦ୍ରମୋହନ ନାଏକ, ଏସଡିପିଓ ସଦାନନ୍ଦ ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃଷି କ୍ଷେତ୍ରରେ ଉନ୍ନତମାନର କାର୍ଯ୍ୟ କରିଥିବା ୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ କୃଷିବିଭାଗ ତରଫରୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷିବିଭାଗର ସମସ୍ତ ଅଧିକାରୀ, ଅଞ୍ଚଳର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଚାଷୀମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

**ବଲାଙ୍ଗୀର,୧୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟ ସମିତି ଓ ଜିଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଗୁରୁବାର ଜିଲାସ୍ତରୀୟ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପବିତ୍ର ପ୍ରଧାନ, ଭୀମଭୋଇ ମେଡିକାଲ ଓ ହସ୍ପିଟାଲର ମାନସିକ ବିଭାଗ ମୁଖ୍ୟ ଡା. ଆଶୀର୍ବାଦ ଶତପଥୀ, ମାନସିକ ବିଶେଷଜ୍ଞ ଡା. ରଜନୀକାନ୍ତ ମେହେର ଯୋଗଦାନ କରିଥିଲେ। ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟର ମାନସିକ ବିଭାଗରୁ ସଚେତନ ଶୋଭାଯାତ୍ରା ବାହାରି ପାଟଣେଶ୍ୱରୀ ମନ୍ଦିର, ଦୁର୍ଗା ମନ୍ଦିର, ଜିଲାପାଳ କାର୍ଯ୍ୟାଳୟ, ପୁରୁଣା ବସଷ୍ଟାଣ୍ଡ ସମ୍ମୁଖ ରାସ୍ତା ଦେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିକ୍ରମା କରିଥିଲା। ଶୋଭାଯାତ୍ରା ସମୟରେ ବ୍ୟାନର, ପୋଷ୍ଟର, ପ୍ଲାକାର୍ଡ ମାଧ୍ୟମରେ ମାନସିକ ରୋଗ ଆରୋଗ୍ୟ ସାଧ୍ୟ ବୋଲି ଜନସାଧାରଣଙ୍କୁ ସଚେତନ ବାର୍ତ୍ତା ଦିଆଯାଇଥିଲା। ଶୋଭାଯାତ୍ରାରେ ବାଲାଜୀ ନର୍ସିଂ କଲେଜ ଛାତ୍ରୀଛାତ୍ର, ଆଶାକର୍ମୀ, ନିଶା ନିବାରଣ କେନ୍ଦ୍ର କର୍ମୀ, ରେଡକ୍ରସ କର୍ମୀ, ଅବକାରୀ କର୍ମଚାରୀ, ନାରୀ ସେବା ସଙ୍ଗଠନ ସଭ୍ୟା, ସଖୀ ୟୁନିଟ କର୍ମଚାରୀ ଏବଂ ବିଭିନ୍ନ ଅନୁଷ୍ଠାନ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ପରେ ଏନ୍‌ଏଚ୍‌ଏମ୍ କନଫରେନ୍ସ ହଲଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚଳିତବର୍ଷ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ବିଷୟବସ୍ତୁ କର୍ମକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ମାନସିକ ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଡା. ଶତପଥୀ ମାନସିକ ରୋଗର କାରଣ, ଏହାର ନିରାକରଣ ଏବଂ ସାମାଜିକ ଦାୟିତ୍ୱ ଉପରେ କହିଥିଲେ। ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସାଇକେଟ୍ରିକ ସୋସିଆଲ୍ ୱାର୍କର ମଳୟ କୁମାର ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ମାନସିକ କାର୍ଯ୍ୟାଳୟ କର୍ମଚାରୀ ସୁବୋଧ ବିଶ୍ୱାଳ, ସବ୍ୟସାଚୀ ସିଂ, ସରୋଜ କୁମାର ଭୋଇ, ରେଡକ୍ରସ କର୍ମୀ ରାମ ନାରାୟଣ ଦାଶ, ଦେବାଶିଷ ପାଣ୍ଡିଆ, ନୂତନ ଦାସ ତଥା ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



ମାନସିକ ସ୍ୱାସ୍ଥ୍ୟ ରୋଗ ବିଶେଷଜ୍ଞ ଡା ଆଶୀର୍ବାଦ ଶତପଥୀ ବକ୍ତବ୍ୟ ରଖୁଛନ୍ତି।

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୧୦.୨୦୨୪ରିଖ ସୁଦ୍ଧା** ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୨୮.୧୦.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମରେ) |
|---|---|---|---|
| | **ପୋଖରୀପୁଟ ଶାଖା, ପ୍ଲଟ୍ ନଂ.: ୧୦୦ଏ, ପୋଖରୀପୁଟ, ପୋ: ପଳାଶପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଶାଖା ପ୍ରବନ୍ଧକଙ୍କ ନାମ: ସୁନିଲ ସାହୁ, ମୋ.: ୮୨୬୦୧୫୦୦୯୨** | | |
| ୧. | **ମିହିର କୁମାର ମହାରଣା,** ସା: ପୋଖରୀପୁଟ, ଏରୋଡ୍ରମ୍ ଏରିଆ, ଭୁବନେଶ୍ୱର / ୩୧୫୦୦୬୧୦୦୦୪୪୦୧ | ଟ.୬,୮୬୩/- + ସୁଧ ଏବଂ ଦେୟ | ୩.୮ |
| ୨. | **ପରମେଶ୍ୱର ପ୍ରଧାନ,** ସା: ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର / ୩୧୫୦୦୬୧୦୦୦୨୮୨୭ | ଟ.୪୫,୯୬୯/- + ସୁଧ ଏବଂ ଦେୟ | ୩୨.୮୬ |
| | **ମହୁଡା ଶାଖା, ସା/ପୋ: ମହୁଡା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ନିତ୍ୟାନନ୍ଦ ମହାରଣା, ମୋ.: ୯୭୭୮୯୮୮୩୭୭** | | |
| ୧. | **ଇଲୁ ସେଠୀ,** ସା: ଜଗବନ୍ଧୁ ଷ୍ଟ୍ରିଟ୍, ଓଲ୍ଡ ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / ୧୧୨୩୦୬୧୦୦୪୨୦୯୦ | ଟ.୧,୯୩,୨୦୦/- + ସୁଧ ଏବଂ ଦେୟ | ୪୪.୯ |
| | **ରାଇକିଆ ଶାଖା, ସା/ପୋ: ରାଇକିଆ, ଜିଲ୍ଲା: କନ୍ଧମାଳ, ଶାଖା ପ୍ରବନ୍ଧକଙ୍କ ନାମ: ନିର୍ମଳ କୁମାର ଦିଗଲ, ମୋ.: ୯୪୩୯୩୧୩୬୦୫** | | |
| ୧. | **ଅଭିଷେକ ସାହୁ,** ସା: ଗଞ୍ଜୁନାକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୮୧୮ | ଟ.୧,୧୩,୮୩୪/- + ସୁଧ ଏବଂ ଦେୟ | ୨୯.୭୨ |
| ୨. | **ଅଭିଷେକ ସାହୁ,** ସା: ଗଞ୍ଜୁନାକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୮୦୧ | ଟ.୨,୧୮,୮୨୭/- + ସୁଧ ଏବଂ ଦେୟ | ୫୬.୮୩ |
| ୩. | **ଜୟମଙ୍ଗଳ ନାଏକ,** ସା: ବଡେନାଇକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୫୭୩ | ଟ.୪୪,୫୦୪/- + ସୁଧ ଏବଂ ଦେୟ | ୧୩.୧ |
| ୪. | **ଜୟମଙ୍ଗଳ ନାଏକ,** ସା: ବଡେନାଇକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୫୮୩ | ଟ.୭୫,୬୭୭/- + ସୁଧ ଏବଂ ଦେୟ | ୧୯.୩୨ |
| ୫. | **ଜୟମଙ୍ଗଳ ନାଏକ,** ସା: ବଡେନାଇକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୫୬୬ | ଟ.୧,୦୫,୮୦୭/- + ସୁଧ ଏବଂ ଦେୟ | ୩୧.୬୩ |
| | **ଜୟପୁର ଶାଖା, ସା/ପୋ: ଜୟପୁର, ଜିଲ୍ଲା: କୋରାପୁଟ, ଶାଖା ପ୍ରବନ୍ଧକଙ୍କ ନାମ: ସନ୍ଦୀପ କୁମାର ବିଶୋୟୀ, ମୋ.: ୮୭୭୯୪୨୦୬୧୧** | | |
| ୧. | **ରଞ୍ଜନ କୁମାର ମହାନ୍ତି,** ସା: ଶ୍ରୀ ରାମ କଲୋନୀ, ୩ୟ ଲେନ୍, ଜୟପୁର / ୧୮୬୮୦୬୧୦୦୨୧୧୭୦ | ଟ.୫୩,୫୨୧/- + ସୁଧ ଏବଂ ଦେୟ | ୧୫.୮ |
| | **ଗୋପାଳପୁର ଶାଖା, ସା/ପୋ: ଗୋପାଳପୁର, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଲୁସିକା ନାୟକ, ମୋ.: ୯୯୩୮୪୭୬୫୬୯** | | |
| ୧. | **ବି. ନରସିଂହାଲୁ,** ସା: ୪୩, ୱାର୍ଡ ନଂ.: ୧୧, ଗୁଣା ଷ୍ଟ୍ରିଟ୍, ଗୋପାଳପୁର, ଜିଲ୍ଲା: ଗଞ୍ଜାମ / **୨୧୫୦୦୬୧୦୦୪୨୮୯୨** | ଟ.୯୪,୮୦୬/- + ସୁଧ ଏବଂ ଦେୟ | ୨୮.୩ |
| ୨. | **ଜି. ନରସମ୍ମା,** ସା: ଗୋପାଳପୁର ଅନ୍ ସି, ଜିଲ୍ଲା: ଗଞ୍ଜାମ / ୨୧୫୦୦୬୧୦୦୩୪୨୦୦ | ଟ.୨୫,୦୦୦/- + ସୁଧ ଏବଂ ଦେୟ | ୧୭.୫ |
| ୩. | **ଲକ୍ଷ୍ମଣ କୁମାର ବେହେରା,** ସା: ନିଉ ନାରାୟଣପୁର, ଜିଲ୍ଲା: ଗଞ୍ଜାମ / ୨୧୫୦୦୬୧୦୦୪୩୬୯୧ | ଟ.୩୨,୮୭୨/- + ସୁଧ ଏବଂ ଦେୟ | ୯.୫ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

**ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।**

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୧୦.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**ବଲାଙ୍ଗୀରରେ ଭାଇ ଜିଉନ୍ତିଆ ପାଳିତ**

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ଭାଇର ଦୀର୍ଘାୟୁ ଏବଂ ସର୍ବାଙ୍ଗୀନ ଉନ୍ନତି କାମନା କରି ଭାଇ ଜିଉନ୍ତିଆ ପର୍ବ ପାଳିତ ହୋଇଛି। ଭଉଣୀମାନେ ଉପବାସ ରହି ଏହି ପର୍ବ ପାଳନ କରିଥାନ୍ତି। ବଲାଙ୍ଗୀର ସହର ତୁଳସୀନଗର ଦୁର୍ଗାପୂଜା ମଣ୍ଡପରେ ଶତାଧିକ ମହିଳା ଭାଇ ଜିଉନ୍ତିଆ ପୂଜାର୍ଚ୍ଚନା କରିଛନ୍ତି। ଶୁକ୍ରବାର ସକାଳେ ଏହି ପର୍ବ ସମାପନ ହେବ।




ବଲାଙ୍ଗୀର ପୁରୁଣା ସରକାରୀ ବସଷ୍ଟାଣ୍ଡ ଦୁର୍ଗାମଣ୍ଡପ।


ବଲାଙ୍ଗୀର କଲେଜ ଛକଠାରେ ଆକର୍ଷଣୀୟ ଦୁର୍ଗା ମେଢ଼।

# ବଲାଙ୍ଗୀର ସହରରେ ଜମୁଛି ପାର୍ବଣ ଭିଡ଼

**ବଲାଙ୍ଗୀର,୧୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ଶାରଦୀୟ ଦୁର୍ଗା ପୂଜା ଅବସରରେ ବଲାଙ୍ଗୀର ସହରର ବିଭିନ୍ନ ପୂଜା ମଣ୍ଡପରେ ଏବେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି। ରାସ୍ତାଘାଟରେ ଟ୍ରାଫିକ୍ ଜାମ୍ ସ୍ଥିତି। ସକାଳୁ ବିଳମ୍ବିତ ରାତି ଯାଏ ଦୁର୍ଗା ମଣ୍ଡପରେ ଶ୍ରଦ୍ଧାଳୁମାନେ ମା' ଦୁର୍ଗାଙ୍କର ପୂଜାର୍ଚ୍ଚନା ଓ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରୁଛନ୍ତି। ସନ୍ଧ୍ୟା ଆଳତି ସମୟରେ ପ୍ରାୟ ସବୁ ଦୁର୍ଗା ମନ୍ଦିର, ଶକ୍ତିପୀଠ ଏବଂ ମଣ୍ଡପରେ ଶ୍ରଦ୍ଧାଳୁମାନେ ଦେବୀଙ୍କୁ ଦର୍ଶନ କରୁଛନ୍ତି। ଚଳିତବର୍ଷ ବଲାଙ୍ଗୀର ସହରର ୨୩ଟି ସ୍ଥାନରେ ଦୁର୍ଗା ପୂଜା ଅନୁଷ୍ଠିତ ହେଉଛି। ସହରର ଶାନ୍ତିପଡା, ରାଜେନ୍ଦ୍ର କଲେଜ ଛକ, ରାଜେନ୍ଦ୍ରପଡା, ତାଲପାଲିପଡା, ଠିକାଦାରପଡା, ସରକାରୀ ବସଷ୍ଟାଣ୍ଡ, ଦୁର୍ଗା ମନ୍ଦିର, ଗାନ୍ଧୀନଗରପଡା, ଜିଲା କାରାଗାର, ଜଗନ୍ନାଥପଡା, ରାଧାରାଣୀପଡା, ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, କ୍ଲବପଡା, ଟିକ୍ରାପଡା ବିକ୍ରମଛକ, ପିପି ଏକାଡେମୀ ଛକ, ମାଲପଡା ମେଟାକାନୀ ମନ୍ଦିର, ପୁରୁଣା ରାଜବାଟୀ, ସାଗରପଡା, ପ୍ୟାଲେସଲାଇନ୍, ତୁଳସୀନଗର ଓ ମନୋହରପୁର ରିଜର୍ଭ ପୋଲିସ ଅଫିସ ସମ୍ମୁଖ ଦୁର୍ଗା ମଣ୍ଡପରେ ଚଳିତବର୍ଷ ଦୁର୍ଗାପୂଜା ହେଉଛି। ଏଥିରୁ ୭ଟି ସ୍ଥାନ ଶାନ୍ତିପଡା, ଗାନ୍ଧୀନଗରପଡା, ଟିକ୍ରାପଡା ବିକ୍ରମ ଛକ, ପିପି ଏକାଡେମୀ ଛକ, ରୁଗୁଡିପଡା, ପ୍ୟାଲେସଲାଇନ୍ ଓ ତାଲପାଲିପଡାରେ ନବଦିନାତ୍ମକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ପୋଲିସ ବିଭାଗ ଏବଂ ଦୁର୍ଗା ପୂଜା କମିଟିଗୁଡିକର ସଦସ୍ୟଙ୍କ ମଧ୍ୟରେ ସମନ୍ୱୟ ଦେଖିବାକୁ ମିଳିଛି। ଫଳରେ ଶ୍ରଦ୍ଧାଳୁମାନେ ସୁବିଧାରେ ମା'ଙ୍କ ଦର୍ଶନ କରୁଛନ୍ତି। ବିଭିନ୍ନ ସ୍ଥାନରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ଓ ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହେଉଥିବାରୁ ରାତିରେ ଭିଡ ଲାଗି ରହୁଛି। ଠିକାଦାରପଡାଠାରେ ବୈଠକୀ କୀର୍ତ୍ତନ ଓ ରାଧାରାଣୀପଡାଠାରେ ପେଣ୍ଡାଲରେ ତିଆରି ହୋଇଥିବା ଗଣେଶ ମୂର୍ତ୍ତି ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି।


ବଲାଙ୍ଗୀର ରାଧାରାଣୀପଡାଠାରେ ନିର୍ମିତ ଆକର୍ଷଣୀୟ ତୋରଣ।


ରାଜେନ୍ଦ୍ରପଡା ପୂଜା ମଣ୍ଡପ।

## ଅନ୍ନପୂର୍ଣ୍ଣା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଟିଟିଲାଗଡ଼,୧୧।୧୦(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ଦୀର୍ଘ ୫୭ ବର୍ଷ ଧରି ସାର୍ବଜନୀନ ଭାବରେ ମା' ଅନ୍ନପୂର୍ଣ୍ଣାଙ୍କ ପୂଜନୋତ୍ସବ ଅନୁଷ୍ଠିତ ହୋଇଆସୁଛି। ସହର ତଥା ଆଖପାଖ ଅଞ୍ଚଳବାସୀଙ୍କ ମିଳିତ ସହଯୋଗରେ ଚଳିତବର୍ଷ ମହାସପ୍ତମୀ ଠାରୁ ଅନ୍ନପୂର୍ଣ୍ଣାଙ୍କ ପୂଜା ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି। ବିଶାଳ ତୋରଣ ସାଙ୍ଗକୁ ମଣ୍ଡପର ଆଲୋକ ସାଜସଜ୍ଜା ଆକର୍ଷଣ ପାଲଟିଛି। ପୂଜା କର୍ତ୍ତା ଭାବେ ଅର୍ଜୁନ ଭାଟି ଏବଂ ତାଙ୍କ ସ୍ତ୍ରୀ ଅର୍ଚ୍ଚିତା ଭାଟି ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ ନବୀନ ମହାପାତ୍ର ମା'ଙ୍କ ପୂଜା କରୁଛନ୍ତି। ଆୟୋଜକ କମିଟି ପକ୍ଷରୁ ସଭାପତି ଭାବରେ ନସିବ ରଣା, ସମ୍ପାଦକ ଶଙ୍କରି ରାଓ, କୋଷାଧ୍ୟକ୍ଷ ସଦାନନ୍ଦ ସାହୁ, ସଦସ୍ୟ ପଙ୍କଜ ଅଗ୍ରୱାଲ, ସୌମ୍ୟରଞ୍ଜନ ଦୋରା, ଅଙ୍କୁର ଦୀପ, ନାରାୟଣ ନାଗ, ଆଶିଷ ବେହେରା, ଦେବଦତ୍ତ ସୌରା, ପ୍ରଭୁଦତ୍ତ ଶାଲ, ଅମିତ ଥପା, ବାପୁ ସାହୁ, ଦେବରାଜ ବଗର୍ତ୍ତି, ନରୋତ୍ତମ ବାଗ, ଭିକି ସାହୁ, ବୀରେନ୍ଦ୍ର ବଗର୍ତ୍ତି, ଦୁଃଶାସନ କଟା, ଚୂଡ଼ାମଣି ଖରସେଲ, ଗୋବର୍ଦ୍ଧନ ନାଗ, ଠଣ ବଚ୍ଛା, ପିଙ୍କୁ ମଲ୍ଲିକ, ଅଶୋକ ତ୍ରିପାଠୀ ପ୍ରମୁଖ ସହଯୋଗ କରୁଛନ୍ତି।


ମା' ଅନ୍ନପୂର୍ଣ୍ଣା ମଣ୍ଡପରେ ପୂଜା ପାଉଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
SALES & MARKETING MANAGER (Resorts/Hotels) with 1 to 3 years experience with good communication in English / Hindi.
Cont.:9440678815

See Career Appointment on every Wednesday & Saturday

बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର କ୍ଷେତ୍ର
୧ମ ମହଲା, ସା: ଖ୍ରୀଷ୍ଟିଆନପଡା, ଜିଏମ୍ କଲେଜ୍ ଛକ, ଜିଲ୍ଲା: ସମ୍ବଲପୁର-୭୬୮୦୦୧

ଚୁକ୍ତି ଭିତ୍ତିରେ ବ୍ୟବସାୟିକ ପ୍ରତିନିଧି ସୁପରଭାଇଜର ନିଯୁକ୍ତି

ଭାରତର ଅନ୍ୟତମ ବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଓଡ଼ିଶାର ମାଲକାନଗିରି, କଳାହାଣ୍ଡି, ବଲାଙ୍ଗିର, ଅନୁଗୁଳ ଏବଂ ବୌଦ୍ଧ ଆଦି ଜିଲ୍ଲା ପାଇଁ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କ ଠାରୁ ଅଫ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଅଛି।
- ମୁଖ୍ୟ ପ୍ରବନ୍ଧକ ପାହ୍ୟା ପର୍ଯ୍ୟନ୍ତ ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୂର୍ବତନ କର୍ମଚାରୀ
- JAIIB ସମାପ୍ତ କରିଥିବା ବ୍ୟାଙ୍କ ଅଫ୍ ବରୋଦାର ଅବସରପ୍ରାପ୍ତ କିରାଣୀମାନେ
- କମ୍ପ୍ୟୁଟର ଜ୍ଞାନ (MS Office, Email, Internet ଇତ୍ୟାଦି ଜ୍ଞାନ ଥିବା) ଯେକୌଣସି ଗ୍ରାଜୁଏଟ୍, କିନ୍ତୁ M.Sc. (IT)/ BE (IT)/ MCA/ MBA ଆଦି ଯୋଗ୍ୟତାଧାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ।

ପୂର୍ବତନ ବ୍ୟାଙ୍କ କର୍ମଚାରୀମାନଙ୍କ ବୟସ ନିଯୁକ୍ତି ସମୟରେ ୬୫ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ। ଅନ୍ୟ ଆବେଦନକାରୀମାନଙ୍କ ପାଇଁ ବୟସ ସୀମା ୨୧-୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଆବେଦନ କରୁଥିବା ସମସ୍ତ ପ୍ରାର୍ଥୀ ଓଡ଼ିଶା ନିବାସୀ ହୋଇଥିବା ଆବଶ୍ୟକ ଏବଂ ସ୍ଥାନୀୟ ଭାଷାରେ ପାରଦର୍ଶିତା ଥିବା ଆବଶ୍ୟକ।

ଅଧିକ ବିବରଣୀ ପାଇଁ ଆମ ବ୍ୟାଙ୍କର ୱେବ୍‌ସାଇଟ୍ ଦେଖନ୍ତୁ।
https://www.bankofbaroda.in/career-detail.htm#tab-18
ଅଫ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ: ୩୧.୧୦.୨୦୨୪

ତାରିଖ: ୦୮.୧୦.୨୦୨୪ — କ୍ଷେତ୍ରୀୟ ମୁଖ୍ୟ
ସ୍ଥାନ: ସମ୍ବଲପୁର — ସମ୍ବଲପୁର କ୍ଷେତ୍ର

## ଦୁର୍ଗା ସପ୍ତଶତୀ ଶ୍ଲୋକ ଗାୟନ ପ୍ରତିଯୋଗିତା

**ବଲାଙ୍ଗୀର,୧୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ଶାରଦୀୟ ପାର୍ବଣ ଅବସରରେ ଦୁର୍ଗା ସପ୍ତଶତୀ ଶ୍ଲୋକ ଗାୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମା' ଭାରତୀ ସେବା ସଙ୍ଗଠନ ପକ୍ଷରୁ ଏହି ପ୍ରତିଯୋଗିତା ବଲାଙ୍ଗୀର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କସ୍ତୁରୀ ରଥ, ମୁଖ୍ୟବକ୍ତା ଭାବେ ଦିଲୀପ ମିଶ୍ର ଯୋଗଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ସୌମ୍ୟ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭାପତି ପବିତ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ସଂସ୍କୃତ ଶିକ୍ଷକ ରାଜକିଶୋର ପଣ୍ଡା, ଦେବଦତ୍ତ ଦ୍ୱିବେଦୀ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ସହ ବଲାଙ୍ଗୀର ବ୍ରାହ୍ମଣ ମହାସଭା ସଭାପତି ଧନଞ୍ଜୟ ମିଶ୍ର ଓ ବ୍ରଜଭୂଷଣ ଦାଶ ଶ୍ଲୋକ ଗାୟନ ପ୍ରତିଯୋଗିତା ପରିଚାଳନା କରିଥିଲେ। ସନ୍ତୋଷ ସାହୁ, ପ୍ରକାଶ ତରିଆ, ରୁଦ୍ର ଥନାପତି ସହଯୋଗ କରିଥିଲେ। ପ୍ରତିଯୋଗିତାରେ କନିଷ୍ଠ ବର୍ଗ ଷଷ୍ଠ ଓ ସପ୍ତମ ଶ୍ରେଣୀ ବିଭାଗରେ ଆରାଧ୍ୟା ମିଶ୍ର, ଶମ୍ଭୁ ପ୍ରସାଦ ସାଏ ଓ ପୁନମ ବରିହା ତଥା ବରିଷ୍ଠ ବର୍ଗ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ବିଭାଗରେ ପ୍ରିୟାଂଶୀ କୁଦେଇ, ଅନିକେତ ତ୍ରିପାଠୀ ଓ ସାଇ ଶ୍ରୀରାମ ମିଶ୍ର ପ୍ରଭୃତି ଛାତ୍ରୀଛାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ଅର୍ଜନ କରି ପୁରସ୍କୃତ ହୋଇଥିଲେ।



ଦୁର୍ଗା ସପ୍ତଶତୀ ଶ୍ଲୋକ ଗାୟନ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

### ସମଲେଶ୍ୱରୀଙ୍କ ସିଦ୍ଧିଦାତ୍ରୀ ବେଶ


ବରଗଡ଼ ମା' ସମଲେଶ୍ୱରୀଙ୍କ ସିଦ୍ଧିଦାତ୍ରୀ ବେଶ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ଦିବସ ପାଳିତ

**ବୌଦ୍ଧ,୧୧।୧୦(ଅଜିତ କୁମାର ବାରିକ):** ବୌଦ୍ଧରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଜିଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମା ଦୁର୍ଗା, ଭାରତମାତାଙ୍କୁ ପୂଜାର୍ଚ୍ଚନା ସହ ଅସ୍ତ୍ର ପୂଜନ କରାଯାଇଥିଲା। ଜିଲା କାର୍ଯ୍ୟବାହ ଇନ୍ଦୁଭୂଷଣ ମହାକୁଡ଼ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶରକ୍ଷା ପାଇଁ ସମର୍ପିତ ହୋଇ କାର୍ଯ୍ୟ କରିବା ପାଇଁ କହିଥିଲେ। କାର୍ଯ୍ୟକ୍ରମକୁ ବିଜୟ କୁମାର ସାହୁ ସଞ୍ଚାଳନ କରିଥିବା ବେଳେ ଜିଲା ସହ ବ୍ୟବସ୍ଥା ପ୍ରମୁଖ ପଦ୍ମଚରଣ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ପ୍ରଚାର ପ୍ରମୁଖ ରଘୁନାଥ ଷଡ଼ଙ୍ଗୀ ଓ ପ୍ରେମ ଭଞ୍ଜନ ମହାକୁଡ ଯୋଗ ଦେଇଥିଲେ। ନଗର କାର୍ଯ୍ୟବାହ ଦିଲିପ କୁମାର ସାହୁ, ନବୀନ କୁମାର ସାହୁ, ପ୍ରଧାନ ଆଚାର୍ଯ୍ୟ ଶ୍ରୀବସ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ମାହେଶ୍ୱରୀ ପୀଠରେ ଡୁମାଳ ସମ୍ପ୍ରଦାୟ ପାଳିଲେ ନୂଆଁଖାଇ

**ଲୋଇସିଂହା,୧୧।୧୦(ସୁଶାନ୍ତ ବାରିକ)**

ସାଧାରଣତଃ ପଶ୍ଚିମ ଓଡିଶାର ଲୋକ ଭାଦ୍ରବ ପଞ୍ଚମୀ ତିଥିରେ ନୂଆ ଖାଉଥିବା ବେଳେ ଡୁମାଳ ସମ୍ପ୍ରଦାୟର ଲୋକେ ଆଶ୍ୱିନ ଶୁକ୍ଳ ପକ୍ଷ ନବମୀରେ ନୂଆ ଖାଇଥାନ୍ତି। ଏହି କ୍ରମରେ ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ଗ୍ରାମର ଉମା ମାହେଶ୍ୱରୀଙ୍କ ପୀଠରେ କନ୍ଦାଜୁରୀ ଓ ପଣ୍ଡରାଣି ଗ୍ରାମର ଡୁମାଳ ସମ୍ପ୍ରଦାୟର ୩ ଶହ ପରିବାର ଏକତ୍ର ନୂଆଁଖାଇ ପାଳନ କରିଛନ୍ତି। ଅଷ୍ଟମୀ ତିଥି ସକାଳେ ମାହେଶ୍ୱରୀଙ୍କ ମହାସ୍ନାନ ଓ ରାତିରେ ନୂଆଁ ଅନ୍ନ ଲାଗି କରାଯାଇଥିଲା। ଡୁମାଳ ସମ୍ପ୍ରଦାୟର ଇଷ୍ଟଦେବୀ ମାହେଶ୍ୱରୀଙ୍କ ପୀଠରେ ମୂଳାଷ୍ଟମୀ ପୁଅ ଜିଉନ୍ତିଆ ତିଥିରୁ ଷୋଳ ଦିନ ପର୍ଯ୍ୟନ୍ତ ରୀତିନୀତିରେ ପୂଜା ହୋଇଥାଏ। ଉକ୍ତ ପୀଠର ଦେହୁରୀ କପିଳେଶ୍ୱର ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ ଜଣ ବରୁଆ ଟଙ୍କଧର ଖମାରୀ, କଳିଆ ଗଡୁଆ, ରାମପ୍ରସାଦ ଖମାରୀ ଓ ଅର୍ଜୁନ ପଧାନ ପ୍ରମୁଖ ନୀତିକାନ୍ତି କରିଥାନ୍ତି । ଅଷ୍ଟମୀ ଦିନ ଦେହୁରୀ ଓ ବରୁଆମାନେ ନିର୍ଜଳା ଉପବାସ ରହି ସକାଳେ ମାହେଶ୍ୱରୀଙ୍କ ମହାସ୍ନାନ ଓ ରାତିରେ ପୀଠରେ ନିଶି ପୂଜା ପରେ ନୂଆଁ ଅନ୍ନ ଲାଗି କରାଯାଇଥିଲା। ନୂଆଁ ଧାନରେ ପ୍ରସ୍ତୁତ ଅନ୍ନ ମାହେଶ୍ୱରୀଙ୍କୁ ଅର୍ପଣ କରାଯାଇଥିଲା। ନୂଆଁଖାଇ ପାଇଁ ମନ୍ଦିର ପରିଚାଳନା କମିଟି ସଭାପତି ଗଜିନ୍ଦ୍ର ପଧାନଙ୍କ ନେତୃତ୍ୱରେ ୩୦ ଜଣିଆ ସଦସ୍ୟଙ୍କ ପକ୍ଷରୁ ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ବିଭିନ୍ନ ପିଠା ଠାରୁ ଆରମ୍ଭ କରି ନା ନା ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ମଧ୍ୟାହ୍ନରେ ପୀଠର ଦେହୁରୀ ଏବଂ ବରୁଆଙ୍କ ହାତରୁ ମାହେଶ୍ୱରୀଙ୍କୁ ଲାଗି ହୋଇଥିବା ନୂଆଁଅନ୍ନ ପ୍ରସାଦ ସେବନ କରିଥିଲେ। ପରେ ଏକାଠି ବସି ନୂଆଁ ଖାଇଥିଲେ । ନୂଆଁଖାଇ ସାରିଲା ପରେ ଛୋଟମାନେ ବଡଙ୍କୁ ଜୁହାରଭେଟ ହୋଇ ଅର୍ଶୀବାଦ ନେଇଥିଲେ। ଘରେ ଘରେ ପାଳନ ହେଉଥିଲା। ୪ ବର୍ଷ ହେଲା ଏକତ୍ର ଖାଇବାକୁ ନିଷ୍ପତ୍ତି ହୋଇଥିଲା। ଯାହାକି ଏକତାର ବାର୍ତ୍ତା ଦେଉଛି ବୋଲି ସଭାପତି ଗଜିନ୍ଦ୍ର ପଧାନ କହିଛନ୍ତି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବୌଦ୍ଧରେ ନବ ଦେବୀ ପୂଜନ ସମାରୋହ



ନବକନ୍ୟା ପୂଜନ କରାଯାଉଛି।

**ବୌଦ୍ଧ,୧୧।୧୦(ଅଜିତ କୁମାର ବାରିକ)**

ନାରୀ ହିଁ ସ୍ନେହମୟୀ, କରୁଣାମୟୀ ଓ ଶକ୍ତି ର ପ୍ରତୀକ । ଏହାକୁ ପ୍ରତିପାଦନ କରିବାକୁ ଶୁକ୍ରବାର ଦିନ ନବରାତ୍ରି ପୂଜା ପୂର୍ଣ୍ଣାହୁତି ଅବସରରେ ବୌଦ୍ଧ ଗାୟତ୍ରୀ ଶକ୍ତିପୀଠଠାରେ ନବ ଦେବୀ ପୂଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଦୁଇ ବର୍ଷରୁ ନଅ ବର୍ଷ ପର୍ଯ୍ୟନ୍ତ ୯ଜଣ କୁମାରୀ କନ୍ୟାଙ୍କୁ ଦେବୀ ରୂପରେ ମଞ୍ଚାସୀନ କରି ନବରାତ୍ର କରିଥିବା ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ପୂଜନ କରାଯାଇଥିଲା । ଏଥି ସହ ଭୋଗ ଏବଂ ଉପହାର ପ୍ରଦାନ କରାଯାଇଥିଲା। ଏହାଦ୍ୱାରା ପରିବାରରେ ଶାନ୍ତି ଓ ପ୍ରଗତି ଆସେ ବୋଲି ବିଶ୍ୱାସ ରହିଛି । ଏହି କାର୍ଯ୍ୟକ୍ରମକୁ ଗାୟତ୍ରୀ ଶକ୍ତି ପୀଠର ମୁଖ୍ୟ ଟ୍ରଷ୍ଟି, ଅଧ୍ୟାପକ ଡ. ପ୍ରବୀର କୁମାର ଦାସ ପରିଚାଳନା କରିଥିଲେ। ପ୍ରଥମେ ବିଶ୍ୱଶାନ୍ତି ପାଇଁ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇ ୧୦୮ ଥର ଗାୟତ୍ରୀ ମନ୍ତ୍ରାହୁତି ଅର୍ପଣ କରାଯାଇଥିଲା । ପରେ ସମସ୍ତ ଦେବାଦେବୀଙ୍କୁ ଆହୁତି ପ୍ରଦାନ କରାଯାଇଥିଲା। ଏଥିରେ ବରିଷ୍ଠ ସଦସ୍ୟ ହୃଦାନନ୍ଦ ମେହେର, ମୃଣାଳିନୀ ଦାସ, ଗୀତାଞ୍ଜଳୀ ପଟ୍ଟନାୟକ, ଆଇଁଠୁ ମଲିକ, ପୀତାମ୍ବର ମେହେର, ନାରାୟଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶାନ୍ତିକୁଞ୍ଜ,ହରିଦ୍ୱାରର ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଦ୍ୱାରା ଆୟୋଜିତ ଏହି ସମାଜ ସଂସ୍କାର କାର୍ଯ୍ୟକ୍ରମ ବହୁ ଆଦୃତି ଲାଭ କରିପାରିଛି।

ଯୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
ସୁନା ନିଲାମ ବିଜ୍ଞପ୍ତି

ନିମ୍ନଲିଖିତ ବ୍ୟକ୍ତିମାନେ ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ ତା.୨୫.୧୦.୨୦୨୪ରିଖ ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ ତା.୨୮.୧୦.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକା ସମୟରେ ସମ୍ପୃକ୍ତ ଶାଖା ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମରେ) |
|---|---|---|---|
| | ପୋଖରୀପୁଟ ଶାଖା, ପ୍ଲଟ୍ ନଂ.: ୧୦୦ଏ, ପୋଖରୀପୁଟ, ପୋ: ପଳାଶପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଶାଖା ପ୍ରବନ୍ଧକଙ୍କ ନାମ: ସୁନିଲ ସାହୁ, ମୋ.: ୮୨୬୦୧୫୦୦୯୨ | | |
| ୧. | ମିହିର କୁମାର ମହାରଣା, ସା: ପୋଖରୀପୁଟ, ଏରୋଡ୍ରମ୍ ଏରିଆ, ଭୁବନେଶ୍ୱର / ୩୧୫୦୦୬୧୦୦୦୪୪୦୧ | ଟ.୬,୮୬୩/- + ସୁଧ ଏବଂ ଦେୟ | ୩.୮ |
| ୨. | ପରମେଶ୍ୱର ପ୍ରଧାନ, ସା: ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର / ୩୧୫୦୦୬୧୦୦୦୨୮୨୭ | ଟ.୪୫,୯୬୯/- + ସୁଧ ଏବଂ ଦେୟ | ୩୨.୮୬ |
| | ମହୁଡା ଶାଖା, ସା/ପୋ: ମହୁଡା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ନିତ୍ୟାନନ୍ଦ ମହାରଣା, ମୋ.: ୯୭୭୮୯୮୮୩୭୭ | | |
| ୧. | ଇଲୁ ସେଠୀ, ସା: ଜଗବନ୍ଧୁ ଷ୍ଟ୍ରିଟ୍, ଓଲ୍ଡ ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / ୧୧୨୩୦୬୧୦୦୪୨୦୯୦ | ଟ.୧,୯୩,୨୦୦/- + ସୁଧ ଏବଂ ଦେୟ | ୪୪.୯ |
| | ରାଇକିଆ ଶାଖା, ସା/ପୋ: ରାଇକିଆ, ଜିଲ୍ଲା: କନ୍ଧମାଳ, ଶାଖା ପ୍ରବନ୍ଧକଙ୍କ ନାମ: ନିର୍ମଳ କୁମାର ଦିଗଲ, ମୋ.: ୯୪୩୯୩୧୩୬୦୫ | | |
| ୧. | ଅଭିଷେକ ସାହୁ, ସା: ଗଞ୍ଜୁନାକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୮୧୮ | ଟ.୧,୧୩,୮୩୪/- + ସୁଧ ଏବଂ ଦେୟ | ୨୯.୭୨ |
| ୨. | ଅଭିଷେକ ସାହୁ, ସା: ଗଞ୍ଜୁନାକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୮୦୧ | ଟ.୨,୧୮,୮୨୭/- + ସୁଧ ଏବଂ ଦେୟ | ୫୬.୮୩ |
| ୩. | ଜୟମଙ୍ଗଳ ନାଏକ, ସା: ବଡେନାଇକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୫୭୩ | ଟ.୪୪,୫୦୪/- + ସୁଧ ଏବଂ ଦେୟ | ୧୩.୧ |
| ୪. | ଜୟମଙ୍ଗଳ ନାଏକ, ସା: ବଡେନାଇକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୫୮୩ | ଟ.୭୫,୬୭୭/- + ସୁଧ ଏବଂ ଦେୟ | ୧୯.୩୨ |
| ୫. | ଜୟମଙ୍ଗଳ ନାଏକ, ସା: ବଡେନାଇକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୫୬୬ | ଟ.୧,୦୫,୮୦୭/- + ସୁଧ ଏବଂ ଦେୟ | ୩୧.୬୩ |
| | ଜୟପୁର ଶାଖା, ସା/ପୋ: ଜୟପୁର, ଜିଲ୍ଲା: କୋରାପୁଟ, ଶାଖା ପ୍ରବନ୍ଧକଙ୍କ ନାମ: ସନ୍ଦୀପ କୁମାର ବିଶୋୟୀ, ମୋ.: ୮୭୭୯୪୨୦୬୧୧ | | |
| ୧. | ରଞ୍ଜନ କୁମାର ମହାନ୍ତି, ସା: ଶ୍ରୀ ରାମ କଲୋନୀ, ୩ୟ ଲେନ୍, ଜୟପୁର / ୧୮୬୮୦୬୧୦୦୨୧୧୭୦ | ଟ.୫୩,୫୨୧/- + ସୁଧ ଏବଂ ଦେୟ | ୧୫.୮ |
| | ଗୋପାଳପୁର ଶାଖା, ସା/ପୋ: ଗୋପାଳପୁର, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଲୁସିକା ନାୟକ, ମୋ.: ୯୯୩୮୪୭୬୫୬୯ | | |
| ୧. | ବି. ନରସିଂହାଲୁ, ସା: ୪୩, ୱାର୍ଡ ନଂ.: ୧୧, ଗୁଣା ଷ୍ଟ୍ରିଟ୍, ଗୋପାଳପୁର, ଜିଲ୍ଲା: ଗଞ୍ଜାମ / ୨୧୫୦୦୬୧୦୦୪୨୮୯୨ | ଟ.୯୪,୮୦୬/- + ସୁଧ ଏବଂ ଦେୟ | ୨୮.୩ |
| ୨. | ଜି. ନରସମ୍ମା, ସା: ଗୋପାଳପୁର ଅନ୍ ସି, ଜିଲ୍ଲା: ଗଞ୍ଜାମ / ୨୧୫୦୦୬୧୦୦୩୪୨୦୦ | ଟ.୨୫,୦୦୦/- + ସୁଧ ଏବଂ ଦେୟ | ୧୭.୫ |
| ୩. | ଲକ୍ଷ୍ମଣ କୁମାର ବେହେରା, ସା: ନିଉ ନାରାୟଣପୁର, ଜିଲ୍ଲା: ଗଞ୍ଜାମ / ୨୧୫୦୦୬୧୦୦୪୩୬୯୧ | ଟ.୩୨,୮୭୨/- + ସୁଧ ଏବଂ ଦେୟ | ୯.୫ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି ୨୪ ଘଣ୍ଟା ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡ଼ିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ ୩୦ ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୧୦.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା


ବ୍ରାହ୍ମଣପଡ଼ା ପୂଜାମଣ୍ଡପ।


ଇନ୍ ନଗର ଦୁର୍ଗାମଣ୍ଡପ।


ସମଲେଶ୍ୱରୀ ମନ୍ଦିରରେ ଷୋହଳ ପୂଜା କରାଯାଉଛି।


କୋଇଡ଼ା ପୂଜାମଣ୍ଡପ।


ରିଜେଣ୍ଟ ମାର୍କେଟ


ହସ୍ପିଟାଲ ଛକ


ଟେନ୍ସା ଟାଉନସିପ୍


ଲହୁଣୀପଡ଼ା


ବନ୍ଦମୁଣ୍ଡାରେ ଅଷ୍ଟମୀ ଅବସରରେ ଦୁର୍ଗାଙ୍କ ପୂଜା କରାଯାଉଛି।

# ଅଷ୍ଟମୀ ପୂଜା: ଭକ୍ତଙ୍କ ସମାଗମ



**ହେମଗିର,୧୧।୧୦(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିରଠାରେ ଦୁର୍ଗାପୂଜାକୁ ନେଇ ଚଳଚଞ୍ଚଳ ହୋଇପଡିଛି ସହର। ଶୁକ୍ରବାର ଅଷ୍ଟମୀ ପୂଜା ଥିବାବେଳେ ଗଙ୍ଗା ଓ ଯମୁନାଙ୍କ ଆହ୍ୱାନ କରି କଳସ ଯାତ୍ରା କରାଯାଇ ଖଣ୍ଡା ସ୍ନାନ କରାଯାଇଥିଲା। ଏନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। କମିଟି ତରଫରୁ ଭକ୍ତଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା ଆୟୋଜନ କରାଯାଇଛି ।

# ଅପହୃତ ଯୁବକ ଝାଡ଼ଖଣ୍ଡ ଜଙ୍ଗଲରୁ ଉଦ୍ଧାର

ବଡ଼ଗାଁ,୧୧।୧୦(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତିଲେଇମାଲ ଗ୍ରାମର ଜଣେ ଯୁବକଙ୍କୁ କେତେକ ଯୁବକ ଜୋର ଜବରଦସ୍ତି ବୋଲେରୋରେ ଉଠାଇ ନେଇଥିଲେ। ତାଙ୍କୁ ଓଡ଼ିଶା ଡ୍ରାଇଭର ମହାସଂଘ କର୍ମକର୍ତ୍ତାମାନେ ଝାଡ଼ଖଣ୍ଡ ଜଙ୍ଗଲରୁ ଉଦ୍ଧାର କରି ତାଙ୍କ ଘରେ ଛାଡ଼ିଛନ୍ତି। ଘଟଣା ଅନୁଯାୟୀ, ସମ୍ବଲପୁର ରେଙ୍ଗାଲି ନିକଟ ଶ୍ୟାମ ଡାଏରୀର ଟ୍ରକ ଡ୍ରାଇଭର କାମ କରୁଥିବା ତିଲେଇମାଲ ଗ୍ରାମର ୨୫ ବର୍ଷୀୟ ଆସିତ ସାଙ୍ଗା ଗୁରୁବାର ସନ୍ଧ୍ୟାରେ ଆଇରନ ଓର ବୋଝେଇ ଟ୍ରକ ନେଇ ରାଉରକେଲା ଯାଉଥିଲେ। କାଂଶବାହାଲ ଥାନାଠାରୁ ଦେଢ଼ ଶହ ମିଟର ଦୂରରେ ଏକ ବୋଲେରୋ ଟ୍ରକ ସମ୍ମୁଖରେ ରହିଥିଲା। ବୋଲେରୋରେ



ଥିବା ୫ ଜଣ ଯୁବକ ତାଙ୍କୁ ଜୋରଜବରଦସ୍ତି ଟାଣି ନେଇ ବୋଲେରୋରେ ବସାଇଥିଲେ। ସେ ଡ୍ରାଇଭର ମହାସଂଘର ଗ୍ରୁପରେ ଜଣାଇଥିଲେ। ଯୁବକମାନେ ମୋବାଇଲ ଟାଣି ନେବା ସହିତ ପ୍ୟାଣ୍ଟ ପକେଟରେ ଥିବା ୧୩ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଯୁବକମାନେ ଗୁରୁବାର ଭୋର୍ ୩ଟାରେ ତାଙ୍କୁ ଝାଡ଼ଖଣ୍ଡ ରାଜ୍ୟର କୋଲେଇବିରା ଜଙ୍ଗଲକୁ ନେଇ ଚାପୁଡ଼ା ମାରିଥିଲେ ଓ ସେଠାରେ ଛାଡ଼ି ଚାଲିଯାଇଥିଲେ। ଅପହୃତ ଆସିତ ଶୁକ୍ରବାର ଭୋର୍ ସମୟରେ ଜଙ୍ଗଲରେ ଛେଳି ଚରାଉଥିବା ଜଣେ ଯୁବତୀଙ୍କ ମୋବାଇଲରେ ତାଙ୍କ କାକାଙ୍କୁ ଜଣାଇବା ସହିତ ସଂଘ କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ଗୁରୁବାର ଡ୍ରାଇଭର ମହାସଂଘର ଜିଲା କର୍ମକର୍ତ୍ତା ହରି ଓମ କେଶରୀ, ସଞ୍ଜୀବ ବିଶି, ମନୋଜ ଏକ୍କା, ବଡ଼ଗାଁ ବ୍ଲକ କମିଟିର କର୍ମକର୍ତ୍ତା ପଣ୍ଡୁରାଜ ମାଝୀ, ମନୋଜ ମାଝୀ ସେଠାକୁ ଯାଇ ତାଙ୍କୁ ଉଦ୍ଧାର କରି କାଂଶବାହାଲ ଥାନାକୁ ଆଣିଥିଲେ। ଥାନାରେ ଡ୍ରାଇଭର ଆସିତ ସମସ୍ତ ଘଟଣା ଜଣାଇବା ପରେ ଡ୍ରାଇଭର ଭାଇମାନେ ତାଙ୍କୁ ଘରକୁ ନେଇ ଛାଡିଥିଲେ। କାଂସବାହାଲ ଥାନାରେ ଏନେଇ ମାମଲା ରୁଜୁ ହୋଇଛି।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ଦିବସ ପାଳିତ

**ବୌଦ୍ଧ,୧୧।୧୦(ଅଜିତ କୁମାର ବାରିକ):** ବୌଦ୍ଧରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମା ଦୁର୍ଗା, ଭାରତମାତାଙ୍କୁ ପୂଜାର୍ଚ୍ଚନା ସହ ଅସ୍ତ୍ର ପୂଜନ କରାଯାଇଥିଲା। ଜିଲା କାର୍ଯ୍ୟବାହ ଇନ୍ଦୁଭୂଷଣ ମହାକୁଡ଼ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶରକ୍ଷା ପାଇଁ ସମର୍ପିତ ହୋଇ କାର୍ଯ୍ୟ କରିବା ପାଇଁ କହିଥିଲେ। କାର୍ଯ୍ୟକ୍ରମକୁ ବିଜୟ କୁମାର ସାହୁ ସଞ୍ଚାଳନ କରିଥିବା ବେଳେ ଜିଲା ସହ ବ୍ୟବସ୍ଥା ପ୍ରମୁଖ ପଦ୍ମଚରଣ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ପ୍ରଚାର ପ୍ରମୁଖ ରଘୁନାଥ ଷଡ଼ଙ୍ଗୀ ଓ ପ୍ରେମ ଭଞ୍ଜନ ମହାକୁଡ ଯୋଗ ଦେଇଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
SALES & MARKETING MANAGER (Resorts/ Hotels) with 1 to 3 years experience with good communication in English / Hindi.
Cont.:9440678815

See Career Appointment on every Wednesday & Saturday

बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର କ୍ଷେତ୍ର
୧ମ ମହଲା, ସା: ଖ୍ରୀଷ୍ଟିଆନପଡା, ଜିଏମ୍ କଲେଜ୍ ଛକ, ଜିଲ୍ଲା: ସମ୍ବଲପୁର-୭୬୮୦୦୧
ଚୁକ୍ତି ଭିତ୍ତିରେ ବ୍ୟବସାୟିକ ପ୍ରତିନିଧି ସୁପରଭାଇଜର ନିଯୁକ୍ତି
ଭାରତର ଅନ୍ୟତମ ବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଓଡ଼ିଶାର ମାଲକାନଗିରି, କଳାହାଣ୍ଡି, ବଲାଙ୍ଗିର, ଅନୁଗୁଳ ଏବଂ ବୌଦ୍ଧ ଆଦି ଜିଲ୍ଲା ପାଇଁ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କ ଠାରୁ ଅଫ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଅଛି।
- ମୁଖ୍ୟ ପ୍ରବନ୍ଧକ ପାହ୍ୟା ପର୍ଯ୍ୟନ୍ତ ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୂର୍ବତନ କର୍ମଚାରୀ
- JAIIB ସମାପ୍ତ କରିଥିବା ବ୍ୟାଙ୍କ ଅଫ୍ ବରୋଦାର ଅବସରପ୍ରାପ୍ତ କିରାଣୀମାନେ
- କମ୍ପ୍ୟୁଟର ଜ୍ଞାନ (MS Office, Email, Internet ଇତ୍ୟାଦି ଜ୍ଞାନ ଥିବା) ଯେକୌଣସି ଗ୍ରାଜୁଏଟ୍, କିନ୍ତୁ M.Sc. (IT)/ BE (IT)/ MCA/ MBA ଆଦି ଯୋଗ୍ୟତାଧାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ।
ପୂର୍ବତନ ବ୍ୟାଙ୍କ କର୍ମଚାରୀମାନଙ୍କ ବୟସ ନିଯୁକ୍ତି ସମୟରେ ୬୫ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ। ଅନ୍ୟ ଆବେଦନକାରୀମାନଙ୍କ ପାଇଁ ବୟସ ସୀମା ୨୧-୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଆବେଦନ କରୁଥିବା ସମସ୍ତ ପ୍ରାର୍ଥୀ ଓଡ଼ିଶା ନିବାସୀ ହୋଇଥିବା ଆବଶ୍ୟକ ଏବଂ ସ୍ଥାନୀୟ ଭାଷାରେ ପାରଦର୍ଶିତା ଥିବା ଆବଶ୍ୟକ।
ଅଧିକ ବିବରଣୀ ପାଇଁ ଆମ୍ଭ ବ୍ୟାଙ୍କର ୱେବ୍‌ସାଇଟ୍ ଦେଖନ୍ତୁ।
https://www.bankofbaroda.in/career-detail.htm#tab-18
ଅଫ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ: ୩୧.୧୦.୨୦୨୪
ତାରିଖ: ୦୮.୧୦.୨୦୨୪
ସ୍ଥାନ: ସମ୍ବଲପୁର
କ୍ଷେତ୍ରୀୟ ମୁଖ୍ୟ
ସମ୍ବଲପୁର କ୍ଷେତ୍ର


# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କଲେ ସ୍ୱାମୀ

ଟେନ୍‌ସା,୧୧।୧୦( ସମୀର କୁମାର ପାଢ଼ୀ)

ସାମାନ୍ୟ ଘରୋଇ କଳିକୁ କେନ୍ଦ୍ର କରି ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କଲେ ସ୍ୱାମୀ। ଏଭଳି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ କନ୍ଦ୍ରର କୋଇଡା ଗ୍ରାମରେ। ମୃତା ମହିଳା ହେଲେ ମୁଙ୍ଗଲି ମୁଣ୍ଡା। କୋଇଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ସୂଚନାଯୋଗ୍ୟ, ଶୁକ୍ରବାର ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ଘର ଭିତରୁ ଏକ ଟାଙ୍ଗିଆ ଆଣି ସ୍ତ୍ରୀ ବେକକୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

# ଦୁର୍ଗା ବାହିନୀ ପକ୍ଷରୁ ସଭା, ଶୋଭାଯାତ୍ରା

ଲହୁଣୀପଡ଼ା,୧୧।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଶାଖା ବିଶ୍ୱ ହିନ୍ଦୁ ପରିଷଦ ଓ ଦୁର୍ଗା ବାହିନୀ ଆନୁକୂଲ୍ୟରେ ଗୁରୁବାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଲହୁଣୀପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ହୃଦୟ କୁମାର ମାହାନ୍ତ ସଭାପତିତ୍ୱ କରିଥିବା ବେଳେ ମାତୃଶକ୍ତି କ୍ଷେତ୍ରିୟ ସଂଯୋଜିକା ସୁଶ୍ରୀ ଝରଣା ଜେନା, ଲିଜାରାଣୀ ପଟେଲ, ଅଖିଳେଶ ସାହା, ମାତୃଶକ୍ତି ସଂଯୋଜିକା ମନୋରମା ମାହାନ୍ତ, ଦୁର୍ଗା ବାହିନୀ ସଂଯୋଜିକା ସୁଶ୍ରୀ ଜେମା ଓରାମ ମଞ୍ଚାସୀନ ଥିଲେ। ସୁଶ୍ରୀ କଳ୍ପନା କିଷାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଭାରତମାତାର ଜୟଗାନ କରି ଅସ୍ତ୍ରଶସ୍ତ୍ର ପୂଜା କରାଯାଇଥିଲା। ଦୁର୍ଗା ବାହିନୀ କାର୍ଯ୍ୟକ୍ରମରେ ନାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୁରାଣଠାରୁ ଆରମ୍ଭ କରି ବର୍ତ୍ତମାନର ପରିସ୍ଥିତି ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସଭା



ଶେଷରେ ଦୁର୍ଗା ବାହିନୀ ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ସରସ୍ୱତୀ ଶିଶୁ ମନ୍ଦିରର ଗୁରୁମା ଯମୁନା ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରୁ ଦୁର୍ଗା ବାହିନୀର ଏକ ବିରାଟ ଶୋଭାଯାତ୍ରା ବାହାରି ଥିଲା। ପାରମ୍ପରିକ ବାଦ୍ୟ ନୃତ୍ୟର ତାଳେ ତାଳେ ତଥା ମହିଳା ଜାଗରଣ ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରା ଲହୁଣୀପଡା ବଜାର ପରିକ୍ରମା କରିଥିଲା। ଲହୁଣୀପଡ଼ା ବସଷ୍ଟାଣ୍ଡଠାରେ ଆୟୋଜିତ ଦୁର୍ଗାପୂଜା ମଣ୍ଡପରେ ପହଞ୍ଚି ପାରମ୍ପରିକ ରୀତିନୀତି ଅନୁଯାୟୀ ମହାଷ୍ଟମୀ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଶୋଭାଯାତ୍ରା ସମୟରେ ନାରୀମାନେ ବିଭିନ୍ନ ପ୍ରକାର ବେଶଭୂଷା ସଜ୍ଜିତ ହୋଇ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରିଥିଲେ। ଦୁର୍ଗା ବାହିନୀର ବରିଷ୍ଠ କାର୍ଯ୍ୟକର୍ତ୍ତା ଜୟନ୍ତୀ ମାହାନ୍ତ, ସେବତୀ ମାହାନ୍ତ, ହେମନ୍ତ ଓରାମଙ୍କ ନେତୃତ୍ୱରେ ଏବଂ ଦୁର୍ଗାବାହିନୀ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜେଜେୱାଇସି କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ

ବଡ଼ଗାଁ,୧୧।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମର ଜୟ ଜଗନ୍ନାଥ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ୧୬ଟି ଟିମ ଅଂଶଗ୍ରହଣ କରିଥିବା ଏହି ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଡ଼ଗାଁ 'କ' ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ନୃପ ଚନ୍ଦ୍ର ଡନସନା, ସ୍ଥାନୀୟ ସରପଞ୍ଚ ଏମାନଏଲି ଡୁଙ୍ଗଡୁଙ୍ଗ, ଭାଜପାର ବରିଷ୍ଠ ନେତା ବସନ୍ତ ସାହୁ, ଟୁର୍ନାମେଣ୍ଟର ମୁଖ୍ୟ ପ୍ରଯୋଜକ ପୂର୍ଣ୍ଣ ଚନ୍ଦ୍ର ରାଉତ, ମନୋଜ ମହାକୁଳ, କେଶବ ସାଥୁଆ, ସମୀର ସାଥୁଆ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ପ୍ରଧାନ କ୍ଲବ ପତାକା ଉତ୍ତୋଳନ


ଖେଳାଳିଙ୍କ ସହିତ ଅତିଥି।

କଲାପରେ ଖେଳ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ ପିଣ୍ଡାପଥର ଓ ଏବିଏଫସି ସୁନ୍ଦରଗଡ ମଧ୍ୟରେ ହୋଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚରେ ସୁନ୍ଦରଗଡ ଏବିଏଫସିକୁ ୫-୪ ଗୋଲରେ ହରାଇ ସାଗରିକା ଟିମ ବିଜୟ ଯାତ୍ରା ଆରମ୍ଭ କରିଛି। ବସନ୍ତ ମାଝୀ, ରାଜେଶ ଛତ୍ରିଆ, ନରେଶ ବାଗ, ସରୋଜ ବାଗ ଖେଳ ପରିଚାଳନା କରୁଥିଲାବେଳେ ଆୟୋଜକ କ୍ଲବର ସଭାପତି ସଞ୍ଜୀବ କିସାନ, ଉପ ସଭାପତି ଗୌତମ ସୁନ୍ୟାନୀ, ସମ୍ପାଦକ ଜଗନ୍ନାଥ ମହାକୁଳ, କୋଷାଧ୍ୟକ୍ଷ ଡୋଲାମଣୀ ମାଝୀ, ସାଧାରଣ ସମ୍ପାଦକ ତଥା ଆଙ୍କର ଅର୍ଜୁନ ମହାକୁଳ, କ୍ଲବ କର୍ମକର୍ତ୍ତା ପ୍ରକାଶ ମାଝୀ, ଅଜୟ ବାଡା, ଜେଠୁ କିସାନ, ରଞ୍ଜିତ ଲାକଡା, ସୁରଜ ଲାକଡା ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଆସନ୍ତା ୧୫ରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। ଚାମ୍ପିୟନ ଟିମକୁ ୫୦ ହଜାର ଟଙ୍କା ସହିତ ଟ୍ରଫି, ଉପ ବିଜେତା ଟିମକୁ ୩୦ ହଜାର ଟଙ୍କା ସହିତ ଟ୍ରଫି, ତୃତୀୟ ସ୍ଥାନ ଓ ଚତୁର୍ଥ ସ୍ଥାନ ପାଇଥିବା ଟିମକୁ ୧୦ ହଜାର ଟଙ୍କା ସହିତ କପ୍ ପୁରସ୍କୃତ କରାଯିବ।


ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
ସୁନା ନିଲାମ ବିଜ୍ଞପ୍ତି
ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୧୦.୨୦୨୪ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୨୮.୧୦.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର.ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ପୋଖରୀପୁଟ ଶାଖା, ପ୍ଲଟ୍ ନଂ.: ୧୦୦ଏ, ପୋଖରୀପୁଟ, ପୋ: ପଳାଶପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଶାଖା ପ୍ରବନ୍ଧକଙ୍କ ନାମ: ସୁନିଲ ସାହୁ, ମୋ.: ୮୨୬୦୧୫୦୦୯୨** | | |
| ୧. | ମିହିର କୁମାର ମହାରଣା, ସା: ପୋଖରୀପୁଟ, ଏରୋଡ୍ରମ୍ ଏରିଆ, ଭୁବନେଶ୍ୱର / ୩୧୫୦୦୬୧୦୦୦୪୪୦୧ | ଟ.୬,୮୬୩/- + ସୁଧ ଏବଂ ଦେୟ | ୩.୮ |
| ୨. | ପରମେଶ୍ୱର ପ୍ରଧାନ, ସା: ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର / ୩୧୫୦୦୬୧୦୦୦୨୮୨୭ | ଟ.୪୫,୯୬୯/- + ସୁଧ ଏବଂ ଦେୟ | ୩୨.୮୬ |
| | **ମହୁଡା ଶାଖା, ସା/ପୋ: ମହୁଡା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ନିତ୍ୟାନନ୍ଦ ମହାରଣା, ମୋ.: ୯୭୭୮୯୮୮୩୭୭** | | |
| ୧. | ଇଲୁ ସେଠୀ, ସା: ଜଗବନ୍ଧୁ ଷ୍ଟ୍ରିଟ୍, ଓଲ୍ଡ ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / ୧୧୨୩୦୬୧୦୦୪୨୦୯୦ | ଟ.୧,୯୩,୨୦୦/- + ସୁଧ ଏବଂ ଦେୟ | ୪୪.୯ |
| | **ରାଇକିଆ ଶାଖା, ସା/ପୋ: ରାଇକିଆ, ଜିଲ୍ଲା: କନ୍ଧମାଳ, ଶାଖା ପ୍ରବନ୍ଧକଙ୍କ ନାମ: ନିର୍ମଳ କୁମାର ଦିଗଲ, ମୋ.: ୯୪୩୯୩୧୩୬୦୫** | | |
| ୧. | ଅଭିଷେକ ସାହୁ, ସା: ଗଞ୍ଜୁନାକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୮୧୮ | ଟ.୧,୧୩,୮୩୪/- + ସୁଧ ଏବଂ ଦେୟ | ୨୯.୭୨ |
| ୨. | ଅଭିଷେକ ସାହୁ, ସା: ଗଞ୍ଜୁନାକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୮୦୧ | ଟ.୨,୧୮,୮୨୭/- + ସୁଧ ଏବଂ ଦେୟ | ୫୬.୮୩ |
| ୩. | ଜୟମଙ୍ଗଳ ନାଏକ, ସା: ବଡେନାଇକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୫୭୩ | ଟ.୪୪,୫୦୪/- + ସୁଧ ଏବଂ ଦେୟ | ୧୩.୧ |
| ୪. | ଜୟମଙ୍ଗଳ ନାଏକ, ସା: ବଡେନାଇକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୫୮୩ | ଟ.୭୫,୬୭୭/- + ସୁଧ ଏବଂ ଦେୟ | ୧୯.୩୨ |
| ୫. | ଜୟମଙ୍ଗଳ ନାଏକ, ସା: ବଡେନାଇକୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୫୬୬ | ଟ.୧,୦୫,୮୦୭/- + ସୁଧ ଏବଂ ଦେୟ | ୩୧.୬୩ |
| | **ଜୟପୁର ଶାଖା, ସା/ପୋ: ଜୟପୁର, ଜିଲ୍ଲା: କୋରାପୁଟ, ଶାଖା ପ୍ରବନ୍ଧକଙ୍କ ନାମ: ସନ୍ଦୀପ କୁମାର ବିଶୋୟୀ, ମୋ.: ୮୭୭୯୪୨୦୬୧୧** | | |
| ୧. | ରଞ୍ଜନ କୁମାର ମହାନ୍ତି, ସା: ଶ୍ରୀ ରାମ କଲୋନୀ, ୩ୟ ଲେନ୍, ଜୟପୁର / ୧୮୬୮୦୬୧୦୦୨୧୧୭୦ | ଟ.୫୩,୫୨୧/- + ସୁଧ ଏବଂ ଦେୟ | ୧୫.୮ |
| | **ଗୋପାଳପୁର ଶାଖା, ସା/ପୋ: ଗୋପାଳପୁର, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଲୁସିକା ନାୟକ, ମୋ.: ୯୯୩୮୪୭୬୫୬୯** | | |
| ୧. | ବି. ନରସିଂହାଲୁ, ସା: ୪୩, ୱାର୍ଡ ନଂ.: ୧୧, ଗୁଣା ଷ୍ଟ୍ରିଟ୍, ଗୋପାଳପୁର, ଜିଲ୍ଲା: ଗଞ୍ଜାମ / ୨୧୫୦୦୬୧୦୦୪୨୮୯୨ | ଟ.୯୪,୮୦୬/- + ସୁଧ ଏବଂ ଦେୟ | ୨୮.୩ |
| ୨. | ଜି. ନରସମ୍ମା, ସା: ଗୋପାଳପୁର ଅନ୍ ସି, ଜିଲ୍ଲା: ଗଞ୍ଜାମ / ୨୧୫୦୦୬୧୦୦୩୪୨୦୦ | ଟ.୨୫,୦୦୦/- + ସୁଧ ଏବଂ ଦେୟ | ୧୭.୫ |
| ୩. | ଲକ୍ଷ୍ମଣ କୁମାର ବେହେରା, ସା: ନିଉ ନାରାୟଣପୁର, ଜିଲ୍ଲା: ଗଞ୍ଜାମ / ୨୧୫୦୦୬୧୦୦୪୩୬୯୧ | ଟ.୩୨,୮୭୨/- + ସୁଧ ଏବଂ ଦେୟ | ୯.୫ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।
ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୧୦.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



ଦେବଗଡ଼ ସହରରେ ନବରାତ୍ରି ପୂଜା ଅବସରରେ ମଠସାହିସ୍ଥିତ ମା’ କନକ ଦୁର୍ଗା ମନ୍ଦିରରେ ଅନ୍ନ ପ୍ରସାଦ ବଣ୍ଟନ କରାଯାଉଛି।



ଦେବଗଡ଼ ମଠସାହିସ୍ଥିତ ମା’କନକ ଦୁର୍ଗା ମନ୍ଦିରରେ ନବରାତ୍ରି ପୂଜା ନବମୀ ଦିନରେ କୁମାରୀଙ୍କ ପୂଜନ।

# ମହାବୀର ଧାମରେ ଶାରଦୀୟ ବନ୍ଧୁମିଳନ

**କୁଚିଣ୍ଡା,୧୧।୧୦(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ ବୃବୁଡାସ୍ଥିତ ମହାବୀର ଧାମରେ ଶୁକ୍ରବାର ଟାଙ୍ଗରମୁଣ୍ଡା ସରକାରୀ (ଏସଏସଡି) ହାଇସ୍କୁଲ ୨୦୦୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମାଟ୍ରିକ ବ୍ୟାଚର ସୁମନ୍ତ ବଲୁଆ, ରଞ୍ଜିତ ବାଘ, ସେବତୀ ନାଏକ ଓ ସହଦେବ ବାଘଙ୍କ ନେତୃତ୍ୱରେ ୨୦୦୫ରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରୀଛାତ୍ର ତଥା ତାଙ୍କ ପରିବାର ସାମିଲ ହୋଇଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଟାଙ୍ଗରମୁଣ୍ଡା ସରକାରୀ ହାଇସ୍କୁଲର ଶିକ୍ଷକ ଶତୀଶ ଛୁରିଆ, ଲକ୍ଷ୍ମୀନାରାୟଣ ସିଂ,ପଣ୍ଡିତ ରାଏ, ଦେବେନ୍ଦ୍ର ନାଏକ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫୁଲ୍ଲ ମାକର ଓ ଅଶ୍ୱନୀ ପଟେଲ ସହଯୋଗ କରିଥିଲେ।

# ଅଟୋ ରିକ୍ସାରୁ ଖସିପଡ଼ି ଜଣେ ଗୁରୁତର

**ଦେବଗଡ଼,୧୧।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଥାନା ଅନ୍ତର୍ଗତ ପଳସାକୁଦର ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଚଳନ୍ତା ଅଟୋ ରିକ୍ସାରୁ ଖସିପଡି ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ବ୍ୟକ୍ତି ହେଲେ ନିକଟସ୍ଥ କୁଡାପଡା ଗ୍ରାମର ଯାତ୍ରା ମୁଣ୍ଡା ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟା ସମୟରେ ଯାତ୍ରା ଏକ ଅଟୋ ରିକ୍ସା ଯୋଗେ ବଳମ ଗ୍ରାମକୁ ଯାଉଥିଲେ। ତେବେ ଅଟୋ ରିକ୍ସାଟିର ଚାଳକ ଭାରସାମ୍ୟ ହରାଇ ଅଟୋ ରିକ୍ସାଟି ଦୋହଲି ପଡିବାରୁ ଯାତ୍ରା ଚଳନ୍ତା ଅଟୋ ରିକ୍ସାରୁ ରାସ୍ତା ଉପରକୁ ଖସିପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଯାଇଥିବା ବେଳେ ଏବେ ମଧ୍ୟ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

# ଚୋରା ଚାଲାଣବେଳେ ବିପୁଳ ମଦ ଜବତ, ୩ ଗିରଫ

**ସମ୍ବଲପୁର,୧୧।୧୦(ପ୍ରମୋଦ ବହିଦାର)**

ଦୁର୍ଗାପୂଜା ସମୟରେ ମଦ ବିକ୍ରୟ ଉପରେ କଟକଣା ଲାଗିଥିବା ବେଳେ ଚୋରାରେ ଚାଲାଣ ହେଉଥିବା ବିପୁଳ ପରିମାଣର ବିଦେଶୀ ମଦ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁର୍ଲା ଡେଲି ମାର୍କେଟ୍‌ର ଭିକି କୁମାର (୨୬), ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ଶାନ୍ତିନଗରର ନନ୍ଦଲାଲ ପ୍ରସାଦ ଗୁପ୍ତା (୪୯) ଓ ବରେଇପାଲିର ଦିଲୀପ ଗୁପ୍ତା(୫୧)। ସେମାନଙ୍କ ନିକଟରୁ ଚୋରାରେ ଚାଲାଣ ହେଉଥିବା ବିଦେଶୀ ମଦ ସହ ଚୋରା ଚାଲାଣରେ ବ୍ୟବହୃତ ଅଟୋକୁ ପୋଲିସ ଜବତ କରିଛି। କ୍ଷେତରାଜପୁର ଥାନାରେ ଶୁକ୍ରବାର ପୂର୍ବାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ



କ୍ଷେତରାଜପୁର ଥାନା ପକ୍ଷରୁ ଜବତ ବିଦେଶୀ ମଦ ସହିତ ଗିରଫ ଅଭିଯୁକ୍ତମାନେ।

ହରେଶ ଚନ୍ଦ୍ର ପାଣ୍ଡେ ଉକ୍ତ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଦଶହରା ପାଇଁ ସମ୍ବଲପୁରରେ ଶୁକ୍ରବାରଠାରୁ ମଦ ଦୋକାନଗୁଡ଼ିକ ବନ୍ଦ ରହିବ। ଏଭଳି ସମୟରେ ଅବାଧ ମଦ ବିକ୍ରୟ ରୋକିବା ସହିତ ଅପରାଧ ନିୟନ୍ତ୍ରଣ ଜନିତ ପ୍ରତିଷେଧାତ୍ମକ ବ୍ୟବସ୍ଥା ସ୍ୱରୂପ ସହରକୁ ଚାରି ଦିଗରୁ ସିଲ୍ କରାଯାଇଥିଲା। ସହର ପ୍ରବେଶ ପଥଗୁଡ଼ିକରେ ଅସ୍ଥାୟୀ ତନଖି ଫାଟକ ସ୍ଥାପନ କରା ତଲାସୀ ଅଭିଯାନ ଜାରି ରହିଛି। ଲକ୍ଷ୍ମୀଡୁଙ୍ଗୁରୀ ନିକଟରେ ମନ୍ଦଲିଆ ଦେଇ ସହରକୁ ଆସୁଥିବା

**ଜବତ ବିଦେଶୀ ମଦର ମୂଲ୍ୟ ୭ ରୁ ୮ ଲକ୍ଷ**

ଅନ୍ୟତମ ପ୍ରବେଶ ପଥରେ ଗୁରୁବାର ସନ୍ଧ୍ୟାରେ କ୍ଷେତରାଜପୁର ପୋଲିସ ପକ୍ଷରୁ ତଲାସି ଅଭିଯାନ ଜାରି ରହିଥିଲା। ଏହି ସମୟରେ ସେହି ବାଟ ଦେଇ ଏକ ଅଟୋ ଓଡି ୧୫ ଜି ୮୫୨୭ ରେ ବୋଝେଇ ହୋଇଥିବା ସାମଗ୍ରୀକୁ ଦେଖି ପୋଲିସ କର୍ମୀମାନେ ଅଟକାଇ ଯାଞ୍ଚ କରିଥିଲେ। ଏଥିରେ ଥିବା ପ୍ରାୟ ୧୪ଟି ପେଟିରେ ବିଭିନ୍ନ ବ୍ରାଣ୍ଡ ଓ ଆକାରର ପ୍ରାୟ ୫୮୪ ବୋତଲ ବିଦେଶୀ ମଦ ଓ କେନ୍ ବିଅର ଥିବା ଦେଖିବାକୁ ପାଇଥିଲେ। ଏନେଇ ପଚରା ଯିବାରେ ଅଟୋରେ ଥିବା ଆରୋହୀମାନେ ଏହାକୁ ବରେଇପାଲିରୁ ବୁର୍ଲାକୁ ନିଆଯାଉଛି ବୋଲି କହିଥିଲେ। ମାତ୍ର ଏହାର ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ତେଣୁ ପୋଲିସ ଅଟୋ ସହିତ ଏଥିରେ ବୋଝେଇ ବିଦେଶୀ ମଦକୁ ଜବତ କରି ଆରୋହୀମାନଙ୍କୁ କ୍ଷେତରାଜପୁର ଥାନାକୁ ଆଣି ପଚରାଉଚରା କରିଥିଲା। ପଚରା ଉଚରା ବେଳେ ସେମାନେ ନିଜ ପରିଚୟ ଦେବା ସହ ବିଦେଶୀ ମଦ ଚୋରାରେ ବୁର୍ଲାକୁ ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ମାତ୍ର ଏହାକୁ ବରେଇପାଲିର କେଉଁଠାରୁ ବୁର୍ଲାର କେଉଁ ଦୋକାନ ବା ବ୍ୟକ୍ତି ବିଶେଷଙ୍କ ପାଇଁ ନେଉଥିଲେ ସେ ସମ୍ପର୍କରେ ଏପର୍ଯ୍ୟନ୍ତ ସେମାନେ କିଛି କହି ନାହାନ୍ତି। ତେବେ ଏହାକୁ ନେଇ ତଦନ୍ତ ଜାରି ରହିଛି ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପାଣ୍ଡେ କହିଛନ୍ତି। ଜବତ ବିଦେଶୀ ମଦର ଆନୁମାନିକ ମୂଲ୍ୟ ୭ରୁ ୮ ଲକ୍ଷ ଟଙ୍କା ହେବ ବୋଲି ସେ କହିଛନ୍ତି। ଏହାକୁ ନେଇ କ୍ଷେତରାଜପୁର ଥାନାରେ ଏକ ମାମଲା (ନଂ.୨୨୭/୨୦୨୪) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
SALES & MARKETING MANAGER (Resorts/Hotels) with 1 to 3 years experience with good communication in English / Hindi.
Cont.:9440678815

See Career Appointment on every Wednesday & Saturday

# ବାଳାତ୍କାରୀ, ସହଯୋଗୀ ଗିରଫ

**ଦେବଗଡ଼,୧୧।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ଥାନାଞ୍ଚଳର ଜଣେ ୧୫ବର୍ଷୀୟା ନାବାଳିକାଙ୍କୁ ଗତ ୫ ତାରିଖ ରାତ୍ରିରେ ଆମ୍ବ ତୋଟାକୁ ଟେକିନେଇ ବଳାତ୍କାର କରାଯାଇଥିବା ଘଟଣାରେ ପୋଲିସ ବାଳାତ୍କାରୀ ଓ ତା’ର ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୨ ଯୁବକ ହେଲେ ରେଙ୍ଗାଲବାହାଲ ଗ୍ରାମର ଧିରେନ ଧଳ ଓରଫ ସୁଦାମ ଏବଂ ରମାକାନ୍ତ ବାଘ। ସୂଚନାଯୋଗ୍ୟ, ବାରକୋଟ ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ୧୫ ବର୍ଷୀୟା ନାବାଳିକା ଗତ ୫ ତାରିଖ ରାତ୍ରିରେ ପରିସ୍ରା କରିବାକୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ରାତ୍ର ପ୍ରାୟ ୨ଟାରେ ନାବାଳିକା ଜଣକ ଗାଁମୁଣ୍ଡ ଆମ୍ବ ତୋଟାରେ ଅଚେତ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ। ଚେତା ଫେରିବା ପରେ ୨ଜଣ ଯୁବକ ତାଙ୍କ ପାଟି ଚିପି ଆମ୍ବ ତୋଟାକୁ ଟେକି ନେଇ ଅସଦାଚରଣ କରିବା ସହ ସେମାନଙ୍କ ମଧ୍ୟରୁ ଜଣେ ତାଙ୍କୁ ବଳାତ୍କାର କରିଥିବା ପ୍ରକାଶ କରିଥିଲେ। ଏଥିରେ ଅନ୍ୟ ଯୁବକ ଜଣକ ସହଯୋଗ କରିଥିବା ମଧ୍ୟ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ଏ ନେଇ ପୀଡିତାଙ୍କ ମା’ ଗତ ୬ ତାରିଖରେ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୋଲିସ ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ପୋକ୍‌ସୋ ସମେତ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଗୁରୁବାର ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

**ନାବାଳିକାଙ୍କୁ ଟେକିନେଇ ବାଳାତ୍କାର ଘଟଣା**



ବ୍ୟାଙ୍କ ଅଫ୍ ବରୋଦା Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର କ୍ଷେତ୍ର
୧ମ ମହଲା, ସା: ଖ୍ରୀଷ୍ଟିଆନପଡା, ଜିଏମ୍ କଲେଜ୍ ଛକ, ଜିଲ୍ଲା: ସମ୍ବଲପୁର-୭୬୮୦୦୧

**ଚୁକ୍ତି ଭିତ୍ତିରେ ବ୍ୟବସାୟିକ ପ୍ରତିନିଧି ସୁପରଭାଇଜର ନିଯୁକ୍ତି**

ଭାରତର ଅନ୍ୟତମ ବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଓଡ଼ିଶାର ମାଲକାନଗିରି, କଳାହାଣ୍ଡି, ବଲାଙ୍ଗିର, ଅନୁଗୁଳ ଏବଂ ବୌଦ୍ଧ ଆଦି ଜିଲ୍ଲା ପାଇଁ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କ ଠାରୁ ଅଫ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଅଛି।

- ମୁଖ୍ୟ ପ୍ରବନ୍ଧକ ପାହ୍ୟା ପର୍ଯ୍ୟନ୍ତ ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୂର୍ବତନ କର୍ମଚାରୀ
- JAIIB ସମାପ୍ତ କରିଥିବା ବ୍ୟାଙ୍କ ଅଫ୍ ବରୋଦାର ଅବସରପ୍ରାପ୍ତ କିରାଣୀମାନେ
- କମ୍ପ୍ୟୁଟର ଜ୍ଞାନ (MS Office, Email, Internet ଇତ୍ୟାଦି ଜ୍ଞାନ ଥିବା) ଯେକୌଣସି ଗ୍ରାଜୁଏଟ୍, କିନ୍ତୁ M.Sc. (IT)/ BE (IT)/ MCA/ MBA ଆଦି ଯୋଗ୍ୟତାଧାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ।

ପୂର୍ବତନ ବ୍ୟାଙ୍କ କର୍ମଚାରୀମାନଙ୍କ ବୟସ ନିଯୁକ୍ତି ସମୟରେ **୬୫ ବର୍ଷରୁ** ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ। ଅନ୍ୟ ଆବେଦନକାରୀମାନଙ୍କ ପାଇଁ ବୟସ ସୀମା **୨୧-୪୫ ବର୍ଷ** ମଧ୍ୟରେ ହୋଇଥିବା ଆବଶ୍ୟକ। ଆବେଦନ କରୁଥିବା ସମସ୍ତ ପ୍ରାର୍ଥୀ ଓଡ଼ିଶା ନିବାସୀ ହୋଇଥିବା ଆବଶ୍ୟକ ଏବଂ ସ୍ଥାନୀୟ ଭାଷାରେ ପାରଦର୍ଶିତା ଥିବା ଆବଶ୍ୟକ।

ଅଧିକ ବିବରଣୀ ପାଇଁ ଆମ ବ୍ୟାଙ୍କର ୱେବ୍‌ସାଇଟ୍ ଦେଖନ୍ତୁ।
https://www.bankofbaroda.in/career-detail.htm#tab-18
ଅଫ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ: ୩୧.୧୦.୨୦୨୪

ତାରିଖ: ୦୮.୧୦.୨୦୨୪
ସ୍ଥାନ: ସମ୍ବଲପୁର
କ୍ଷେତ୍ରୀୟ ମୁଖ୍ୟ
ସମ୍ବଲପୁର କ୍ଷେତ୍ର



ଦେବଗଡ଼ ସହର ମଠସାହିସ୍ଥିତ ମା’କନକ ଦୁର୍ଗା ମନ୍ଦିରରେ ନବରାତ୍ରି ପୂଜାରେ ମା’ଙ୍କ ସିଦ୍ଧିଦାତ୍ରୀ ବେଶ।

# ଲଇଡାଗୁଣା ସମଲେଇ ମନ୍ଦିର ନବରାତ୍ରି ପୂଜା ପୂର୍ଣ୍ଣାହୁତି

**କୁଚିଣ୍ଡା,୧୧।୧୦(ବିରଞ୍ଚି ଦର୍ଜୀ):** ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ତେଲିତିଲେଇମାଲରେ ପଞ୍ଚାୟତର ଲଇଡାଗୁଣା ସମଲେଇ ମନ୍ଦିରରେ ଚାଲିଥିବା ସପ୍ତମ ନବରାତ୍ର ପୂଜା ଶୁକ୍ରବାର ପୂର୍ଣ୍ଣାହୁତି ହୋଇଯାଇଛି। ଏହି ନବରାତ୍ର ପୂଜାରେ ନଅ ଜଣ କର୍ତ୍ତା ଦମ୍ପତି ସାମିଲ ହୋଇଥିଲେ। ନବ ଦେବୀ ପୂଜାକୁ ପ୍ରତିଦିନ ଶହଶହ ସଂଖ୍ୟକ ଭକ୍ତ ଆସି ମା’ ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ପ୍ରତିଦିନ ଭକ୍ତମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ସପ୍ତମୀ ଦିନ ମନ୍ଦିର ପୀଠରେ ସାର୍ବଜନୀନ ଭାଇ ଜିଉଁନ୍ତିଆ ଓଷା ପାଳିତ ହୋଇଥିଲା। ଏଥିରେ ଅଞ୍ଚଳର ବ୍ରତଧାରୀମାନେ ମା’ ଙ୍କ ପୀଠରେ ପୂଜାର୍ଚ୍ଚନା କରି ଭାଇମାନଙ୍କ ଦୀର୍ଘାୟୁ କାମନା କରିଥିଲେ। ପଣ୍ଡିତ ପ୍ରଦୀପ ନନ୍ଦ ପୂଜା କାର୍ଯ୍ୟ ତୁଲାଇ ଥିବାବେଳେ ନବରାତ୍ର କମିଟିର ପ୍ରଶାନ୍ତ ଭଇଁଷା, ସୁଶାନ୍ତ ସେନାପତି, ଶିଶିର ନାୟକ, ସରୋଜ ଭଇଁଷା, ମନୋଜ ପୃଷେଠ, ଅଞ୍ଜନ ପଧାନ, ଅକ୍ଷୟ ପଟେଲ, ଯୋଗେନ୍ଦ୍ର ପଟେଲ, ଲକ୍ଷ୍ମଣ ପଟେଲଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ।

# କଫ ସିରପ୍ ଜବତ: ୪ ଗିରଫ

**ସମ୍ବଲପୁର,୧୧।୧୦(ପ୍ରମୋଦ ବହିଦାର)**

ଦୁର୍ଗାପୂଜା ସମୟରେ ନିଶାକାରବାରରେ ଅଙ୍କୁଶ ଲଗାଇବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଧରପଗଡ଼ ଜାରି ରହିଛି। ଏହି କ୍ରମରେ ଶୁକ୍ରବାର ଅଇଁଠାପାଲିଥାନା ଅନ୍ତର୍ଗତ ମହାନଦୀ ବିହାରସ୍ଥିତ ଲାଠ ବଚିଚା ନିକଟରେ ପୋଲିସ ଚଢ଼ାଉ କରି ନିଷିଦ୍ଧ କଫ୍ ସିରପ୍ ସହ ନିଶା ବଟିକାକୁ ଜବତ କରିଛି। ଏହାସହ ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନଥାନା ଅନ୍ତର୍ଗତ ମୁଦିପଡ଼ା ବହିଦାରବନ୍ଧ ଅଞ୍ଚଳର ଈଶ୍ୱର ଓରଫ କିଶୋର ରଥ(୩୦), ସଦରଥାନା ଅନ୍ତର୍ଗତ ମନୀଶ କୁମାର ସାହୁ(୨୪), ଅଇଁଠାପାଲିଥାନା ଅର୍ନ୍ତଗତ ଭାଲୁପାଲିର କାହ୍ନୁ ମୁଣ୍ଡା(୨୨) ଓ ବୁଢ଼ାରହା ରାମଗଡ଼ପଡ଼ାର ରିଙ୍କୁ ଆଡ଼ଜୁଆଡ଼ା(୨୫)। ସେମାନଙ୍କ ନିକଟରୁ ୧୦୦ ମିଲିଲିଟର ବିଶିଷ୍ଟ ୬୫ ବୋତଲ ସିଲ୍ ଓ ୨୨ଟି ଠିପିଖୋଲା ନିଷିଦ୍ଧ କଫସିରପ(ୱିନ୍ସିରେକ୍ସ) ମିଶି ମୋଟ୍ ୮୭ ବୋତଲ ନିଷିଦ୍ଧ କଫ୍ ସିରପ୍ ସହିତ ବିଭିନ୍ନ ବ୍ରାଣ୍ଡର ୧୫ ଷ୍ଟ୍ରିପ୍ ନିଶା ବଟିକା, ୫ ଲିଟର ବିଶିଷ୍ଟ ୩ଟି ଜାରକିନ୍‌ରେ ଭର୍ତ୍ତିଥିବା ଅପମିଶ୍ରିତ



ପୋଲିସ ଦ୍ୱାରା ଜବତ ନିଷିଦ୍ଧ କଫ ସିରପ୍ ସହ ଗିରଫ ୪ ଅଭିଯୁକ୍ତ।

ତରଳ ନିଶା ଦ୍ରବ୍ୟ, ୪୦ଟି ପ୍ଲାଷ୍ଟିକ୍ ଗ୍ଲାସ ଓ ୪ଟି ମୋବାଇଲ୍ ଫୋନ ତଥା ୩ଟି ବାଇକ୍ ଓଆର୍ ୧୫ କ୍ୟୁ ୫୨୧୪, ଓଆର୍ ୧୫ ଆର୍ ୮୬୪୯, ଓଡି ୧୫ ଭି ୯୩୩୯କୁ ପୋଲିସ ଜବତ କରିଛି। ଏହାସହ ସେମାନଙ୍କ ନିକଟରୁ ୧ ହଜାର ୫୭୦ ଟଙ୍କା ମଧ୍ୟ ଜବତ କରିଛି ପୋଲିସ। ଏସମ୍ପର୍କରେ ଅଇଁଠାପାଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ସମ୍ବଲପୁରରେ ପାର୍ବଣ ପାଇଁ ନିଶାକାରବାର ରୋକିବା ପାଇଁ ଚାଲିଥିବା ଧରପଗଡ଼ ବେଳେ ଉକ୍ତସ୍ଥାନରେ ନିଷିଦ୍ଧ କଫ୍ ସିରିପର ଅବାଧ କାରବାର ଚାଲିଥିବା ସମ୍ପର୍କରେ ପୋଲିସକୁ ଖବର ମିଳିଥିଲା। ଖବର ପାଇ ଅଇଁଠାପାଲିଥାନା ପୋଲିସ ସେଠାରେ ପହଞ୍ଚି ଅତର୍କିତ ଚଢ଼ାଉ କରି ନିଷିଦ୍ଧ କଫ୍ ସିରପ୍ ଜବତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ତେବେ ସେମାନେ ଏହି ନିଷିଦ୍ଧ କଫ୍ ସିରପ୍ ଓ ନିଶା ବଟିକା କେଉଁଠାରୁ ଆଣିଥିଲେ ସେ ନେଇ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି ଏସ୍‌ଡିପିଓ ବାଗ। ଏହାକୁ ନେଇ ଅଇଁଠାପାଲି ଥାନାରେ ଏକ ମାମଲା (ନଂ.୩୨୯/୨୦୨୪) ରୁଜୁ କରି ପୋଲିସ ଗିରଫ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି।



ନାକଟିଦେଉଳରେ ମା’ ଦୁର୍ଗାଙ୍କ ପୂଜା ଚାଲିଛି।

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୧୦.୨୦୨୪ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୨୮.୧୦.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ପୋଖରୀପୁଟ ଶାଖା, ପ୍ଲଟ୍ ନଂ.: ୧୦୦ଏ, ପୋଖରୀପୁଟ, ପୋ: ପଳାଶପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଶାଖା ପ୍ରବନ୍ଧକଙ୍କ ନାମ: ସୁନିଲ ସାହୁ, ମୋ.: ୮୨୬୦୧୫୦୦୯୨** | | |
| ୧. | ମିହିର କୁମାର ମହାରଣା, ସା: ପୋଖରୀପୁଟ, ଏରୋଡ୍ରମ୍ ଏରିଆ, ଭୁବନେଶ୍ୱର / ୩୧୫୦୦୬୧୦୦୦୪୪୦୧ | ଟ.୬,୮୬୩/- + ସୁଧ ଏବଂ ଦେୟ | ୩.୮ |
| ୨. | ପରମେଶ୍ୱର ପ୍ରଧାନ, ସା: ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର / ୩୧୫୦୦୬୧୦୦୦୨୮୨୭ | ଟ.୪୫,୯୬୯/- + ସୁଧ ଏବଂ ଦେୟ | ୩୨.୮୬ |
| | **ମହୁଡା ଶାଖା, ସା/ପୋ: ମହୁଡା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ନିତ୍ୟାନନ୍ଦ ମହାରଣା, ମୋ.: ୯୭୭୮୯୮୮୩୭୭** | | |
| ୧. | ଇଲୁ ସେଠୀ, ସା: ଜଗବନ୍ଧୁ ଷ୍ଟ୍ରିଟ୍, ଓଲ୍ଡ ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / ୧୧୨୩୦୬୧୦୦୪୨୦୯୦ | ଟ.୧,୯୩,୨୦୦/- + ସୁଧ ଏବଂ ଦେୟ | ୪୪.୯ |
| | **ରାଇକିଆ ଶାଖା, ସା/ପୋ: ରାଇକିଆ, ଜିଲ୍ଲା: କନ୍ଧମାଳ, ଶାଖା ପ୍ରବନ୍ଧକଙ୍କ ନାମ: ନିର୍ମଳ କୁମାର ଦିଗଲ, ମୋ.: ୯୪୩୯୩୧୩୬୦୫** | | |
| ୧. | ଅଭିଷେକ ସାହୁ, ସା: ଗଞ୍ଜୁନାଜୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୮୧୮ | ଟ.୧,୧୩,୮୩୪/- + ସୁଧ ଏବଂ ଦେୟ | ୨୯.୭୨ |
| ୨. | ଅଭିଷେକ ସାହୁ, ସା: ଗଞ୍ଜୁନାଜୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୮୦୧ | ଟ.୨,୧୮,୮୨୭/- + ସୁଧ ଏବଂ ଦେୟ | ୫୬.୮୩ |
| ୩. | ଜୟମଙ୍ଗଳ ନାଏକ, ସା: ବଡେନାଇଜୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୫୭୩ | ଟ.୪୪,୫୦୪/- + ସୁଧ ଏବଂ ଦେୟ | ୧୩.୧ |
| ୪. | ଜୟମଙ୍ଗଳ ନାଏକ, ସା: ବଡେନାଇଜୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୫୮୩ | ଟ.୭୫,୬୭୭/- + ସୁଧ ଏବଂ ଦେୟ | ୧୯.୩୨ |
| ୫. | ଜୟମଙ୍ଗଳ ନାଏକ, ସା: ବଡେନାଇଜୁ, ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୨୨୫୬୬ | ଟ.୧,୦୫,୮୦୭/- + ସୁଧ ଏବଂ ଦେୟ | ୩୧.୬୩ |
| | **ଜୟପୁର ଶାଖା, ସା/ପୋ: ଜୟପୁର, ଜିଲ୍ଲା: କୋରାପୁଟ, ଶାଖା ପ୍ରବନ୍ଧକଙ୍କ ନାମ: ସନ୍ଦୀପ କୁମାର ବିଶୋୟୀ, ମୋ.: ୮୭୭୯୪୨୦୬୧୧** | | |
| ୧. | ରଞ୍ଜନ କୁମାର ମହାନ୍ତି, ସା: ଶ୍ରୀ ରାମ କଲୋନୀ, ୩ୟ ଲେନ୍, ଜୟପୁର / ୧୮୬୮୦୬୧୦୦୨୧୧୭୦ | ଟ.୫୩,୫୨୧/- + ସୁଧ ଏବଂ ଦେୟ | ୧୫.୮ |
| | **ଗୋପାଳପୁର ଶାଖା, ସା/ପୋ: ଗୋପାଳପୁର, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଲୁସିକା ନାୟକ, ମୋ.: ୯୯୩୮୪୭୬୫୬୯** | | |
| ୧. | ବି. ନରସିଂହାଲୁ, ସା: ୪୩, ୱାର୍ଡ ନଂ.: ୧୧, ଗୁଣା ଷ୍ଟ୍ରିଟ୍, ଗୋପାଳପୁର, ଜିଲ୍ଲା: ଗଞ୍ଜାମ / ୨୧୫୦୦୬୧୦୦୪୨୮୯୨ | ଟ.୯୪,୮୦୬/- + ସୁଧ ଏବଂ ଦେୟ | ୨୮.୩ |
| ୨. | ଜି. ନରସମ୍ମା, ସା: ଗୋପାଳପୁର ଅନ୍ ସି, ଜିଲ୍ଲା: ଗଞ୍ଜାମ / ୨୧୫୦୦୬୧୦୦୩୪୨୦୦ | ଟ.୨୫,୦୦୦/- + ସୁଧ ଏବଂ ଦେୟ | ୧୭.୫ |
| ୩. | ଲକ୍ଷ୍ମଣ କୁମାର ବେହେରା, ସା: ନିଉ ନାରାୟଣପୁର, ଜିଲ୍ଲା: ଗଞ୍ଜାମ / ୨୧୫୦୦୬୧୦୦୪୩୬୯୧ | ଟ.୩୨,୮୭୨/- + ସୁଧ ଏବଂ ଦେୟ | ୯.୫ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ।
୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୧୦.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ବରଗଡ଼ରେ ସାର୍ବଜନୀନ ଦୁର୍ଗାପୂଜା


ବିଶିପଡ଼ାରେ ମାଁ ଦୁର୍ଗାଙ୍କ ମେଢ଼।


ଗୋଶାଳା ଛକରେ ମାଁ ଦୁର୍ଗାଙ୍କ ମେଢ଼।


ପ୍ରଗତି କ୍ଲବ ପକ୍ଷରୁ ଆୟୋଜିତ ପୂଜାରେ ମାଁ ଦୁର୍ଗାଙ୍କ ମେଢ଼।


ଭିଏସ୍ଏସ୍ ନଗର ଛକରେ ମାଁ ଦୁର୍ଗାଙ୍କ ମେଢ଼।


ମିଳନ ମନ୍ଦିର ପୂଜା କମିଟି ପକ୍ଷରୁ ଆୟୋଜିତ ପୂଜାରେ ମାଁ ଦୁର୍ଗାଙ୍କ ମେଢ଼।


ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଜନାର୍ଦ୍ଦନ


@ ସୋମ୍ୟ ରଞ୍ଜନ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଅଭିଯୋଗ ପ୍ରକୋଷ୍ଠର ଶୁଭାରମ୍ଭ

**ସରଣ୍ଡା,୧୧।୧୦(ଯୁଧିଷ୍ଠିର ମହାପାତ୍ର ):** ବରଗଡ଼ ଜିଲା ଅତାବିରା ବ୍ଲକ ପରିସରରେ ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ଅଭିଯୋଗ ପ୍ରକୋଷ୍ଠ ଗୁରୁବାର ଶୁଭାରମ୍ଭ କରାଯାଇଛି। ବିଧାୟକ, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ମିଲନ ସେଠ, ଭାଜପା ଜିଲାର ସାଧାରଣ ସମ୍ପାଦକ କୁଶ କୁମାର ମିଳିତ ଭାବେ ଫିତା କାଟି ପ୍ରକୋଷ୍ଠର ଉଦ୍‌ଘାଟନ କରିଥିଲେ। ଏଥିରେ ମଣ୍ଡଳସ୍ତରୀୟ, ପଞ୍ଚାୟତ କର୍ମକର୍ତ୍ତା ଯୋଗ ଦେଇଥିଲେ। ପ୍ରଥମ ଥର ପାଇଁ ବ୍ଲକ ଅଫିସ ପରିସରରେ ଏହି ପ୍ରକୋଷ୍ଠ ହୋଇଥିବା ବେଳେ ସାଧାରଣ ଲୋକେ ନିଜ ନିଜର ଆପତ୍ତି, ଅଭିଯୋଗ ଜଣାଇ ପାରିବେ ବୋଲି ବିଧାୟକ ମହାନନ୍ଦ କହିଛନ୍ତି।

## ରାମଚଣ୍ଡୀ ପୀଠରେ ମା'ଙ୍କ ପୂଜାର୍ଚ୍ଚନା

**ସୋହେଲା,୧୧।୧୦(ଅଶ୍ୱିନୀ କୁମାର ପାତ୍ର)** ବରଗଡ଼ ଜିଲା ସୋହେଲା ଲମ୍ବରୁପାଲିଠାରେ ଥିବା ରଣେଶ୍ୱର ରାମଚଣ୍ଡୀ ପୀଠରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। ଏଥିରେ କର୍ତ୍ତାଭାବେ ଆନନ୍ଦ ପଧାନ ଓ ତାଙ୍କ ସ୍ତ୍ରୀ ଯାଜ୍ଞସେନୀ ପଧାନ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଶନିବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ପୂଜକଭାବେ ତରଣୀସେନ ମିଶ୍ର, ସନ୍ତୋଷ ଦେବତା ଓ ପ୍ରଶାନ୍ତ ପାଣିଗ୍ରାହୀ ଦାୟିତ୍ୱ ସମ୍ପାଦନ କରୁଥିବାବେଳେ ଡୋଲାମଣି ଥନାପତି ସହଯୋଗ କରୁଛନ୍ତି। ଗୁରୁବାର ମହିଳାମାନେ ଏକ ଶୋଭାଯାତ୍ରାରେ ଯାଇ ବଢ଼କଟାରୁ ପୂର୍ଣ୍ଣକଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କଲା ପରେ ପୂଜା ଆରମ୍ଭ ହୋଇଥିଲା। ଯୁଗଳ କିଶୋର ପଧାନ, ଚତୁର୍ଭୁଜ ପଧାନ, କୃଷ୍ଣ ଚନ୍ଦ୍ର ସାହୁ, ତୀର୍ଥବାସୀ ପାତ୍ର, ଚନ୍ଦ୍ରଶେଖର ପଧାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହେଉଛି। ଏହି ପୂଜାରେ ଆଖପାଖ ଅଞ୍ଚଳରୁ ବହୁସଂଖ୍ୟାରେ କୁଲତା ସମାଜର ଲୋକେ ଯୋଗଦେଇଛନ୍ତି।

# ତିହାର ଲୋକ ମହୋତ୍ସବ ଉଦ୍‌ଘାଟିତ

**ସରଣ୍ଡା,୧୧।୧୦(ଯୁଧିଷ୍ଠିର ମହାପାତ୍ର)**


ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ବରଗଡ଼ ଜିଲା ଅତାବିରା ତିହାର ଲୋକ ମହୋତ୍ସବ ସମିତି ପକ୍ଷରୁ ଆୟୋଜିତ ହେଉଥିବା ଲୋକ ମହୋତ୍ସବ ତିହାରର ୧୪ତମ ସଂସ୍କରଣ ଗୁରୁବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। ମୀନାର ବନ୍ଧ ପଡ଼ାରେ ଥିବା ଲୋକମଞ୍ଚ ପଡ଼ିଆରେ ଅନୁଷ୍ଠିତ ଏହି ମହୋତ୍ସବକୁ ଏମପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତିହାର ଲୋକ ମହୋତ୍ସବ ସମିତିର ସଭାପତି ତଥା ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱ ଓ ସଂଯୋଜକ ରବି ନାରାୟଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଲୋକ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତାବିରା ଦୁର୍ଗାପୂଜା କମିଟିର ସଭାପତି ସୁରେନ୍ଦ୍ର ସ୍ୱାଇଁ, ସମ୍ପାଦକ ବି. ବି. ଚୌଧୁରୀ, ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରଞ୍ଜନ ସାହୁ, ସାହିତ୍ୟିକ, କବି ତଥା ଲେଖକ ରୋହିତ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ଲୋକ କଳା, ଲୋକ ସଙ୍ଗୀତ, ଲୋକ ବାଦ୍ୟ, ଲୋକ ସଂସ୍କୃତି କ୍ଷେତ୍ରରେ ଅବଦାନ ପାଇଁ ସମ୍ବଲପୁରର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରଞ୍ଜନ ସାହୁଙ୍କୁ ସ୍ୱର୍ଗତ ମିତ୍ରଭାନୁ ବିଶ୍ୱାଳ ସ୍ମୃତି ସମ୍ମାନ ଏବଂ ସାହିତ୍ୟ କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ବରଗଡର ସାହିତ୍ୟିକ, କବି, ଲେଖକ ରୋହିତ କୁମାର ଦାଶଙ୍କୁ ସ୍ୱର୍ଗତ ନାରାୟଣ ପୃଷେଠ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତାବିରା 'ତିହାର' ଲୋକମହୋତ୍ସବ ଉଦଘାଟନୀ ଉତ୍ସବର ପ୍ରଥମ ରଜନୀରେ ସମ୍ବଲପୁର ଉକିଆ ସାଂସ୍କୃତିକ ଅନୁଷ୍ଠାନ, ଶତ୍ରୁଘ୍ନ ଷୋହଳ ଭର୍ଣି ସାଂସ୍କୃତିକ ଅନୁଷ୍ଠାନ, ବୋଧନ ସାଂସ୍କୃତିକ ଅନୁଷ୍ଠାନ, ପଞ୍ଚ ବାଦ୍ୟ ସାଂସ୍କୃତିକ ଅନୁଷ୍ଠାନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଗିରଫ ଭୟରେ ଫେରାର ନକଲି ଡାକ୍ତର

**ମୁରିବାହାଲ,୧୧।୧୦( ଶ୍ରୀବସ୍ତ ବେହେରା)**

ବଲାଙ୍ଗୀର ଜିଲାର ମୁରିବାହାଲ ଅଞ୍ଚଳରେ ରହୁଥିବା ଜଣେ ନକଲି ଡାକ୍ତର ଗୁରୁବାର ଠାରୁ ଫେରାର ଥିବା ସୂଚନା ମିଳିଛି। ନିକଟରେ ଜିଲାର ଦୁଇଟି ସ୍ଥାନରେ ଚଢାଉ କରାଯାଇ ଦୁଇଜଣ ନକଲି ଡାକ୍ତରଙ୍କୁ ଗିରଫ କରାଯିବା ପରେ ଭୟରେ ସମ୍ପୃକ୍ତ ଡାକ୍ତର ଫେରାର ହୋଇଯାଇଥିବା କୁହାଯାଉଛି। ପ୍ରକାଶ ଯେ, ମୁରିବାହାଲ ବ୍ଲକର ହାଟପଦାରେ ସମ୍ପୃକ୍ତ ଡାକ୍ତର ଜଣକ ଏକ ଔଷଧ ଦୋକାନ ଖୋଲିବା ସହ ଏହାର ପଛପଟେ ବେଆଇନ ଭାବେ କ୍ଲିନିକ ଖୋଲି ରୋଗୀଙ୍କୁ ଚିକିତ୍ସା କରୁଥିଲେ। ସେ ପଶ୍ଚିମବଙ୍ଗରୁ ଆସି ପ୍ରାୟ ୨୦ ବର୍ଷ ହେଲା ରୋଗୀଙ୍କ ସେବା କରୁଥିଲେ। ତେବେ ତାଙ୍କ ପାଖରେ ଡାକ୍ତରୀ ଶିକ୍ଷା ନେଇ କୌଣସି ଡିଗ୍ରୀ ନ ଥିବା ଏବେ ଆଲୋଚନା ଜୋର ଧରିଛି। ଏହାସତ୍ତ୍ୱେ ସେ କେମିତି ରୋଗୀଙ୍କ ଚିକିତ୍ସା କରୁଥିଲେ ଓ ଏ ନେଇ ପ୍ରଶାସନ, ଜିଲା ଚିକିତ୍ସା ଅଧିକାରୀ, ପୋଲିସ କିଛି ଜାଣି ପାରୁ ନ ଥିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏଭଳି ଡାକ୍ତରଙ୍କୁ କ୍ଲିନିକ ଖୋଲିବା ପାଇଁ କିପରି ଘର ଭଡା ଦେଲେ ସେ ନେଇ ଘର ମାଲିକଙ୍କୁ ପଚାରିବାରେ ସେ କିଛି ଜାଣି ନ ଥିବା କହିଥିଲେ। ସୂଚନାଯୋଗ୍ୟ ଯେ, ନିକଟରେ ପଶ୍ଚିମବଙ୍ଗରୁ ଆସି ସିନ୍ଧେକେଲା ଠାରେ ବେଆଇନ ଭାବେ ରୋଗୀଙ୍କ ଚିକିତ୍ସା କରି ସେମାନଙ୍କ ଜୀବନ ସହ ଖେଳ ଖେଳୁଥିବା ଜଣେ ନକଲି ଡାକ୍ତରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ଟିକ୍ରାପଡା ଗାଁରୁ ଅନ୍ୟ ଜଣେ ନକଲି ବାଙ୍ଗୀୟ ଡାକ୍ତରଙ୍କୁ ଗିରଫ କରାଯାଇଛି। ସେ ଟିକ୍ରାପଡା ଗାଁରେ ବେଆଇନ ଭାବେ କ୍ଲିନିକ ଖୋଲି ରୋଗୀ ଦେଖୁଥିଲେ।

# ଷୋହଳ କୁଠି, ଭାଇଜିଉଁତିଆ ପୂଜା

**ପାଇକମାଲ,୧୧।୧୦( ବଡ ଶତପଥୀ)**



ବରଗଡ଼ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଡୁମେରବାହାଲ ଗାଁ ଗୌରପଡ଼ାରେ ଷୋହଳ କୁଠୀ ଓ ଡାଲଖାଇ ସହ ଭାଇଜିଉଁତିଆ ଉତ୍ସବ ୩ଦିନ ଧରି ପାଳିତ ହୋଇଯାଇଛି। ଗ୍ରାମର ଗୋମତି ହଂସ, ଗିରିଜା ବାଗ, ନୁଆଦେଈ ସେଠ, ଜାମା ବାଗ, ଯମୁନା ବରିହା, ଧୁବନି ବରିହା, ପ୍ରମିଳା ବାଗ, ବୀଣା ବାଗ, ପାରିଜାତ ବାଗ, ରୀନା ଗୌଡା, ଲକ୍ଷପତି ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ ଜଣ କୁଆଁରୀ କନ୍ୟା ୩ଦିନ ଧରି ନିର୍ଜଳା ଉପବାସ ରହି ଷୋହଳ କୋଠିରେ ଷୋହଳ ଦେବଦେବୀ ଓ ଗ୍ରାମ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଲୁପ୍ତ ପ୍ରାୟ ହେଉଥିବା ଏହି ଦଶହରା ପୂଜାର ଧୁନକେଳ ଓ ପଞ୍ଚବାଦ୍ୟରେ ପୂଜାସ୍ଥଳୀ ପ୍ରକମ୍ପିତ ହୋଇ ଉଠିଥିଲା। ଢୋଲ ମୁହୁରି ତାଳେ ତାଳେ ଝିଅମାନେ ଡାଲଖାଇ ନୃତ୍ୟ ପରିବେଷଣ କରି ଗାଁ ପରିକ୍ରମା କରିଥିଲେ। ବେଦବ୍ୟାସ ହଂସ, ଭବାନୀ କରୁଆଳ, ପିଣ୍ଟୁ ବାଗ, କୁମର ହଂସ, ଚତୁର୍ଭୁଜ ନେତାମ, କେଶବ ବାଗ, ଦିଲୀପ ବାଗ, ସୁଦାମ କନ୍ଧେର, ଘନଶ୍ୟାମ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଗାଇସିଲେଟରେ ଦୁର୍ଗାପୂଜା

**ଗାଇସିଲେଟ,୧୧।୧୦( ଦୁର୍ଗା ପ୍ରସାଦ ତ୍ରିବେଦୀ)**

ଗାଇସିଲେଟରେ ଶୁକ୍ରବାର ମା'ଙ୍କ ଅଷ୍ଟମୀ ପୂଜା ଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଣ୍ଡପରେ ମା'ଙ୍କ ଦର୍ଶନ କରିଥିଲେ। ତାଙ୍କ ସହ ପୂର୍ବତନ ବିଧାୟିକା ରିତା ସାହୁ, ଚେୟାରମ୍ୟାନ ପ୍ରଣୟ କୁମାର ସାହୁ, ସରପଞ୍ଚ ଶରତ କାଲୋ ଉପସ୍ଥିତ ରହି ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଲୋକ ମହୋତ୍ସବ ପାର୍ବଣ ମଞ୍ଚରେ ଲଉଡି ନୃତ୍ୟ

**ସୋହେଲା,୧୧।୧୦(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଲୋକ ମହୋତ୍ସବ ପାର୍ବଣ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁବାର ଢେଙ୍କାନାଳ ଲଉଡି ନୃତ୍ୟ, ମହୁଲପାଲି ନଟରାଜ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଘୁଡ଼କା ନାଚ ଏବଂ କଟକ ମଠଖେଁକ୍ସା ସତ୍ୟନାରାୟଣ ପାଲା ପରିଷଦ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପଡୋଶୀ ଛତିଶଗଡ ରାଜ୍ୟ ସୀମାନ୍ତ ମହାସମୁନ୍ଦ ଲୋକ ସଭା ଏମ୍‌ପି ରୂପକୁମାରୀ ଚୌଧୁରୀ ମୁଖ୍ୟ ଅତିଥି, ବରଗଡ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟିର ସଭାପତି ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, କାର୍ଯ୍ୟକାରୀ ସଭାପତି ତଥା ସ୍ଥାନୀୟ ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂଜା କମିଟି ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା ଉପସ୍ଥିତ ଥିଲେ।

# ପାଇକମାଳରେ ଶୀଘ୍ର ସ୍ଥାୟୀ ଡାକ୍ତର ନିଯୁକ୍ତି

**ପାଇକମାଲ, ୧୧।୧୦(ବଡ଼ ଶତପଥୀ)**

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲା ନାଗରିକ କମିଟି

ବରଗଡ ଜିଲା ପାଇକମାଲ ନାଗରିକ କମିଟିର ସଦସ୍ୟମାନେ ଶୁକ୍ରବାର ପଦ୍ମପୁରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଦ୍ମପୁର ଉପଖଣ୍ଡ ପାଇକମାଲ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ପ୍ରତ୍ୟେକ ଦିନ ଶହ ଶହ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ବେଳେ ଏଠାରେ ଜଣେ ହେଲେ ନିୟମିତ ଡାକ୍ତର ରହୁନାହାନ୍ତି। ଦୁଇଜଣ ଡାକ୍ତର ଡେପୁଟେଶନରେ ଥିଲେ ମଧ୍ୟ ଅଧିକାଂଶ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ମିଳୁନାହିଁ। ଡାକ୍ତରଖାନାଟି ସମ୍ପୂର୍ଣ୍ଣ ଭାବେ ଜଣେ ଫାର୍ମାସିଷ୍ଟଙ୍କ ତତ୍ତ୍ୱାବଧାନରେ ଚାଲୁଛି। ଆବଶ୍ୟକ ଡାକ୍ତର ଓ କର୍ମଚାରୀ ଅଭାବ ଯୋଗୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପାଇବାରୁ ଅଞ୍ଚଳବାସୀ ବଞ୍ଚିତ ହେଉଛନ୍ତି। ଏଣୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ତୁରନ୍ତ ଜଣେ ନିୟମିତ ଡାକ୍ତର ନିଯୁକ୍ତି ଦାବିରେ ପାଇକମାଲ ନାଗରିକ କମିଟି ସଦସ୍ୟମାନେ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗଙ୍କୁ ତାଙ୍କ ପଦ୍ମପୁର ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ। ତେବେ ଜଣେ ନିୟମିତ ଡାକ୍ତର ନିଯୁକ୍ତି ସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ସିଏଚ୍‌ସିରେ ପରିଣତ କରିବା ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ ପ୍ରତିଶ୍ରୁତି ଦେଇଥିବା ନାଗରିକ କମିଟି ସଭାପତି ମନୋଜ ତ୍ରିବେଦୀ, ସାଧାରଣ ସମ୍ପାଦକ ନୀଳମଣି ପଣ୍ଡା, ସରୋଜ ସାମଲ, ଗୋବର୍ଦ୍ଧନ ଅଗ୍ରୱାଲ, ସୁଶାନ୍ତ ନାଗ ପ୍ରମୁଖ ସୂଚନା ଦେଇଛନ୍ତି।


ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଜିଲାସ୍ତରୀୟ ଫୁଟ୍‌ବଲ: ସୋହେଲା ଚାମ୍ପିୟନ

**ସୋହେଲା,୧୧।୧୦(ଅଶ୍ୱିନୀ କୁମାର ପାତ୍ର)**


ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚାଲିଥିବା ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତାର ଶୁକ୍ରବାର ଫାଇନାଲ ମ୍ୟାଚ୍ ସୋହେଲା ଏବଂ ଅଇଁଠାପାଲି ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଆୟୋଜକ ସୋହେଲା ଅଇଁଠାପାଲି ଦଳକୁ ପେନାଲ୍‌ଟି ସୁଟ ଆଉଟରେ ୭-୬ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଆଜିର ଏହି ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳରେ ସୋହେଲା ଦଳର ତୁଷାର ସେଠ ଗୋଟିଏ ଗୋଲ କରି ଦଳକୁ ୧-୦ ଗୋଲରେ ଅଗ୍ରଣୀ କରିଥିଲେ। ପରେ ଗୋଲ ପରିଶୋଧ କରିବାକୁ ଅଇଁଠାପାଲି ଦଳର ଖେଳାଳି ଘନ ଘନ ଆକ୍ରମଣ କରିଥିଲେ ଏବଂ ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ଅଇଁଠାପାଲି ଦଳର ସୁନିଲ ଭୋଇ ଗୋଟିଏ ଗୋଲ ଦେଇ ମ୍ୟାଚ୍‌କୁ ୧-୧ରେ ବରାବର କରିଥିଲେ। ପରେ ଅନୁଷ୍ଠିତ ପେନାଲ୍‌ଟି ସୁଟ୍ ଆଉଟରେ ସୋହେଲା ୭-୬ ଗୋଲରେ ବିଜୟୀ ହୋଇଥିଲା। ପ୍ରାରମ୍ଭରେ ରାବଣ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ଆଜିର ମ୍ୟାଚ୍‌କୁ ରେଫରୀ ଦୀପେଶ ପଧାନ ପରିଚାଳନା କରିଥିବା ବେଳେ ରେଫରୀ ଅନିଲ ବାଗ ଓ ସଞ୍ଜୀବ ଭୋଇ ଲାଇନରେ ସହାୟତା କରିଥିଲେ। ରଞ୍ଜୁ ଛତରିଆ ଚତୁର୍ଥ ରେଫରୀ ଦାୟିତ୍ୱରେ ରହିଥିଲେ। ପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାବଣ ମହାରାଜ ଏବଂ ପୂଜା କମିଟି କାର୍ଯ୍ୟକାରୀ ସଭାପତି ତଥା ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ବିଜେତା ଦଳକୁ ନଗଦ ୧୫ ହଜାର ଟଙ୍କା ସହ ଟ୍ରଫି ଏବଂ ଉପ ବିଜେତା ଅଇଁଠାପାଲି ଦଳକୁ ନଗଦ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଅଶ୍ୱିନୀ କୁମାର ପାତ୍ର ସଂଯୋଜନା କରିଥିଲେ। ସେହିପରି ଗୁରୁବାର ଚେତନା ମଣ୍ଡପରେ ଅନୁଷ୍ଠିତ ମହିଳାମାନଙ୍କ ହୁଳହୁଳି ପ୍ରତିଯୋଗିତାରେ ମୋଟ ୧୫ଜଣ ଅଂଶଗ୍ରହଣ କରିଥିଲେ। ଚକରକେନ୍ଦର ଗୀତାଞ୍ଜଳି ପଧାନ ପ୍ରଥମ, ଗ୍ରୀଞ୍ଜାଲର ଝୁମୀ ପ୍ରଧାନ ଦ୍ୱିତୀୟ ଏବଂ ସାଲେପାଲି ଗ୍ରାମର ମମତା ବେହେରା ତୃତୀୟ ସ୍ଥାନ ଅଧିକାର କରି ବିଜୟୀ ହୋଇଥିଲେ। ପ୍ରତିଯୋଗିତାକୁ ହାଜି ଇକବାଲ ଖେରାନୀ ପରିଚାଳନା କରିଥିବା ବେଳେ ପୂଜକ ଟିକେଶ୍ୱର ମହାପାତ୍ର, ସଦାନନ୍ଦ ଷଡ଼ଙ୍ଗୀ ଓ ରବି ନାରାୟଣ ଦେବତା ବିଚାରକ ଦାୟିତ୍ୱରେ ରହିଥିଲେ। ଶୁକ୍ରବାର ସକାଳେ ପୁରୁଷମାନଙ୍କ ସାଇକେଲ ରେସ ପ୍ରତିଯୋଗିତାରେ ବିଭିନ୍ନ ସ୍ଥାନରୁ ଆସିଥିବା ସାଇକେଲ ଚାଳକମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଭୋଜପୁରୀ ଗ୍ରାମର ସୁନିଲ ଭୋଇ ପ୍ରଥମ, ଲିପୁନ ବେହେରା ଖଲିଆପାଲି ଦ୍ୱିତୀୟ ଏବଂ ଭୋଜପୁରୀ ଗ୍ରାମର ଯୁଧିଷ୍ଠିର ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ।




# ଭଞ୍ଜନଗର ଘୁମୁସର ଉତ୍ତର ଓ ଦକ୍ଷିଣ ବନଖଣ୍ଡରେ ବାଘ

ଭଞ୍ଜନଗର,୧୧।୧୦
(ବାବୁଲା ପ୍ରଧାନ)

■ ବାଘ ଧରିବାକୁ ସ୍ୱତନ୍ତ୍ର ଟିମ୍ ନିୟୋଜିତ
■ ଭୟରେ ଗାଈ ଗୋଠ ୫ କି.ମି. ଦୂରକୁ ସ୍ଥାନାନ୍ତର କଲେ ଲୋକେ

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ଏବଂ ଦକ୍ଷିଣ ବନଖଣ୍ଡରେ ଆଜକୁ ୫ ମାସରୁ ଊର୍ଦ୍ଧ୍ୱ ହେବ ଏକ ବାଘ ଘୂରିବୁଲୁଛି। ବାଘକୁ ଠାବ କରି ତାକୁ ଧରିବା ପାଇଁ ବନ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଶିମିଳିପାଳରୁ ଏକ ସ୍ୱତନ୍ତ୍ର ଟିମ୍ ଆସି ଦୁଇଦିନ ହେବ ଏହି ବନଖଣ୍ଡରେ ଡେରା ପକାଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଗ୍ରାମକୁ ବାରମ୍ବାର ବାଘ ଆସୁଥିବାରୁ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ଗ୍ରାମରେ ଥିବା ଦୁଇଟି ଗାଈ ଗୋଠ ଗ୍ରାମଠାରୁ ୫ କି.ମି. ଦୂରକୁ ବନ ବିଭାଗ ପରାମର୍ଶରେ ଗାଈ ଜଗୁଆଳ ନେଇ ଯାଇଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ହାତୀ ପାଇଁ ବନ ବିଭାଗ କର୍ମଚାରୀଙ୍କ ନିଦ ହଜି ଯାଇଥିଲା। ଏବେ ବାଘ ପାଇଁ ସେମାନଙ୍କ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। କର୍ମଚାରୀମାନେ ସନ୍ଧ୍ୟା ହେଲେ ଜଙ୍ଗଲରେ ବୁଲୁଛନ୍ତି। ଏଥିସହ କେଉଁଠି ହୁକିଂ ହୋଇଥିବ ସେନେଇ ଟିକିନିଖି ଭାବେ ଯାଞ୍ଚ କରୁଛନ୍ତି। ଏନେଇ ବନ ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କିଛି କହିବାକୁ ମନା କରିଦେଇଛନ୍ତି।


ଜଣେ ଗାଈ ଚରାଳି ଗାଈ ଗୋଠକୁ ଅନ୍ୟତ୍ର ନେଉଛନ୍ତି।

# ହାତୀ ଆକ୍ରମଣରେ ମହିଳା ମୃତ

ଖୁଣ୍ଟୁଣୀ,୧୧।୧୦(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଗୋବରା ପଞ୍ଚାୟତର ଖିରିଖିଆ ଆଦିବାସୀ ଗ୍ରାମ ନିକଟ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ବେଲ ତିରିଆ। ବନ ବିଭାଗ ସୂତ୍ରରୁ ପ୍ରକାଶ, ସବୁଦିନ ଭଳି ଗୁରୁବାର ବେଲ ଛେଳି ଚରାଇବାକୁ ଘର ନିକଟ ସଂରକ୍ଷିତ ଜଙ୍ଗଲକୁ ଯାଇଥିଲେ। ସନ୍ଧ୍ୟାରେ ସେ ଛେଳି ନେଇ ଘରକୁ ଫେରୁଥିବାବେଳେ ହଠାତ ହାତୀ ତାଙ୍କୁ ଆକ୍ରମଣ କରିବା ସହ ଦଳିଚକଟି ମାରି ଦେଇଥିଲା। ବେଲ ଘରକୁ ନ ଫେରିବାରୁ ପରିବାର ସଦସ୍ୟ ଓ ଗ୍ରାମବାସୀ ଖୋଜିବାକୁ ରାତିରେ ଜଙ୍ଗଲ ଭିତରକୁ ଯାଇଥିଲେ। ବହୁ ସମୟ ଖୋଜାଖୋଜି କରିବା ପରେ ଜଙ୍ଗଲରେ ବେଲଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଖବରପାଇ ଶୁକ୍ରବାର ସକାଳେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ, ବନପାଳ ପ୍ରଭାତ କୁମାର ପ୍ରଧାନ, ପ୍ରମୋଦ କୁମାର ନାୟକ ଗୁରୁଡିଝାଟିଆ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଥିବା ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି।

# ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ କେନ୍ଦୁଝର ଗସ୍ତ

କେନ୍ଦୁଝର,୧୧।୧୦
(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

## ନବମୀ, ଦଶମୀରେ ବିଭିନ୍ନ ପୂଜାମଣ୍ଡପ ବୁଲିବେ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାରଠାରୁ ୩ ଦିନିଆ କେନ୍ଦୁଝର ଗସ୍ତରେ ଆସିବେ। ଗସ୍ତ ଅବସରରେ ସେ ନବମୀ ଓ ଦଶମୀରେ ବିଭିନ୍ନ ପୂଜାମଣ୍ଡପ ବୁଲିବା କାର୍ଯ୍ୟକ୍ରମ ରହିଛି। ଏଥିସହ ଦଶହରା ଅବସରରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ଅକ୍ଟୋବର ୧୨ ଶନିବାର ଅପରାହ୍ନ ୩ଟା୫୦ରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଚାଟାର ପ୍ଲେନ୍ ଯୋଗେ କେନ୍ଦୁଝର ଅଭିମୁଖେ ବାହାରିବେ। ଅପରାହ୍ନ ୪ଟା୩୫ରେ କେନ୍ଦୁଝର ରାଇସୁଆଁ ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ କେନ୍ଦୁଝର ସର୍କିଟ ହାଉସ୍‌ରେ ପହଞ୍ଚିବେ। ସନ୍ଧ୍ୟା ୬ଟାରେ ବାଁପାରସ୍ଥିତ ସାଇ ମନ୍ଦିର ଯିବେ। ପରେ ନିଉ କଲୋନିସ୍ଥିତ ଦୁର୍ଗାମଣ୍ଡପରେ ଅନୁଷ୍ଠିତ ଦୁର୍ଗାପୂଜା, ଟେଲିଫୋନ ଏକ୍ସଚେଞ୍ଜ ଛକ ଦୁର୍ଗାପୂଜା ମଣ୍ଡପ, ଗୁଜରାଟୀ ସମାଜ ପକ୍ଷରୁ ନବରାତ୍ରି ଉତ୍ସବ-୨୦୨୪ରେ ସାମିଲ ହେବେ। ସେଠାରୁ ଫେରି ସର୍କିଟ ହାଉସ୍‌ରେ ରାତ୍ରିଯାପନ କରିବେ। ୧୩ ତାରିଖ ରବିବାର ରାଇକଳାସ୍ଥିତ ନିଜ ଘରକୁ ଯିବେ। ସେଠାରୁ ମଧ୍ୟାହ୍ନରେ ଝୁମ୍ପୁରା ଦୁର୍ଗାପୂଜା ମଣ୍ଡପ, ଅପରାହ୍ନରେ ସୁନାରିପଶି ଦୁର୍ଗାପୂଜା ମଣ୍ଡପ, ଉଖୁଣ୍ଡା ଦୁର୍ଗାପୂଜା ମଣ୍ଡପ ବୁଲି ମା’ଙ୍କ ଦର୍ଶନ କରିବେ। କେନ୍ଦୁଝର ସର୍କିଟ୍ ହାଉସ୍‌ରେ ରାତ୍ରି ରହଣି କରି ସୋମବାର ଚାଟାର ପ୍ଲେନ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ। ସୂଚନା ଥାଉକି, ନବମୀ, ଦଶମୀରେ ଦୁର୍ଗାପୂଜା ମଣ୍ଡପ ବୁଲିବା ପାଇଁ କେନ୍ଦୁଝରର ବିଭିନ୍ନ ପୂଜା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ନିମନ୍ତ୍ରଣ ରକ୍ଷାକରି ମୁଖ୍ୟମନ୍ତ୍ରୀ ବିଭିନ୍ନ ପୂଜା ମଣ୍ଡପ ବୁଲି ମା’ଙ୍କ ଆଶିଷ ନେବା ସହ ଲୋକଙ୍କ ସହ ମିଶିବେ।

# ବିଳମ୍ବରେ ଫିଟିଲା ଶ୍ରୀମନ୍ଦିର ଦ୍ୱାର, ଅଚେତ ହେଲେ ଭକ୍ତ

ପୁରୀ,୧୧।୧୦(ଅଜିତ୍ କୁମାର ମହାନ୍ତି)

ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା’ ବିମଳାଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ତେବେ ଶ୍ରୀମନ୍ଦିର ଦ୍ୱାରଫିଟାରେ ବିଳମ୍ବ ଯୋଗୁ ୧୦ରୁ ଊର୍ଦ୍ଧ୍ୱ ଭକ୍ତ ଅଣନିଃଶ୍ୱାସୀ ହୋଇ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣା ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗୁରୁବାର ଶ୍ରୀମନ୍ଦିରରେ ମା’ ବିମଳାଙ୍କ ମହାଷ୍ଟମୀ ନୀତି ରହିଥିଲା। ତେଣୁ ମହାପ୍ରଭୁଙ୍କ ରାତ୍ର ପହୁଡ଼ ରାତି ୧୨ଟାରେ ଅନୁଷ୍ଠିତ ହୋଇଥିଲା। ପହୁଡ଼ ନୀତି ସମ୍ପନ୍ନ ହେବା ପରେ ମା’ ବିମଳାଙ୍କ ମହାଷ୍ଟମୀର ଗୁପ୍ତ ନୀତି ଆରମ୍ଭ ହୋଇଥିଲା। ରାତି ୧ଟା ୫୦ରେ ମଇଲମ ନୀତି ପରେ ଅନ୍ୟାନ୍ୟ ନୀତି ସହ ଦେବୀଙ୍କ ମାଜଣା ବେଶ କରାଯାଇଥିଲା। ଶୁକ୍ରବାର ସକାଳ ୬ଟା ୫ରେ ଶଙ୍ଖୁଡ଼ି ଭୋଗ ଏବଂ ଅନ୍ୟାନ୍ୟ ନୀତି ସରିବା ପରେ ୭ଟା ୩୦ରେ ମା’ ବିମଳାଙ୍କ ରାତ୍ର ପହୁଡ଼ ସମ୍ପନ୍ନ ହୋଇଥିଲା। ଫଳରେ ନିର୍ଦ୍ଧାରିତ ସମୟର ବହୁ ବିଳମ୍ବରେ ଅର୍ଥାତ ଶୁକ୍ରବାର ସକାଳ ୮ଟା ୫୫ରେ ଶ୍ରୀମନ୍ଦିର ଦ୍ୱାର ଫିଟିଥିଲା। ପରେ ଦାରୁଦିଅଁଙ୍କ ନୀତି ଆରମ୍ଭ ହୋଇଥିଲା। ତେବେ ଶ୍ରୀବିଗ୍ରହମାନଙ୍କ ଦର୍ଶନ ନିମନ୍ତେ ସହସ୍ରାଧିକ ଭକ୍ତ ଭୋରୁ ଧାଡ଼ିରେ ଅପେକ୍ଷା କରି ରହିଥିଲେ। ଦୀର୍ଘ ସମୟ ଧରି ଖରାରେ ଧାଡ଼ିରେ ଛିଡ଼ା ହୋଇ ରହିବାରୁ ଅନେକ ଭକ୍ତ ଭିଡ଼ ସାଙ୍ଗକୁ ଗରମ ଓ ଗୁଳୁଗୁଳିରେ ଅଣନିଃଶ୍ୱାସୀ ହୋଇ ଅଚେତ ହୋଇପଡ଼ିଥିଲେ। ଏହାକୁ ନେଇ ସେଠାରେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଅଚେତ ହୋଇପଡ଼ିଥିବା ୧୦ରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅନ୍ୟପକ୍ଷରେ କିଛିଦିନ ହେଲା ପ୍ରବଳ ଗରମ ଓ ଗୁଳୁଗୁଳି ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ସୁବିଧା ନିମନ୍ତେ ସେପରି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ଉକ୍ତ ଘଟଣା ପାଇଁ ଭକ୍ତମାନେ ପ୍ରଶାସନର ଅବ୍ୟବସ୍ଥାକୁ ଦାୟୀ କରିଛନ୍ତି। ପ୍ରଶାସନ ପକ୍ଷରୁ ଏସି ଶେଡ୍‌କୁ ଭାଙ୍ଗିଦିଆଯାଇଥିଲେ ମଧ୍ୟ ବିକଳ୍ପ ବ୍ୟବସ୍ଥା ହୋଇପାରିନାହିଁ। ଶେଡ୍ ନିର୍ମାଣ ଅସମ୍ପୂର୍ଣ୍ଣ ରହିଥିବାବେଳେ ପାଣି ବ୍ୟବସ୍ଥା ନାହିଁ। ଫଳରେ ଭକ୍ତମାନେ ସମସ୍ୟା ଭୋଗୁଛନ୍ତି। ଆଗକୁ କାର୍ତ୍ତିକ ମାସ ଆସୁଛି। ପ୍ରଶାସନ ଏବେଠାରୁ ପଦକ୍ଷେପ ନ ନେଲେ ହବିଷିଆଳି ଏବଂ ଅନ୍ୟ ଭକ୍ତମାନେ ହଇରାଣ ହେବେ। ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହେଉଛି। ମା’ ବିମଳାଙ୍କ ଗୁପ୍ତନୀତି ଯୋଗୁ ବିଳମ୍ବରେ ଦ୍ୱାରଫିଟା ହୋଇଥିଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସମସ୍ତ ସେବାୟତଙ୍କ ସହାୟତାରେ ନୀତି ଶୃଙ୍ଖଳିତ କରାଯିବା ସହ ଭକ୍ତଙ୍କ ପାଇଁ ସୁବିଧା ଓ ସହଜ ଦର୍ଶନ ବ୍ୟବସ୍ଥା ଲାଗି ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଅନ୍‌ଲାଇନ ବ୍ୟବସାୟ ୬.୫ ବିଲିୟନ ଡଲାର

## ପାର୍ବଣରେ ଶପିଂ

ଭୁବନେଶ୍ୱର,୧୧।୧୦(ଅନୁରାଧା ମହାରଣା)

ପାର୍ବଣ ସମୟ ଚାଲିଥିବାବେଳେ ଲୋକେ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ କିଣାକିଣି କରୁଛନ୍ତି। ଗତ ସପ୍ତାହକ ମଧ୍ୟରେ ଅନ୍‌ଲାଇନ ମାର୍କେଟ୍ ପ୍ଲେସ୍ ୬.୫ ବିଲିୟନ ଡଲାରର ବ୍ୟବସାୟ ରେକର୍ଡ କରିଛି। ଗତ ବର୍ଷ ତୁଳନାରେ ଚଳିତବର୍ଷ ୨୬ ପ୍ରତିଶତ ବୃଦ୍ଧି ଘଟିଛି। ରିପୋର୍ଟ ଅନୁଯାୟୀ, ସମଗ୍ର ବ୍ୟବସାୟର ଏକ ଚତୁର୍ଥାଂଶ ଗ୍ରାହକ କେବଳ ମୋବାଇଲ ଫୋନ, ଇଲେକ୍ଟ୍ରୋନିକ୍ସ, ଘରୋଇ ସାମଗ୍ରୀ ଓ ସାଧାରଣ ସାମଗ୍ରୀ ଆଦି କ୍ରୟ କରିଛନ୍ତି। ଇ-କମର୍ସ କନ୍‌ସଲଟାନ୍ସି ଡାଟମ୍ ଇଣ୍ଟେଲିଜେନ୍ସ ଅନୁଯାୟୀ, ସେପ୍ଟେମ୍ବର ୨୬ରୁ ଆରମ୍ଭ ହୋଇଥିବା ସେଲ୍‌ରେ ସପ୍ତାହକର ବ୍ୟବସାୟ ମୋଟ ଇ-ବାଣିଜ୍ୟ ବିକ୍ରିର ପ୍ରାୟ ୫୫% ରହିଛି। ରିପୋର୍ଟରେ ଦର୍ଶାଯାଇଛି, ପାର୍ବଣ ସମୟରେ ଅନ୍‌ଲାଇନ ଖୁଚୁରା ବ୍ୟବସାୟୀ ଏବଂ ବ୍ରାଣ୍ଡଗୁଡିକ ୧୨ ବିଲିୟନ ଡଲାରର ମୋଟ ବାଣିଜ୍ୟ ମୂଲ୍ୟ (ଜିଏମ୍‌ଭି) ହାସଲ କରିବେ ବୋଲି ଆକଳନ କରାଯାଉଛି।

# ବସ୍ ଚଢ଼ିଯିବାରୁ ମହିଳା କନଷ୍ଟେବଲ ମୃତ

ତିର୍ତ୍ତୋଲ, ୧୧।୧୦
(ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ସରଣୀ ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ ଚାପି ଦେବାରୁ ଜଣେ ମହିଳା କନଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତିର୍ତ୍ତୋଲ ଥାନାରେ କାର୍ଯ୍ୟରତ କନଷ୍ଟେବଲ ସୁରୁଜା ମୁଣ୍ଡା। ତାଙ୍କ ଘର ଯାଜପୁର ଜିଲା କଳିଙ୍ଗନଗରରେ। ସୁରୁଜା ଥାନାରୁ ତିର୍ତ୍ତୋଲସ୍ଥିତ ଭଡ଼ା ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଆନନ୍ଦ ନାମକ ଏକ ବସ୍ ପାରାଦୀପରୁ କଟକ ଅଭିମୁଖେ ଯାଉଥିବା ବେଳେ ସରଣୀ ଛକ ନିକଟରେ ତାଙ୍କୁ ଧକ୍କା ଦେବା ସହ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ସୁରୁଜାଙ୍କ ମୃତ୍ୟୁ ଘଟିଛି। ଖବରପାଇ ତିର୍ତ୍ତୋଲ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ନେଇ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଏନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଛି।

# ୧୮ରୁ ନିୟମିତ ସୈନିକ, ଅଗ୍ନିପଥ ଯୋଜନାରେ ସେନା ନିଯୁକ୍ତି ରାଲି

କଟକ,୧୧।୧୦(କାର୍ତ୍ତିକ ସାହୁ)

କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଏବଂ ନୟାଗଡ଼ ଜିଲାର ଅଗ୍ନିପଥ ଯୋଜନାରେ ଚୟନ ହୋଇଥିବା ପ୍ରାର୍ଥୀ, ନିୟମିତ ସୈନିକ (ସିପାହୀ ଫାର୍ମା, ସୈନିକ ଟେକ ନର୍ସିଂ ସହାୟକ ଏବଂ ଧାର୍ମିକ ଶିକ୍ଷକ କେବଳ ଜେସିଓ ବିଭାଗ) ଏବଂ ପଶ୍ଚିମବଙ୍ଗ, ଓଡ଼ିଶା ଓ ସିକିମର ମହିଳା ମିଲିଟାରି ପୋଲିସଙ୍କ ନିମନ୍ତେ ଆସନ୍ତା ୧୮ରୁ ୨୬ ତାରିଖ ପର୍ଯ୍ୟନ୍ତ ସେନା ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ଏହି ନିଯୁକ୍ତି ରାଲି ସମୟରେ ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ)ରେ ଚୟନ ହୋଇଥିବା ପ୍ରାର୍ଥୀମାନେ ଶାରୀରିକ ଫିଟ୍‌ନେସ୍ ପରୀକ୍ଷା ଏବଂ ମେଡିକାଲ ପରୀକ୍ଷା ଦେବେ। ଏଥିନିମନ୍ତେ ପ୍ରାର୍ଥୀମାନଙ୍କ ପଞ୍ଜୀକୃତ ଇ-ମେଲ୍ ଠିକଣାରେ ଆଡ୍‌ମିଟ କାର୍ଡ ପଠାଇ ଦିଆଯାଇଛି। ପ୍ରାର୍ଥୀମାନେ ଭାରତୀୟ ସେନାର ୱେବ୍‌ସାଇଟ୍ www.joinindianarmy.nic.inରେ ନିଜ ପ୍ରୋଫାଇଲରେ ଲଗ୍ ଇନ୍ କରି ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଏଥିନିମନ୍ତେ କୌଣସି ପ୍ରଶ୍ନ ଥିଲେ କଟକସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟର ଫୋନ ନମ୍ବର ୦୬୭୧-୨୩୦୫୨୮୦ କିମ୍ବା ୯୪୩୭୧୬୨୨୮୦ରେ ଯୋଗାଯୋଗ କରିପାରିବେ। ନିଯୁକ୍ତି ପ୍ରକ୍ରିୟା ସମୟରେ ନିଜର କୌଣସି ଅରିଜିନାଲ ଡକ୍ୟୁମେଣ୍ଟ କାହାକୁ ନ ଦେବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ଏଭଳି କୌଣସି ଖବର ନଜରକୁଆସିଲେ ତୁରନ୍ତ ସ୍ଥାନୀୟ ପୋଲିସ କିମ୍ବା ନିଯୁକ୍ତି ରାଲିର ଅଧିକାରୀମାନଙ୍କୁ ଜଣାଇବାକୁ ଅନୁରୋଧ କରାଯାଇଛି।


ଭୁବନେଶ୍ୱର ରସୁଲଗଡ଼ ଛକରେ ଶୁକ୍ରବାର ମହାଷ୍ଟମୀ ଅବସରରେ ମା’ଦୁର୍ଗାଙ୍କ ସୁସଜ୍ଜିତ ତୋରଣ ଦେଖିବା ପାଇଁ ଭିଡ଼। (ଫଟୋ: ବିକାଶ ନାୟକ)

## ପ୍ରଥମ ପୃଷ୍ଠାରୁ...

# ଯାନ୍ତ୍ରିକ ତ୍ରୁଟି ସତ୍ତ୍ୱେ...

ଅବତରଣ ଲାଗି ପରାମର୍ଶ ଦିଆଯାଇଥିଲା। ଅଧିକ ଇନ୍ଧନ ଥିବାରୁ ଏହାକୁ ହ୍ରାସ କରିବା ପାଇଁ ପାଇଲଟ ଦୀର୍ଘ ଅଢ଼େଇ ଘଣ୍ଟା ଧରି ଆକାଶରେ ଚକ୍କର କାଟିବା ପରେ ରାତି ୮ଟା ୧୫ ମିନିଟ୍ ସମୟରେ ବିମାନକୁ ସୁରକ୍ଷିତ ଅବତରଣ କରାଇଥିଲେ। ଏୟାରପୋର୍ଟରେ ଜରୁରୀ ସ୍ଥିତି ଜାରି କରାଯିବା ସହ ସେଠାରେ ଆମ୍ବୁଲାନ୍ସ ଓ ଅଗ୍ନି ନିର୍ବାପନ ବ୍ୟବସ୍ଥାକୁ ପ୍ରସ୍ତୁତ ରଖାଯାଇଥିଲା। ବିନା ଲ୍ୟାଣ୍ଡିଂ ଗିଅରରେ ବେଲି ଲ୍ୟାଣ୍ଡିଂ ପାଇଁ ଏୟାରପୋର୍ଟ ପ୍ରସ୍ତୁତ ହୋଇଥିଲା। ତେବେ ଲ୍ୟାଣ୍ଡିଂ ଗିଅର ସହ ବିମାନଟି ସ୍ୱାଭାବିକ ଭାବେ ଅବତରଣ କରିଥିଲା ବୋଲି ଏୟାରପୋର୍ଟ ନିର୍ଦ୍ଦେଶକ କହିଛନ୍ତି।


ଗିରଫ ୨ ଅଭିଯୁକ୍ତ।

# ଭିକ୍ଷାବୃତ୍ତିରେ ନିୟୋଜନ...

ଭିକ୍ଷାବୃତ୍ତିରେ ନିୟୋଜିତ କରାଯାଇଥିଲା। କୋମନା ପୋଲିସ ଶୁକ୍ରବାର ହାଇଦ୍ରାବାଦରୁ ଉକ୍ତ ଶିଶୁପୁତ୍ରଙ୍କୁ ଉଦ୍ଧାର କରିଛି। ତାଙ୍କ ଅପହରଣରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ପଦ୍ମିନୀ ମାଝି ଓ ତାଙ୍କ ପ୍ରେମିକ ଦୁର୍ଯ୍ୟୋଧନବରିହା (୩୦)।ଏସମ୍ପର୍କରେକୋମନାଥାନାଆଇଆଇସି ସୁମନ୍ତ ନାୟକ ଥାନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୁମନ୍ତଙ୍କ ସୂଚନା ଅନୁଯାୟୀ, କୋମନା ଥାନା ଲୋହୋଣ୍ଡୋପାଲି ଗାଁର ହରି ବେମାଲ (୬୫) ତାଙ୍କ ସେବା ଶୁଶ୍ରୂଷା ପାଇଁ କୋମନା ୱାନ୍‌ଷ୍ଟପ ସେଣ୍ଟରରୁ ପଦ୍ମିନୀ ମାଝୀଙ୍କୁ ଆଣି ଘରେ ରଖିଥିଲେ। ସେପ୍ଟେମ୍ବର ୨୯ରେ ହରିଙ୍କୁ କେତେକ ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ କିଣିଆଣିବାକୁ ପଦ୍ମିନୀ କହିଥିଲେ। ତଦନୁଯାୟୀ ହରିଙ୍କ ସାନଭାଇ ଅର୍ଜୁନ ବେମାଲଙ୍କ ସହ ପଦ୍ମିନୀ ଓ ଅର୍ଜୁନଙ୍କ ପୁଅ ହୃଦାଶନ (୫) ମିଶି ବଲାଙ୍ଗୀର ଜିଲା ଲାଠୋର ସାପ୍ତାହିକ ହାଟକୁ ଯାଇଥିଲେ। ହାଟରେ ଅର୍ଜୁନ ସାମଗ୍ରୀ କିଣିବାରେ ବ୍ୟସ୍ତ ଥିବା ସମୟରେ ପଦ୍ମିନୀ ହୃଦାଶନଙ୍କୁ ଧରି କୁଆଡ଼େ ଚାଲିଯାଇଥିଲେ। ହାଟ ସାରି ଅର୍ଜୁନ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପୁଅର ସନ୍ଧାନ ପାଇ ନ ଥିଲେ। ପଦ୍ମିନୀ ଫୋନ ସୁଇଚ୍ ଅଫ୍ କରିଦେବାରୁ ଅର୍ଜୁନ ନିରୁପାୟ ହୋଇ ଘରକୁ ଫେରିଆସିଥିଲେ। ଗତ ୩୦ ତାରିଖରେ ସେ ଏ ନେଇ କୋମନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୪୧/୨୪) ରୁଜୁକରି ତଦନ୍ତ ଜାରି ରଖିଥିଲା। ପୋଲିସ ପଦ୍ମିନୀଙ୍କ ମୋବାଇଲ ଟ୍ରାକିଂ କରି ହାଇଦ୍ରାବାଦର ରାମୋଜୀ ଫିଲ୍ମ ସିଟି ନିକଟ ରାଜକୋଣ୍ଡା ଅଞ୍ଚଳରେ ଥିବା ଜାଣିବାକୁ ପାଇଲା। ନୂଆପଡ଼ା ଏସ୍‌ପି ଜିଆର ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶ କ୍ରମେ କୋମନା ଥାନା ଏସ୍‌ଆଇ ବିଷ୍ଣୁ ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ରାଜକୋଣ୍ଡା ଯାଇ ସେଠାକାର ପୋଲିସ ସହାୟତାରେ ଅପହରଣକାରୀ ପଦ୍ମିନୀ ମାଝୀ ଓ ଅପହୃତ ଶିଶୁପୁତ୍ର ହୃଦାଶନଙ୍କୁ ଠାବ କରିଥିଲା। ପ୍ରେମିକ ଦୁର୍ଯ୍ୟୋଧନ ବରିହା (୩୦)ଙ୍କ ସହ ମିଶି ହୃଦାଶନଙ୍କୁ ଅପହରଣ କରିଥିବା ପଦ୍ମିନୀ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହାସହ ସେମାନେ ଶିଶୁକୁ ଭିକ୍ଷାବୃତ୍ତିରେ ଲଗାଇ ଯାହା ଅର୍ଥ ମିଳୁଥିଲା ସେଥିରେ ଚଳୁଥିଲେ ବୋଲି ଆଇଆଇସି ନାୟକ ସୂଚନା ଦେଇଛନ୍ତି।

# ନାବାଳିକା ଛାତ୍ରୀଙ୍କୁ ବଳାତ୍କାର, ଟ୍ୟୁଶନ ସାର୍ ଗିରଫ

ବାଣପୁର,୧୧।୧୦
(ଦିଲୀପ କୁମାର ସ୍ୱାଇଁ)


ଗୁରୁ-ଶିଷ୍ୟ ସମ୍ପର୍କରେ କଳଙ୍କ

ଗୁରୁ-ଶିଷ୍ୟ ସମ୍ପର୍କରେ କଳଙ୍କ। ଖୋର୍ଦ୍ଧା ଜିଲା ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସ ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଶୁକ୍ରବାର ପୋଲିସ ଜଣେ ଟ୍ୟୁଶନ ସାର୍‌ଙ୍କୁ ଗିରଫ କରିଛି। ଅଭିଯୁକ୍ତ ସାର୍ ହେଲେ ଆୟଉପୁର ପଞ୍ଚାୟତ ଅଞ୍ଚଳର ଲିଙ୍ଗରାଜ ମୁଦୁଲି।

ଅଭିଯୋଗ ମୁତାବକ, ଗମ୍ଭାରୀମୁଣ୍ଡା ଅଞ୍ଚଳର କେତେଜଣ ଛାତ୍ରୀଛାତ୍ରଙ୍କୁ ଲିଙ୍ଗରାଜ ଟ୍ୟୁଶନ କରୁଥିଲେ। ଗତ ଶନିବାର ସନ୍ଧ୍ୟାରେ ଟ୍ୟୁଶନ ସମୟରେ ଲିଙ୍ଗରାଜ ୬ଜଣ ଛାତ୍ରୀଛାତ୍ରଙ୍କୁ ନିକଟ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟକୁ ଡାକିନେଇଥିଲେ। ତନ୍ମଧ୍ୟରୁ ୫ଜଣ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଗେଟ୍ ନିକଟରେ ଅପେକ୍ଷା କରିବାକୁ କହିଥିଲେ। ଜଣେ ଛାତ୍ରୀଙ୍କୁ ବିଦ୍ୟାଳୟର ରୋଷେଇ ଘରକୁ ନେଇ ସେଠାରେ ବଳାତ୍କାର କରିଥିଲେ। ଘରେ କିମ୍ବା ଅନ୍ୟ କାହାକୁ ଏ ସମ୍ପର୍କରେ ଜଣାଇଲେ ଛାତ୍ରୀଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ଲିଙ୍ଗରାଜ। ଫଳରେ ଭୟରେ ଛାତ୍ରୀଜଣଙ୍କ ଘରେ କିଛି କହି ନ ଥିଲେ। ତେବେ ଘଟଣା ପରଠାରୁ ଛାତ୍ରୀଜଣଙ୍କ ଆଉ ଟ୍ୟୁଶନ ନ ଯିବାରୁ ତାଙ୍କ ମା’ ପଚାରିବାରୁ ସମସ୍ତ ଘଟଣା କହିଥିଲେ। ଏନେଇ ସମ୍ପୃକ୍ତ ଛାତ୍ରୀଙ୍କ ମା’ ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୩୨୭/୨୪)ରୁଜୁକରି ସମ୍ପୃକ୍ତ ଛାତ୍ରୀଙ୍କ ଡାକ୍ତରୀ ମାଇନା କରାଇବା ସହ ଅଭିଯୁକ୍ତ ସାର୍‌ଙ୍କୁ ଗିରଫ କରିଛି।

# ନାବାଳିକାଙ୍କୁ ଅସଦାଚରଣ: ପୂଜକଙ୍କୁ ବାନ୍ଧି ଲଣ୍ଡାକରି ଚୂନ, କାଳି

ନିରାକାରପୁର,୧୧।୧୦
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ କଁପୁର ପଞ୍ଚାୟତର ମଳିପଡ଼ା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଉତ୍ୟକ୍ତ ଲୋକେ ଜଣେ ପୂଜକଙ୍କୁ ଲଣ୍ଡା କରିବା ସହ ଖୁଣ୍ଟରେ ବାନ୍ଧି ମାଡ଼ ମାରିଛନ୍ତି। ଏପରିକି ତାଙ୍କ ଦେହରେ ଚୂନ, କାଳି ଓ ଗୋବର ବୋଳିଥିଲେ। ଖବରପାଇ ପୋଲିସ ପହଞ୍ଚିଥିଲେ ମଧ୍ୟ ଉତ୍ୟକ୍ତ ଲୋକେ ସମ୍ପୃକ୍ତ ପୂଜକଙ୍କୁ ଛାଡ଼ିଦେବା ପରିବର୍ତ୍ତେ ମାଡ଼ ମାରିବାକୁ ପଛାଇ ନ ଥିଲେ।

ଅଭିଯୋଗ ମୁତାବକ, ମଳିପଡ଼ା ଅଞ୍ଚଳର ମାମୁ ଘରେ ଜଣେ ନାବାଳିକା ରହୁଥିଲେ। ସେ ସବୁଦିନ ଉକ୍ତ ଅଞ୍ଚଳରେ ଥିବା ମଠକୁ ଫୁଲ ତୋଳିବା ପାଇଁ ଯାଇଥାନ୍ତି। ବୁଧବାର ସକାଳେ ନାବାଳିକା ଜଣଙ୍କ ଉକ୍ତ ମଠକୁ ଫୁଲ ତୋଳିବାକୁ ଯାଇଥିବା ବେଳେ ସମ୍ପୃକ୍ତ ପୂଜକ ତାଙ୍କୁ ଅସଦାଚରଣ କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଉତ୍ୟକ୍ତ ଲୋକେ ପୂଜକଙ୍କୁ ମାଡ଼ ମାରିବା ସହ ଲଣ୍ଡା କରିଥିଲେ। ଅନ୍ୟପଟେ ପୂର୍ବ ଶତ୍ରୁତାକୁ ନେଇ ପୂଜକଙ୍କ ଚରିତ୍ର ସଂହାର କରି ତାଙ୍କୁ ସର୍ବସମ୍ମୁଖରେ ଲଣ୍ଡା ଓ ମରଣାନ୍ତକ ଆକ୍ରମଣ କରି ଏକ କଙ୍ଗାରୁ କୋର୍ଟ କରିଥିଲେ। ପୂଜକ ଓ ତାଙ୍କ ଜୀବନପ୍ରତି ବିପଦ ରହିଛି ବୋଲି ଉକ୍ତ ମଠର ମହନ୍ତ ଥାନାରେ ଏତଲା ଦେଇଛନ୍ତି। ସେହିପରି ମଠର ପୂଜକ ସମ୍ପୃକ୍ତ ନାବାଳିକାଙ୍କୁ ଅସଦାଚରଣ କରିଥିବା ନେଇ ତାଙ୍କ ସମ୍ପର୍କୀୟମାନେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରିଣୀ ପ୍ରଜ୍ଞା ରିତୁମ୍ବରା କର କହିଛନ୍ତି, ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା (ନଂ.୩୫୨/୨୪)ରୁଜୁ ହୋଇଥିବା ବେଳେ ଆଉ ଏକ ମାମଲା ରୁଜୁ ହୋଇନାହିଁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୨/୨୦୨୪ Bhubaneswar, Saturday, October 12/ 2024





ହାଇଦ୍ରାବାଦରେ ତୃତୀୟ ଟି୨୦ କ୍ରିକେଟ ମ୍ୟାଚ ପୂର୍ବରୁ ଶୁକ୍ରବାର ଅଭ୍ୟାସରତ ଦୁଇ ଦଳର ଅଧିନାୟକ ବାଂଲାଦେଶର ନଜମୁଲ ହୋସେନ ଶାନ୍ତୋ ଓ ଭାରତର ସୂର୍ଯ୍ୟକୁମାର ଯାଦବ।

# ଆହାନଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୧୧।୧୦ (ତପନ ସ୍ୱାଇଁ)**

ଓଡ଼ିଶାର ଉଦୀୟମାନ ଟେନିସ ପ୍ରତିଭା ଆହାନ ନୂଆଦିଲ୍ଲୀରେ ଚାଲିଥିବା ଫିନେଷ୍ଟା ଜାତୀୟ ଟେନିସ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଉଭୟ ୧୪ ଓ ୧୬ ବର୍ଷରୁ କମ୍ ବାଳିକା ବର୍ଗ ଫାଇନାଲରେ ପ୍ରବେଶ କରିଛନ୍ତି। ୧୪ ବର୍ଷରୁ କମ୍ ବର୍ଗରେ ଟପ୍ ସିଡ୍‌ର ମାନ୍ୟତା ପାଇଥିବା ଆହାନ ୪ ମ୍ୟାଚରେ ମାତ୍ର ୭ ଗେମ୍ ହାତଛଡ଼ା କରିଛନ୍ତି। ୧୬ ବର୍ଷରୁ କମ୍ ବର୍ଗରେ ସେ ଦେଶର ୯୨ ର୍‍ୟାଙ୍କ୍‌ପ୍ରାପ୍ତ ହୋଇଥିଲେ ହେଁ କ୍ୱାଲିଫାଇଂ ରାଉଣ୍ଡରେ ଲଢୁଆ ପ୍ରଦର୍ଶନ କରି ମୁଖ୍ୟ ଡ୍ର’ରେ ପ୍ରବେଶ କରିଥିଲେ। କେବଳ ସେତିକି ନୁହେଁ, ଅନେକ ନାମୀ ଖେଳାଳିଙ୍କୁ ପରାସ୍ତ କରି ସେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଫାଇନାଲରେ ପ୍ରବେଶ ପଥରେ ସେ ଦ୍ୱିତୀୟ ରାଉଣ୍ଡରେ କର୍ନାଟକର ଏସ୍. କାନ୍ତା, ପ୍ରି-କ୍ୱାର୍ଟର ଫାଇନାଲରେ ମହାରାଷ୍ଟ୍ରର ଅକ୍ରିତି ସୋନକୁସାରେ ଏବଂ ସେମିଫାଇନାଲରେ ଗୁଜରାଟର ୬୨ ର୍‍ୟାଙ୍କ୍‌ପ୍ରାପ୍ତ ଆଞ୍ଜେଲ ପଟେଲଙ୍କୁ ପରାସ୍ତ କରିଛନ୍ତି। ଆହାନ ଏବେ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଟେନିସ ଆସୋସିଏଶନରେ ସିନିୟର କୋଚ୍ ସନ୍ତୋଷ କୁମାର ମଲିକଙ୍କଠାରୁ ଟ୍ରେନିଂ ନେଉଛନ୍ତି।

**ଫିନେଷ୍ଟା ଜାତୀୟ ଟେନିସ**






# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**ହାଇଦ୍ରାବାଦ, ୧୧।୧୦ (ପି.ଟି.)**

ଭାରତ ଓ ବାଂଲାଦେଶ ମଧ୍ୟରେ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚ ଶନିବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ୨ଟି ଗେମ୍ ଜିତି ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତି ସାରିଛି। ତେଣୁ ଆସନ୍ତା ମ୍ୟାଚରେ ରିଜର୍ଭ ଖେଳାଳିଙ୍କୁ ସୁଯୋଗ ମିଳିବା ସମ୍ଭାବନା ରହିଛି। ଦିଲ୍ଲୀରେ ଅନୁଷ୍ଠିତ ଗତ ମ୍ୟାଚରେ ନୀତୀଶ କୁମାର ରେଡ୍ଡୀ ଉଭୟ ବ୍ୟାଟ୍ ଓ ବଲ୍‌ରେ ଚମତ୍କାର ପ୍ରଦର୍ଶନ

**ତୃତୀୟ ଟି୨୦ ଆଜି**

କରିଛନ୍ତି, ତେଣୁ ତାଙ୍କ ଉପରେ ନଜର ରହିବ। ସେହିପରି ଦ୍ରୁତ ବୋଲର ମୟଙ୍କ ଯାଦବ ଓ ସଫଳ ପ୍ରତ୍ୟାବର୍ତ୍ତନକାରୀ ବରୁଣ ଚକ୍ରବର୍ତ୍ତୀ ମଧ୍ୟ ପ୍ରଭାବୀ ବୋଲିଂ କରିବାରେ ସକ୍ଷମ ହୋଇଛନ୍ତି। ଓପନିଂକୁ ନେଇ ଭାରତର ଚିନ୍ତା ରହିଛି। ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଏପର୍ଯ୍ୟନ୍ତ ଦକ୍ଷତା ଅନୁସାରେ କ୍ଲିକ୍ କରିନାହାନ୍ତି। ଚଳିତ ସିରିଜରେ ସାମସନଙ୍କୁ ଇନିଂସ ଓପନର ସୁଯୋଗ ମିଳିଛି। ବିସ୍ଫୋରକ ବ୍ୟାଟିଂ ଜରିଆରେ ପାୱାର ପ୍ଲେର ଫାଇଦା ନେବାକୁ ତାଙ୍କ ନିକଟରେ ସୁଯୋଗ ରହିଛି। ମାତ୍ର ୨ଟି ମ୍ୟାଚରେ ସେ ୧୯ବଲ୍‌ରୁ ୨୯ ଓ ୭ ବଲ୍‌ରୁ ୧୦ ରନ କରିବାକୁ ସକ୍ଷମ ହୋଇଛନ୍ତି। ତେଣୁ ଆଗାମୀ ମ୍ୟାଚରେ ଦ୍ୱିତୀୟ ପସନ୍ଦ ଉଇକେଟ କିପର ଜୀତେଶ ଶର୍ମାଙ୍କ ଉପରେ ଚୟନକର୍ତ୍ତାଙ୍କ ନଜର ପଡ଼ିପାରେ। ସେହିପରି ଧୂଆଁଧାର ବ୍ୟାଟିଂ ପାଇଁ ପରିଚିତ ଅଭିଷେକ ଏପର୍ଯ୍ୟନ୍ତ ସଫଳ ହୋଇ ନାହାନ୍ତି। ସେ ୨ ମ୍ୟାଚରେ ଯଥାକ୍ରମେ ୧୫ ଓ ୧୬ ରନ କରିଛନ୍ତି। ଓପନରଙ୍କ ବିଫଳତା ଯୋଗୁ ମିଡିଲ ଅର୍ଡର ବ୍ୟାଟରଙ୍କ ଉପରେ ଚାପ ବଢୁଛି। ସେହିପରି ଅପେକ୍ଷା କରି ରହିଥିବା ଲେଗ୍ ସ୍ପିନର ରବି ବିଷ୍ଣୋଇ ଓ ଅଲ୍ ରାଉଣ୍ଡର ହର୍ଷିତ ରାଣାଙ୍କୁ ସୁଯୋଗ ମିଳୁଛି କି ନାହିଁ ତା’ ଉପରେ ନଜର ରହିଛି। ବାଂଲାଦେଶ ସମସ୍ତ ବିଭାଗରେ ଖରାପ ପ୍ରଦର୍ଶନ କରିଥିବାରୁ ବିଜୟ ସନ୍ଧାନରେ ରହିଛି। ଅଧିନାୟକ ନଜମୁଲ ହୋସେନ ଶାନ୍ତୋ, ଲିଟନ ଦାସ ଓ ମୁସ୍ତାଫିଜୁର ରହମନଙ୍କ ପରି ତାରକା ଖେଳାଳିଙ୍କ ପ୍ରଦର୍ଶନ ଏପର୍ଯ୍ୟନ୍ତ ଫିକା ରହିଛି। ତେଣୁ ବିଜୟ ସହ ସିରିଜ ଶେଷ କରିବାକୁ ହେଲେ ଏମାନଙ୍କୁ ଦାୟିତ୍ୱର ସହ ଖେଳିବାକୁ ପଡ଼ିବ।



ନେଟ୍ସ ସେସନରେ ସାଥି ଖେଳାଳିଙ୍କ ଉପସ୍ଥିତିରେ ବୋଲିଂ କରୁଛନ୍ତି ଅର୍ଶଦୀପ ସିଂ।

# ରାଜ୍ୟ ଓପନ ଚେସ୍: ମୃତ୍ୟୁଞ୍ଜୟ ଚାମ୍ପିୟନ

**ଭୁବନେଶ୍ୱର, ୧୧।୧୦ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ୪ର୍ଥ ପ୍ରଦୀପ ରଥ ମେମୋରିଆଲ ରାଜ୍ୟ ଓପନ ଚେସ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ କଟକର ମୃତ୍ୟୁଞ୍ଜୟ ମଣ୍ଡଳ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ୪.୫ ପଏଣ୍ଟ ଲେଖାଏ ପାଇ ଭୁବନେଶ୍ୱରର ପ୍ରତ୍ୟୁଷ ମହାପାତ୍ର ଓ ଓମ୍ ଆଦିତ୍ୟ ଖାଡ଼ଙ୍ଗା ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ଫକିର ମାଝି, ଲରେନ୍ସ ପ୍ରଧାନ, ଲଳିତ ରଞ୍ଜନ ସାହୁ ଓ ସୁରଜିତ ନାୟକ ୪ ପଏଣ୍ଟ ଲେଖାଏ ପାଇ ୪ର୍ଥରୁ ୭ମ ସ୍ଥାନରେ ରହିଛନ୍ତି। ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣେ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୧୦ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କିଟ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂର ଆସୋସିଏଶନ ପ୍ରଫେସର ରୁଦ୍ର ନାରାୟଣ ସେନାପତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଦୀପ ରଥଙ୍କ ପୁଅ ଦେବାଶିଷ ରଥ ଓ ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ସହରେ।

# ଇରାନ-କାତାର ମ୍ୟାଚ ଦୁବାଇକୁ ସ୍ଥାନାନ୍ତର

**କୁଆଲାଲମ୍ପୁର (ମାଲେସିଆ), ୧୧।୧୦ (ଏପି):** ସୁରକ୍ଷାଜନିତ କାରଣରୁ ଫୁଟ୍‌ବଲ ବିଶ୍ୱକପ୍‌ର ଏକ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଇରାନ (ମାଶାଦ)ରୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇକୁ ସ୍ଥାନାନ୍ତର କରାଯାଇଥିବା ଏସିଆନ ଫୁଟ୍‌ବଲ କପଫେଡେରେଶନ (ଏଏଫ୍‌ସି) କହିଛି। ଅକ୍ଟୋବର ୧୫ରେ ଏହି ମ୍ୟାଚ ଇରାନ ଓ କାତାର ମଧ୍ୟରେ ଖେଳାଯାଇଥାନ୍ତା। ନିଷ୍ପତ୍ତି ପୂର୍ବରୁ ଫିଫାର ପରାମର୍ଶ ନିଆଯାଇଥିଲା। ଇରାନର ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏସିଆରେ ତୃତୀୟ ରାଉଣ୍ଡ ଯୋଗ୍ୟତା ପର୍ଯ୍ୟାୟର ଚତୁର୍ଥ ମ୍ୟାଚ କାତାରକୁ ସ୍ଥାନାନ୍ତର କରିବା ଲାଗି ତେହେରାନ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି। ଏହା ଇରାନରେ କରା ନ ଯାଇ ଦୋହାରେ କରିବା ପାଇଁ ସେମାନେ ପ୍ରସ୍ତାବ ଦେଇଛନ୍ତି। ସୂଚନାଯୋଗ୍ୟ ୩ ଦିନ ତଳେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ର ଦ୍ୱିତୀୟ ସଂସ୍କରଣରୁ ମୋହନବାଗାନ ସୁପର ଜାଏଣ୍ଟ୍ସକୁ ବାଦ୍ ଦିଆଯାଇଛି। ସୁରକ୍ଷା କାରଣରୁ ଏହି ଭାରତୀୟ କ୍ଲବ ତାବ୍ରିଜ ସହରରେ ଟ୍ରାକ୍ଟର ଏଫ୍‌ସି ବିପକ୍ଷ ମ୍ୟାଚ ଖେଳିବା ପାଇଁ ଇରାନ ଗସ୍ତ କରିବାକୁ ମନା କରି ଦେଇଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ